

ବିବାହ କଲେ ରୋନାଲ୍ଡୋ

ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-50 ♦THURSDAY ♦13 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୫୦ ♦ଗୁରୁବାର ♦୧୩ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ସଂସଦରେ ଅଚଳାବସ୍ଥା

■ ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ନିଟ୍ ଆନ୍ଦୋଳନକାରୀ ଛାତ୍ରଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଏବଂ ରାମ ମନ୍ଦିର ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ଗୃହରେ ହଙ୍ଗାମା ଜାରି ରହିଛି । ସଂସଦରେ ଜାରି ରହିଥିବା ଗତିରୋଧକୁ ଦୂର କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିବା ବେଳେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ଗୃହମନ୍ତ୍ରୀ କହିଛନ୍ତି ଯେ, ନିଟ୍ ପରୀକ୍ଷା ବିଭ୍ରାଟ ବିରୋଧରେ ଆନ୍ଦୋଳନ ଏବଂ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ସେ ସବୁ ପ୍ରକାର ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି । ଏହି ପ୍ରସଙ୍ଗରେ ସରକାରଙ୍କର କିଛି ଲୁଚାଇବାର ନାହିଁ । ବାଚସ୍ପତି ବିରୋଧୀ ଦଳ ସହ ବିଚାରବିମର୍ଶ କରି ସମୟ ଧାର୍ଯ୍ୟ କରନ୍ତୁ । ଆଲୋଚନା ବେଳେ ସେ ପ୍ରସ୍ତୁତ ରହିବେ ଏବଂ ସମସ୍ତ ପ୍ରଶ୍ନର ଉତ୍ତର ରଖିବାକୁ ପ୍ରସ୍ତୁତ ଅଛନ୍ତି । ଏହି ପ୍ରସଙ୍ଗରେ ସେ ବିରୋଧୀ ଦଳର ସମାଲୋଚନା କରି କହିଛନ୍ତି ଯେ ବିରୋଧୀ ଆଲୋଚନା ନକରି କେବଳ ▶ପୃଷ୍ଠା-୭

## ଚର୍ଚ୍ଚା ପାଇଁ ସରକାର ପ୍ରସ୍ତୁତ: ଶାହ

## ଇସ୍ତଫା ଲୋଡ଼ା, ଭାଷଣ ନୁହେଁ: ରାହୁଲ





## ଜେପିସିକୁ ଗଲା ଏଫ୍‌ସିଆର୍‌ଏ ବିଲ୍

■ ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ବିରୋଧୀ ଦଳଗୁଡ଼ିକର କ୍ରମାଗତ ହଙ୍ଗାମା ମଧ୍ୟରେ କେନ୍ଦ୍ର ସରକାର 'ବୈଦେଶିକ ଅଂଶଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬' ଅର୍ଥାତ ଏଫ୍‌ସିଆରଏ ବିଲ୍‌କୁ ସମୀକ୍ଷା ପାଇଁ ଏକ ଯୁଗ୍ମ ସଂସଦୀୟ କମିଟି (ଜେପିସି) ନିକଟକୁ ପଠାଇଛନ୍ତି । କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଲୋକସଭାରେ ଏସଂପର୍କରେ ଏକ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହା ବାଚନିକ ଭୋଟରେ ଗୃହୀତ ହୋଇଥିଲା । ଏହି ଯୁଗ୍ମ କମିଟିରେ ମୋଟ ୩୧ ଜଣ ସାଂସଦ ରହିବେ, ଯେଉଁଥିରେ ଲୋକସଭାରୁ ୨୧ ଜଣ ଏବଂ ରାଜ୍ୟସଭାରୁ ୧୦ ଜଣ ସଦସ୍ୟ ମନୋନୀତ ହେବେ । କମିଟି ବିଲ୍‌ର ଗ୍ରହଣୀୟତା ଓ ବିଭିନ୍ନ ଦିଗ ସମ୍ପର୍କରେ ଅନୁଧ୍ୟାନ କରି ୨୦୨୬ ଶୀତକାଳୀନ ଅଧିବେଶନର ପ୍ରଥମ ସପ୍ତାହର ଶେଷ ସୁଦ୍ଧା ନିଜର ରିପୋର୍ଟ ପ୍ରଦାନ କରିବ । ▶ପୃଷ୍ଠା-୭

### ଘରୁ ପୋଡ଼ା ଟଙ୍କା ଜବତ ମାମଲା

## ଜଷ୍ଟିସ ବର୍ମା ଦୋଷୀ ସାବ୍ୟସ୍ତ



■ ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ବିପୁଳ ପରିମାଣର ପୋଡ଼ା ଟଙ୍କା ମିଳିବା ଘଟଣାରେ ସଂସଦୀୟ କମିଟି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛି ।

ବୁଧବାର ସଂସଦରେ ଉପସ୍ଥାପିତ ହୋଇଥିବା ରିପୋର୍ଟ ଅନୁଯାୟୀ, ଜବତ ଟଙ୍କାର ଉତ୍ସ ଓ ମାଲିକାନା ସମ୍ପର୍କରେ ଜଷ୍ଟିସ୍ ବର୍ମା କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନାହାନ୍ତି । ଜଷ୍ଟିସ ବର୍ମାଙ୍କୁ ବହିଷ୍କାର କରିବା ଲାଗି ୨୦୦ରୁ ଅଧିକ ସାଂସଦ ନୋଟିସ ଦେବାପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ସଂସଦୀୟ କମିଟି ଗଠନ କରାଯାଇଥିଲା ।

ସୂଚନାଯୋଗ୍ୟ ଯେ ୧୪ ମାର୍ଚ୍ଚ ୨୦୨୫ ରାତିରେ ନୂଆଦିଲ୍ଲୀର ୩୦, ତୋଗଲକ କ୍ରେସେଣ୍ଟସ୍ଥିତ ତାଙ୍କ ସରକାରୀ ବାସଭବନରେ ନିଆଁ ଲାଗିଯାଇଥିଲା । ନିଆଁ ଲିଭାଇବା ପାଇଁ ଆସିଥିବା ଦମକଳବାହିନୀ ଷ୍ଟୋର୍‌ରୁମ୍‌ରୁ ଅଧାପୋଡ଼ା ୫୦୦ ଟଙ୍କିଆ ନୋଟ୍‌ର ବିପୁଳ ପରିମାଣର କ୍ୟାସ୍ ଠାବ କରିଥିଲେ । ଏହି ଟଙ୍କା କାହାର ଏବଂ କେଉଁଠୁ ଆସିଲା, ସେ ନେଇ ଜଷ୍ଟିସ୍ ବର୍ମା ସନ୍ତୋଷଜନକ ଉତ୍ତର ଦେଇ ପାରି ନାହାନ୍ତି ବୋଲି କମିଟି ଏହାର ରିପୋର୍ଟରେ ଦର୍ଶାଇଛି । ତାଙ୍କର ସ୍ପଷ୍ଟୀକରଣରେ ସ୍ୱଚ୍ଛତା ଓ ପ୍ରାତିଷ୍ଠାନିକ ଉତ୍ତରଦାୟିତ୍ୱର ଅଭାବ ଥିବା କମିଟି ଦର୍ଶାଇଛି । ଏହା ସହିତ କମିଟି କହିଛି ଯେ, ଘଟଣାପରେ ପ୍ରମାଣଗୁଡ଼ିକୁ ସୁରକ୍ଷିତ ରଖାଯାଇନଥିଲା ଏବଂ ଆଇନଗତ ଭାବେ ଷ୍ଟୋର୍‌ରୁମ୍ ସିଲ୍ ହେବା ପୂର୍ବରୁ ସେଠାରେ ହସ୍ତକ୍ଷେପ କରାଯାଇ ପ୍ରମାଣ ନଷ୍ଟ କରାଯାଇଥିଲା । ପୂର୍ବରୁ ତତ୍କାଳୀନ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଦ୍ୱାରା ଗଠିତ ଆଭ୍ୟନ୍ତରୀଣ କମିଟି ମଧ୍ୟ ଜଷ୍ଟିସ୍ ବର୍ମାଙ୍କ ଏହି ଷ୍ଟୋର୍‌ରୁମ୍ ଉପରେ ସୀଧାସଳଖ ନିୟନ୍ତ୍ରଣ ଥିବା ସ୍ପଷ୍ଟ କରିଥିଲେ । ଏହି ବିବାଦ ପରେ ତାଙ୍କ ବିରୋଧରେ ସଂସଦରେ ▶ପୃଷ୍ଠା-୭

### ଡିଜିପି ନିଯୁକ୍ତି

## କ୍ଷମତା ଅଳିନ୍ଦରେ ଛାୟାଯୁଦ୍ଧ

### ଆଜି ୟୁପିଏସ୍‌ସି ବୈଠକ ଉପରେ ସଭିଙ୍କ ନଜର

### ୧୮ ରେ ହୋଇପାରେ ସୁପ୍ରିମକୋର୍ଟରେ ଶୁଣାଣି

■ ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ ପ୍ରଥମଥର ଓଡ଼ିଶା ପୁଲିସର ସର୍ବୋଚ୍ଚ ଡିଜି ପଦକୁ ନେଇ ଆରମ୍ଭ ହୋଇଛି ବିବାଦ ଓ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି । ନୂତନ ଡିଜି ନିଯୁକ୍ତି ପ୍ରସଙ୍ଗରେ ୨୦୦୬ରେ କେନ୍ଦ୍ର ସରକାର ବନାମ ପ୍ରକାଶ ସିଂହ ମାମଲାରେ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ରାୟକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି । ଗତକାଲି ଏ ସଂକ୍ରାନ୍ତରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା ଓ ଆସନ୍ତା ମଙ୍ଗଳବାର ଏ ସଂକ୍ରାନ୍ତରେ ଶୁଣାଣି ହୋଇପାରେ ବୋଲି ଚର୍ଚ୍ଚା ଚାଲିଛି । ଅନ୍ୟପକ୍ଷରେ ଗତ ୭ ତାରିଖରେ ଅଧାରୁ ବନ୍ଦ ହୋଇଥିବା ୟୁପିଏସ୍‌ସି ଆସନ୍ତାକାଲି ଏମ୍ପାନେଲମେଣ୍ଟ କମିଟି ବୈଠକ ପରେ ସମ୍ଭାବ୍ୟ ଡିଜି ପଦ ପାଇଁ ରାଜ୍ୟ ସରକାରଙ୍କୁ ନାମ ସୁପାରିସ କରିପାରେ ବୋଲି ମଧ୍ୟ କୁହାଯାଉଛି । ମାତ୍ର ରାଜ୍ୟର ପରବର୍ତ୍ତୀ ଡିଜି ପଦକୁ ନେଇ କ୍ଷମତା ଅଳିନ୍ଦରେ ଯେଉଁ ଛାୟା ଯୁଦ୍ଧ ଆରମ୍ଭ ହୋଇଛି; ଏହାର ପରିଣାମ କ'ଣ ହେବ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ ।

ଓଡ଼ିଶାର ବର୍ତ୍ତମାନର ଡିଜିପି ୱାଇ.ବି. ଖୁରାନିଆ ଅଗଷ୍ଟ ୧୬ରେ ଅବସର ନେବେ, ଏହା ପୂର୍ବରୁ ରାଜ୍ୟର ନୂଆ ପୁଲିସ ମୁଖିଆ ମନୋନୟନ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ । ଡିଜିପି ନିଯୁକ୍ତି କେବଳ ପ୍ରଶାସନିକ ନିଯୁକ୍ତି ନୁହେଁ; ଏହା ରାଜ୍ୟର ପୁଲିସ ପ୍ରଶାସନ, ଆଇନଶୃଙ୍ଖଳା ଓ କ୍ଷମତା କେନ୍ଦ୍ର ସହ ଜଡ଼ିତ ଏକ ଅତ୍ୟନ୍ତ ସମ୍ବେଦନଶୀଳ ପଦକ୍ଷେପ । ପୁଣି ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି, ଆଗାମୀ ଦିନରେ ବିଭିନ୍ନ ନିର୍ବାଚନ ଦୃଷ୍ଟିରୁ ଏହି ନିଯୁକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ ହେଉଛି । ପ୍ରଥମେ ରାଜ୍ୟର ପରବର୍ତ୍ତୀ ଡିଜି ପଦ ପାଇଁ ▶ପୃଷ୍ଠା-୭

### ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ

## ଉତ୍ତର ଓଡ଼ିଶାରେ ଅଧିକ ପ୍ରଭାବ

### ପୂର୍ବ ଲଘୁଚାପ ତୁଳନାରେ କମ୍ ବର୍ଷା

■ ଭୁବନେଶ୍ୱର, ୧୨।୮ (ସମିସ): ବଙ୍ଗୋପସାଗର ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି । ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳର ଉତ୍ତର ବଙ୍ଗୋପସାଗର ଉପରେ ଏହି ଲଘୁଚାପ ସୃଷ୍ଟି ହୋଇଛି । ଲଘୁଚାପଟି ଆଗାମୀ ୧୨ ଘଣ୍ଟା ମଧ୍ୟରେ ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବା ସହ ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏକ ଅବପାତରେ ପରିଣତ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି ।

ତେବେ ଏହି ଲଘୁଚାପଟି ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ଉତ୍ତର ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଥିବାରୁ ପୂର୍ବ ଲଘୁଚାପଗୁଡ଼ିକ ତୁଳନାରେ ଓଡ଼ିଶାରେ ଅପେକ୍ଷାକୃତ କମ୍ ବର୍ଷା ହେବ ବୋଲି ଅନୁମାନ କରାଯାଉଛି । ସାରା ରାଜ୍ୟରେ ବର୍ଷା ନ ହୋଇ ଉତ୍ତର ଓଡ଼ିଶାରେ ଲଘୁଚାପର ସର୍ବାଧିକ ପଡ଼ିପାରେ ବୋଲି ଆକଳନ କରାଯାଉଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ▶ପୃଷ୍ଠା-୭

## ୧୦ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

### ଜଳସେଚନ, ଅକ୍ଷୟ ଶକ୍ତି କ୍ଷେତ୍ରକୁ ପ୍ରାଧାନ୍ୟ

■ ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ କୃଷକଙ୍କୁ ସୁନିଶ୍ଚିତ ଜଳସେଚନ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ବେଶ୍ ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରିଛି । ଏହି ପ୍ରକଳ୍ପ ଅଧୀନରେ ଏଯାବତ୍ ୨୩ ଜିଲ୍ଲାର ୨.୬୬ ଲକ୍ଷ ହେକ୍ଟର ଚାଷଜମିରେ ଜଳ ପହଞ୍ଚିପାରିଛି । କାର୍ଯ୍ୟକ୍ରମର ଉପାଦେୟତା ତଥା ଅଧିକରୁ ଅଧିକ ଚାଷଜମିରେ ସେଚ ସାମର୍ଥ୍ୟ ସୃଷ୍ଟି ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଏହି ଯୋଜନାକୁ ଆଉ ୫ ବର୍ଷ ବୃଦ୍ଧି ପାଇଁ ମୋହର ବାଜିଛି । ଏଥିପାଇଁ ୧୨୪୫୮ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ବେଳେ ଏହ୍ୱାଦାରା ୨.୬୨ ଲକ୍ଷ ହେକ୍ଟର ଅତିରିକ୍ତ ଚାଷଜମିରେ ସେଚସାମର୍ଥ୍ୟ ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି । କ୍ୟାବିନେଟରେ ୬ଟି ବିଭାଗର ୧୦ ପ୍ରସ୍ତାବକୁ ମୋହର ବାଜିଥିବା ବେଳେ ଜଳସେଚନ, ଅକ୍ଷୟ ଶକ୍ତିକୁ ସର୍ବାଧିକ ଗୁରୁତ୍ୱ ମିଳିଛି । ସେହିପରି ଅନୁକମ୍ପାମୂଳକ ନିଯୁକ୍ତି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ପ୍ରଚଳିତ ଥିବା ୧୦୦ ପଏଣ୍ଟ ମୂଲ୍ୟାୟନ ପଦ୍ଧତିକୁ ଉଚ୍ଛେଦ କରି ମୃତ କର୍ମଚାରୀଙ୍କ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ଗ୍ରୁପ-ଡି ମୂଳ ପଦବୀରେ ନିଯୁକ୍ତି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି ।

ବୈଠକ ପରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ମଧ୍ୟରେ ପାର୍ବତୀ ଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପର ତୃତୀୟ ପର୍ଯ୍ୟାୟ କାର୍ଯ୍ୟକାରୀ କରାଯିବ । ଏହା ଅଧୀନରେ ରାଜ୍ୟର ସମସ୍ତ ଜିଲ୍ଲାରେ ୧୬୧ଟି ମେଗାଲିଫ୍ଟ ଜଳସେଚନ ପ୍ରକଳ୍ପ ▶ପୃଷ୍ଠା-୭

### ଅସନ୍ତୋଷ ପରେ ନଇଁଲେ ସରକାର

## ବଦଳିଲା ଏଗ୍ରିଷ୍ଟାକ୍ ନିଷ୍ପତ୍ତି

■ ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ ଖରିଫ ପଞ୍ଜୀକରଣ ଓ ଏଗ୍ରିଷ୍ଟାକ୍ ପଞ୍ଜୀକରଣକୁ ନେଇ ବିବାଦ ତୀବ୍ର ହେବା ପରେ ରାଜ୍ୟ ସରକାର ଶେଷରେ ମୁଣ୍ଡ ନୁଆଁଇଛନ୍ତି । ଏସମ୍ପର୍କରେ ରାଜ୍ୟ କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ଏଗ୍ରିଷ୍ଟାକ୍ ପଞ୍ଜୀକରଣ ନେଇ କୃଷକଙ୍କୁ ଚିନ୍ତା ନକରିବାକୁ କ୍ୟାବିନେଟ୍‌ର ପରାମର୍ଶ ଦେଇଛି । ଏହାସହିତ ଚଳିତ ବର୍ଷ ମଧ୍ୟ ପୂର୍ବବର୍ଷ ଭଳି ଧାନ କିଣା ପାଇଁ 'ପିପିଏଏସ୍' ବ୍ୟବସ୍ଥାରେ କୃଷକମାନଙ୍କ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିବ । କୃଷକମାନେ ଏଗ୍ରିଷ୍ଟାକ୍ ପଞ୍ଜୀକରଣ ସ୍ଥିତିକୁ ନେଇ ଭୟଭୀତ ନହୋଇ ପୂର୍ବବର୍ଷ ଭଳି ଧାନ ବିକ୍ରି ପାଇଁ 'ପିପିଏଏସ୍' ପଞ୍ଜୀକରଣ କରାଇପାରିବେ ବୋଲି କ୍ୟାବିନେଟ୍ ବୈଠକ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

ଏଗ୍ରିଷ୍ଟାକ୍‌ରେ କୃଷକ ପଞ୍ଜୀକରଣକୁ ନେଇ ଚାଷୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ଏଗ୍ରିଷ୍ଟାକ୍ କୃଷକ ▶ପୃଷ୍ଠା-୭

### ଓଡ଼ିଶାର ଲୁଣ ଚାଷୀଙ୍କ ହାତରୁ ଯିବ ୬୭୧୮ ଏକର ଜମି

## କର୍ପୋରେଟ ସଂସ୍ଥାର ସ୍ୱାର୍ଥ ପାଇଁ ଲିଜ୍ ବାତିଲ!

■ ଭୁବନେଶ୍ୱର, ୧୨।୮ (ସମିସ): ଓଡ଼ିଶାର ଲୁଣ ଚାଷୀଙ୍କ ହାତରୁ ଯିବ ୬,୭୧୮.୯୧ ଏକର ଜମି । ଏହି ଜମିର ଅନ୍ୟ ବ୍ୟବହାର ପାଇଁ ଯୋଜନା ହୋଇଛି, ମାତ୍ର ଲୁଣ ଚାଷୀ ଓ ଲୁଣ ଶ୍ରମିକଙ୍କ ପୁନର୍ବାସ, କ୍ଷତିପୂରଣ ଆଦି ସଂକ୍ରାନ୍ତରେ ଏଯାଏ କୌଣସି ନିଷ୍ପତ୍ତି ହୋଇ ନାହିଁ । କୌତୂହଳର କଥା ହେଉଛି ୨୦୨୫ ଫେବ୍ରୁଆରୀ ୩ ତାରିଖରେ ଡ଼ିପିଆଇଆଇଟି ଏ ସଂକ୍ରାନ୍ତରେ ବିଧିବଦ୍ଧ ନିଷ୍ପତ୍ତି ନେଇଛନ୍ତି ଓ ଜମିଗୁଡ଼ିକର ମାଲିକାନା ସ୍ଥାନାନ୍ତର ପାଇଁ ନୀତିଗତ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଓଡ଼ିଶା ସରକାର ଏ ସମ୍ପର୍କରେ ସମ୍ପୂର୍ଣ୍ଣ ନିରବ ରହିଛନ୍ତି । ଅନ୍ୟପକ୍ଷରେ କର୍ପୋରେଟ ସଂସ୍ଥାର ସ୍ୱାର୍ଥ ପାଇଁ ଏହି ଲୁଣ ଜମିର ଲିଜ୍ ବାତିଲ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି ।


ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଡ଼ିପିଆଇଆଇଟିଇର ଆଭ୍ୟନ୍ତରୀଣ ମାର୍ଗଦର୍ଶିକା ୨୦୨୪ ଅନୁସାରେ ଓଡ଼ିଶାର ଲୁଣ ଜମିର ଲିଜ୍

### ୨୦୨୫ରେ ଡିପିଆଆଇଟି ପ୍ରସ୍ତୁତ କରିଛି ନୀତିଗତ ପ୍ରକ୍ରିୟା

### ଲୁଣ ଚାଷୀଙ୍କ ଭବିଷ୍ୟତ ଓ କ୍ଷତିପୂରଣକୁ ନେଇ ପ୍ରଶ୍ନବାସୀ

ଅଧିକାର ବାତିଲ ସହ ଲୁଣ ଶ୍ରମିକ ଓ ଚାଷୀଙ୍କ ପୁନର୍ବାସ ଖର୍ଚ୍ଚ ହସ୍ତାନ୍ତରକାରୀ ଏଜେନ୍ସି ବହନ କରିବା କଥା । ମାତ୍ର ଏଯାଏ କେତେଜଣ ଲିଜ୍‌ଧାରୀ ଏହାଦ୍ୱାରା ପ୍ରଭାବିତ ହେବେ ଓ କେତେ ଶ୍ରମିକଙ୍କୁ ପୁନର୍ବାସ ସହାୟତା ଦିଆଯିବ, କେତେ କ୍ଷତିପୂରଣ ଦିଆଯିବ ତାହା ସ୍ପଷ୍ଟ ହୋଇପାରି ନାହିଁ ।

ଅନ୍ୟପକ୍ଷରେ ଓଡ଼ିଶାର ଲୁଣ ଜମି ହସ୍ତାନ୍ତର ପ୍ରକ୍ରିୟା ମଧ୍ୟ ସଂସଦରେ ଉଠିଛି । ତାମିଲନାଡୁର କେଏମ୍‌ଡ଼ିକେ ସାଂସଦ ଭି.ଏସ୍.ମାଥେଶ୍ୱରନ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଓଡ଼ିଶାର ଲୁଣ ଚାଷୀମାନଙ୍କ ଜମି ଲିଜ୍ ବାତିଲ କରାଯିବା ଓ ଏ ବାବଦରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ନେଇ ମଧ୍ୟ ପ୍ରଶ୍ନ କରିଛନ୍ତି । ଦଶନ୍ଧି ଦଶନ୍ଧି ଧରି ଏହି ଜମିରେ ଅନେକ ଲୋକ ଲୁଣ ଚାଷ କରୁଛନ୍ତି ଓ ଏହା ସହ ସେମାନଙ୍କର ଜୀବନ ଜୀବିକା ଜଡ଼ିତ ବୋଲି କୁହାଯାଉଛି । ତେଣୁ ଜମିର ବ୍ୟବହାର ବଦଳାଇବା ପୂର୍ବରୁ ଚାଷୀ ଓ ▶ପୃଷ୍ଠା-୭





## ଏସି ଅଚଳ ଯୋଗୁଁ ସ୍ପାଇସଜେଟ୍ ବିମାନ ବାତିଲ
### ୬ ଘଣ୍ଟା ଫସିରହିଲେ ୧୫୦ ଯାତ୍ରୀ, ଗର୍ଭବତୀ ମହିଳା ଅସୁସ୍ଥ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଦିଲ୍ଲୀରୁ ପୁଣେ ଯାଉଥିବା ସ୍ପାଇସଜେଟ୍ ବିମାନର ଏୟାର କଣ୍ଡିସନର (ଏସି) ଓ ଭେଣ୍ଟିଲେସନ୍ ବ୍ୟବସ୍ଥା ଅଚଳ ହୋଇପଡ଼ିବାରୁ ପ୍ରାୟ ୧୫୦ ଜଣ ଯାତ୍ରୀ ନାହିଁ ନଥିବା ହଇରାଣ ହୋଇଛନ୍ତି। ବିମାନ ଭିତରେ ପ୍ରବଳ ଗରମ ଓ ଅମ୍ଳଜାନ ଅଭାବରୁ ଯାତ୍ରୀମାନଙ୍କୁ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହୋଇଥିବା ବେଳେ ଜଣେ ଗର୍ଭବତୀ ମହିଳା ଅସୁସ୍ଥ ହୋଇପଡ଼ିଥିଲେ। ବିମାନଟି ମଙ୍ଗଳବାର ରାତି ୯:୫୫ରେ ଉଡ଼ାଣ ଭରିବାର ଥିଲା, ମାତ୍ର ବିଳମ୍ବ ହୋଇ ୧୦:୩୦ରେ ବୋର୍ଡିଂ ଆରମ୍ଭ ହୋଇଥିଲା। ବୋର୍ଡିଂ ଶେଷ ହେବା ପରେ ବିମାନର ଏସି କାମ ନ କରିବାରୁ ପ୍ରବଳ ଗରମ ହୋଇଥିଲା ଏବଂ ଯାତ୍ରୀମାନେ ଝାଳରେ ଭିଜିଯାଇଥିଲେ। ବୈଷୟିକ ଟିମ୍ ସମସ୍ୟା ସୁଧାରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସଫଳ ହୋଇନଥିଲେ। ଯାତ୍ରୀଙ୍କ ପ୍ରବଳ ପ୍ରତିବାଦ ଓ ହଙ୍ଗାମା ପରେ ବିମାନ ଉଡ଼ାଣକୁ ବାତିଲ କରାଯାଇଥିଲା। ଯାତ୍ରୀମାନେ ପ୍ରାୟ ୬ ଘଣ୍ଟାରୁ ଅଧିକ ସମୟ ବିମାନବନ୍ଦରରେ ଫସିରହିଥିଲେ ଏବଂ ସେମାନଙ୍କୁ କୌଣସି ଖାଦ୍ୟ କିମ୍ବା ଜଳଖିଆ ଯୋଗାଇ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ପରଦିନ ବୁଧବାର ସକାଳେ ସେମାନଙ୍କୁ ଅନ୍ୟ ଏକ ବିମାନ ଯୋଗେ ପୁଣେ ପଠାଯାଇଥିଲା। ଏହି ଘଟଣା ପରେ କ୍ଷୁବ୍ଧ ଯାତ୍ରୀମାନେ ସ୍ପାଇସଜେଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ନାରାବାଜି କରିବା ସହ ବିମାନ ସେବାର ଅବହେଳାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି।



## ଯାନ୍ତ୍ରିକ ତ୍ରୁଟି; ଇଣ୍ଡିଗୋ ବିମାନର ଜରୁରୀ ଅବତରଣ
### ବର୍ତ୍ତିଲେ ୨୨୪ ଯାତ୍ରୀ



ଚେନ୍ନାଇ, ୧୨।୮ (ଏଜେନ୍ସି): କୋଲକାତାରୁ ଚେନ୍ନାଇ ଆସୁଥିବା ଇଣ୍ଡିଗୋ ବିମାନର ଇଞ୍ଜିନ୍‌ରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଦେଖାଯିବା ପରେ ମଙ୍ଗଳବାର ରାତିରେ ଚେନ୍ନାଇ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ (ଇମର୍ଜେନ୍ସି ଲ୍ୟାଣ୍ଡିଂ) କରାଯାଇଛି। ବିମାନରେ ଥିବା ସମସ୍ତ ୨୨୪ ଜଣ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଇଣ୍ଡିଗୋ ବିମାନ (୬ଇ-୭୨୩) କୋଲକାତାରୁ ବିଳମ୍ବରେ ଉଡ଼ାଣ ଭରି ଚେନ୍ନାଇରେ ଅବତରଣ କରିବାକୁ ଯାଉଥିବା ସମୟରେ, ପାଇଲଟ୍ ବାମ ପାର୍ଶ୍ୱ ଇଞ୍ଜିନ୍‌ରେ ସମସ୍ୟା ଥିବା ଲକ୍ଷ୍ୟ କରିଥିଲେ। ସେ ତୁରନ୍ତ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)କୁ ସୂଚିତ କରିବା ପରେ ରାତି ୧୧.୨୯ରେ ବିମାନବନ୍ଦରରେ ସମ୍ପୂର୍ଣ୍ଣ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା। ପାଇଲଟଙ୍କ ସାହସିକତା ଓ ସଜାଗତା ଯୋଗୁଁ ରାତି ୧୧:୩୭ରେ ବିମାନଟି ରନୱେ-୨୫ରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ଏହି ଘଟଣାରେ କାହାରିକୁ ଆହାତ ହେବାକୁ ପଡ଼ିନାହିଁ। ବିମାନବନ୍ଦର କର୍ତ୍ତୃପକ୍ଷ ଇଞ୍ଜିନ୍ ଅଚଳ ହେବାର ମୁଖ୍ୟ କାରଣ ସମ୍ପର୍କରେ ଅନୁସନ୍ଧାନ ଆରମ୍ଭ କରିଛନ୍ତି। ଅବତରଣର କିଛି ସମୟ ପରେ ଜରୁରୀକାଳୀନ ସ୍ଥିତି ପ୍ରତ୍ୟାହାର କରାଯାଇଥିଲା ଏବଂ ବିମାନବନ୍ଦରରେ ଅନ୍ୟାନ୍ୟ ବିମାନ ଚଳାଚଳ ସ୍ୱାଭାବିକ ରହିଥିଲା।



## ଇମ୍ରାନ୍‌ଙ୍କ ମୃତ୍ୟୁ ଗୁଜବ

କରାଚୀ, ୧୨।୮ (ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆଡିଆଲା ଜେଲ୍‌ରେ ମୃତ୍ୟୁବରଣ କରିଥିବା ନେଇ ଦାବି କରିଥିବା ଆମେରିକାସ୍ଥିତ ପାକିସ୍ତାନୀ ସାମ୍ବାଦିକ ୱଜାହତ୍ ସୟିଦ୍ ଖାନ୍ ନିଜର ବକ୍ତବ୍ୟ ପ୍ରତ୍ୟାହାର କରିଛନ୍ତି। ଏହା ସତ୍ତ୍ୱେ ଇମ୍ରାନ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଜେଲ୍ ଭିତରେ ସୁରକ୍ଷାକୁ ନେଇ ପରିବାର ଏବଂ ତାଙ୍କ ଦଳ ପାକିସ୍ତାନ ତେହେରିକ୍-ଇ-ଇନସାଫ୍ (ପିଟିଆଇ) ପକ୍ଷରୁ ଗଭୀର ଚିନ୍ତା ପ୍ରକଟ କରାଯାଇଛି। ପରିବାର ଓ ଓକିଲମାନଙ୍କୁ ଦେଖା କରିବାକୁ ଦିଆଯାଉନଥିବାରୁ ଏହି ଗୁଜବ ଅଧିକ ତୀବ୍ର ହୋଇଥିଲା। ଏହି ଘଟଣା ପରେ ଖୈବର ପାଖତୁନଖ୍ୱାର ମୁଖ୍ୟମନ୍ତ୍ରୀ ସୋହେଲ୍ ଆଫ୍ରିଦି ଚେତାବନୀ ଦେଇଛନ୍ତି ଯେ ଇମ୍ରାନ୍‌ଙ୍କୁ ଭେଟିବାକୁ ଅନୁମତି ନମିଳିଲେ ୨୦ ଲକ୍ଷରୁ ଅଧିକ ଜନସାଧାରଣ ରାଜପଥକୁ ଓହ୍ଲାଇବେ। ଦଳ ପକ୍ଷରୁ ସେପ୍ଟେମ୍ବର ୨୭ରେ ଇସଲାମାବାଦ୍ ଅଭିମୁଖେ ବଡ଼ ଧରଣର 'ଲଙ୍ଗ୍ ମାର୍ଚ୍ଚ' ପାଇଁ ଆହ୍ୱାନ ଦିଆଯାଇଛି। ଅନ୍ୟପଟେ, ଆମେରିକାର ୧୩ ଜଣ ସାଂସଦ ବୈଦେଶିକ ସଚିବ ମାର୍କ ରୁବିଓଙ୍କୁ ଚିଠି ଲେଖି ଇମ୍ରାନ୍ ଖାନ୍‌ଙ୍କ ସହ ଜେଲ୍‌ରେ ହେଉଥିବା ଅମାନବୀୟ ବ୍ୟବହାର ଓ ମାନବାଧିକାର ଉଲ୍ଲଂଘନ ବିଷୟରେ ପାକିସ୍ତାନ ସରକାରଙ୍କ ସହ ଆଲୋଚନା କରିବାକୁ ଦାବି କରିଛନ୍ତି। ୨୦୨୩ ଅଗଷ୍ଟରୁ ଜେଲ୍‌ରେ ଥିବା ୭୩ ବର୍ଷୀୟ ଇମ୍ରାନ୍ ଖାନ୍ ୧୪ ବର୍ଷର କାରାଦଣ୍ଡ ଭୋଗୁଛନ୍ତି। ଇମ୍ରାନ୍ ଖାନ୍‌ଙ୍କ ମୃତ୍ୟୁ ଦାବିର କୌଣସି ପ୍ରମାଣ ମିଳିନଥିବା ବେଳେ, ଜେଲ୍ ପ୍ରଶାସନର କଟକଣା ଏବଂ ପିଟିଆଇର ଆନ୍ଦୋଳନ ଆହ୍ୱାନ ଯୋଗୁଁ ପାକିସ୍ତାନର ରାଜନୈତିକ ବାତାବରଣ ଅତ୍ୟନ୍ତ ସଂବେଦନଶୀଳ ହୋଇପଡ଼ିଛି।

## ପପୁ ଯାଦବଙ୍କୁ ସୁରକ୍ଷା ପାଇଁ କେନ୍ଦ୍ରକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ବିହାରର ପୂର୍ଣ୍ଣିଆର ସାଂସଦ ପପୁ ଯାଦବଙ୍କ ନିରାପତ୍ତା ଆବେଦନ ଉପରେ କେନ୍ଦ୍ର ସରକାର ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ତାଙ୍କୁ ତୁରନ୍ତ ଜଣେ ଅତିରିକ୍ତ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ଯୋଗାଇଦେବାକୁ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାଂସଦ ପପୁ ଯାଦବ ନିଟ୍ ବିବାଦ ଏବଂ ରାମ ମନ୍ଦିର ଦାନ ଅର୍ଥ ଚୋରି ବିରୋଧରେ ସଂସଦରେ ପ୍ରତିବାଦ କରିବା ପରେ ତାଙ୍କୁ ହତ୍ୟା ଧମକ ମିଳିଥିବା ନେଇ ଅଭିଯୋଗ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ସେ 'ୱାଇ ପ୍ଲସ୍' ବର୍ଗର ସୁରକ୍ଷା ଯୋଗାଇଦେବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଅଗଷ୍ଟ ୫ ତାରିଖରେ ଗୃହ ମନ୍ତ୍ରଣାଳୟ ନିକଟରେ ଏନେଇ ଆବେଦନ କରିଥିବା କୋର୍ଟଙ୍କୁ ଜଣାଇଥିଲେ। କୋର୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସାଂସଦଙ୍କୁ ଆବଶ୍ୟକ ସୁରକ୍ଷା ପୂର୍ବରୁ ଯୋଗାଇ ଦିଆଯାଇଛି। ତେବେ ତାଙ୍କର ଅତିରିକ୍ତ ସୁରକ୍ଷା ଆବେଦନ ଉପରେ ଆସନ୍ତା ତିନି ସପ୍ତାହ ମଧ୍ୟରେ ଅନ୍ତିମ ନିଷ୍ପତ୍ତି ନିଆଯିବ। ଧମକପୂର୍ଣ୍ଣ କଲ୍ ଏବଂ ଜୀବନପ୍ରତି ବିପଦକୁ ଦୃଷ୍ଟିରେ ରଖି କୋର୍ଟଙ୍କ ଏହି ନିର୍ଦ୍ଦେଶ ସାଂସଦଙ୍କ ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ।



## ପିଲାଙ୍କୁ ମାଉସୀ ଘରେ ଛାଡ଼ି ଆତ୍ମହତ୍ୟା କଲେ ଦମ୍ପତି

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ତେଲଙ୍ଗାନାର ନିଜାମାବାଦ ଜିଲ୍ଲାରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଆର୍ଥିକ ଅନାଟନ, ସ୍ୱାସ୍ଥ୍ୟ ସମସ୍ୟା ଓ ମାନସିକ ଅବସାଦ ସହି ନପାରି ଏକ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ନିଜର ଦୁଇ ନାବାଳକ ପୁଅଙ୍କୁ ମାଉସୀ ଘରେ ଛାଡ଼ିବା ପରେ ସେମାନେ ଏହି ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ମୃତ ଦମ୍ପତିଙ୍କ ନାମ ଶେଷାଲା ନରେଶ (୩୦) ଏବଂ ଶେଷାଲା ମେଘନା (୩୦) ବୋଲି ଚିହ୍ନଟ କରାଯାଇଛି। ନରେଶ ବିଦ୍ୟୁତ୍ ବିଭାଗରେ ଲାଇନ୍‌ମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ଦିନ ଦମ୍ପତି ନିଜର ଦୁଇ ପୁଅ ଆୟୁଂଶ ଏବଂ ମିଥୁନ୍‌ଙ୍କୁ ସମ୍ପର୍କୀୟା ମାଉସୀ ଘରେ ଛାଡ଼ି ନିଜ ଘରକୁ ଫେରିବା ପରେ ଆତ୍ମହତ୍ୟା କରିଥିଲେ। ପୁଲିସ ଘଟଣାସ୍ଥଳରୁ ଏକ ନୋଟ୍ ଜବତ କରିଛି, ଯେଉଁଥିରେ ଆର୍ଥିକ ସଙ୍କଟ, ଶାରୀରିକ ଅସୁସ୍ଥତା ଏବଂ ଗଭୀର ମାନସିକ ଅବସାଦ ଯୋଗୁଁ ସେମାନେ ଏହି ପଦକ୍ଷେପ ନେଉଥିବା ଉଲ୍ଲେଖ ରହିଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ସରକାରୀ ଡାକ୍ତରଖାନାକୁ ପଠାଯାଇଛି ଏବଂ ପୁଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

**ତୁର୍କିରୁ ଗୁପ୍ତ ଯାତ୍ରା**

## ଟ୍ରମ୍ପଙ୍କ ଉପରେ ସାମ୍ବାଦିକ କ୍ଷୁବ୍ଧ
### ଗଣମାଧ୍ୟମ ପ୍ରତିନିଧିଙ୍କୁ ଢାଲ ବନାଇ ଅନ୍ୟ ବିମାନରେ ଗଲେ କାହିଁକି ?




ୱାଶିଂଟନ୍, ୧୨।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସୁରକ୍ଷା ପାଇଁ ଏକ ଗୁପ୍ତ ଅଭିଯାନ ସମୟରେ ପ୍ରାୟ ଦଶରୁ ଅଧିକ ସାମ୍ବାଦିକଙ୍କୁ ଢାଲ ଭାବେ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଟ୍ରକ ମାଧ୍ୟମରେ ଟ୍ରମ୍ପଙ୍କୁ ସୁରକ୍ଷିତ ଭାବେ ଅନ୍ୟ ଏକ ବିମାନକୁ ନିଆଯାଇଥିବା ବେଳେ, ବିପଦପୂର୍ଣ୍ଣ ସ୍ଥିତିରେ ସାମ୍ବାଦିକମାନଙ୍କୁ ପୁରୁଣା ବିମାନରେ ପଠାଯାଇଥିବାରୁ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁଲାଇ ୮ ତାରିଖରେ ତୁର୍କୀରେ ଥିବା ସମୟରେ ଆକ୍ରମଣର ଆଶଙ୍କା ଥିବାରୁ ସୁରକ୍ଷା କର୍ମୀମାନେ ଟ୍ରମ୍ପଙ୍କୁ ଗୁପ୍ତ ଭାବେ ସାମଗ୍ରୀ ପରିବହନ କରୁଥିବା ଏକ ବିଶେଷ ଗାଡ଼ି ଭିତରେ ରଖି ଅନ୍ୟ ଏକ ସାମରିକ ବିମାନକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସାମ୍ବାଦିକମାନେ ଏହି ବିଷୟରେ କିଛି ନଜାଣି ମୂଳ ବିମାନରେ ହିଁ ଯାତ୍ରା କରିଥିଲେ। ଏହି ସୁରକ୍ଷା କୌଶଳକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ କ୍ଷୋଭପ୍ରକାଶ କରିଛନ୍ତି। ଜଣେ ସାମ୍ବାଦିକଙ୍କ କହିବାନୁଯାୟୀ, ରାଷ୍ଟ୍ରପତିଙ୍କ ସମ୍ବାଦ ସଂଗ୍ରହ କରିବା ସାମ୍ବାଦିକଙ୍କ କାର୍ଯ୍ୟ, ମାତ୍ର ତାଙ୍କ ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗାଇ ମୋହରା ସାଜିବା ସେମାନଙ୍କ କର୍ତ୍ତବ୍ୟ ନୁହେଁ। ଅନ୍ୟପକ୍ଷରେ, ଆମେରିକା ଶାସନ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରପତିଙ୍କ ପ୍ରତି ରହିଥିବା ଗୁରୁତର ବିପଦକୁ ଏଡ଼ାଇବା ପାଇଁ ସମସ୍ତ ସମ୍ଭାବ୍ୟ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଥିଲା। ସାମ୍ବାଦିକମାନଙ୍କୁ ଭ୍ରମିତ କରି ସେମାନଙ୍କ ଜୀବନ ବିପନ୍ନ କରିବା ଏବଂ ସ୍ୱଷ୍ଟ ସୂଚନା ନଦେବା ଘଟଣା ଆମେରିକାର ସୁରକ୍ଷା ବ୍ୟବସ୍ଥା ଓ ଗଣମାଧ୍ୟମ ନୀତି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ସାମ୍ବାଦିକଙ୍କ ସୁରକ୍ଷା ଓ ସରକାରୀ ସ୍ୱଷ୍ଟତାର ଆବଶ୍ୟକତାକୁ ପୁଣି ଥରେ ସାମ୍ନାକୁ ଆଣିଛି।



## ମୋର ଶତ୍ରୁ ସଂଖ୍ୟା ବଢ଼ିଯାଇଛି

ୱାଶିଂଟନ୍, ୧୨।୮ (ଏଜେନ୍ସି): ତୁର୍କୀରେ ଆୟୋଜିତ ନାଟୋ ସମ୍ମିଳନୀରୁ ଫେରିବା ସମୟରେ ଗୁପ୍ତ ଭାବେ ବିମାନ ବଦଳାଇବା ଘଟଣାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ପ୍ରତିକ୍ରିୟା ରଖିଛନ୍ତି। ନିଜ ସୁରକ୍ଷା ପାଇଁ ଇରାନ ପକ୍ଷରୁ ସମ୍ଭାବ୍ୟ ବିପଦ ଥିବାରୁ ସୁରକ୍ଷା ସଂସ୍ଥା ଏବଂ ସେନାର ପରାମର୍ଶ କ୍ରମେ ସେ ଏହି ପଦକ୍ଷେପ ଗ୍ରହଣ କରିଥିଲେ ବୋଲି ସ୍ୱୀକାର କରିଛନ୍ତି। ଟ୍ରମ୍ପ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, 'ମୋ ପ୍ରତି ଅନେକ ବିପଦ ଓ ଧମକ ରହିଛି, ଯାହା ବିଷୟରେ ସାଧାରଣରେ ସୂଚନା ନାହିଁ। ସୁରକ୍ଷା ସଂସ୍ଥା ଏବଂ ସାମରିକ ବାହିନୀ ନିର୍ଦ୍ଦେଶ ଅନୁଯାୟୀ ମୁଁ ଅନ୍ୟ ଏକ ବିମାନରେ ଯାତ୍ରା କରିଥିଲି। ସେମାନେ ମୋତେ ଯାହା କରିବାକୁ କହିଥାନ୍ତି, ମୁଁ କେବଳ ତାହା ହିଁ ପାଳନ କରିଥାଏ।' ପ୍ରକାଶଯୋଗ୍ୟ ଯେ, ଗଣମାଧ୍ୟମ ଏବଂ କେତେକ କର୍ମଚାରୀଙ୍କୁ ପୁରୁଣା ବିମାନରେ ରଖି ଟ୍ରମ୍ପଙ୍କୁ ଗୁପ୍ତ ଭାବେ ଏକ ବିମାନ ସେବା ଯୋଗାଣ ଗାଡ଼ି ମାଧ୍ୟମରେ ସ୍ଥାନାନ୍ତର କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧିମାନେ ଥିବା ବିମାନଟିକୁ କେବଳ ଭ୍ରମ ସୃଷ୍ଟି କରିବା ପାଇଁ ବ୍ୟବହାର କରାଯାଇଥିଲା। ଏହି ସୁରକ୍ଷା କୌଶଳକୁ ନେଇ କିଛି ଗଣମାଧ୍ୟମ ସମାଲୋଚନା କରିଥିଲେ ମଧ୍ୟ ଟ୍ରମ୍ପ ନିଜର ଏହି ପଦକ୍ଷେପକୁ ସମ୍ପୂର୍ଣ୍ଣ ସୁରକ୍ଷା ଦୃଷ୍ଟିକୋଣରୁ ଗ୍ରହଣ କରାଯାଇଥିବା ଦର୍ଶାଇଛନ୍ତି।

## ମୃତ୍ୟୁର ୪୨ ଦିନ ପରେ ଏସ୍‌ଏମ୍‌ଏସ୍ 'ସୁସ୍ଥ ହୋଇ ଘରକୁ ଫେରୁଥିବାରୁ ଖୁସି'

ଅମ୍ବିକାପୁର, ୧୨।୮ (ଏଜେନ୍ସି): ମୃତ୍ୟୁର ୪୨ ଦିନ ପରେ ଜଣେ ମୃତ ପୁଲିସ କର୍ମଚାରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସୁସ୍ଥ ହୋଇ ଘରକୁ ଫେରୁଥିବା ନେଇ ତାଙ୍କ ପରିବାର ନିକଟକୁ ଏକ ଏସଏମଏସ୍ ବା ମ୍ୟାସେଜ୍ ଆସିଛି। ପୁଲିସ କନଷ୍ଟେବଳ ଦେବ ନାରାୟଣ ରାମ ଗତ ଜୁନ ୨୬ ତାରିଖରେ ଅମ୍ବିକାପୁର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଏବଂ ଚିକିତ୍ସାଧୀନ ଅବସ୍ଥାରେ ଜୁନ ୩୦ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରିବା ସହ ସରକାରୀ ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ହାସଲ କରିସାରିଥିଲେ। ମାତ୍ର ମୃତ୍ୟୁର ୪୨ ଦିନ ପରେ ତାଙ୍କ ପତ୍ନୀ ସୀମା କୁଜୁରଙ୍କ ମୋବାଇଲକୁ ଆୟୁଷ୍ମାନ ସାରଥୀ ପକ୍ଷରୁ ଏକ ମେସେଜ୍ ଆସିଥିଲା। ସେଥିରେ ଲେଖାଯାଇଥିଲା, 'ପ୍ରିୟ ଦେବନାରାୟଣ ରାମ, ଆପଣ ସୁସ୍ଥ ହୋଇ ଘରକୁ ଫେରୁଥିବାରୁ ଆମେ ଆନନ୍ଦିତ, ଆଶା କରୁଛୁ ଆପଣ ଆୟୁଷ୍ମାନ ଭାରତ ଯୋଜନାର ମାଗଣା ଚିକିତ୍ସା ସେବାରେ ସନ୍ତୁଷ୍ଟ।' ଏହି ବାର୍ତ୍ତା ପାଇବା ପରେ ଶୋକସନ୍ତପ୍ତ ପରିବାର ସ୍ତବ୍ଧ ହୋଇଯାଇଛନ୍ତି। ନିଜେ ଜଣେ ସ୍ୱାସ୍ଥ୍ୟକର୍ମୀ ହୋଇଥିବା ସୀମା କୁଜୁର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଜାରି କରି ଏହି ଭୁଲ ପଛରେ କୌଣସି ବଡ଼ ଧରଣର ଆର୍ଥିକ ଅନିୟମିତତା କିମ୍ବା ଜାଲିଆତି ଥାଇପାରେ ବୋଲି ସନ୍ଦେହ ପ୍ରକାଶ କରିଛନ୍ତି। ସାଧାରଣ ଓ ଗରିବ ଜନସାଧାରଣଙ୍କ କ୍ଷେତ୍ରରେ ଏପରି ବ୍ୟବସ୍ଥାଗତ ତ୍ରୁଟି ଅତ୍ୟନ୍ତ ଭୟାନକ ହୋଇପାରେ ବୋଲି ଦର୍ଶାଇ ସେ ଏକ ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷରେ, ମେଡିକାଲର ଡାକ୍ତର ଶୈଳେନ୍ଦ୍ର ଗୁପ୍ତା କହିଛନ୍ତି ଯେ, ତଥ୍ୟ ସଂଗ୍ରହକାରୀ କର୍ମଚାରୀଙ୍କ ଅବହେଳା ଯୋଗୁଁ ଆୟୁଷ୍ମାନ କାର୍ଡ ପ୍ରକ୍ରିୟା ବନ୍ଦ କରିବାରେ ବିଳମ୍ବ ଘଟିଥିଲା।





## ଲୋକସଭାରେ 'ଖଣି ଓ ଖଣିଜ ସଂଶୋଧନ ବିଲ୍' ପାରିତ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ବିରୋଧୀ ଦଳଗୁଡ଼ିକର କ୍ରମାଗତ ହଙ୍ଗାମା ଓ ପ୍ରତିବାଦ ମଧ୍ୟରେ ବୁଧବାର ଲୋକସଭାରେ ବିନା କୌଣସି ଆଲୋଚନାରେ 'ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬' ଗୃହୀତ ହୋଇଛି। ଖଣିଜ ଅଧିକାର ଉପରେ ରାଜ୍ୟ ସରକାର କୌଣସି ଅତିରିକ୍ତ ଟିକସ ଧାର୍ଯ୍ୟ କରିପାରିବେ ନାହିଁ ବୋଲି ଏହି ବିଲରେ ବ୍ୟବସ୍ଥା ଥିବାରୁ ବିରୋଧୀ ଦଳ ଏହାର ତୀବ୍ର ବିରୋଧ କରିଛନ୍ତି। ଏଭଳି କଟକଣା ସଂଘୀୟ ବ୍ୟବସ୍ଥା ପ୍ରତି ବିପଦ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗୃହର ମଧ୍ୟଭାଗକୁ ଆସି ବିରୋଧୀ ସାଂସଦମାନେ ପ୍ରବଳ ନାରାବାଜି ଓ ହୋହାଲ୍ଲା କରିବା ଯୋଗୁଁ ଗୃହ କାର୍ଯ୍ୟକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି।

### ବିରୋଧୀଙ୍କ ଅଭିଯୋଗ: ସଂଘୀୟ ବ୍ୟବସ୍ଥାକୁ ବିପଦ

ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନ (ଏମଏମଡିଆର) ଅନୁଯାୟୀ ସମସ୍ତ ଖଣି ଓ ଖଣିଜ ପଦାର୍ଥ ଉପରେ ସରକାରଙ୍କର ନିୟନ୍ତ୍ରଣ ରହିବ। ବିଲ୍ ଆଗତ କରିଥିଲେ କୋଇଲା ଓ ଖଣି ମନ୍ତ୍ରୀ କିଶନ ରେଡ୍ଡୀ। ବିଲ୍ ସପକ୍ଷର ଯୁକ୍ତି ରଖି ସେ କହିଥିଲେ ଯେ ଦେଶସାରା ଖଣି ନିୟନ୍ତ୍ରଣ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସମାନତା ଆଣିବା ଲାଗି ଏଥିରେ ବ୍ୟବସ୍ଥା କରାଯାଇଛି। ବିଲରେ କୁହାଯାଇଛି ଯେ ଏହା ଆଇନରେ ପରିଣତ ହୋଇଗଲେ ରାଜ୍ୟ ସରକାରଙ୍କ ପାଖରେ ଜମା ହୋଇନଥିବା ଟିକସ, ସେସ୍ କିମ୍ବା ଲେଭି ଆଉ ଆଦାୟ ହୋଇପାରିବ ନାହିଁ। ମନ୍ତ୍ରୀ କହିଲେ ଯେ ବିଭିନ୍ନ ରାଜ୍ୟ ମନଇଚ୍ଛା ଖଣିଜ ଟିକସ/ ସେସ୍ ଧାର୍ଯ୍ୟ କରୁଥିବାରୁ ଖଣିଜ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହେଉଛି। ଦେଶରେ ଖଣିଜ ପଦାର୍ଥ ମହଜୁଦ ଥିଲେ ମଧ୍ୟ ଏଭଳି ଅସ୍ଥିରତା ଯୋଗୁଁ କିଛି ଶିଳ୍ପସଂସ୍ଥା କୋଇଲା ଆମଦାନୀ ପାଇଁ ବାଧ୍ୟ ହୋଇପାରନ୍ତି। ପୁଞ୍ଜି ନିବେଶକ ମଧ୍ୟ ନିରୁତ୍ସାହିତ ହୋଇପାରନ୍ତି। ତେଣୁ ଏଭଳି ଅସ୍ଥିରତାକୁ ଦୂର କରିବା ଲାଗି ବିଲରେ ସଂଶୋଧନ କରାଯାଇଛି।

## କକ୍ରୋଚ୍ ପାର୍ଟିର ଯନ୍ତରମନ୍ତର-୨

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସଂସ୍ଥାପକ ଅଭିଜିତ୍ ଦୀପକେ ଆଉ ଏକ ନୂଆ ଆନ୍ଦୋଳନ କାର୍ଯ୍ୟକ୍ରମ ନେଇ ବୁଧବାର ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ସାମାଜିକ ଗଣମାଧ୍ୟମରେ ଅନେକ ଯୁବକଙ୍କ ଅନୁରୋଧକୁ ଆଧାର କରି 'ଯନ୍ତରମନ୍ତର ସିଜନ୍ ୨' ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଅଭିଜିତ୍ କହିଛନ୍ତି ଯେ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନ୍‌ଷ୍ଟାଗ୍ରାମ୍‌ରେ ଅନେକ ଲୋକ 'ଜନ୍ତର-ମନ୍ତର' ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ କେବେ ଆରମ୍ଭ ହେବ ବୋଲି ପ୍ରଶ୍ନ ପଚାରୁଥିଲେ। ତେବେ ଏହି ଆନ୍ଦୋଳନର ନିର୍ଦ୍ଦିଷ୍ଟ ତାରିଖ, ସ୍ଥାନ କିମ୍ବା ମୁଖ୍ୟ ଦାବିଗୁଡ଼ିକ ସମ୍ପର୍କରେ ସେ ଏପର୍ଯ୍ୟନ୍ତ କୌଣସି ସ୍ୱଷ୍ଟ ସୂଚନା ଦେଇନାହାନ୍ତି। ଏହାପୂର୍ବରୁ ଉତ୍ତର ପ୍ରଦେଶର ହମୀରପୁରଠାରେ ବିଦ୍ୟାଳୟ ପାଇଁ ରାସ୍ତା ଦାବିରେ ପ୍ରାୟ ୩୦୦ ଛାତ୍ରଛାତ୍ରୀ ଓ ୧୦୦ ଅଭିଭାବକ କରିଥିବା ଶୋଭାଯାତ୍ରାକୁ ସେ ସମର୍ଥନ ଜଣାଇଥିଲେ। ଅନ୍ୟପଟେ, ଦିଲ୍ଲୀରେ ଦଳର ସ୍ୱେଚ୍ଛାସେବୀ ବୈଠକ ପାଇଁ ହଲ୍ ମିଳିବାରେ ବାଧା ସୃଷ୍ଟି ହୋଇଥିବା ନେଇ ସେ ବିଜେପି ଉପରେ ଚାପ ପକାଇବାର ଅଭିଯୋଗ ଆଣିଛନ୍ତି।


## ଜେଲ୍‌ରେ ରେବନ୍ନାଙ୍କ ନିକଟରୁ ମୋବାଇଲ୍, ପେନ୍‌ଡ୍ରାଇଭ୍ ଜବତ



ବେଙ୍ଗାଲୁରୁ, ୧୨।୮ (ଏଜେନ୍ସି): ଦୁଷ୍କର୍ମ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ପୂର୍ବତନ ସାଂସଦ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି ଦେବଗୌଡ଼ାଙ୍କ ନାତି ପ୍ରଜ୍ୱଲ ରେବନ୍ନାଙ୍କ ନିକଟରୁ ଏକ ମୋବାଇଲ୍ ଫୋନ୍, ପେନ୍ ଡ୍ରାଇଭ୍ ଏବଂ ଚାର୍ଜର ଜବତ ହୋଇଛି। ବେଙ୍ଗାଲୁରୁର ପରପ୍ପନ ଅଗ୍ରହାରା କେନ୍ଦ୍ରୀୟ କାରାଗାରରେ ସେଣ୍ଟ୍ରାଲ୍ କ୍ରାଇମ୍ ବ୍ରାଞ୍ଚ (ସିସିବି) ପକ୍ଷରୁ କରାଯାଇଥିବା ହଠାତ୍ ଚଢ଼ାଉ ସମୟରେ ଏହି ନିଷିଦ୍ଧ ସାମଗ୍ରୀଗୁଡ଼ିକ ମିଳିଛି। ସେଣ୍ଟ୍ରାଲ୍ କ୍ରାଇମ୍ ବ୍ରାଞ୍ଚର ବିଶେଷ ଟିମ୍ କାରାଗାରର ହାଇ-ପ୍ରୋଫାଇଲ୍ ବାରାକ୍‌ଗୁଡ଼ିକରେ ପ୍ରାୟ ୪ ରୁ ୫ ଘଣ୍ଟା ଧରି ଯାଞ୍ଚ ଅପରେସନ୍ ଚଲାଇଥିଲେ। ଏହି ସମୟରେ ପ୍ରଜ୍ୱଲ ରେବନ୍ନା ଏବଂ ତାଙ୍କ ସହବନ୍ଦୀ ପ୍ରତାପ ରାୟ ରହୁଥିବା କୋଠରୀରୁ ଫୋନ୍ ଓ ପେନ୍ ଡ୍ରାଇଭ୍ ଜବତ କରାଯାଇଥିଲା। ଏହି ଘଟଣା ପରେ ପରପ୍ପନ ଅଗ୍ରହାରା ଥାନାରେ କାରାଗାର ଆଇନର ଧାରା ୪୨ ଅଧୀନରେ ନୂତନ ମାମଲା ରୁଜୁ କରାଯାଇଛି। କାରାଗାରର ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ତ୍ରୁଟି ପାଇଁ ଜେଲ୍ ସହକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିଲମ୍ବିତ କରାଯାଇଥିବା ବେଳେ କେନ୍ଦ୍ରୀୟ କାରାଗାରର ସୁପରିଣ୍ଟେଣ୍ଡେଣ୍ଟଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେହିପରି ସିସିଟିଭି ଫୁଟେଜ୍‌ଗୁଡ଼ିକର ଅନୁଧ୍ୟାନ କରାଯାଉଛି। ସୂଚନାଯୋଗ୍ୟ ଯେ, ପ୍ରଜ୍ୱଲ ରେବନ୍ନାଙ୍କୁ ଜଣେ ଗୃହସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ ଅଗଷ୍ଟ ୨୦୨୫ରେ ବିଶେଷ ଅଦାଲତ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ।

## ମୁମ୍ବାଇରେ ଭୂସ୍ଖଳନ; ୭ ମୃତ

ମୁମ୍ବାଇ, ୧୨।୮ (ଏଜେନ୍ସି): ମୁମ୍ବାଇର ଘାଟକୋପର ଅଞ୍ଚଳରେ ଘଟିଥିବା ଏକ ଭୟଙ୍କର ଭୂସ୍ଖଳନରେ ୭ ଜଣ ପ୍ରାଣ ହରାଇଥିବା ବେଳେ ଏବେ ବି ଅନେକ ଲୋକ ଧ୍ୱଂସାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଫସିରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ସ୍ୱତନ୍ତ୍ର ସନ୍ଧାନୀ କ୍ୟାମେରା ବ୍ୟବହାର କରାଯାଇ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୂଚନା ଅନୁଯାୟୀ, ବୁଧବାର ଭୋର ୩ଟା ୪୮ ମିନିଟରେ ଘାଟକୋପରର ଚିରାଗ ନଗରସ୍ଥିତ ଗୌସିଆ ଚାଲ୍ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ପାହାଡ଼ର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିବାରୁ ନିକଟରେ ଥିବା ୨ ରୁ ୩ଟି ଘର ସମ୍ପୂର୍ଣ୍ଣ ଭାବେ ଧ୍ୱଂସାବଶେଷ ତଳେ ଚାପି ହୋଇଯାଇଥିଲା। ସ୍ଥାନୀୟ ପ୍ରଶାସନ, ମୁମ୍ବାଇ ଅଗ୍ନିଶମ ବାହିନୀ, ପୋଲିସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ର ମିଳିତ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ମାଟି ଓ ପଥର ତଳେ ଚାପି ହୋଇ ରହିଥିବା ଜୀବନ୍ତ ଲୋକଙ୍କୁ ଖୋଜିବା ପାଇଁ ଅତ୍ୟାଧୁନିକ 'ଭିକ୍ଟିମ୍-ଡିଟେକ୍ସନ୍' କ୍ୟାମେରା ବ୍ୟବହାର କରାଯାଉଛି।



## ଭାରତରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ମାତ୍ର ୧୫ ଜଣ ବିଚାରପତି

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଭାରତରେ ବିଚାର ବ୍ୟବସ୍ଥା ଉପରେ ବଢୁଥିବା ମାମଲାର ଚାପ ମଧ୍ୟରେ ବିଚାରପତିଙ୍କ ଅଭାବ ଏକ ବଡ଼ ଚିନ୍ତାର କାରଣ ହୋଇଛି। ସାମ୍ପ୍ରତିକ ତଥ୍ୟ ଅନୁସାରେ, ଭାରତରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ମାତ୍ର ପ୍ରାୟ ୧୫ ଜଣ ବିଚାରପତି ଅଛନ୍ତି। ମାମଲାର ବଢୁଥିବା ବକେୟା ସଂଖ୍ୟାକୁ ଦୃଷ୍ଟିରେ ରଖି ଲୋକସଭା ସୁପ୍ରିମକୋର୍ଟରେ ବିଚାରପତିଙ୍କ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ବୃଦ୍ଧି କରିବା ପାଇଁ 'ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍' ପାରିତ କରିଛି। ଏହା ଅନୁସାରେ, ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ୩୩ରୁ ବଢ଼ି ୩୭ ହେବ। ଦେଶର ସମସ୍ତ ସ୍ତରର ଅଦାଲତକୁ ମିଶାଇ ବିଚାରପତିଙ୍କ ସଂଖ୍ୟା ୨୦୧୯ରେ ୨୦, ୫୭୩ ଥିବାବେଳେ ୨୦୨୫ରେ ଏହା ୨୧, ୮୪୧କୁ ବୃଦ୍ଧି ପାଇଛି। କିନ୍ତୁ ଜନସଂଖ୍ୟା ଓ ମାମଲା ସଂଖ୍ୟା ବୃଦ୍ଧି ତୁଳନାରେ ଏହି ବୃଦ୍ଧି ଅତ୍ୟନ୍ତ କମ୍ ରହିଛି। ୨୦୧୯ରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ବିଚାରପତିଙ୍କ ଅନୁପାତ ୧୫.୩ ଥିଲା। ୨୦୨୦ରେ ଏହା ୧୪.୮କୁ ହ୍ରାସ ପାଇଥିଲା। ୨୦୨୫ରେ ସାମାନ୍ୟ ବୃଦ୍ଧି ପାଇ ୧୫.୪ରେ ପହଞ୍ଚିଛି। ଅର୍ଥାତ୍, ଛଅ ବର୍ଷ ମଧ୍ୟରେ ଏହି ଅନୁପାତରେ ବଡ଼ ପରିବର୍ତ୍ତନ ହୋଇନାହିଁ। ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ମାମଲାର ଭାର ତୁଳନାରେ ବିଚାରପତିଙ୍କ ଉପଲବ୍ଧତା। ୨୦୧୯ରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ବକେୟା ମାମଲା ତୁଳନାରେ ବିଚାରପତିଙ୍କ ଅନୁପାତ ୫୫୫ ଥିଲା। ୨୦୨୫ରେ ଏହା ହ୍ରାସ ପାଇ ୪୦୩ ହୋଇଛି। ଏଥିରୁ ମାମଲାର ଚାପ ବୃଦ୍ଧି ଓ ନିଯୁକ୍ତିର ଗତି ମଧ୍ୟରେ ଥିବା ତାରତମ୍ୟ ସ୍ୱଷ୍ଟ ହେଉଛି। ବିଚାରପତି-ଜନସଂଖ୍ୟା ଅନୁପାତରେ ଭାରତର ସ୍ଥିତି ଅନ୍ୟ କେତେକ ବିକଶିତ ଦେଶ ତୁଳନାରେ ବହୁତ ପଛରେ। ୨୦୨୪ର ତଥ୍ୟ ଅନୁସାରେ, ଫ୍ରାନ୍ସରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ୪୧୮ ଜଣ, ବ୍ରିଟେନରେ ୨୮୬ ଜଣ ଏବଂ ଜର୍ମାନୀରେ ୨୪୯ ଜଣ ବିଚାରପତି ଥିଲେ। ଏହି ତୁଳନାରେ ଭାରତର ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ପ୍ରାୟ ୧୫ ଜଣ ବିଚାରପତି ଥିବା ତଥ୍ୟ ଦେଶର ବିଚାର ବ୍ୟବସ୍ଥାରେ ଥିବା ବିଶାଳ ମାନବସମ୍ବଳ ଅଭାବକୁ ଦର୍ଶାଉଛି। ସୁପ୍ରିମକୋର୍ଟରେ ଚାରିଟି ଅତିରିକ୍ତ ପଦ ସୃଷ୍ଟି ତତ୍କାଳୀନ ଚାପ କିଛି ମାତ୍ରାରେ କମାଇପାରେ। କିନ୍ତୁ ଦୀର୍ଘକାଳୀନ ଭାବେ ନ୍ୟାୟ ପ୍ରଦାନକୁ ଦ୍ରୁତ ଓ ପ୍ରଭାବଶାଳୀ କରିବା ପାଇଁ ତଳସ୍ତରରୁ ସର୍ବୋଚ୍ଚ ଅଦାଲତ ପର୍ଯ୍ୟନ୍ତ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି, ଖାଲି ପଦ ପୂରଣ ଓ ନ୍ୟାୟିକ ଭିତ୍ତିଭୂମିର ସୁଦୃଢ଼ୀକରଣ ଆବଶ୍ୟକ।

### ବିଚାରପତି ବଢ଼ିଲେ; ଅନୁପାତ ବଢ଼ିଲାନି



# ରାଜ୍ୟରେ ଉପକୂଳ ଅବକ୍ଷୟ ତୀବ୍ର

## ସାଗର ଗର୍ଭକୁ ଚାଲିଯିବ ୧୫୯.୬ କିମି ବେଳାଭୂମି



ଭୁବନେଶ୍ୱର,୧୨।୮ (ସମିସ): ଜଳବାୟୁ ଓ ପ୍ରାକୃତିକ ପରିବର୍ତ୍ତନ, ସମୁଦ୍ର ତରଙ୍ଗର ପ୍ରଭାବ ଓଡ଼ିଶାରେ ସାମୁଦ୍ରିକ ଉପକୂଳ ଅବକ୍ଷୟକୁ ତୀବ୍ର କରିଛି। ୧୯୯୦ରୁ ୨୦୨୨ ମଧ୍ୟରେ ଓଡ଼ିଶାର ୫୬୪.୧୪ କିଲୋମିଟର ଉପକୂଳର ୨୮.୩ ପ୍ରତିଶତ ଅଞ୍ଚଳ ଅବକ୍ଷୟ ହୋଇଥିବା କେନ୍ଦ୍ର ସରକାର ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ରାଜ୍ୟର ସମୁଦାୟ ବିଶ୍ଳେଷିତ ଉପକୂଳ ମଧ୍ୟରୁ ୧୭.୬ ପ୍ରତିଶତ ଅଞ୍ଚଳ ସ୍ଥିର ରହିଥିବା ବେଳେ ୫୪.୧ ପ୍ରତିଶତ ଅଞ୍ଚଳରେ ପଟୁ ଦ୍ୱାରା ଭୂମି ଆଚ୍ଛାଦିତ ହୋଇଛି ବା ସମୁଦ୍ର ଉପକୂଳରେ ନୂଆ ଭୂମି ବୃଦ୍ଧି ବା ଆକ୍ରେସନ୍ ଦେଖାଯାଇଛି। ମାତ୍ର ଗଞ୍ଜାମ, ଜଗତସିଂହପୁର, କେନ୍ଦ୍ରାପଡ଼ା ଆଦି ଜିଲ୍ଲାରେ ସାମୁଦ୍ରିକ ଅବକ୍ଷୟ ତୀବ୍ର ହେବା ଉପକୂଳ ଗ୍ରାମ ପାଇଁ ବିପଦ ସୃଷ୍ଟି କରିଛି । ଗଞ୍ଜାମ ଜିଲ୍ଲାର ୬୦.୧୮ କିମି ଉପକୂଳ ମଧ୍ୟରୁ ୪୫.୭ ପ୍ରତିଶତ ଅଞ୍ଚଳ କ୍ଷୟମୁଖୀ ବୋଲି କୁହାଯାଉଛି । ଗୋପାଳପୁର ବନ୍ଦରର ଉତ୍ତର ପାର୍ଶ୍ୱରୁ ମୟୂରପଡ଼ା-ଭ୍ରମରକୁଡ଼ି ଅଞ୍ଚଳକୁ ବିପଦପ୍ରବଣ ଭାବେ ଚିହ୍ନଟ କରାଯାଇଛି। ଜଗତସିଂହପୁର ଜିଲ୍ଲାର ୫୫.୮୦ କିମି ଉପକୂଳ ମଧ୍ୟରୁ ୪୭.୬ ପ୍ରତିଶତ ଅଞ୍ଚଳ କ୍ଷୟର ସମ୍ମୁଖୀନ। କୁସୁପୁରରୁ ସାହାଡ଼ାବେଦୀ ଏବଂ ସାହାଡ଼ାବେଦୀରୁ ଜଟାଧାରତଣ୍ଡା ଅଞ୍ଚଳକୁ ବିପଦପ୍ରବଣ ଭାବେ ଚିହ୍ନଟ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ୧୪୯.୩୬ କିମି ଉପକୂଳ ମଧ୍ୟରୁ ୪୫ ପ୍ରତିଶତ କ୍ଷୟମୁଖୀ। ହେତାମୁଣ୍ଡିଆ, ହୁକିଟୋଲା, ପେଣ୍ଠ-ସାତଭାୟା ଏବଂ ସାତଭାୟା-ଗହୀରମଥା ଅଞ୍ଚଳ ଦୀର୍ଘକାଳୀନ ଉପକୂଳ ପରିବର୍ତ୍ତନ ଆଧାରରେ ବିପଦପ୍ରବଣ ଭାବେ ଚିହ୍ନଟ ହୋଇଛି।

ମାତ୍ର ପୁରୀ ଜିଲ୍ଲାର ଚିତ୍ର ଭିନ୍ନ । ଏହି ଜିଲ୍ଲାର ୧୩୮.୧୬ କିମି ଉପକୂଳ ମଧ୍ୟରୁ ୧୦.୨ ପ୍ରତିଶତ କ୍ଷୟମୁଖୀ ଥିବା ବେଳେ ୭୮.୩ ପ୍ରତିଶତ ଅଞ୍ଚଳରେ ପଟୁ ଜମା ହୋଇ ଭୂମି ଅଞ୍ଚଳକୁ ବୃଦ୍ଧି କରିଛି । ତଥାପି ଚିଲିକା ସମୁଦ୍ରମୁହାଣର ଉଭୟ ପାର୍ଶ୍ୱ, କେଉଟାଜଙ୍ଗା, ଦେବୀ ନଦୀମୁହାଣର ଦକ୍ଷିଣ ପାର୍ଶ୍ୱ ଓ ଦେବୀ ନଦୀମୁହାଣକୁ ସମ୍ବେଦନଶୀଳ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଅନୁରୂପ ଭାବେର ଭଦ୍ରକର ୭୨.୩୬ କିମି ଉପକୂଳ ମଧ୍ୟରୁ ୪.୬ ପ୍ରତିଶତ କ୍ଷୟମୁଖୀ ଥିବା ବେଳେ ବାଲେଶ୍ୱରର ୮୮.୨୮ କିମି ଉପକୂଳର ୨୩.୮ ପ୍ରତିଶତ ଅଞ୍ଚଳ କ୍ଷୟର ସମ୍ମୁଖୀନ। ଭଦ୍ରକର ଅମରନଗର ଏବଂ ବାଲେଶ୍ୱରର ବାଗଡ଼ା, ଚୌମୁଖ, ନାରାୟଣ ମହାନ୍ତି ପଡ଼ିଆ ଓ ବିନ୍ଧାପଦ୍ମପୁର-ତାଳସାରି ଅଞ୍ଚଳ ବିପଦପ୍ରବଣ ତାଲିକାରେ ରହିଛି। ରାଜ୍ୟସଭାରେ ସାଂସଦ ସସ୍ମିତ ପାତ୍ରଙ୍କର ଏକ ପ୍ରଶ୍ନର ଉତ୍ତରରେ ଏଭଳି ସୂଚନା ପ୍ରଦାନ କରିଛନ୍ତି କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ।

# ପୁରୀ ଗୋବର୍ଦ୍ଧନ ପୀଠ, ସ୍ୱର୍ଗଦ୍ୱାର ବେଳାଭୂମିର ବିକାଶ ହେବ

ଭୁବନେଶ୍ୱର,୧୨।୮ (ସମିସ): ପୁରୀ ଗୋବର୍ଦ୍ଧନ ପୀଠର ସର୍ବାଙ୍ଗୀନ ବିକାଶ, ସୁରକ୍ଷା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ

- ପୁରୀ ବେଳାଭୂମି ହେବ 'ଆଧ୍ୟାତ୍ମିକ ବେଳାଭୂମି': ମୁଖ୍ୟମନ୍ତ୍ରୀ
- ପୀଠ ଜମି ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱ
- ପୂର୍ବାଚାର୍ଯ୍ୟଙ୍କ ସମାଧିସ୍ଥଳର ହେବ ସଂରକ୍ଷଣ
- ଗୋବର୍ଦ୍ଧନ ପୀଠର ଐତିହ୍ୟ ରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ



ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀର ଆଧ୍ୟାତ୍ମିକ ଗରିମାକୁ ବଢ଼ାଇବା ସହ ପୀଠର ସମ୍ପତ୍ତିର ସୁରକ୍ଷା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୀଠର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ଅନୁଷ୍ଠିତ ହେଉଥିବା ପବିତ୍ର 'ସନ୍ଧ୍ୟା ମହୋଦଧି ଆରତୀ' ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଆରତୀ ସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସନ୍ଧ୍ୟା ଆରତୀକୁ ଆହୁରି ଭବ୍ୟ ଆକାରରେ କରାଯିବ। ସମଗ୍ର ପୁରୀ ବେଳାଭୂମିକୁ ଏକ ଭବ୍ୟ ଆଧ୍ୟାତ୍ମିକ ବେଳାଭୂମି ଭାବେ ବିକଶିତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଗୋବର୍ଦ୍ଧନ ପୀଠର ଜମି ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା ଲ୍ୟାଣ୍ଡ ସେଟେଲମେଣ୍ଟ ଦସ୍ତାବିଜ୍‌କୁ ପୁନର୍ବାର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିରାପତ୍ତା ଓ ପୀଠ ପରିସରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୋବର୍ଦ୍ଧନ ପୀଠର ସମସ୍ତ ପୂର୍ବାଚାର୍ଯ୍ୟମାନଙ୍କ ପବିତ୍ର ସମାଧି ସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ମଠର ପାରିପାର୍ଶ୍ୱିକ ବିକାଶ ସହିତ ମଠ ପରିସରରେ ଥିବା 'ଶ୍ରୀ ଗୋବର୍ଦ୍ଧନ ଗୋଶାଳା'ର ସୁପରିଚାଳନା ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୋବର୍ଦ୍ଧନ ପୀଠର ସାଧୁସନ୍ଥ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ପୀଠର ଉନ୍ନତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଆଇନ ସଚିବ ଡକ୍ଟର ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ପୁରୀ ଏସପି ପ୍ରତୀକ ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ଗୋବର୍ଦ୍ଧନ ପୀଠର ବ୍ୟବସ୍ଥା ପ୍ରମୁଖ ପ୍ରଫୁଲ୍ଲ ଚୈତନ୍ୟ ମହାରାଜ, ଆଦିତ୍ୟ ବାହିନୀ ମୁଖ୍ୟ ପୀଠ ପ୍ରତିନିଧି ମାତୃ ପ୍ରସାଦ ମିଶ୍ର ତଥା ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଓଡ଼ିଶା ଏବେ ବିନାଶ ପଥର ଯାତ୍ରୀ: କଂଗ୍ରେସ

ଭୁବନେଶ୍ୱର,୧୨।୮ (ସମିସ): ରାଜ୍ୟ ସରକାର କ୍ରମାଗତ ଭାବେ ୨ ଆର୍ଥିକ ବର୍ଷ ୨୦୨୪-୨୫, ୨୫-୨୬ ଏବଂ ଚଳିତ ଆର୍ଥିକ ବର୍ଷ ୨୬-୨୭ରେ ବଜେଟର ଆକାରକୁ ବୃଦ୍ଧି କରିଛନ୍ତି। ହେଲେ ସରକାର ବଜେଟ ରାଶିର ଅର୍ଥକୁ ଖର୍ଚ୍ଚ କରିପାରୁ ନାହାନ୍ତି। ୨୦୨୪-୨୫ ପାଇଁ ରାଜ୍ୟ ସରକାର ବଜେଟର ଆକାର ୨ ଲକ୍ଷ ୬୫ ହଜାର କୋଟି ଟଙ୍କା ଥିଲା। କିନ୍ତୁ ସେଇ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨୦ ପ୍ରତିଶତରୁ ଅଧିକ ଅର୍ଥ, ଖର୍ଚ୍ଚ କରିପାରି ନ ଥିଲେ। ସମାନ ଭାବେ ୨୫-୨୬ ଆର୍ଥିକ ବର୍ଷରେ ବଜେଟକୁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଗଲା। କିନ୍ତୁ ରାଜ୍ୟ ସରକାରଙ୍କ ପ୍ରମୁଖ ୪୪ ବିଭାଗ ମଧ୍ୟରୁ ୧୦ ଟି ବିଭାଗର ଖର୍ଚ୍ଚ

- ବିଭିନ୍ନ ବିଭାଗରେ ବଜେଟ ଅର୍ଥ ଅଧା ଖର୍ଚ୍ଚ ହୋଇପାରୁନି
- ବିନା ଅର୍ଥ ଖର୍ଚ୍ଚରେ "ଓଡ଼ିଶା ସାରା ବିକାଶ ଧାରା" କିପରି ସମ୍ଭବ?

ନଗଣ୍ୟ ରହିଥିଲା ବୋଲି କଂଗ୍ରେସ କହିଛି। ଏହାକୁ ନେଇ କଂଗ୍ରେସ ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ବିନା ବଜେଟ୍ ଅର୍ଥ ଖର୍ଚ୍ଚରେ 'ଓଡିଶା ସାରା ବିକାଶ ଧାରା' କିପରି ସମ୍ଭବ ବୋଲି ପ୍ରଶ୍ନ କରିଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି, ଓଡିଶା ସରକାରଙ୍କ ବିଭିନ୍ନ ବିଭାଗ ବଜେଟ ବ୍ୟୟ ବରାଦ ଅର୍ଥର ପଇସାଟିଏ ମଧ୍ୟ ଖର୍ଚ୍ଚ କରିପାରୁ ନାହାନ୍ତି। ଯଦି ପଇସା ଖର୍ଚ୍ଚ ହେବନାହିଁ, ତେବେ ରାଜ୍ୟର ବିକାଶ କିଭଳି ହେବ। ଏହା କେବଳ କଥାରେ ନା କାମରେ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ପୁଞ୍ଜି ବ୍ୟୟ ବରାଦ ୫୮,୧୯୫ ହଜାର କୋଟି ହୋଇଥିଲା। କିନ୍ତୁ ଖର୍ଚ୍ଚ ମାତ୍ର ୩୮ ହଜାର କୋଟି ଟଙ୍କା। ଏଭଳି ସ୍ଥିତରେ ଓଡ଼ିଶାର ବିକାଶ ହୋଇଛି ବୋଲି ଦମ୍ଭୋକ୍ତି ପ୍ରକାଶ କରାଯାଉଛି। ତାହା ସମ୍ପୂର୍ଣ୍ଣ ବୃଥା ଆସ୍ଫାଳନ।

ଏଷ୍ଟିମେଟ କମିଟି ଓ ପବ୍ଲିକ ଏକାଉଣ୍ଟସ କମିଟିର ଅଧ୍ୟକ୍ଷ ଏ ସମ୍ପର୍କରେ ଯେଉଁ ତଥ୍ୟ ରଖିଛନ୍ତି ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ରାଜ୍ୟ ସରକାରଙ୍କର ପାରିବା ପଣିଆର ସାର୍ଟିଫିକେଟ ବୋଲି ସେ କହିଛନ୍ତି। ପାଞ୍ଚବର୍ଷ ସରକାରର ଅଧା ସମୟ କେବଳ ରଙ୍ଗ ବଦଳା ଓ ମେଳା ମହୋତ୍ସବରେ ସରି ଗଲାଣି। ବର୍ତ୍ତମାନ ବଞ୍ଚିଥିବା ସମୟ ସରକାର ରାଜ୍ୟପ୍ରତି ଚିନ୍ତା କରିବେ କି ବୋଲି ସେ ପଚାରିଛନ୍ତି।




ଶ୍ରୀ ମହାନ୍ତି କହିଛନ୍ତି, ଯେଉଁ ସବୁ ବିଭାଗର ମନ୍ତ୍ରୀମାନେ ଅର୍ଥ ଖର୍ଚ୍ଚ କରିପାରୁ ନାହାନ୍ତି ସେଇ ଅଯୋଗ୍ୟ ମନ୍ତ୍ରୀ ମାନଙ୍କୁ ବାହାର କରାଯାଉ। କିଛି କାମ ନକରି ସମସ୍ତ ସୁବିଧା ସୁଯୋଗ କାହିଁକି ଦିଆଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟକୁ ପୁଞ୍ଜି ଆଣିବା ଲାଗି ବିଭିନ୍ନ ରାଜ୍ୟରେ ସମ୍ମିଳନୀ କରୁଛନ୍ତି। କିନ୍ତୁ ନିଜ ସରକାରଙ୍କ ଶିଳ୍ପ ଓ ଏମଏସଏମଇ ବିଭାଗ ବ୍ୟୟ ବରାଦ ଟଙ୍କା ଖର୍ଚ୍ଚ କରିପାରୁ ନାହାନ୍ତି। ଏହା ଆମ ସମସ୍ତଙ୍କ ପାଇଁ ଏକ ସତର୍କ ଘଣ୍ଟି। ଓଡିଶା ବିକାଶ ପଥରେ ଯାତ୍ରୀ ହେବା ପରିବର୍ତ୍ତେ ବିନାଶ ପଥରେ ଯାତ୍ରୀ ହେଲାଣି ବୋଲି ସେ କହିଛନ୍ତି।

# ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ

ବାଲେଶ୍ୱର, ୧୨।୮ (ସମିସ) : ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅନ୍ତର୍ଗତ ତୁଡ଼ିଗଡ଼ିଆ ରାଜସ୍ୱ ନିରୀକ୍ଷକ ଶରତ କୁମାର ସେଠୀ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି।



ଜଣେ ଅଭିଯୋଗକାରୀ ନିଜ ଅଜାଙ୍କ ନାମରେ ଥିବା ପୈତୃକ ଜମିର ମ୍ୟୁଟେସନ କରାଇ ଜମି ପଟ୍ଟା ପାଇବା ପାଇଁ ତୁଡ଼ିଗଡ଼ିଆ ଆରଆଇ କାର୍ଯ୍ୟାଳୟରେ ନିୟମାନୁସାରେ ଆବେଦନ କରିଥିଲେ। ମାତ୍ର ଅଭିଯୁକ୍ତ ଆରଆଇ ଶରତ କୁମାର ସେଠୀ କୌଣସି ଆଇନଗତ କାରଣ ନଥାଇ ସମ୍ପୃକ୍ତ ଫାଇଲକୁ ବିଭିନ୍ନ ଆଳ ଦେଖାଇ ଦୀର୍ଘଦିନ ଧରି ଅଟକାଇ ରଖିଥିଲେ। ଅଭିଯୋଗକାରୀ ନିଜର କାମ ପାଇଁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଫିଲଡ଼ ଇନ୍‌କ୍ୟୁକାରୀ ରିପୋର୍ଟ ପ୍ରଦାନ ସହ ମ୍ୟୁଟେସନ ପ୍ରକ୍ରିୟା ଆଗକୁ ବଢ଼ାଇ ପଟ୍ଟା କରାଇଦେବା ବାବଦକୁ ଆରଆଇ ସିଧାସଳଖ ୫,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ । ସରକାରୀ ଅଧିକାରୀଙ୍କ ଏଭଳି ବେଆଇନ ଦାବି ଓ ଶୋଷଣରେ ଅତିଷ୍ଠ ହୋଇ ଅଭିଯୋଗକାରୀ ଲାଞ୍ଚ ଦେବାକୁ ମନା କରିଦେବା ସହ ସିଧାସଳଖ ବାଲେଶ୍ୱର ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗର ସତ୍ୟତା ପରଖିବା ପରେ ଭିଜିଲାନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ ହୋଇଥିଲା। ପୂର୍ବ ଯୋଜନା ଅନୁଯାୟୀ, ବୁଧବାର ଆରଆଇ କାର୍ଯ୍ୟାଳୟ ଭିତରେ ଅଭିଯୋଗକାରୀଙ୍କଠାରୁ ଆରଆଇ ଶରତ ସେଠୀ ୫,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ତାଙ୍କୁ ମାଡ଼ି ବସିଥିଲା। ନିର୍ଦ୍ଦିଷ୍ଟ ସାକ୍ଷୀମାନଙ୍କ ଉପସ୍ଥିତିରେ ଅଭିଯୁକ୍ତ ଆରଆଇଙ୍କ ନିକଟରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଚଢ଼ଉ ପରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଅଭିଯୁକ୍ତ ଆରଆଇଙ୍କ ଅନ୍ୟାନ୍ୟ ଆୟ ବହିର୍ଭୂତ ସମ୍ପତ୍ତିର ଖାନତଲାସି ଜୋରଦାର ଆରମ୍ଭ ହୋଇଛି। ଆରଆଇ ଶରତ ସେଠୀଙ୍କ ସିମୁଳିଆ ଥାନା ଅନ୍ତର୍ଗତ ବରୀ ଗ୍ରାମରେ ଥିବା ବାସଭବନ ଏବଂ ତାଙ୍କ ଟୁଡ଼ିଗଡ଼ିଆସ୍ଥିତ କାର୍ଯ୍ୟାଳୟରେ ଏକସାଙ୍ଗରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଏହି ଦୁର୍ନୀତି ନିବାରଣ ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଆରଆଇଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ଖଟିଆରେ ବୁହାହେଲେ ରୋଗୀ

କପ୍ତିପଦା,୧୨।୮ (ସମିସ): କାଦୁଅ ରାସ୍ତା ଦେଲା ଅସହ୍ୟ ଯନ୍ତ୍ରଣା। ଜଣେ ଗୁରୁତର ରୋଗୀଙ୍କୁ କାଦୁଅ ପଚପଚ ରାସ୍ତାରେ ୩ କିଲୋମିଟର ଖଟିଆରେ ବୋହି ନେଲେ ଗ୍ରାମବାସୀ। ଏଭଳି ଚିତ୍ର ସାମ୍ନାକୁ ଆସିଛି କପ୍ତିପଦା ବ୍ଲକ୍ ନାଗାର୍ଜୁନସାହି ଗ୍ରାମରୁ। ଗ୍ରାମର ଦଧିଆ ସେନାପତିଙ୍କ ଦେହ ଅଚାନକ ଅସୁସ୍ଥ ହୋଇ ପଡ଼ିଥିଲା। ଫଳରେ ସେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ତାଙ୍କୁ ଡାକ୍ତରଖାନା ନେବା ପାଇଁ ଗ୍ରାମବାସୀ ଖଟିଆର ସାହାଯ୍ୟ ନେଇଥିଲେ। ଖଟିଆରେ ତାଙ୍କୁ ବୋହି ବୋହି ନେଇଥିଲେ। ପାଖାପାଖି ୩ କିଲୋମିଟର ଗ୍ରାମ ରାସ୍ତା ସମ୍ପୂର୍ଣ୍ଣ କାଦୁଅରେ ଭର୍ତ୍ତି ହୋଇଥିବାରୁ ଗ୍ରାମବାସୀ ତାଙ୍କୁ ଖଟିଆରେ ବୋହି ବୋହି କାଦୁଅ ରାସ୍ତା ପାରି କରାଇ ମୁଖ୍ୟ ରାସ୍ତାରେ ପହଞ୍ଚାଇ ଥିଲେ। ପରେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଛି। ହେଲେ ଅବସ୍ଥା ଗୁରୁତର ଥିବାରୁ ବାରିପଦା ସ୍ଥାନାନ୍ତର କରାଯାଇଛି। ଖରାପ ରାସ୍ତା ପାଇଁ ଖଟିଆରେ ରୋଗୀକୁ ବୋହି ନେବାକୁ ବାଧ ହୋଇଥିବା କହିଛନ୍ତି ଗ୍ରାମବାସୀ।

# ଶିକ୍ଷାବିତ୍ ପ୍ରଫେସର ଡ. ବିଶ୍ୱମୋହନ ମିଶ୍ରଙ୍କ ପରଲୋକ



ଭୁବନେଶ୍ୱର,୧୨।୮ (ସମିସ): ବିଶିଷ୍ଟ ଶିକ୍ଷାବିତ୍, ରାଜନୀତି ବିଜ୍ଞାନର ପୂର୍ବତନ ପ୍ରଫେସର ଓ ଶିକ୍ଷା ପ୍ରଶାସକ ଡ. ବିଶ୍ୱମୋହନ ମିଶ୍ରଙ୍କ ପରଲୋକ ଘଟିଛି। ମୁମ୍ବାଇସ୍ଥିତ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ତାଙ୍କର ପରଲୋକ ଘଟିଛି। ସେ ଗତ କିଛି ସମୟ ଧରି ଅସୁସ୍ଥ ଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଥିଲେ। ସ୍ୱର୍ଗତଃ ମିଶ୍ର ଖଲ୍ଲିକୋଟ କଲେଜ (ବର୍ତ୍ତମାନର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ)ର ଅଧ୍ୟକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ଷ୍ଟାଫ୍ କଲେଜର ନିର୍ଦ୍ଦେଶକ ତଥା କେନ୍ଦ୍ରାପଡ଼ା କଲେଜ, ଯାଜପୁରର ଏନ୍.ସି. କଲେଜ ଓ ନୟାଗଡ଼ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ।

ପୁରୀ ଜିଲ୍ଲାର ବୀରପ୍ରତାପପୁର ଗାଁର ଏକ ସାମାଜିକ ଚେତନା ସମ୍ପନ୍ନ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ପ୍ରଫେସର ଡ ମିଶ୍ର ପୁରୀର ଏସ୍‌ସିଏସ୍ କଲେଜରୁ ସ୍ନାତକ ଓ ଆଲାହାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଲୋକ ପ୍ରଶାସନରେ ଡି.ଲିଟ୍ ଡିଗ୍ରୀ ପ୍ରାପ୍ତ କରିଥିଲେ। ସେ ତାଙ୍କ ସମୟର ଜଣେ ଲୋକପ୍ରିୟ ଶିକ୍ଷକ ଥିଲେ। ତାଙ୍କ ଅନେକ ଛାତ୍ରଛାତ୍ରୀ ସିଭିଲ୍ ସର୍ଭିସ୍‌ରେ ଯୋଗଦେଇ ପ୍ରାଶାସନିକ ସେବାରେ ନିୟୋଜିତ ରହିଛନ୍ତି। ସେ ଚାକିରୀରୁ ଅବସର ଗ୍ରହଣ କରିବା ପରେ ମୁମ୍ବାଇରେ ତାଙ୍କ ଝିଅଙ୍କ ପାଖରେ ରହୁଥିଲେ। ଆନ୍ତର୍ଜାତିକ ଆଇନ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ। ପ୍ରଫେସର ମିଶ୍ରଙ୍କ ଦୁଇଟି ସନ୍ତାନ ଅଛନ୍ତି। ପୁତ୍ର ଡକ୍ଟର ସନ୍ତୃପ୍ତ ମିଶ୍ର ବର୍ତ୍ତମାନ ରାଜ୍ୟସଭା ସାଂସଦ ଥିବାବେଳେ କନ୍ୟା ଡକ୍ଟର ଲିପ୍ସା ମିଶ୍ର ଅବସରପ୍ରାପ୍ତ ପ୍ରଫେସର ଅଟନ୍ତି। ତାଙ୍କ ପରଲୋକରେ ଅନେକ ପ୍ରଶଂସକ ଜନପ୍ରତିନିଧି ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଅଙ୍ଗଦାନ ପାଇଁ ସରକାରୀ ସ୍ତରୀୟ ସଚେତନତା ଅଭାବ

ଭୁବନେଶ୍ୱର,୧୨।୮ (ସମିସ): ବିଜ୍ଞାନର ଅଭୁତପୂର୍ବ ଅଗ୍ରଗତି ସତ୍ତ୍ୱେ ମଣିଷର ଅଙ୍ଗ ତିଆରି କରିବାରେ ଚିକିତ୍ସା ବିଜ୍ଞାନ ଅସଫଳ। କିନ୍ତୁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଅନ୍ୟ ଶରୀରରୁ(ଜୀବିତ କିମ୍ବା ମୃତ) ଅଙ୍ଗ ସଂଗ୍ରହ ଓ ପ୍ରତିରୋପଣ ଜରିଆରେ ଚିକିତ୍ସା ବିଜ୍ଞାନ ଅନେକ ଆଗରେ। ଚିକିତ୍ସା ବିଜ୍ଞାନରେ ଅଙ୍ଗଦାନ ଏକ ନୂଆ କ୍ଷେତ୍ର, ଯେଉଁଠି ମୃତ ମଣିଷର ହୃଦୟ, ଫୁସ୍‌ଫୁସ୍, ବୃକ୍କ, ଯକୃତ, ଆଖି, କର୍ଣ୍ଣିଆ ଆଦିକୁ ସଂଗ୍ରହ କରାଯାଇ ଅନ୍ୟ ଲୋକଙ୍କ ଦେହରେ ପ୍ରତିରୋପଣ କରାଯାଉଛି। କିନ୍ତୁ ଏ ଦିଗରେ ରହିଥିବା ଅନେକ ପ୍ରତିବନ୍ଧକର ପ୍ରତିକାର କରାଯାଇ ପାରିଲେ ଅଙ୍ଗଦାନ ମାନବ ସଭ୍ୟତାରେ ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିପାରିବ। ଅଙ୍ଗଦାନର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ମାସ ୧୩ ତାରିଖରେ 'ବିଶ୍ୱ ଅଙ୍ଗଦାନ ଦିବସ' ପାଳନ କରାଯାଏ। ଲୋକଙ୍କୁ ଅଧିକ ଜୀବନ ବଞ୍ଚାଇବା ପାଇଁ ମୃତ୍ୟୁ ପରେ ଅଙ୍ଗ ଦାନ କରିବାର ଗୁରୁତ୍ୱ ଉପରେ ଉତ୍ସାହିତ କରିବା ଏବଂ ଶିକ୍ଷା ଦେବା ଉଦ୍ଦେଶ୍ୟରେ ପାଳନ କରାଉଥିବା ବେଳେ ଏଥିପାଇଁ ସରକାରୀ ସ୍ତରରେ ସଚେତନତା ଅଭାବ ରହିଛି। ଅଙ୍ଗ ପ୍ରତିରୋପଣ ନିମନ୍ତେ ରାଜ୍ୟରେ ମୋଟ୍ ୧୨ଟି ହସ୍ପିଟାଲକୁ ସରକାରୀ ସ୍ୱୀକୃତି ମିଳିଥିବା ବେଳେ ସେଥିମଧ୍ୟରୁ ଭୁବନେଶ୍ୱରରେ ୧୧ଟି ଏବଂ କଟକରେ ଗୋଟିଏ ରହିଛି। ସେହିପରି ଟିସୁ ପ୍ରତିରୋପଣ ନିମନ୍ତେ ଭୁବନେଶ୍ୱର ୨ଟି ହସ୍ପିଟାଲକୁ ସରକାରୀ ସ୍ୱୀକୃତି ପ୍ରଦାନ କରାଯାଇଛି। ତେବେ କେବଳ ଅଙ୍ଗଦାତାଙ୍କୁ ବର୍ଷକୁ ଥରେ ପୁରସ୍କାର ଦେଇ ସରକାର ହାତଟେକି ଦେଉଥିବା ବେଳେ ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବାକୁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବା କୁହାଯାଉଛି। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ନିମନ୍ତେ ଚାରିଆଡ଼େ ବିଜ୍ଞାପନ ପୋଷ୍ଟର ଲଗାଯାଉଥିବା ବେଳେ ଅଙ୍ଗଦାନ ପାଇଁ ସେଭଳି କୌଣସି ପୋଷ୍ଟର, ଲିଫଲେଟ୍ ଦେଖିବାକୁ ମିଳୁନି।

- କେଉଁଠି ନାହିଁ ବିଜ୍ଞାପନ
- ପାଠ୍ୟ ପୁସ୍ତକରେ ସାମିଲ ସହ ସର୍ବସାଧାରଣ ସ୍ଥାନରେ ସଚେତନତା ଆବଶ୍ୟକ
- ଆଜି ବିଶ୍ୱ ଅଙ୍ଗଦାନ ଦିବସ

ପ୍ରତିବର୍ଷ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହରାଇ ବହୁ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟୁଛି। ବର୍ଷକୁ ପ୍ରାୟ ୨ଲକ୍ଷ ଲୋକେ ଯକୃତ ହରାଇବାରେ ମୃତ୍ୟୁବରଣ କରୁଥିବା ବେଳେ ପ୍ରାୟ ୫୦ ହଜାର ଲୋକଙ୍କର ହୃଦ୍‌ଘାତରେ ପ୍ରାଣ ଯାଉଛି। ସେହିପରି କିଡ୍‌ନୀ, ଅଗ୍ନାଶୟ, ଫୁସ୍‌ଫୁସ୍, ପାନ୍‌କ୍ରିୟାସ୍ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହରାଇ ପ୍ରାଣ ହରାଉଛନ୍ତି।କିନ୍ତୁ ଏହିସବୁ ଅଙ୍ଗ ଆବଶ୍ୟକତା ଅନୁସାରେ ପ୍ରତିରୋପଣ ହୋଇପାରୁ ନାହିଁ। ତେବେ ଭାରତର ଦ୍ୱିତୀୟ ରାଜ୍ୟ ଭାବେ ଓଡ଼ିଶାରେ ଅଙ୍ଗଦାତାଙ୍କ ମରଶରୀରକୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯିବା ସହ ଅଙ୍ଗଦାନ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ସୁରଜ୍ ସମ୍ମାନ' ପ୍ରଦାନ ଆରମ୍ଭ କରିଥିବା ବେଳେ ଭାରତରେ ଏହା ପ୍ରଥମ ଅଟେ। କିନ୍ତୁ ଏହାର ପ୍ରଚାର ପ୍ରସାର ଏବଂ ଅଙ୍ଗଦାନ ପାଇଁ ଲୋକଙ୍କ ମଧ୍ୟରେ



ସଚେତନତା ସୃଷ୍ଟି କରିବାକୁ ସରକାରୀ ସ୍ତରରେ ଗୁରୁତ୍ୱ ଦିଆଯାଉ ନ ଥିବା କୁହାଯାଉଛି। ଓଡ଼ିଶା ଜୀବନଦାନ ଅଭିଯାନ ଅଧୀନରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ଶରୀର ଦାନ ପାଇଁ ପଞ୍ଜୀକରଣ କରିଥିବା ବେଳେ ୨୦୦ରୁ ଉର୍ଦ୍ଧ୍ୱ ବଡ଼ି ବିଭିନ୍ନ ମେଡିକାଲ କଲେଜକୁ ପ୍ରଦାନ କରାଯାଇଛି। କିନ୍ତୁ ଅନେକ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। କାରଣ ମୃତକଙ୍କ ଶରୀର ଗୋଲ୍‌ଡେନ୍ ଟାଇମ୍ ମଧ୍ୟରେ ହସ୍ପିଟାଲରେ ପହଞ୍ଚିପାରେ ନାହିଁ। ଏହାସହ ଗ୍ରାମାଞ୍ଚଳରେ ମୃତକଙ୍କ ପରିବାର ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେଉଥିବା ବେଳେ ମୃତ ଶରୀରକୁ ହସ୍ପିଟାଲ ପହଞ୍ଚାଇବାକୁ ନିଜ ପକେଟ୍‌ରୁ ଖର୍ଚ୍ଚ କରିବାକୁ ପଡ଼ିଥାଏ। ତେଣୁ ଏଥିପାଇଁ ସରକାରୀ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ଅଭିଯାନ ପକ୍ଷରୁ କୁହାଯାଇଛି। ସେହିପରି ଭାରତ ଶରୀର ଓ ଅଙ୍ଗଦାନ ସମିତି, ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟ କହିଛନ୍ତି ଯେ, ମୁଁ ପ୍ରଥମେ ଓଡ଼ିଶାରେ ୨୦୧୨ ମସିହାରୁ ଭାରତ ଶରୀର ଅଙ୍ଗଦାନ ସମିତି ମାଧ୍ୟମରେ ସଚେତନତା ଆରମ୍ଭ କରିଥିଲି। ଏପର୍ଯ୍ୟନ୍ତ ୫୦ହଜାରରୁ ଉର୍ଦ୍ଧ୍ୱ ଲୋକେ ଅଙ୍ଗଦାନ ପାଇଁ ପଞ୍ଜୀକରଣ କରିଛନ୍ତି। ଏହାସହ ଅନ୍‌ଲାଇନ୍ (angadanna.com) ମାଧ୍ୟମରେ ମଧ୍ୟ ପଞ୍ଜୀକରଣ ସୁବିଧା ରହିଛି। କିନ୍ତୁ ଏ ସମ୍ପର୍କରେ ଶିକ୍ଷାନୁଷ୍ଠାନରେ ପାଠ୍ୟପୁସ୍ତକରେ ଏକ ସ୍ୱତନ୍ତ୍ର ବିଷୟକୁ ସ୍ଥାନ ଦେବା, ହସ୍ପିଟାଲ, ରେଳଷ୍ଟେସନ୍, ବସ୍‌ଷ୍ଟାଣ୍ଡ, ବିମାନବନ୍ଦର, ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ଜନଗହଳି ସ୍ଥାନରେ ସଚେତନତା ବାର୍ତ୍ତା ପ୍ରଦାନ, ଅନ୍ୟ ସରକାରୀ ଯୋଜନା ଭଳି ଅଙ୍ଗଦାନ ନେଇ ଖବରକାଗଜ, ଟେଲିଭିଜନ୍, ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେବା, ନାଟକ ମାଧ୍ୟମରେ ସଚେତନତ କରିବା ଆଦି ପଦକ୍ଷେପ ନେବା ଆବଶ୍ୟକ ସହ ଯେଉଁମାନେ ଏକ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ସରକାର ସହଯୋଗ କରିବା ଆବଶ୍ୟକ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ରେ କ୍ଲରିକାଲ କ୍ୟାଡରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ର ନିଯୁକ୍ତି
SC/ST/OBC ବକେୟା ଖାଲି ପଦବୀ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନ

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା: 1538

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CR/SPLDRIVE/2026-27/16** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 07.08.2026 ରୁ 27.08.2026 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ଉପଲବ୍ଧ ।

**ସ୍ଥାନ:** ମୁମ୍ବାଇ
**ତାରିଖ:** 07.08.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

## ସିଦ୍ଧକବି ପର୍ଶୁରାମ ବିହାରୀଙ୍କ ମହାପ୍ରୟାଣ ଦିବସ



ପାଣିକୋଇଲି,୧୨।୮ (ସମିସ): ସିଦ୍ଧକବି ପର୍ଶୁରାମ ବିହାରୀ ସ୍ମୃତିସଂସଦ ଅନୁକୂଲ୍ୟରେ ଭୁବନେଶ୍ୱରପୁର ବିହାରୀ ମଠରେ ମହାପ୍ରୟାଣ ଦିବସ ପାଳିତ ହୋଇଛି। ପ୍ରାତରୁ ବିହାରୀ ମଠସ୍ଥିତ ମହାଗିରି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୮ଟାରୁ ଭଗବତ ଗୀତା ପଠନ ଓ ପ୍ରସାଦ ସେବନ ପରେ ଭୁବନେଶ୍ୱରପୁର ବିଦ୍ୟାଳୟ ପରିସରରେ ସିଦ୍ଧ କବିଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭା ଅରବିନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଡ. ପ୍ରଭାତ କୁମାର ମହାପାତ୍ର ମୁଖ୍ୟ ବକ୍ତା ଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମ୍ମାନିତ ବକ୍ତା ଭାବେ ପଣ୍ଡିତ ଡ.ସୂର୍ଯ୍ୟମଣି ଖୁଣ୍ଟିଆ, ବିମଳ ଷଡ଼ଙ୍ଗୀ, ଡ. ସବିତା ଜେନା, ପ୍ରାଧ୍ୟାପକ ଶିବପ୍ରସାଦ ମାଝୀ, ବିଜୟ କୁମାର ମହାନ୍ତି, ଲଳିତ ମୋହନ ବେରିଗାଞ୍ଜନ ମହାପାତ୍ର, ସୁରେନ୍ଦ୍ର କୁମାର ରାୟ, ଅଧ୍ୟାପକ ନିତ୍ୟାନନ୍ଦ ଦେଓ ପ୍ରମୁଖ ଯୋଗଦେଇଥିଲେ। ସିଦ୍ଧକବି ଓଡ଼ିଆ ସନ୍ଥ ସାହିତ୍ୟ ଓ ତାତ୍ତ୍ୱିକ ଭଜନ ପରମ୍ପରାର ଜଣେ ଉଲ୍ଲେଖନୀୟ କବି ଭାବେ ପରିଚିତ। ଓଡ଼ିଆ ସନ୍ଥ ସାହିତ୍ୟକୁ ପର୍ଶୁରାମ ବିହାରୀଙ୍କ ଅବଦାନ ବିଷୟରେ ଆଲୋଚନା ଏବଂ ତାଙ୍କ ନାମରେ ସନ୍ଥ ପର୍ଶୁରାମ ବିହାରୀ ସମ୍ମାନ ପ୍ରଦାନ କରାଯାଏ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଶେଷରେ ବିଦ୍ୟାଧର ବିହାରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ମୃତି ସଂସଦ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଯଖପୁରାରେ ସାଇବର ସଚେତନତା ସଭା

ଯଖପୁରା,୧୨।୮ (ସମିସ): ଯଖପୁରା ଥାନା ପକ୍ଷରୁ ସ୍ଥାନୀୟ ଯଖପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଯଖପୁରା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଜିର ଆଧୁନିକ ଓ ଡିଜିଟାଲ୍ ଯୁଗରେ ସମାଜରେ ଦିନକୁ ଦିନ ବୃଦ୍ଧି ପାଉଥିବା ସାଇବର ଠକେଇ ଓ ଅପରାଧ ସମ୍ପର୍କରେ ସେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯଖପୁରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯୁଗପ୍ରଭା ସାବତ, ସହକାରୀ ଶିକ୍ଷୟିତ୍ରୀ ସୌଭାଗ୍ୟଲକ୍ଷ୍ମୀ ରାଉତ, ଏଏସ୍ଆଇ ବସନ୍ତ କୁମାର ସାହୁ, ସନ୍ତୋଷ ସାହୁ, ସମୀର ସ୍ୱାଇଁ, ଶୁଭାଦର୍ଶିନୀ ପାତ୍ର ଓ ମୋନାଲିପ୍ସା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କୋରେଇ ଥାନା ଅଧିକାରୀଙ୍କୁ ଡିଜିପି ସମ୍ମାନ



କୋରେଇ,୧୨।୮ (ସମିସ): ୯୧ତମ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ୨୦୨୬ ମସିହା ପାଇଁ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା, ନିଷ୍ଠାପର ସେବା ଓ କର୍ତ୍ତବ୍ୟନିଷ୍ଠା ନିମନ୍ତେ କୋରେଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କୁ "ଡିଜିପି ଡିସ୍କ' ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶ୍ରୀ ତ୍ରିପାଠୀଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ସମାରୋହରେ ରାଜ୍ୟର ମୋଟ ୫୫ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କର ଉତ୍କୃଷ୍ଟ ଓ ପ୍ରଶଂସନୀୟ ସେବା ପାଇଁ ଡିଜିପି ଡିସ୍କ ପ୍ରଦାନ କରାଯାଇଥିଲା। ତେବେ ଯାଜପୁର ଜିଲ୍ଲାରୁ ଏକମାତ୍ର ପୁଲିସ ଅଧିକାରୀ ଭାବେ କୋରେଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଏହି ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି। ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ରକ୍ଷା, ଜନସାଧାରଣଙ୍କୁ ଉତ୍ତମ ପୋଲିସ ସେବା ପ୍ରଦାନ ସହ କର୍ତ୍ତବ୍ୟ ପ୍ରତି ତାଙ୍କର ନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତାକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି।

### ବାବା ଭୈରବାନନ୍ଦ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

# 'ଶିକ୍ଷା ହିଁ ବିଶ୍ୱକୁ ପରିବର୍ତ୍ତନ କରିପାରିବ'



ବଡ଼ଚଣା,୧୨।୮ (ସମିସ):

ଗୋଟିଏ ଶିକ୍ଷାନୁଷ୍ଠାନ ୫୦ବର୍ଷ ପୂର୍ତ୍ତି କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ପାଞ୍ଚ ଦଶନ୍ଧିର ସଂଘର୍ଷ, ସଫଳତା ଏବଂ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଯାତ୍ରା। କଠିନ ପରିଶ୍ରମ ଓ ନିରନ୍ତର ଅଧ୍ୟୟନ ହିଁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରିବ। ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ ବୋଲି ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରିୟବ୍ରତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଶ୍ରୀ ନାୟକ ଗତାନୁଗତିକ ଶିକ୍ଷାକୁ ଗ୍ରହଣ କରି ଡାକ୍ତର, ଇଞ୍ଜିନିୟର ନ ହୋଇ ନିଜ ଭିତରେ ଥିବା ଦକ୍ଷତା ଓ ପ୍ରତିଭାକୁ ନେଇ ସମାଜରେ ପ୍ରତିଷ୍ଠିତ ହେବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ମହାବିଦ୍ୟାଳୟରେ ଶୈକ୍ଷିକ ପରିବେଶ ଓ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୨କୋଟି ୯୭ଲକ୍ଷ ଟଙ୍କା ବ୍ୟୟରେ ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ, ୫୦ଲକ୍ଷ ଟଙ୍କା ବ୍ୟୟରେ ଓପନ୍ ଆଡିଟୋରିୟମ୍ ନିର୍ମାଣ ହେବ। ମହାବିଦ୍ୟାଳୟ ପରିସର ଆଲୋକୀକରଣ ଓ ସ୍ୱଚ୍ଛତା ପ୍ରଭୃତି କାର୍ଯ୍ୟ କରାଯିବା ସହିତ ବିବି ମହାବିଦ୍ୟାଳୟକୁ ଏକ ଆଦର୍ଶ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିକ୍ଷାବିତ୍ ଦାଶ ବେନହୁର ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧ୍ୟାନ, ଅଧ୍ୟୟନ, ସାଧନା ଭିତରେ ସମନ୍ୱୟ ରକ୍ଷା କରି ସଫଳତାର ଶୀର୍ଷରେ ପହଞ୍ଚି ପାରିବ। ଶିକ୍ଷାନୁଷ୍ଠାନ କେବଳ ଡିଗ୍ରୀ ବାଣ୍ଟିବା ମାଧ୍ୟମ ନ ହୋଇ ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରାଇବାକୁ ପରାମର୍ଶ ଦେଇଥିଲେ। ମାଆ, ମାଟି, ମାତୃଭୂମି ଓ ମାତୃଭାଷାକୁ ଭଲ ପାଇବା ସହିତ ଆଜିର ଯୁବପିଢ଼ି ଭଲମନ୍ଦ ଭିତରେ ଫରକ, ନିଜକୁ ବୁଝିବା ଓ ବୁଝାଇବା, ନିଜେ ନିଜକୁ ଚଳାଇବା, ସମାଜ ପାଇଁ କିଛି କାର୍ଯ୍ୟ କରାଇବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଡ. ସତ୍ୟବ୍ରତ ମହାନ୍ତି ମହାବିଦ୍ୟାଳୟର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସଲିଲରାଜ ନନ୍ଦନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସାଧାରଣ ସଂପାଦକ ଦେବରାଜ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ କଲେଜର ଶିକ୍ଷା କ୍ୟାଲେଣ୍ଡରକୁ ଉନ୍ମୋଚନ କରିଥିଲେ। ଯୁକ୍ତ୨କଳା, ବିଜ୍ଞାନ, ବାଣିଜ୍ୟ ଓ ଯୁକ୍ତ ୩କଳା, ବିଜ୍ଞାନ ଓ ବାଣିଜ୍ୟରେ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଅଧ୍ୟାପକ ବିରଞ୍ଚି ନାରାୟଣ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆଗାମୀ ଡିସେମ୍ବର ମାସରେ ମହାବିଦ୍ୟାଳୟର ତିନି ଦିନ ବ୍ୟାପି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆୟୋଜିତ ହେବ ବୋଲି ଜଣାଯାଇଛି।

## ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଏମ୍‌ଆଇଟି-ଡବ୍ଲ୍ୟୁପିୟୁ ସହ ଏମ୍‌ଓୟୁ

ଦାନଗଦି,୧୨।୮ (ସମିସ): ଟନେଲ୍ ଓ ଭୂତଳ ଭିତ୍ତିଭୂମି ନିର୍ମାଣରେ ଷ୍ଟେନଲେସ୍ ଷ୍ଟିଲ୍‌ର ବ୍ୟବହାର ସମ୍ପର୍କରେ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ଆରମ୍ଭ ପାଇଁ ଜିନ୍ଦଲ ଷ୍ଟେନଲେସ୍ ଏବଂ ପୁଣେସ୍ଥିତ ଏମଆଇଟି ୱାର୍ଲ୍ଡ ପିସ୍ ୟୁନିଭର୍ସିଟି (ଏମଆଇଟି-ଡବ୍ଲ୍ୟୁପିୟୁ) ମଧ୍ୟରେ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। "ଷ୍ଟେନଲେସ୍ ଷ୍ଟିଲ୍: ଟନେଲ୍ ଏବଂ ଭୂତଳ ସ୍ପେସ୍ ନିର୍ମାଣ ପାଇଁ ଏକ ସ୍ଥାୟୀ, ସବୁଜ ଏବଂ ଅଭିନବ ସାମଗ୍ରୀ' ଶୀର୍ଷକ ଏହି ପାଠ୍ୟକ୍ରମରେ ଷ୍ଟେନଲେସ୍ ଷ୍ଟିଲ୍‌ର ଗ୍ରେଡ୍ ଚୟନ, କ୍ଷୟ ପ୍ରତିରୋଧ, ଡିଜାଇନ୍, ୱେଲ୍ଡିଂ, ଫ୍ୟାବ୍ରିକେସନ୍ ଓ ଜୀବନଚକ୍ର ମୂଲ୍ୟାୟନ ଭଳି ବିଷୟରେ ଛାତ୍ରଛାତ୍ରୀଙ୍କୁ ବ୍ୟାବହାରିକ ଜ୍ଞାନ ଦିଆଯିବ। ପାଠ୍ୟକ୍ରମରେ ୪୦ଟି ଅଧିବେଶନ ସହ ୮ଟି ପ୍ରାକ୍ଟିକାଲ୍ ସେସନ୍, କେସ୍ ଷ୍ଟଡି, ଶିଳ୍ପ ବିଶେଷଜ୍ଞଙ୍କ ସହ ଆଲୋଚନା, କ୍ଷେତ୍ର ପରିଦର୍ଶନ ଓ ପ୍ରକଳ୍ପ ଭିତ୍ତିକ ଶିକ୍ଷା ସାମିଲ ରହିବ। ପ୍ରଥମ ବ୍ୟାଚ୍‌ରେ ୨୫ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ଏହାକୁ ଛଅଜଣ ଅଧ୍ୟାପକ ଓ ଶିଳ୍ପ ବିଶେଷଜ୍ଞମାନେ ପରିଚାଳନା କରିବେ। ଏମଓୟୁରେ ଜିନ୍ଦଲ ଷ୍ଟେନଲେସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ ଖୁଲବେ ଏବଂ ଏମଆଇଟି-ଡବ୍ଲ୍ୟୁପିୟୁର ଇଞ୍ଜିନିୟରିଂ ଓ




ଟେକ୍ନୋଲୋଜି ବିଭାଗର ଡିନ୍ ଡ. ସିଦ୍ଧାର୍ଥ ଚକ୍ରବର୍ତ୍ତୀ ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତି ତିନି ବର୍ଷ ପାଇଁ ବୈଧ ରହିବ। ଏହି ସହଯୋଗ ଅଧୀନରେ ଜିନ୍ଦଲ ଷ୍ଟେନଲେସ୍ ପାଠ୍ୟକ୍ରମ ବିକାଶ ସହ ବିଶେଷଜ୍ଞଙ୍କ ଦ୍ୱାରା ପ୍ରାକ୍ଟିକାଲ୍ ଶିକ୍ଷା, ଶିକ୍ଷଣୀୟ ସାମଗ୍ରୀ, ପ୍ଲାଣ୍ଟ ପରିଦର୍ଶନ, ଇଣ୍ଟର୍ଣ୍ଣସିପ୍ ଓ ବାସ୍ତବ ପ୍ରକଳ୍ପ ଆଧାରିତ ଶିକ୍ଷାରେ ସହଯୋଗ କରିବ। ନିକଟରେ ଏମଆଇଟି-ଡବ୍ଲ୍ୟୁପିୟୁର ଏକ ଅଧ୍ୟାପକ ଦଳ ଜିନ୍ଦଲ ଷ୍ଟେନଲେସ୍‌ର ଯାଜପୁର କାରଖାନା ପରିଦର୍ଶନ କରି ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନ, ଧାତୁ ବିଜ୍ଞାନ, ଗୁଣବତ୍ତା ନିୟନ୍ତ୍ରଣ ଓ କ୍ଷୟ ପ୍ରତିରୋଧୀ ପ୍ରୟୋଗ ସମ୍ପର୍କରେ ଅନୁଭୂତି ହାସଲ କରିଥିଲେ। ଭାରତରେ ମେଟ୍ରୋ, ରେଳବାଇ, ରାଜପଥ, ଜଳବିଦ୍ୟୁତ ଓ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପରେ ଭୂତଳ ଭିତ୍ତିଭୂମିର ବିକାଶ ଦ୍ରୁତ ଗତିରେ ବଢୁଥିବାରୁ ଏଭଳି ସ୍ଥାୟୀ ଓ କ୍ଷୟ-ପ୍ରତିରୋଧୀ ସାମଗ୍ରୀ ସମ୍ପର୍କରେ ଦକ୍ଷ ଇଞ୍ଜିନିୟର ଗଢ଼ିବାରେ ଏହି ପାଠ୍ୟକ୍ରମ ସହାୟକ ହେବ ବୋଲି ଜିନ୍ଦଲ ଷ୍ଟେନଲେସ୍ ଓ ଏମଆଇଟି-ଡବ୍ଲ୍ୟୁପିୟୁ ପକ୍ଷରୁ କୁହାଯାଇଛି।

- ଏଟିଏମ୍ ଲୁଟ୍ ଉଦ୍ୟମ ଘଟଣା

## ମୁଖ୍ୟ ଅଭିଯୁକ୍ତ ଗିରଫ

ବିଞ୍ଝାରପୁର,୧୨।୮ (ସମିସ): ଅଳକୁଣ୍ଡ ଥାନା ଅନ୍ତର୍ଗତ ପ୍ରୀତିପୁର ବଜାର ନିକଟରେ ଥିବା ଏଚ୍‌ଡିଏଫ୍‌ସି ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ଘଟଣାରେ ଅଳକୁଣ୍ଡ ପୁଲିସକୁ ସଫଳତା ମିଳିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ମଙ୍ଗଳପୁର ଥାନା ଅଧୀନ ଦତ୍ତପୁର ଗ୍ରାମର ସୁକାନ୍ତ ମଲ୍ଲିକଙ୍କ ପୁଅ ସୁରେନ୍ଦ୍ର ମଲ୍ଲିକ (୨୪)କୁ ପୁଲିସ ଦଶରଥପୁର ବ୍ଲକ ଅଞ୍ଚଳରୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗତ ୪ ତାରିଖ ରାତିରେ ପ୍ରୀତିପୁର ବଜାର ନିକଟସ୍ଥ ଏଟିଏମ୍‌କୁ ଭାଙ୍ଗି ଲୁଟ୍ କରିବାକୁ ଉଦ୍ୟମ କରିବା ସହ ନିକଟରେ ଥିବା ଏକ ମୋବାଇଲ ଦୋକାନରୁ ଏକାଧିକ ମୋବାଇଲ ସହ ଚାର୍ଜର ଲୁଟି ନେଇଥିଲେ। ଏନେଇ ସିଏମ୍‌ଏସ୍ କର୍ମଚାରୀ ବିନୋଦବିହାରୀ ମିଶ୍ର ଅଳକୁଣ୍ଡ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ କେସ୍ ନଂ ୧୫୭/୨୬ରେ ମାମଲା ରୁଜୁ କରିବା ସହ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଆରମ୍ଭ ହୋଇଥିଲା। ଏସ୍‌ପି ୟସପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ତତ୍ତ୍ୱାବଧାନରେ ଅଳକୁଣ୍ଡ ଥାନା ଅଧିକାରୀ ଓ ମଙ୍ଗଳପୁର ଥାନା ଅଧିକାରୀଙ୍କ ନେତୃତ୍ୱରେ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯିବା ସହ ଦଶରଥପୁର ଅଞ୍ଚଳରୁ ସୁରେନ୍ଦ୍ରକୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିଲା। ଏହି ଘଟଣାରେ ଆଉ କିଛି ବ୍ୟକ୍ତିଙ୍କୁ ପୁଲିସ ଉଠାଇ ଆଣି ପଚରାଉଚରା କରୁଥିବା ଜଣାପଡ଼ିଛି। ତଦନ୍ତ ଚାଲିଥିବାରୁ ଏବେ ସେମାନଙ୍କ ନାମ ପ୍ରକାଶ କରାଯାଉନାହିଁ। ତଦନ୍ତରେ ବାଧା ସୃଷ୍ଟି ହେବାର ସମ୍ଭାବନା ଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ଗୋପନ ରଖାଯାଇଛି ବୋଲି ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ପ୍ରକାଶ କରିଛନ୍ତି। ଏନେଇ ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ଓ ଅଳକୁଣ୍ଡ ଥାନା ଅଧିକାରୀ ବିଭୂ ରାଉତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ

ସିଂହପୁର,୧୨।୮ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବନ୍ୟାରେ ପ୍ରଭାବିତ ହୋଇଥିବା ହଳଦୀଡିହ, ଫଳପୁର, ଗଜଡିହ, ଜରି ଆଦି ଗ୍ରାମରେ ପ୍ରଦେଶ କଂଗ୍ରେସର ସଭାପତି ଭକ୍ତଚରଣ ଦାସଙ୍କ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଆଜି ରିଲିଫ ବଣ୍ଟନ କରାଯାଇଛି। ବିଞ୍ଝାରପୁର ବ୍ଲକ କଂଗ୍ରେସ କମିଟି ମାଧ୍ୟମରେ କଂଗ୍ରେସ ନେତ୍ରୀ କନକ ଲତା ମଲ୍ଲିକଙ୍କ ନେତୃତ୍ୱରେ ରିଲିଫ୍ ବଣ୍ଟନ କରଯାଇଥିଲା ଏହି ଅଞ୍ଚଳରେ ଗତ ୩୦ ତାରିଖରେ ନୂଆମାହାରଠାରେ ଘାଇ ହୋଇଥଲା। ଅନେକ ଗ୍ରାମ ଜଳବନ୍ଦୀ ହୋଇଯାଇଥିଲା। ଏବେବି ଗ୍ରାମରେ ବନ୍ୟା ଜଳ ରହିଛି। ବିଞ୍ଝାରପୁର ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରତାପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ରିଲିଫ ବଣ୍ଟନରେ ମହେଶ୍ୱର ଦାସ, ଲକ୍ଷ୍ମୀଧର ମଲ୍ଲିକ, ଜଳଧର ଜେନା, ସୁଲୋଚନା ଦାସ, ପ୍ରକାଶ ଦାସ, ଗଗନ ବିହାରୀ ସାମଲ, ଗଜେନ୍ଦ୍ର ଦାସ, ନିରଞ୍ଜନ ଗୁରୁ ପ୍ରମୁଖ ସାମିଲ ହୋଇଥିଲେ।

## ଶିଳ୍ପାଞ୍ଚଳ କର୍ମଚାରୀ ଓ ଶ୍ରମିକଙ୍କ ସୁରକ୍ଷା ଦାବି

ଦାନଗଦି,୧୨।୮ (ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳରେ ବାରମ୍ବାର ଘଟୁଥିବା ଦୁର୍ଘଟଣା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସୁକିନ୍ଦାର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ। ଏ ସମ୍ପର୍କରେ ହସ୍ତକ୍ଷେପ ଓ ଆଇନଗତ ସୁରକ୍ଷା ଯାଞ୍ଚ କରାଯିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଭାରତ ସରକାରଙ୍କ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ, କାର୍ଯ୍ୟ ପରିସ୍ଥିତି ସଂହିତା-୨୦୨୦ର ବ୍ୟବସ୍ଥା ଅନୁଯାୟୀ, ନିଯୁକ୍ତିଦାତାମାନେ ଏପରି କାର୍ଯ୍ୟସ୍ଥଳ ସୁନିଶ୍ଚିତ କରିବା ଉଚିତ, ଯାହା ଶ୍ରମିକଙ୍କୁ ଆହତ କରିବା କିମ୍ବା ବୃତ୍ତିଗତ ରୋଗ ସୃଷ୍ଟି କରିପାରୁଥିବା ବିପଦରୁ ମୁକ୍ତ ରହିବ। ଏଥିସହିତ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ପ୍ରଦାନ ଓ ରକ୍ଷଣାବେକ୍ଷଣ କରିବା ମଧ୍ୟ ନିଯୁକ୍ତିଦାତାଙ୍କ ଦାୟିତ୍ୱ। ଉକ୍ତ ଆଇନରେ ଦୁର୍ଘଟଣା ଓ ବିପଜ୍ଜନକ ଘଟଣାର ସୂଚନା ପ୍ରଦାନ, ସୁରକ୍ଷା କମିଟି, ଯାଞ୍ଚ ଓ ଆଇନ ପ୍ରବର୍ତ୍ତନ ସମ୍ପର୍କିତ ବ୍ୟବସ୍ଥା ମଧ୍ୟ ରହିଛି। ଉପରୋକ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି, ମୁଖ୍ୟମନ୍ତ୍ରୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇ ପ୍ଲାଣ୍ଟରେ ଶ୍ରମିକ ସୁରକ୍ଷା, ବିପଦ ପ୍ରତିରୋଧ ଓ ସୁରକ୍ଷା ପରିଚାଳନା ସମ୍ପର୍କିତ ଏକ ତତ୍କାଳ ଓ ବ୍ୟାପକ ସୁରକ୍ଷା ଯାଞ୍ଚ କରିବାକୁ ପୂର୍ବତନ ମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହା ଦ୍ୱାରା ଥିବା ପ୍ରକୃତ ସୁରକ୍ଷା ତ୍ରୁଟିଗୁଡ଼ିକ ଚିହ୍ନଟ କରାଯାଇ, ଭବିଷ୍ୟତରେ ଆହୁରି ଦୁର୍ଘଟଣା, ଜୀବନହାନି କିମ୍ବା ଅକ୍ଷମତା ଘଟିବା ପୂର୍ବରୁ ସେଗୁଡ଼ିକର ଯଥାଶୀଘ୍ର ସୁଧାର କରାଯାଇପାରିବ। ବୃହତ୍ ଶିଳ୍ପ ପ୍ରତିଷ୍ଠାନର କାର୍ଯ୍ୟକଳାପ ସହ ଜଡ଼ିତ ସମ୍ଭାବ୍ୟ ବିପଦକୁ ବିଚାରକରି, ଶ୍ରମିକମାନଙ୍କ ସୁରକ୍ଷା ଓ କଲ୍ୟାଣର ବୃହତ୍ତର ସ୍ୱାର୍ଥରେ ଏହି ବିଷୟକୁ ଅତ୍ୟନ୍ତ ଜରୁରୀ ଭାବେ ବିଚାର କରିବାକୁ ଅନୁରୋଧ କରିଛନ୍ତି।

## ହିନ୍ଦୀ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା



କୋରେଇ,୧୨।୮ (ସମିସ): କୋରେଇ ବ୍ଲକ ମସୁଦପୁର ଗୁରୁପ୍ରସାଦ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଲକ୍ଷ୍ମୀନାରାୟଣ କରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ପିନାକ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମା' ତାରିଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତି, ମୁଖ୍ୟବକ୍ତା ଭାବେ ଅଦ୍ୱେତ ପ୍ରସାଦ ଦାସ, ସମ୍ମାନିତ ଅତିଥି ଭାବେ ଓଷ୍ଟା ଜିଲ୍ଲା ସଭାପତି ସୁନନ୍ଦ କୁମାର ରାଉତ, ଓଷ୍ଟା ସଂପାଦକ ପବିତ୍ର କୁମାର ପଣ୍ଡା, ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘର ସଭାପତି ପ୍ରଭାକର ସ୍ୱାଇଁ, ମା' ତାରିଣୀ କଲେଜର ଅଧ୍ୟାପକ ସମରେନ୍ଦ୍ର ଦାସ, ପରିଚାଳନା କମିଟିର ସଭାପତି ଗୟାଧର ଦାସ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ବିପ୍ଳବ ସାହୁ, ଅଟଳ ବିହାରୀ ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରମଣି ଦାସ, ଗୁରୁ ପ୍ରସାଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ପାଣି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ସେନାପତି, ମନୋଜ ବେହେରା, ସୁରେଶ ଚନ୍ଦ୍ର ସାହୁ, ସୋମନାଥ ତ୍ରିପାଠୀ, ରବୀନ୍ଦ୍ର ନାୟକ, ବିଜୟ କୁମାର ସ୍ୱାଇଁ, ଅକ୍ଷୟ କୁମାର ସାମଲ, ନାରାୟଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ବିଷ୍ଣୁଚରଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

### ଦେଶପ୍ରେମର ବାର୍ତ୍ତା ନେଇ ପଦଯାତ୍ରା

# ଘରେ ଘରେ ଉଡ଼ିଲା ତ୍ରିରଙ୍ଗା






କବାଟବନ୍ଧ,୧୨।୮ (ସମିସ):

ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରତ୍ୟେକ ମଣ୍ଡଳରେ ବହୁ ଆନନ୍ଦ ଉଲ୍ଲାସର ସହିତ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ କବାଟବନ୍ଧ ମଣ୍ଡଳରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ମଣ୍ଡଳ ସଭାପତି ନେତ୍ରାନନ୍ଦ ପାତ୍ର, ମଣ୍ଡଳ ପ୍ରଭାରୀ ରାଜେଶ ପାଲ, ବ୍ଲକ ଉପାଧ୍ୟକ୍ଷ ବିଶ୍ୱବିଜୟିନୀ ମିଶ୍ର, ଯୁବ ନେତା ସୁଶାନ୍ତ କୁମାର ଜେନା, ଦିଲ୍ଲୀପ କୁମାର ମଲ୍ଲିକ, ସ୍ମୃତିରଞ୍ଜନ ଧୀର, ଗଜେନ୍ଦ୍ର ପାତ୍ର ଏବଂ ଅନ୍ୟ ବିଜେପି କର୍ମୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ମର୍ଜିତାପୁର ହିଙ୍ଗୁଳା ପଡ଼ିଆଠାରୁ ବାହାରି ରାଇଛନ୍ଦା ପଞ୍ଚାୟତ ଗୁରୁବାର ହାଟ ପର୍ଯ୍ୟନ୍ତ ଦେଶପ୍ରେମର ବାର୍ତ୍ତା ନେଇ ପଦଯାତ୍ରାରେ ପହଞ୍ଚିଥିଲେ। ସ୍ଥାନୀୟ କବାଟବନ୍ଧ, ମର୍ଜିତାପୁର, ମଧୁସୂଦନପୁର, ରାଇଛନ୍ଦା, ତାଳଜଙ୍ଗ, ରେଖିଦେଇପୁର, ଏଣ୍ଡଲବା, ଚକ୍ରଧରପୁର, ଅଞ୍ଜିରା ଆଦି ପଞ୍ଚାୟତ ହଜାର ହଜାର ଲୋକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

**କୟାଁଗୋଲା:** ରାହାସାହୀ ପଞ୍ଚାୟତରେ ୮୦ତମ ସ୍ୱାଧୀନତା ଦିବସ ଅବସରରେ "ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ନେଇ ଆୟୋଜିତ ଏହି ତ୍ରିରଙ୍ଗା ଯାତ୍ରାରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ବିଜେପି ନେତ୍ରୀ ବବିତା ମଲ୍ଲିକ ଯୋଗଦେଇଥିଲେ। ଏହି ଅବସରରେ ବାଘୁଆଶୁଣି ମଣ୍ଡଳ ସଭାପତି ଶୁକଦେବ ଦାସ, ଜୟନ୍ତ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ସଞ୍ଜୟ ପତି, ମନୋରଞ୍ଜନ ସାହୁ, ପୀତବାସ ବେହେରା, ଶୈଳେନ୍ଦ୍ର ସାମଲ, ପ୍ରସେସ ସୁତାର ଓ ଶୁଭେନ୍ଦୁ ଦାସଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା, କର୍ମୀ, ମହିଳା ଓ ସ୍ଥାନୀୟ ଲୋକେ ଯୋଗଦେଇ ଜାତୀୟ ପତାକା ପ୍ରତି ସମ୍ମାନ ଜଣାଇଥିଲେ। ରାହାସାହୀ ଶିଶୁମନ୍ଦିର ନିକଟସ୍ଥ ପଡ଼ିଆରୁ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇ ବୃନ୍ଦାବନପୁର ଗ୍ରାମର ଶେଷମୁଣ୍ଡରେ ଶେଷ ହୋଇଥିଲା। ତ୍ରିରଙ୍ଗା ଯାତ୍ରାରେ ଦେଶପ୍ରେମର ସ୍ଲୋଗାନ ସହ ଅଂଶଗ୍ରହଣକାରୀମାନେ ଜାତୀୟ ପତାକା ଧରି ଯାତ୍ରା କରିଥିଲେ।

**କୁଆଖିଆ:** କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକ ଅଧୀନ ହିଙ୍ଗୁଳା ମଣ୍ଡଳରେ ବିଜେପି ତରଫରୁ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋରେଇ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସନାୟକ ଯୋଗଦେଇ ପଦଯାତ୍ରା କରିଥିଲେ। ହିଙ୍ଗୁଳା ମଣ୍ଡଳର ବରାଂଶ ଛକଠାରୁ କୁଆଖିଆ ବଜାର ସାରଙ୍ଗପୁର ମେଳଣ ପଡିଆ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ବିଶାଳ ପଦଯାତ୍ରାରେ ବହୁ ବିଜେପି କାର୍ଯ୍ୟକର୍ତ୍ତା, ସାଇ ନର୍ସିଂ କଲେଜ ଛାତ୍ରଛାତ୍ରୀ ସାମିଲ ହୋଉଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ବିଧାୟକଙ୍କ ମିଡିଆ ପ୍ରତିନିଧି ପଦ୍ମଲୋଚନ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଶିଶିର ମହାନ୍ତି, ବରିଷ୍ଠ ବିଜେପି ନେତା ଗୋପିନାଥ ପତି, ଶଶୀଭୁଷଣ ସାହୁ, ସୁବାସ ନାୟକ, ମଣ୍ଡଳ ସଭାପତି ବିନୋଦ ମହାରଣା, ଦେବକାନ୍ତ ନାୟକ, ମୁଗପାଳ ସରପଞ୍ଚ ପ୍ରଜ୍ଞପରିମିତା ମାଲିକ, ସମିତିସଭ୍ୟ ନରତ୍ତମ ସାହୁ, ମାମି ମହାନ୍ତି, ଦିଲୀପ ଦାସ, ଦୁଷ୍ମନ୍ତ ମଲ୍ଲିକ, ନରେଶ ଆଇଚ, ବଡକଇଁଚି ଏବଂ ଲକ୍ଷ୍ମୀନଗର ବିଜେପି ସଭାପତି ପ୍ରକାଶ ସାହୁ, ପ୍ରଫୁଲ୍ଲ ସାହୁ, ସରପଞ୍ଚ ସର୍ବେଶ୍ୱର ସାହୁ, ରମାକାନ୍ତ ବେହେରା, ହିମାଂଶୁ ବେହୁରିଆ, ନିର ପ୍ରଧାନ, ଅକ୍ଷୟ ସାହୁ, ଏବଂ ବହୁ ବିଜେପି ନେତା, ମୁଗପାଳ କଲେଜ, ସାଇ ନର୍ସିଂ କଲେଜର ଅଧାପିକା ଅଧାପକ ମାନେ ଯାତ୍ରାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଧାୟକ ଜାରି ରଖିଥିବା ସବୁଜ କୋରେଇ ବୃକ୍ଷ ବଣ୍ଟନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରକାର ବୃକ୍ଷ ବଣ୍ଟନ କରାଯାଇଥିଲା।

## ପଞ୍ଚାୟତ ଅଫିସରେ ଜାତୀୟ ପତାକାର ଅବମାନନା

ବିଞ୍ଝାରପୁର,୧୨।୮ (ସମିସ): ବିଞ୍ଝାରପୁର ବ୍ଲକ ଶାସନ୍ଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକାକୁ ନେଇ ଅବହେଳାର ଚିତ୍ର ସାମ୍ନାକୁ ଆସିଛି। ପଞ୍ଚାୟତ କାର୍ଯ୍ୟାଳୟର ପ୍ରବେଶ ଦ୍ୱାର ଉପରେ ଲାଗିଥିବା ଜାତୀୟ ପତାକାଟି ପୁରୁଣା ଓ ଅସମ୍ମାନଜନକ ଅବସ୍ଥାରେ ଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପତାକାଟି ଦୀର୍ଘଦିନ ଧରି ସେହି ଅବସ୍ଥାରେ ରହିଥିଲେ ମଧ୍ୟ ପଞ୍ଚାୟତ ପ୍ରଶାସନ କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷ ଏହା ପ୍ରତି ଦୃଷ୍ଟି ଦେଇନଥିବା ଅଭିଯୋଗ ହୋଇଛି। ସ୍ୱାଧୀନତା ଦିବସ ପାଳନ ପାଇଁ ସମଗ୍ର ଦେଶ ପ୍ରସ୍ତୁତ ହେଉଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟରେ ଜାତୀୟ ପତାକାର ଏଭଳି ଅବସ୍ଥା ପ୍ରଶାସନିକ ଅବହେଳାକୁ ନେଇ ପ୍ରଶ୍ନ ଉଠାଇଛି। ତୁରନ୍ତ ପତାକାଟିକୁ ହଟାଇ ନିୟମାନୁଯାୟୀ ନୂତନ ପତାକା ଲଗାଇବା ସହ ଘଟଣାର ତଦନ୍ତ କରି ଦାୟୀ କର୍ମଚାରୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ତିଳୋତ୍ତମା ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, "ହର ଘର ତିରଙ୍ଗା' କାର୍ଯ୍ୟକ୍ରମରେ ପତାକା ଲଗାଯାଇଛି। ଲୋକେ ଚଢ଼ି ପାରୁନଥିବାରୁ ପତାକାଗୁଡ଼ିକୁ ଓହ୍ଲାଇ ଦିଆଯିବ ବୋଲି ସେ କହିଛନ୍ତି।

# ଜିଲ୍ଲାସ୍ତରୀୟ ଡେଙ୍ଗୁ ନିରାକରଣ ମାସ



**ଯାଜପୁର,୧୨।୮ (ସମିସ):** ଆଜି ଜିଲ୍ଲାସ୍ତରୀୟ ଡେଙ୍ଗୁ ନିରାକରଣ ପାଇଁ ଏକ ବୈଷୟିକ କମିଟି ସଭା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନଗେନ୍ଦ୍ରନାଥ ମହାପାତ୍ର ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ମଲ୍ଲିକ ଡେଙ୍ଗୁ ନିରାକରଣ ପାଇଁ ଜିଲ୍ଲାରେ ନିଆ ଯାଇଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ପରାମର୍ଶଦାତା ବଳଦେବ ନନ୍ଦ ପାୱାର ପଏଣ୍ଟ ମାଧ୍ୟମରେ ଡେଙ୍ଗୁ ରୋଗର କାରଣ, ନିରାକରଣ ଜିଲ୍ଲାର ପ୍ରସ୍ତୁତି ବୈଠକ ଏବଂ ଭେକ୍ଟର ବାହିତ ରୋଗ ଯଥା ମ୍ୟାଲେରିଆ ଏବଂ ଫାଇଲେରିଆ ରୋଗ ସମ୍ବନ୍ଧୀୟ ଜିଲ୍ଲାର ଅଗ୍ରଗତି ସମ୍ବନ୍ଧରେ ଗୃହକୁ ଅବଗତ କରାଇଥିଲେ। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ (ସ୍ୱାସ୍ଥ୍ୟ ସେବା) ଡା. ଶୁଭାଶିଷ ମହାନ୍ତି ଫାଇଲେରିଆ ନିରାକରଣ ପାଇଁ ଜିଲ୍ଲାରେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଜିଲ୍ଲାପାଳ ଶ୍ରୀ କର ବିଭିନ୍ନ ଶିଳ୍ପ ସଂସ୍ଥାରୁ ଯୋଗ ଦେଇଥିବା ଅଧିକାରୀଙ୍କୁ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପାଇଁ ମଶାରି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେବା ସହିତ ଆଗାମୀ ୩ ମାସର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ କହିଥିଲେ। ପରେ ଜିଲ୍ଲାର ୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହେବାକୁ ଥିବା ଏଲସିଡିସି କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଗାମୀ ଅଗଷ୍ଟ ୧୭ରୁ ୩୧ ତାରିଖ ପର୍ଯ୍ୟନ୍ତ ଆଶାମାନଙ୍କ ଦ୍ୱାରା ଘରକୁ ଘର ବୁଲି କୁଷ୍ଠ ରୋଗ ଚିହ୍ନଟ ସମ୍ବନ୍ଧୀୟ ସୂଚନା ଦିଆଯାଇଥିଲା। ଏହି ସଭାରେ ଜିଲ୍ଲାସ୍ତରୀୟ ଅଧିକାରୀ, ଅଧୀକ୍ଷକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା କାର୍ଯ୍ୟକ୍ରମର ପରିଚାଳକ, ଶିଳ୍ପ ସଂସ୍ଥାର ଅଧିକାରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଏବଂ ପରିଚାଳକମାନେ ଯୋଗ ଦେଇଥିଲେ। ପରିଶେଷରେ ଡା. ରମେଶ ଚନ୍ଦ୍ର ମଲ୍ଲିକ ଏହି ସଭାର ପରିଚାଳନା ପାଇଁ ସମସ୍ତଙ୍କୁ ଧନ୍ୟବାଦ ହୋଇଥିଲେ।

## ବନ୍ୟା ବେଳେ ବିଜେପିର ଗୋଷ୍ଠୀ କନ୍ଦଳ

# ବିଧାୟକଙ୍କ ନିର୍ଦ୍ଦେଶରେ ସାଂସଦ ପ୍ରତିନିଧି ଥାନାରେ ଅଟକ

ଯାଜପୁର,୧୨।୮ (ସମିସ)

ଯାଜପୁର ଜିଲ୍ଲାର ବରୀ ନିର୍ବାଚନ ମଣ୍ଡଳୀରେ ଆସିଥିବା ବନ୍ୟା ଛାଡିଯାଇଛି। ବରୀ ବ୍ଲକର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ଅନେକ ଧନ ଜୀବନ ନଷ୍ଟ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ରାଜ୍ୟସ୍ତରୀୟ ନେତା ବନ୍ୟା ବିପନ୍ନଙ୍କ ଦୁଃଖ ବୁଝିବାକୁ ଆସିନନାହାନ୍ତି। ତେବେ ଆଜି ସମବାୟ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବନ୍ୟାଞ୍ଚଳ ପରିଦର୍ଶନ କରିବାକୁ ଆସିଥିଲେ। ଏହି ସମୟରେ ଦଳୀୟ ଗୋଷ୍ଠୀ କନ୍ଦଳ ଦେଖାଦେଇ ମାମଲା ଥାନା ପର୍ଯ୍ୟନ୍ତ ଯାଇଥିଲା।

ସୂଚନା ମୁତାବକ ଚଳିତ ବନ୍ୟାରେ ବରୀ ବ୍ଲକ ଯଥେଷ୍ଟ ପ୍ରଭାବିତ ହୋଇଥିବା ବେଳେ ସରକାରୀ ସ୍ତରରେ ଓ ବେସରକାରୀ ଭାବେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ସହଯୋଗର ହାତ ବଢ଼ାଇଥିଲେ। ବୁଧବାର ଦିନ ରାଜ୍ୟ ସରକାରଙ୍କ ସମବାୟ ମନ୍ତ୍ରୀ ଶ୍ରୀ ସାମନ୍ତ ବରୀର ବନ୍ୟାଞ୍ଚଳ ପରିଦର୍ଶନ ସମୟରେ ଆସିଥିବା ବେଳେ କିମ୍ବିରିଆପାଳ ପଞ୍ଚାୟତର ବାଙ୍କସାହି ଠାରେ ବନ୍ୟା ଦ୍ୱାରା ସୃଷ୍ଟି ହୋଇଥିବା ଘାଇ ପରିଦର୍ଶନ କରି ବରୀ ଜଳସମ୍ପଦ ଡାକବଙ୍ଗଳାଠାରେ ପହଞ୍ଚିଥିଲେ। ସେଠାରେ ରାଜ୍ୟ ବିଜେପି ମୁଖପାତ୍ର ମନୋଜ ମହାପାତ୍ର ପହଞ୍ଚିବା ବେଳେ ବରୀ ବିଜେପି ନେତା ଉମେଶ ଜେନାଙ୍କ ସମର୍ଥକ ବୋଲାଉଥିବା କିଛି ଦଳୀୟ କର୍ମୀ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଜଳସମ୍ପଦ ବିଭାଗର ଡାକ ବଙ୍ଗଳାକୁ ପୂରାଇ ଦେଇନଥିଲେ। ଏହି ସମୟରେ ଯାଜପୁର ସାଂସଦ ପ୍ରତିନିଧି ଅଶୋକ କୁମାର ବେହେରା ମଧ୍ୟ ମନୋଜଙ୍କୁ ବିରୋଧ କରିବାରୁ ତାଙ୍କୁ ମଧ୍ୟ ବିଜେପିର ଦଳୀୟ କର୍ମୀମାନେ ଗାଳି ଗୁଲଜ କରିବାର ଦେଖିବାକୁ ମିଳିଥିଲା। ଅନ୍ୟ ପକ୍ଷରେ ବରୀ ବିଜେପିର ଜଣେ ବରିଷ୍ଠ କର୍ମକର୍ତ୍ତା ରାଜୁ ପରିଡ଼ା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସହିତ ଯୁକ୍ତି ତର୍କ କରିବାରୁ ଲିକୁଙ୍କ ନିର୍ଦ୍ଦେଶରେ ବରୀ ପୁଲିସ ଅଶୋକ ବେହେରା ଏବଂ ରାଜୁଙ୍କୁ ଥାନାକୁ ଉଠାଇ ନେଇଥିଲା। ବରୀ ବନ୍ୟା ବିପନ୍ନମାନେ ସମସ୍ୟାରେ ଉବୁଟୁବୁ ହୋଇଥିବା ବେଳେ ବିଜେପି ନେତା ଦଳୀୟ କନ୍ଦଳରେ ମାତିବା ଘଟଣାକୁ ନେଇ ସାଧାରଣରେ ନାନା ସମାଲୋଚନା କରାଯାଇଛି। ବରୀରେ ବିଜେଡି ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟ ଲାଭ କରି ନିଜର ଦବଦବା ରଖିଥିବା ବେଳେ ଭାଜପାର ଦଳୀୟ ଗୋଷ୍ଠୀ କନ୍ଦଳ ଆଗାମୀ ଦିନରେ ଏହି ଦଳ ପାଇଁ ଆହୁରି ମହଙ୍ଗା ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ମନୋଜ ମହାପାତ୍ରଙ୍କ ହସ୍ତକ୍ଷେପ ଫଳରେ ବରୀ ପୁଲିସ ଅଟକ ଦୁଇ ବିଜେପି ନେତାଙ୍କୁ ଛାଡିଥିବା ସୂଚନା ମିଳିଛି।



## ସନ୍ଥ ପର୍ଶୁରାମ ବିହାରୀଙ୍କ ସ୍ମୃତିସଭା

# ସମାଧି ପୀଠରେ ସିମେଣ୍ଟ ଚେୟାର ସ୍ଥାପନା




**କୁନ୍ଦଳ,୧୨।୮ (ସମିସ):** ମହାନ ସନ୍ଥ ସାଧକ ପର୍ଶୁରାମ ବିହାରୀଙ୍କ ଶ୍ରାଦ୍ଧୋତ୍ସବ ପ୍ରତିବର୍ଷ ଚିତାଲାଗି ଅମାବାସ୍ୟାରେ ପାଳିତ ହୋଇଥାଏ। କୁହାଯାଏ ୧୬୫୦ରୁ ୧୭୦୦ ଖ୍ରୀଷ୍ଟାବ୍ଦରେ ସନ୍ଥ ପର୍ଶୁରାମଙ୍କ ଜନ୍ମ। ବଡ଼ଚଣା ବ୍ଲକ ଗୋପାଳପୁର ଠାରେ ଜନ୍ମିତ ହୋଇ ସ୍ଥାନୀୟ ବହଡ଼ିଆ ପାହାଡ଼ର ଏକ ଗୁମ୍ଫାରେ ସାଧନାରତ ହୋଇ ସେଠାରେ ସିଦ୍ଧିପ୍ରାପ୍ତ ହୋଇଥିଲେ। ଏହା ସହିତ ଓଡ଼ିଶାର ଅନେକ ଜିଲ୍ଲା ବିଶେଷ କରି ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ପାଣିକୋଇଲି ଠାରେ ଅନେକ ମଠ ମନ୍ଦିର ମଧ୍ୟ ସନ୍ଥ ପର୍ଶୁରାମଙ୍କ ଦ୍ୱାରା ସ୍ଥାପନା ହୋଇଥିଲଣା। ତତ୍‌ସହିତ ସେ ଅନେକ କାଳଜୟୀ ଭଜନ, ଚଉତିଶା, ଅଖଣ୍ଡଗୀତା ଆଦି ରଚନା କରିଯାଇଛନ୍ତି। ତେବେ ସେ ଇଚ୍ଛାଧିନ ଜୀବନ୍ତ ସମାଧି ଗୋପାଳପୁରର ଉଦୟଗିରି ପର୍ବତରେ ନେଇଥିଲେ। ଅଧାବଧି ଉକ୍ତ ମଠଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ତେବେ ସନ୍ଥଙ୍କର ଶ୍ରାଦ୍ଧୋତ୍ସବ ପାଳିତ ଅବସରରେ ପୀଠରେ ସିମେଣ୍ଟ ଚେୟାର ସ୍ଥାପନା କରଯାଇଛି। ପ୍ରଥମେ ପୂଜାପାଠ ପରେ ହୋମ ଯଜ୍ଞ ହେବା ପରେ ଦିନତମାମ ଭଜନ କୀର୍ତ୍ତନ ଓ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରସନ୍ନ କୁମାର ସାମଲ ମେମୋରିଆଲ ଟ୍ରଷ୍ଟ ତରଫରୁ ଶ୍ରଦ୍ଧାଳୁମାନଙ୍କ ବିଶ୍ରାମ ନିମନ୍ତେ ସିମେଣ୍ଟ ଚେୟାର ସ୍ଥାପନା କରାଯାଇଥିଲା। ଟ୍ରଷ୍ଟର ସଭାପତି ଇଂ.ଆଶୁତୋଷ ସାମଲ, ସଦସ୍ୟ ବିମଳ ଲୋଚନ ସାମଲ, ଇଂ.ପ୍ରିୟବ୍ରତ ସାମଲ, ସମାଜସେବୀ କ୍ଷୀରୋଦ କୁମାର ବେହେରା ପ୍ରମୁଖ ଶ୍ରାଦ୍ଧୋତ୍ସବରେ ଯୋଗଦେଇ ସନ୍ଥ ପର୍ଶୁରାମଙ୍କ ଆଶିଷ ଭିକ୍ଷା କରିବା ସହ ଚେୟାର ସ୍ଥାପନା କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**କୁନ୍ଦଳ,୧୨।୮ (ସମିସ):** ବଡ଼ଚଣା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଅଣକା ପଞ୍ଚାୟତସ୍ଥିତ ମହାଦେଇପୁର ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷକ ବିଧୁଭୂଷଣ ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାହଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ମହାଦେଇପୁର ଉପ୍ରା ବିଦ୍ୟାଳୟର ପ୍ରତିଷ୍ଠାତା ସମାଜସେବୀ ବାନାମ୍ବର ଲେଙ୍କା ଅନ୍ୟତମ ଅତିଥି ଭାବେ ସିଆରସିସି ରାଜେନ୍ଦ୍ର କୁମାର ସାହୁ ଖଡ଼ିଅଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଖୁଲାର, ଦିବ୍ୟଜ୍ୟୋତି ଉପ୍ରା ବିଦ୍ୟାଳୟ, ବିରିଜଙ୍ଗାର ପ୍ରଧାନ ଶିକ୍ଷକ ନନ୍ଦ କିଶୋର ପରିଡ଼ା, ଶିକ୍ଷକ ଗୟାଧର ସାହୁ, ସତ୍ୟାନନ୍ଦ ମହାପାତ୍ର, ଶ୍ରୀପତି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କୃଷ୍ଣପୁରଶାସନ କ୍ଲଷ୍ଟରର ଶିକ୍ଷକ/ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ/ ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠିର ସଭ୍ୟା ମାନେ, ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀ ଓ ଆଞ୍ଚଳିକ ବ୍ୟକ୍ତି ବିଶେଷ ମାନେ ଯୋଗଦେଇଥିଲେ। ସହାକାରୀ ଶିକ୍ଷକ ରଞ୍ଜିତ କୁମାର ଜେନା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ୩୦ ଜିଲ୍ଲାରେ ଦିବ୍ୟାଙ୍ଗଙ୍କ ପାଇଁ ସୁଗମତା ସୁନିଶ୍ଚିତ ହେବ

**ଯାଜପୁର,୧୦।୮ (ସମିସ):** ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଦିବ୍ୟାଙ୍ଗଜନଙ୍କ ପାଇଁ ସୁଗମତା ବ୍ୟବସ୍ଥା ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ଦିବ୍ୟାଙ୍ଗଜନ ଆୟୁକ୍ତ ବ୍ରତାତୀ ହରିଚନ୍ଦନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ସୁଗମ ଓଡିଶା ଅଭିଯାନର ରାଜ୍ୟ ମୁଖ୍ୟ ତଥା ଦିବ୍ୟାଙ୍ଗ ଅଧିକାର କର୍ମୀ ମଣ୍ଟୁ ଦାସଙ୍କ ପତ୍ରକୁ ଆଧାର କରି ଆୟୁକ୍ତା ଶ୍ରୀମତୀ ହରିଚନ୍ଦନ ଭିନ୍ନକ୍ଷମ ବିଭାଗର ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ରାଜ୍ୟରେ ସୁଗମତା ବ୍ୟବସ୍ଥାର ସ୍ଥିତି ଯାଞ୍ଚ ଓ ଆବଶ୍ୟକ ପଦକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ଆୟୁକ୍ତାଙ୍କ ପତ୍ରରେ ଦିବ୍ୟାଙ୍ଗଜନ ଅଧିକାର ଆଇନର ବିଭିନ୍ନ ବ୍ୟବସ୍ଥାର ଗୁରୁତ୍ୱ ଉଲ୍ଲେଖ କରିଛନ୍ତି। ଆଇନର ଧାରା ୪୦ ଅନୁଯାୟୀ ଦିବ୍ୟାଙ୍ଗଜନଙ୍କ ପାଇଁ ଭୌତିକ ପରିବେଶ, ପରିବହନ ଓ ସୂଚନା-ଯୋଗାଯୋଗ କ୍ଷେତ୍ରରେ ସୁଗମତାର ମାନଦଣ୍ଡ ନିର୍ଦ୍ଧାରଣ ଓ ନିୟମ ପ୍ରଣୟନର ବ୍ୟବସ୍ଥା ରହିଛି। ସେହିପରି ଧାରା ୪୧ ଅନୁଯାୟୀ ଦିବ୍ୟାଙ୍ଗଜନଙ୍କ ପାଇଁ ସଡ଼କ, ରେଳ ଓ ବିମାନ ପରିବହନକୁ ସୁଗମ କରିବା ଏବଂ ଧାରା ୪୨ ଅନୁଯାୟୀ ସୂଚନା ଓ ଯୋଗାଯୋଗରେ ଦିବ୍ୟାଙ୍ଗଜନଙ୍କ ପ୍ରବେଶାଧିକାର ବୃଦ୍ଧି କରିବାକୁ ଆଇନରେ ବ୍ୟବସ୍ଥା ରହିଛି। ଦିବ୍ୟାଙ୍ଗ ଅଧିକାର କର୍ମୀ ଶ୍ରୀଦାସ ପୂର୍ବରୁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଚିକିତ୍ସାଳୟ, ସାର୍ବଜନୀନ ପରିବହନ ଓ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନରେ ଦିବ୍ୟାଙ୍ଗଜନଙ୍କ ପାଇଁ ସୁଗମତା ସୁନିଶ୍ଚିତ କରିବାକୁ ଦାବି କରିଥିଲେ। ଏହି ସୁଗମତା କେବଳ ସରକାରୀ ଭବନ, ବ୍ୟାଙ୍କ, ହସ୍ପିଟାଲ କିମ୍ବା ସାର୍ବଜନୀନ ପରିବହନରେ ସୀମିତ ନରହି ସାଧାରଣ ଉପାସନାସ୍ଥଳୀ ଓ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନରେ ମଧ୍ୟ ଦିବ୍ୟାଙ୍ଗଜନଙ୍କ ସମାନ ପ୍ରବେଶ ସୁନିଶ୍ଚିତ କରିବାକୁ ଆୟୁକ୍ତ ଗୁରୁତ୍ୱ ଦେଇଛନ୍ତି। ଆୟୁକ୍ତ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି ଯେ ରାଜ୍ୟର ସମସ୍ତ ୩୦ ଜିଲ୍ଲାର ଜିଲ୍ଲାପାଳଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇ ଜିଲ୍ଲାର ସର୍ବସାଧାରଣ ଭବନଗୁଡ଼ିକର ସୁଗମତା ସ୍ଥିତି ଯାଞ୍ଚ କରି ଏକ ତାଲିକା ପ୍ରସ୍ତୁତ କରାଯାଉ। ବିଶେଷକରି ଯେଉଁ ଭବନରେ ରାମ୍ପ, ଲିଫ୍ଟ , ଦିବ୍ୟାଙ୍ଗ ମିତ୍ର ଶୌଚାଳୟ, ଟାକଟାଇଲ ରାସ୍ତା ଆଦି ସୁବିଧା ନାହିଁ, ସେଗୁଡ଼ିକୁ ଚିହ୍ନଟ କରିବାକୁ କୁହାଯାଇଛି। ଏହାସହିତ, ଚିହ୍ନଟ ହୋଇଥିବା ଭବନଗୁଡ଼ିକରେ ଶୀଘ୍ର ସୁଗମତା ବ୍ୟବସ୍ଥା କରିବା ପାଇଁ ନିର୍ମାଣ ବିଭାଗକୁ ପ୍ରସ୍ତାବ ପଠାଇ ଦିବ୍ୟାଙ୍ଗ ଅଧିକାର ଆଇନ ର ଧାରା ୪୫(୧) ଅନୁଯାୟୀ ସଂଶୋଧନ ମାଧ୍ୟମରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ଆୟୁକ୍ତା ପଦକ୍ଷେପ ନେବାକୁ କହିଛନ୍ତି। ଏହି ପତ୍ର ପରେ ସୁଗମ ଓଡ଼ିଶା ଅଭିଯାନରେ ରାଜ୍ୟ ସୁଗମତା ଉପରେ ଆଶା ସଞ୍ଚାର ହୋଇଛି। ପରକାଶ ଥାଉ ଶ୍ରୀ ଦାସ ଜୁନ ୩ରୁ ଡିସେମ୍ବର ୩ ଯାଏଁ ଏହି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କହିଛନ୍ତି।

# ସାଇବର ସୁରକ୍ଷା ସଚେତନତା




**କର୍ଯ୍ୟାଁଗୋଲା,୧୨।୮ (ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଏକ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳପୁର ଥାନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାରୀ ସୁରକ୍ଷା ସହ ସାଇବର ଅପରାଧରୁ କିପରି ନିଜକୁ ସୁରକ୍ଷିତ ରଖିହେବ, ସେ ସମ୍ପର୍କରେ ଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ମୀନାକ୍ଷୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମଙ୍ଗଳପୁର ଥାନା ଅଧିକାରୀ ଭୁବନ ମୋହନ ସେଠୀ ଯୋଗଦେଇ ସାଇବର କ୍ରାଇମର ବିଭିନ୍ନ ଦିଗ ଓ ନାରୀ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଭାବେ ମତ ରଖିଥିଲେ। ବର୍ତ୍ତମାନର ଡିଜିଟାଲ ଯୁଗରେ ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଓ ସୋସିଆଲ ମିଡିଆର ବ୍ୟବହାର ବୃଦ୍ଧି ପାଇବା ସହ ସାଇବର ଅପରାଧର ଆଶଙ୍କା ମଧ୍ୟ ବଢ଼ୁଛି। ତେଣୁ ଅଜଣା ବ୍ୟକ୍ତିଙ୍କ ସହ ନିଜର ବ୍ୟକ୍ତିଗତ ତଥ୍ୟ, ପାସୱାର୍ଡ କିମ୍ବା ଅନ୍ୟାନ୍ୟ ସମ୍ବେଦନଶୀଳ ସୂଚନା ଆଦାନପ୍ରଦାନ ନକରିବା ସହ ଅନଲାଇନ୍‌ରେ ସତର୍କତା ଅବଲମ୍ବନ କରିବାକୁ ଥାନା ଅଧିକାରୀ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ନାରୀମାନେ ନିଜ ସୁରକ୍ଷା ପ୍ରତି ସଚେତନ ହେବା ସହ କୌଣସି ଅସୁବିଧା ଘଟିଲେ ତୁରନ୍ତ ଅଭିଭାବକ, ମହାବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ପୁଲିସର ସହାୟତା ନେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପିକା ପ୍ରମିଳା ବାଇ ମତବ୍ୟକ୍ତ କରି କହିଥିଲେ ଯେ, ବର୍ତ୍ତମାନ ସମୟରେ ସାଇବର ଅପରାଧର ଶିକାର ହେବାରୁ ଛାତ୍ରୀ ଓ ମହିଳାମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ସଚେତନ ହେବା ଅତ୍ୟନ୍ତ ଜରୁରୀ। ସଚେତନତା ହିଁ ସାଇବର ଅପରାଧ ବିରୋଧରେ ପ୍ରଥମ ସୁରକ୍ଷା ବୋଲି ସେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ଶୁଭଶ୍ରୀ ଘଡ଼ାଇ, ତପସ୍ୱିନୀ ଭଞ୍ଜ, ସୁଷମା ସାହୁ, ଶ୍ରଦ୍ଧାଞ୍ଜଳି ନାୟକ, ଶୁଭସ୍ମିତା ସାହୁ, ରଶ୍ମି ଦଳାଇ, ବ୍ରଜକିଶୋର ସାହୁ ଓ ଚିତ୍ତରଞ୍ଜନ ବାରିକଙ୍କ ସମେତ ମଙ୍ଗଳପୁର ଥାନାର ପ୍ଲାବନ ମହାପାତ୍ର, ସୁବାସ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାନୀୟ ଜଳ ଉତ୍ସ ବିଶୋଧନ ଅଭିଯାନ

**ବିଞ୍ଝାରପୁର,୧୨।୮ (ସମିସ):** ଜିଲ୍ଲା ଜଳ ଓ ପରିମଳ ବିଭାଗ ପକ୍ଷରୁ ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ଉତ୍ସ ବିଶୋଧନ ଅଭିଯାନ ଆରମ୍ଭ ହୋଇଛି। ଲଗାଣ ବର୍ଷା ଯୋଗୁଁ ବିଞ୍ଝାରପୁର ଅଞ୍ଚଳର ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇଥିବା ବେଳେ ନୂଆମହାରା ଘାଇ ମଧ୍ୟ ସୃଷ୍ଟି ହୋଇଥିଲା। ଫଳରେ ବନ୍ୟା ପରବର୍ତ୍ତୀ ସମୟରେ ପାନୀୟ ଜଳ ଉତ୍ସଗୁଡ଼ିକ ଦୂଷିତ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମର ନଳକୂପ, କୂଅ ଓ ଅନ୍ୟାନ୍ୟ ପାନୀୟ ଜଳ ଉତ୍ସରେ ବିଶୋଧନ କାର୍ଯ୍ୟ କରାଯାଉଛି। ଏଥିସହ ଲୋକଙ୍କୁ ବିଶୁଦ୍ଧ ପାଣି ବ୍ୟବହାର ଏବଂ ପାଣିକୁ ଫୁଟାଇ ପିଇବା ସମ୍ପର୍କରେ ସଚେତନ କରାଯାଉଛି। ବନ୍ୟା ପରେ ଜଳଜନିତ ରୋଗର ଆଶଙ୍କା ରହୁଥିବାରୁ ପାନୀୟ ଜଳ ଉତ୍ସ ବିଶୋଧନ ଅଭିଯାନକୁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବିଭାଗୀୟ ଯନ୍ତ୍ରୀ ଇଂ ତୃପ୍ତାଞ୍ଜଳି ରଥ ବିଭିନ୍ନ ପଞ୍ଚାୟତର ଗାଁ ଗାଁ ବୁଲି ବିଶୋଧନ ଅଭିଯାନକୁ ତଦାରଖ କରୁଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି।



# ଲକ୍ଷ୍ମଣ ବାଲାଜୀ କଲେଜରେ ସାଇବର ସୁରକ୍ଷା ସଚେତନତା

**ବିଞ୍ଝାରପୁର,୧୨।୮ (ସମିସ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ଲକ୍ଷ୍ମଣ ବାଲାଜୀ କଲେଜ ଅଙ୍ଗାଲୋ କଲେଜ ପରିସରରେ ବିଞ୍ଝାରପୁର ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି। ବିଞ୍ଝାରପୁର ଥାନା ଅଧିକାରୀ ବିଲମଙ୍ଗଳ ସେଠି ଛାତ୍ରଛାତ୍ରୀଙ୍କୁ ସାଇବର ଠକେଇର ବିଭିନ୍ନ ଦିଗ, ଅନଲାଇନ୍ ଠକେଇରୁ କିପରି ନିଜକୁ ସୁରକ୍ଷିତ ରଖିବେ ହସେ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ରାୟ, ଏସ୍ଆଇ ହରିଶ ଚନ୍ଦ୍ର ସିଂ, ଏଏସ୍ଆଇ ସସ୍ମିତା ମଙ୍ଗରାଜ, ଅଧ୍ୟାପକ ଆଲୋକ ସାମଲ, ସୁନୀଲ କୁମାର ରାଉତ, ନିହାର ବଳ, ରାମଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସାଇବର ଅପରାଧ ବୃଦ୍ଧି ପାଉଥିବା ସମୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏଭଳି ସଚେତନତା କାର୍ଯ୍ୟକ୍ରମକୁ ନେଇ ସାଧାରଣରେ ପ୍ରଶଂସା କରାଯାଇଛି।

# ଟ୍ୟାଙ୍କର ଧକ୍କାରେ ଚା' ଦୋକାନୀ ମୃତ

**କୁଆଖିଆ,୧୨।୮ (ସମିସ):** କୁଆଖିଆ ଥାନା ଅଞ୍ଚଳର ବିଜୁନଗର ଠାରେ ଟ୍ୟାଙ୍କର ଧକ୍କା ରେ ଜଣେ ଯୁବକର ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ଅନୁଯାଇ ବ୍ରାହ୍ମବରଦା ଅଞ୍ଚଳ ଅଳପୁଆ ଗ୍ରାମର ପ୍ରଫୁଲ୍ଲ ବଳଙ୍କ ପୁଅ ପ୍ରକାଶ ବଳ (୩୦) ବିଜୁନଗର ଠାରେ ଏକ ଚା' ଦୋକାନ କରି ଥିବାବେଳେ ଆଜି ଦିନ ୧୧ଟା ସମୟରେ କୌଣସି କାରଣ ନେଇ ସଡ଼କ ପାରି ହେଉଥିଲେ। ଏହି ସମୟରେ କର୍ଣ୍ଣାଟକର ଏକ ତେଲ ଟ୍ୟାଙ୍କର ପ୍ରକାଶକୁ ଧକ୍କା ଦେଇଥିଲା। ଯାହା ଫଳରେ ପ୍ରକାଶର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ କୁଆଖିଆ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କରକୁ ଜବତ କରି ମୃତକଙ୍କୁ ପୋଷ୍ଟମର୍ଟମ ନିମନ୍ତେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ଏହି ଘଟଣା ରେ ପୋଲିସ କେସ ନଂ୩୪୫/୨୬ରେ ମାମଲା ରୁଜୁ କରି ଡ୍ରାଇଭରକୁ ଅଟକ ରଖି ଘଟଣାର ତଦନ୍ତ କରୁଥିବା ଭାରପ୍ରାପ୍ତ ଅଧିକାରୀଙ୍କ ଠାରୁ ଜଣାପଡ଼ିଛି।

## ମରଣଯନ୍ତା ପାଲଟିଛି କଳିଙ୍ଗନଗର ରାସ୍ତାଘାଟ

# ଜୀବନ ସହ ଖେଳୁଛି ନିରବ ପ୍ରଶାସନ

ଯଖପୁରା,୧୨।୮ (ସମିସ)

କଳିଙ୍ଗନଗର ଶିଳ୍ପାଞ୍ଚଳ ରାସ୍ତା ଘାଟ ଆଜି ପ୍ରଶାସନିକ ଅବହେଳା ପାଇଁ ବିପର୍ଯ୍ୟସ୍ତ ହୋଇପଡିଛି। ରାଜ୍ୟ କୋଷାଗାରକୁ ଦୈନିକ ଶହ ଶହ କୋଟି ଟଙ୍କାର ରାଜସ୍ୱ ଯୋଗାଉଥିବା ଏହି ଶିଳ୍ପାଞ୍ଚଳର ମୁଖ୍ୟ ସଂଯୋଗକାରୀ ରାସ୍ତାଗୁଡ଼ିକ ଏବେ ମରଣଯନ୍ତାରେ ପରିଣତ ହୋଇଛି। ଏହାର ପ୍ରତିବାଦରେ ଆଜି 'କଳିଙ୍ଗନଗର ବିକାଶ ମଞ୍ଚ' ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇ ପ୍ରଶାସନକୁ ୧୪ ଦିନର କଡ଼ା ଅଲ୍ଟିମେଟମ୍ ଦିଆଯାଇଛି।

ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, କଳିଙ୍ଗନଗର ଶିଳ୍ପାଞ୍ଚଳର ଷ୍ଟେସନ ଗୋଲେଇ ଛକ, ମିଲିଟାରୀ ଛକ, ପଙ୍କପାଳ ବଙ୍ଗଳା ଛକ, ବଜରଙ୍ଗବଳୀ ଛକ, ଭାୟା ଭିସା ଛକ, ବାଘବାହାଳି ବଜରଙ୍ଗବଳୀ ଛକରୁ ଡୁବୁରୀ ଛକ ଏବଂ ଡୁବୁରୀ ଛକରୁ ମିଲିଟାରି ଛକ ପର୍ଯ୍ୟନ୍ତ ବ୍ୟାପକ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତାସାରା ବଡ଼ ବଡ଼ ଗାତ, ବର୍ଷା ଜଳ ନିଷ୍କାସନର ଅଭାବ ଓ କାଦୁଅ-ପାଣି ଜମି ରହିବା ଫଳରେ ଦୈନନ୍ଦିନ ଯାତାୟାତ କରୁଥିବା ହଜାର ହଜାର ଭାରୀଯାନ, ଟ୍ରକ୍, ହାଇୱା, ଟ୍ରେଲର, କମ୍ପାନୀ ବସ୍, କାର୍ ଓ ଦୁଇଚକିଆ ଯାନଚାଳକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ପ୍ରତିଦିନ ଏହି ରାସ୍ତାରେ ଛୋଟବଡ଼ ସଡ଼କ ଦୁର୍ଘଟଣା ଘଟି ଅନେକ ଲୋକ ନିଜର ଅମୂଲ୍ୟ ଜୀବନ ହରାଉଛନ୍ତି ଏବଂ ବହୁ ଶ୍ରମିକ ଓ ସ୍ଥାନୀୟ ବାସିନ୍ଦା ପଙ୍ଗୁ ହୋଇପଡୁଛନ୍ତି। ଶିଳ୍ପାଞ୍ଚଳରୁ ସରକାର କୋଟି କୋଟି ଟଙ୍କାର ଲାଭ ଓ ରାଜସ୍ୱ ପାଉଥିବା ବେଳେ, ଏଠାକାର ଲକ୍ଷ ଲକ୍ଷ ଭୂମିପୁତ୍ର, ଆଖପାଖର ଅଧିବାସୀ ଓ କାରଖାନାର ଶ୍ରମିକମାନେ କେବଳ ଧୂଳି, ଧୂଆଁ ଓ ଦୁର୍ଘଟଣାକୁ ନିଜ ଭାଗ୍ୟ ବୋଲି ଆପଣେଇ ନେଇଛନ୍ତି। ଯାଜପୁର ଜିଲ୍ଲା ପ୍ରଶାସନ ଓ ସରକାର ସବୁ ଜାଣିଶୁଣି ନଜାଣିବାର ଅଭିନୟ କରୁଛନ୍ତି ବୋଲି ମଞ୍ଚ କ୍ଷୋଭ ପ୍ରକାଶ କରିଛି। କଳିଙ୍ଗନଗର ବିକାଶ ମଞ୍ଚ ଚେତାବନୀ ଦେଇଛି ଯେ, ଆଜିଠାରୁ ୧୪ ଦିନ ମଧ୍ୟରେ ଯଦି ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଗୁଡ଼ିକର ସ୍ଥାୟୀ ମରାମତି ଓ ନିର୍ମାଣ ଦିଗରେ କୌଣସି ସଦ୍‌କଦମ ନଉଠାଏ, ତେବେ ମିଲିଟାରି ଛକଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ୟାପକ ରାସ୍ତାରୋକ କରାଯିବ। ଏହାଦ୍ୱାରା ସମ୍ପୂର୍ଣ୍ଣ କଳିଙ୍ଗନଗର ଶିଳ୍ପାଞ୍ଚଳ ଅଚଳ ହୋଇପଡ଼ିବ ଏବଂ ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ। ଏ ନେଇ ମଧ୍ୟ ମନ୍ତ୍ରୀ, ଯାଜପୁର ଆରକ୍ଷୀ ଅଧୀକ୍ଷକ ଏବଂ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଯାଇଛି।

ଏହି ସ୍ମାରକପତ୍ର ପ୍ରଦାନ ସମୟରେ ମଞ୍ଚର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଧଳ, ମାଧବାନନ୍ଦ ବଳ, ଅମୀୟ ରଞ୍ଜନ ଘଡ଼େଇ, ବିକ୍ରମ କିଶୋର, ରାମଚନ୍ଦ୍ର ପହି ସମେତ ସ୍ଥାନୀୟ ବହୁ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ ଗିରଫ

**ବ୍ରହ୍ମବରଦା, ୧୨।୮ (ସମିସ):** ଜଣେ ୧୭ବର୍ଷୀୟ ନାବାଳିକାକୁ ଅପହରଣ ଓ ପରେ ଦୁଷ୍କର୍ମ କରିବା ଅଭିଯୋଗରେ ଭୁବନେଶ୍ୱର ଇନଫୋସିଟି ପୁଲିସ ଆଜି ବ୍ରହ୍ମବରଦା ଥାନାଞ୍ଚଳରୁ ଜଣେ ଯୁବକଙ୍କୁ ଉଠାଇ ନେଇଛି। ଯୁବକ ଜଣକ ହେଲେ ବ୍ରହ୍ମବରଦା ଥାନା ମଙ୍ଗଳପୁର ପଞ୍ଚାୟତ ବଡ଼ରାୟପଡା ଗ୍ରାମର ନିରଞ୍ଜନ ମଲ୍ଲିକ। ସୂଚନା ଅନୁଯାୟୀ ଅଭିଯୁକ୍ତ ନିରଞ୍ଜନ ଓ ପୀଡ଼ିତା ନାବାଳିକା ସହିତ ପ୍ରଥମେ ସୋସିଆଲ ମିଡ଼ିଆରେ ସମ୍ପର୍କ ଗଢିଉଠିଥିଲା। ପରେ ନିରଞ୍ଜନ ଉକ୍ତ ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ କରି ପ୍ରଥମେ ଭୁବନେଶ୍ୱର, କଟକ ଓ ପରେ ଯାଜପୁର ଅଞ୍ଚଳରେ ରଖି ଦୁଷ୍କର୍ମ କରିଥିଲା। ଏ ନେଇ ସମ୍ପୃକ୍ତ ନାବାଳିକାଙ୍କ ପରିବାର ଲୋକେ ଭୁବନେଶ୍ୱର ଇନଫୋସିଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଇନଫୋସିଟି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଆଜି ଇନଫୋସିଟି ପୁଲିସ ବ୍ରହ୍ମବରଦା ପୁଲିସ ସହାୟତାରେ ମଙ୍ଗଳପୁର ପଞ୍ଚାୟତ ବଡ଼ରାୟପଡାରୁ ଅଭିଯୁକ୍ତ ନିରଞ୍ଜନକୁ ଉଠାଇ ନେଇଥିବା ବେଳେ ପୀଡ଼ିତା ନାବାଳିକାକୁ ଉଦ୍ଧାର କରିଥିବା ବ୍ରହ୍ମବରଦା ଥାନା ଏସ୍ଆଇ କେ.ସି ଭଦ୍ରା ସୂଚନା ଦେଇଛନ୍ତି।

# ବନ୍ୟା ବିପନ୍ନଙ୍କୁ ସହାୟତା ପ୍ରଦାନ




**ଦଶରଥପୁର,୧୨।୮ (ସମିସ):** ଦଶରଥପୁର ବ୍ଲକ ବିରିପଟା ଅଞ୍ଚଳର ବରିଷ୍ଠ ସ୍ୱେଚ୍ଛାସେବୀ ବିଜୟ ଧଳ ଓ ତାଙ୍କ କନ୍ୟା କାବ୍ୟାପ୍ରିୟା ଧଳ ତରପଦା ଓ କସପା ପଞ୍ଚାୟତର ବନ୍ୟାଞ୍ଚଳର ବିପନ୍ନଙ୍କୁ ବିଭିନ୍ନ ପ୍ରକାରର ସାମଗ୍ରୀ ବଣ୍ଟନ କରିଥିଲେ। ଯାଜପୁର ଉପଖଣ୍ଡ ଏସ୍‌ଡପିଓ ପ୍ରଶାନ୍ତ କୁମାର ମାଝୀ, ଦଶରଥପୁର ଥାନାଧିକାରୀ ସୁବ୍ରତ କୁମାର ସାହୁ, ମଙ୍ଗଳପୁର ଥାନାଧିକାରୀ ଭୁବନ ମୋହନ ସେଠୀ, ପ୍ରାକ୍ତନ ଦଶରଥପୁର ବ୍ଲକ ଅଧ୍ୟକ୍ଷ ରମେଶ ସାମଲ, ହିମାଂଶୁ ଶେଖର ନାୟକ, ଚିନ୍ମୟ ମାହୁନ୍ତ, ସୁମନ ନାୟକ, ସରପଞ୍ଚ ପ୍ରତିନିଧି ଶୁଭ ପ୍ରକାଶ ନାୟକ ପ୍ରମୁଖଙ୍କ ଗହଣରେ ଅନୁଷ୍ଠିତ ଉକ୍ତ ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ତରପଦା ଓ କସପା ପଞ୍ଚାୟତର ବନ୍ୟା ବିପନ୍ନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ, ପାନୀୟଜଳ, ଛତା, ଶାଢ଼ି,ପୋଷାକ ଆଦି ବଣ୍ଟନ କରିଥିଲେ।

THE SAKALA

# ସମ୍ପାଦକୀୟ



ପୃଥିବୀ ଏକ ବ୍ୟାୟାମଶାଳା, ଯାହାର ବିଭିନ୍ନ ଉପାଦାନକୁ ଉପଯୋଗ କରି ଆମେ ନିଜକୁ ଦକ୍ଷ ଓ ଶକ୍ତ କରିପାରିବା।
-ବିବେକାନନ୍ଦ

## ସଂରକ୍ଷଣର ସୁବିଧାବାଦୀଙ୍କୁ ସୁରକ୍ଷା!

ସରକାରୀ ଶିକ୍ଷା ଓ ଚାକିରିରେ ଦୀର୍ଘବର୍ଷ ଧରି ସମ୍ବିଧାନ ପ୍ରଦତ୍ତ ସଂରକ୍ଷଣ ଅଧିକାର ଭୋଗ କରି ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଉନ୍ନତ ସ୍ଥିତିରେ ଥିବା(କ୍ରିମିଲେୟାର) ଅନୁସୂଚିତ ଜାତି ଓ ଜନଜାତି ବର୍ଗ(ଏସ୍‌ସି ଓ ଏସ୍‌ଟି) ର ପରବର୍ତ୍ତୀ ପିଢ଼ି ବା ପରିବାର ସଦସ୍ୟଙ୍କୁ ସଂରକ୍ଷଣ ସୁବିଧାରୁ ବାଦ୍ ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟର ବୃହତ୍ତର ସମ୍ବିଧାନ ଖଣ୍ଡପୀଠ ମଧ୍ୟ ସମସ୍ତ ସଂରକ୍ଷିତ ବର୍ଗର କ୍ରିମିଲେୟାରଙ୍କୁ ସଂରକ୍ଷଣ ସୁବିଧାରୁ ବାଦ୍ ଦେବା ସପକ୍ଷରେ ରାୟ ଦେଇଛନ୍ତି। କିନ୍ତୁ ଏହି ମତକୁ ବିରୋଧ କରି କେନ୍ଦ୍ର ସରକାର ନିକଟରେ ସର୍ବୋଚ୍ଚ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଛନ୍ତି। ଏସ୍‌ସି ଓ ଏସ୍‌ଟି ବର୍ଗର କ୍ରିମିଲେୟାରଙ୍କୁ ବାଦ୍ ଦିଆଯାଇପାରିବ ନାହିଁ ଏବଂ ଏହା ସମ୍ପୂର୍ଣ୍ଣ ରୂପେ ବିଧାନପାଳିକାର ନିଷ୍ପତ୍ତି ବୋଲି ଉକ୍ତ ସତ୍ୟପାଠରେ ଉଲ୍ଲେଖ ରହିଛି।

୨୦୨୪, ଅଗଷ୍ଟ ମାସରେ ସର୍ବୋଚ୍ଚ ଅଦାଲତଙ୍କ ସାତଜଣିଆ ଖଣ୍ଡପୀଠ ସଂଖ୍ୟାଗରିଷ୍ଠ ମତରେ କ୍ରିମିଲେୟାରଙ୍କୁ ସଂରକ୍ଷଣ ସୁବିଧାରୁ ବାଦ୍ ଦେବା ପ୍ରକ୍ରିୟା ସମସ୍ତ ସଂରକ୍ଷିତ ବର୍ଗଙ୍କ ପାଇଁ ସମ୍ପ୍ରସାରିତ କରିବାକୁ ରାୟ ଦେଇଥିଲେ। ସେହି ରାୟକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବିଜେପି ନେତା ତଥା ଆଇନଜ୍ଞ ଅଶ୍ୱିନୀ କୁମାର ଉପାଧ୍ୟାୟ ଅଦାଲତରେ ଏକ ଜନସ୍ୱାର୍ଥମାମଲା ଦାୟର କରିଥିଲେ। ଏହି ମାମଲାରେ ନିଜ ପକ୍ଷ ରଖି କେନ୍ଦ୍ର ସରକାର ଉପରୋକ୍ତ ସତ୍ୟପାଠ ଦାଖଲ କରିଛନ୍ତି। ଏସ୍‌ସି ଓ ଏସ୍‌ଟି ବର୍ଗ ସହିତ ସଂରକ୍ଷଣର କ୍ରିମିଲେୟାର ଚିନ୍ତାଧାରା ନ ଯୋଡ଼ିବା ସମ୍ପର୍କରେ କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇଛନ୍ତି ଯେ ଏହି ଦୁଇବର୍ଗଙ୍କୁ କେବଳ ଅର୍ଥନୈତିକ ଦୃଷ୍ଟିରୁ ପଛୁଆ ଥିବା ଦୃଷ୍ଟିରୁ ସଂରକ୍ଷଣ ସୁବିଧା ଦିଆଯାଇନାହିଁ। ଏସ୍‌ସି ବର୍ଗ ଦୀର୍ଘକାଳ ଧରି ଅସ୍ପୃଶ୍ୟତତା ପରି ସାମାଜିକ ପାତରଅନ୍ତରର ଶିକାର ହୋଇଆସିଛନ୍ତି। ସେହିପରି ଏସ୍‌ଟି ବର୍ଗ ସାଂସ୍କୃତିକ, ଭୌଗୋଳିକ ଦୃଷ୍ଟିରୁ ପଛୁଆ ଏବଂ ସାମାଜର ମୁଖ୍ୟଧାରାରୁ ବିଚ୍ଛିନ୍ନ ରହିଛନ୍ତି। ଅପରପକ୍ଷରେ ଓବିସି(ଅନ୍ୟାନ୍ୟ ପଛୁଆ ବର୍ଗ) ଓ ଇବିସି(ଅର୍ଥନୈତିକ ପଛୁଆ ବର୍ଗ) ମାନେ କେବଳ ସମୟାନୁସାରେ ସାମାଜିକ, ଶିକ୍ଷା ଓ ଅର୍ଥନୈତିକ କ୍ଷେତ୍ରରେ ପଛୁଆ ହୋଇଛନ୍ତି। ତେଣୁ ଓବିସି ବର୍ଗ ପାଇଁ ସଂରକ୍ଷଣର କ୍ରିମିଲେୟାର ଅବଧାରଣା ଏସ୍‌ସି ଓ ଏସ୍‌ଟି ବର୍ଗରେ ଲାଗୁ ହୋଇପାରିବ ନାହିଁ। ଏସ୍‌ସି, ଏସ୍‌ଟି ବର୍ଗରେ କ୍ରିମିଲେୟାର ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ସାମାଜିକ ବୈଷମ୍ୟ ଦୂରୀକରଣ ଲକ୍ଷ୍ୟ ସଫଳ ହେବନାହିଁ।

ଏସ୍‌ସି ଏସ୍‌ଟି ବର୍ଗଙ୍କୁ 'କ୍ରିମିଲେୟାର-ସଂକଟ'ରୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ୧୯୯୨ ମସିହାରେ ଇନ୍ଦ୍ରା ସାହାଣୀ ଏବଂ ୨୦୦୮ ମସିହାରେ ଅଶୋକ କୁମାର ଠାକୁର ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟକୁ ଉଲ୍ଲେଖ କରିଛନ୍ତି, ଯେଉଁଥିରେ ଏସ୍‌ସି ଓ ଏସ୍‌ଟି ବର୍ଗଙ୍କ ମଧ୍ୟରୁ ଆର୍ଥିକ ଦୃଷ୍ଟିରୁ ଉନ୍ନତ ପରିବାରକୁ ସଂରକ୍ଷଣରୁ ବାଦ୍ ଦିଆଯାଇପାରିବ ନାହିଁ ବୋଲି ଉଲ୍ଲେଖ ଥିଲା। ସେହିପରି ୨୦୦୫ରେ ଇ ଭି ଚେନ୍ନାୟା ରାୟକୁ ମଧ୍ୟ କେନ୍ଦ୍ର ସରକାର ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଏସ୍‌ସି ବର୍ଗରେ କ୍ରିମିଲେୟାର ବ୍ୟବସ୍ଥା ଲାଗୁ କରିବାର ଅଧିକାର କେବଳ ବିଧାନପାଳିକାର ବୋଲି ଏହି ରାୟରେ ଉଲ୍ଲେଖ ରହିଛି। ଏସ୍‌ସି ଓ ଏସ୍‌ଟି ବର୍ଗଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ଆହୁରି ମଧ୍ୟ ସମ୍ବିଧାନର ଧାରା ୩୪୧ ଓ ୩୪୨କୁ ଉଦ୍ଧୃତି କରିଛନ୍ତି। ଏହି ଧାରା ଅନୁଯାୟୀ ଏସ୍‌ସି ଓ ଏସ୍‌ଟି ତାଲିକା ପ୍ରସ୍ତୁତ କରିବା ଭାରତର ରାଷ୍ଟ୍ରପତିଙ୍କ ଅଧିକାରଭୁକ୍ତ। ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରସ୍ତୁତ ଓ ଅନୁମୋଦିତ ଏହି ତାଲିକାରୁ କାହାକୁ ବାଦ୍ ଦେବାକୁ ହେଲେ ବିଧାନପାଳିକା ବହୁମତରେ ସେ ନିଷ୍ପତ୍ତି ନେବ। କୌଣସି ରାଜ୍ୟ, ଅଦାଲତ କିମ୍ବା ଟ୍ରିବ୍ୟୁନାଲ୍ ସେଥିପାଇଁ ଅଧିକୃତ ନୁହନ୍ତି। ଜନସ୍ୱାର୍ଥ ସମ୍ବଳିତ ନୀତିଗତ ନିଷ୍ପତ୍ତି ଓ ନୀତି ନିର୍ଦ୍ଧାରଣରେ ଅଦାଲତ ହସ୍ତକ୍ଷେପ କରିପାରିବେ ନାହିଁ। ଅର୍ଥାତ୍ ପରୋକ୍ଷରେ କେନ୍ଦ୍ର ସରକାର ସତ୍ୟପାଠ ମାଧ୍ୟମରେ କହିବାକୁ ଚାହୁଁଛନ୍ତି ଯେ ରାୟ ଦେବା କାମ ନ୍ୟାୟପାଳିକାର; ତାହାକୁ କାର୍ଯ୍ୟକାରୀ କରାଯିବ କି ନାହିଁ ସେ ନିଷ୍ପତ୍ତି ବିଧାନପାଳିକାର ବା ସରକାରଙ୍କର।

କେନ୍ଦ୍ର ସରକାରଙ୍କ ଯୁକ୍ତି ସମ୍ବଳିତ ସତ୍ୟପାଠକୁ ଅସ୍ୱୀକାର କରାଯାଇପାରିବ ନାହିଁ। କିନ୍ତୁ ଇତିମଧ୍ୟରେ ସମୟ ଗଡ଼ିଛି। ସର୍ବୋଚ୍ଚ ନ୍ୟାୟାଳୟର ସାତଜଣିଆ ସମ୍ବିଧାନ ଖଣ୍ଡପୀଠ ଏସ୍‌ସି, ଏସ୍‌ଟି ବର୍ଗରେ କ୍ରିମିଲେୟାର କାର୍ଯ୍ୟକାରୀ ସପକ୍ଷରେ ରାୟ ଦେବା ପରେ ପୁରୁଣା ରାୟଗୁଡ଼ିକ ଆପେ ଆପେ ଅକାମୀ ହୋଇଯାଇଛି। ତେଣୁ ସରକାର ପୁରୁଣା ରାୟ ଆଧାରରେ ସତ୍ୟପାଠ ଦାଖଲ କରିବା କେବଳ ଭୋଟ ରାଜନୀତି ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏବେ ଯୁକ୍ତିତର୍କ ଛାଡ଼ି ବାସ୍ତବତାକୁ ଗ୍ରହଣ କରିବାକୁ ପଡ଼ିବ। ଏହା ହିଁ ସମୟର ଆହ୍ୱାନ। ଉଦ୍ଦେଶ୍ୟମୂଳକ ପାତରଅନ୍ତରର ଯୁଗ ସମାପ୍ତ ହେବାକୁ ଯାଉଛି। ସମୟର ଗତିବିଧିକୁ ଠଉରାଇବା ହିଁ ବିଜ୍ଞତାର ପରିଚୟ। ଏହାର ପ୍ରତିକୂଳ ସ୍ରୋତରେ ଚାଲିଲେ ପରିମାଣ କ'ଣ ହେବ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ସମ୍ପ୍ରତି ସଂରକ୍ଷଣ ବିରୋଧୀ ଆନ୍ଦୋଳନ ତେଜିବାରେ ଲାଗିଛି। ଯଦି ସରକାର ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଉପେକ୍ଷା କରନ୍ତି ତେବେ ଉଚ୍ଚବର୍ଗ ବା ଅଣସଂରକ୍ଷିତ ବର୍ଗର ଭୋଟ ହରାଇବା ସାର ହେବ। 'ଯଦି ଏସ୍‌ସି, ଏସ୍‌ଟି ବର୍ଗ କ୍ରିମିଲେୟାର ବ୍ୟବସ୍ଥାରୁ ବାଦ୍ ପଡ଼ିବେ ତେବେ ଆମେ କାହିଁକି ନୁହଁ?' ଏହି ପ୍ରଶ୍ନ ଓବିସି ବର୍ଗ ମଧ୍ୟ ପଚାରିବେ। ମାମଲା ପୁଣି ସର୍ବୋଚ୍ଚ ନ୍ୟାୟାଳୟକୁ ଯିବ। ସେତେବେଳେ କେନ୍ଦ୍ର ସରକାର ସମ୍ବିଧାନ ଖଣ୍ଡପୀଠଙ୍କ ରାୟର ସାହାରା ନେବାକୁ ବାଧ୍ୟ ହେବେ।

ଏସ୍‌ସି, ଏସ୍‌ଟି ବର୍ଗଙ୍କୁ ସଂରକ୍ଷଣରୁ ବାଦ୍ ଦେବା ପାଇଁ ଉପରୋକ୍ତ ଜନସ୍ୱାର୍ଥ ମାମଲାରେ ଦାବି/ଅନୁରୋଧ/ଆବେଦନ କରାଯାଇନାହିଁ। କେବଳ ସଂରକ୍ଷଣର ସୁବିଧାବାଦୀ ଗୋଷ୍ଠୀଙ୍କୁ ବାଦ୍ ଦେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସରକାରଙ୍କୁ ବିହିତ ନିର୍ଦ୍ଦେଶ ଦେବା ଲାଗି ଆବେଦନ କରାଯାଇଛି। ଏହି ଦାବି ଏସ୍‌ସି, ଏସ୍‌ଟି ବର୍ଗର ଆଭ୍ୟନ୍ତରୀଣ ସ୍ୱର। ସଂରକ୍ଷିତ ବର୍ଗର ପ୍ରତିପତ୍ତି ଓ ପ୍ରଭାବଶାଳୀ ଗୋଷ୍ଠୀଙ୍କୁ ତୁଷ୍ଟ କରିବାକୁ ଯାଇ ସରକାର ଅନୁସୂଚିତ ଜାତି ଓ ଜନଜାତିର ବୃହତ୍ତର ଅବହେଳିତ ବର୍ଗର ସ୍ୱରକୁ ଶୁଣିବାରେ ଅବହେଳା କଲେ ବିରୋଧାଭାସ ଉଠିବା ସ୍ୱାଭାବିକ।

## ଭିତ୍ତିଭୂମିରେ ଆଗୁଆ, ପ୍ରଦର୍ଶନରେ ପଛୁଆ

ରଞ୍ଜନ କୁମାର ରାୟ

ସଦ୍ୟସମାପ୍ତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ ସଂସ୍କରଣ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ପାଇଁ ଉତ୍ସାହଜନକ ଓ ସକାରାତ୍ମକ ସଙ୍କେତ ଆଣିଛି। କିନ୍ତୁ ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କ ପାଇଁ ଏହା ନୈରାଶ୍ୟଜନକ ଅନୁଭୂତି ଦେଇଛି। ଓଡ଼ିଶା ସରକାର ଗତ କିଛି ବର୍ଷ ହେବ ରାଜ୍ୟକୁ ବିଶ୍ୱର 'କ୍ରୀଡ଼ା ହବ୍' ଭାବେ ଗଢ଼ିତୋଳିବାର ପ୍ରଶଂସନୀୟ ଉଦ୍ୟମ କରିଚାଲିଛନ୍ତି। ଅପରପକ୍ଷରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଆ କ୍ରୀଡ଼ାବିତ୍‌ମାନଙ୍କର ପ୍ରଦର୍ଶନ ଅତି ନିମ୍ନମାନର ରହିଛି। ଏହା କ୍ରୀଡ଼ା ବିଶେଷଜ୍ଞଙ୍କ ସମେତ ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କୁ ଯେତିକି ହତାଶ କରିଛି, ତା'ଠାରୁ ଅଧିକ ଆଶ୍ଚର୍ଯ୍ୟ ଓ ଚିନ୍ତିତ କରିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏଥର ମାତ୍ର ୪ ଜଣ ଓଡ଼ିଆ ଖେଳାଳି ଅଂଶଗ୍ରହଣ କରିଥିଲେ। ଜିମ୍ନାଷ୍ଟ ତପନ ମହାନ୍ତି କିଛିଟା ଆଖିଦୃଶିଆ ପ୍ରଦର୍ଶନ କରିଥିଲେ ମଧ୍ୟ ଅନ୍ୟମାନେ ଶୋଚନୀୟ ଭାବେ ବିଫଳ ହୋଇଥିଲେ। ଭାରତର ଉସେନ ବୋଲ୍ଟ କୁହାଯାଉଥିବା ଅନିମେଶ କୁଜୁର ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରି ନପାରି ସେମିଫାଇନାଲରୁ ବାଦ୍ ପଡ଼ିଥିଲେ।

କଳିଙ୍ଗ ଷ୍ଟାଡିୟମରୁ ଆରମ୍ଭ କରି ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ପର୍ଯ୍ୟନ୍ତ ବିଶ୍ୱସ୍ତରୀୟ ଭିତ୍ତିଭୂମି, ବିଦେଶୀ କୋଚ୍ ଏବଂ ଶହ ଶହ କୋଟି ଟଙ୍କାର ବଜେଟ୍ ସତ୍ତ୍ୱେ କାହିଁକି ଆମର କ୍ରୀଡ଼ାବିତ୍‌ମାନେ ପଦକ ଦୌଡ଼ରୁ ବହୁ ଦୂରରେ ରହିଗଲେ - ଏହି ପ୍ରଶ୍ନ ଏବେ ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଆଲୋଡ଼ନ ସୃଷ୍ଟି କରିଛି। ଗ୍ଲାସଗୋରେ ଓଡ଼ିଆ ଆଥଲେଟଙ୍କ ପ୍ରଦର୍ଶନ କେବଳ ନିରାଶାଜନକ ନୁହେଁ, ବରଂ ରାଜ୍ୟର କ୍ରୀଡ଼ା ନୀତି ଓ ଯୋଜନାର ବାସ୍ତବତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ଛିଡ଼ା କରିଛି। ଗ୍ଲାସଗୋ ମହାକୁମ୍ଭ ଆରମ୍ଭ ହେବା ପୂର୍ବରୁ ଓଡ଼ିଶାର କ୍ରୀଡ଼ା ପ୍ରଶାସକମାନେ ବହୁ ଆଶା ଦେଖାଇଥିଲେ। ଦୌଡ଼କୁଦ, ହକି, ଭାରୋତ୍ତାଳନ, ବ୍ୟାଡମିଣ୍ଟନ୍ ପରି କ୍ରୀଡ଼ାରେ ଓଡ଼ିଶାର ପ୍ରତିଯୋଗୀମାନେ ଭାରତୀୟ ଦଳର ନେତୃତ୍ୱ ନେଉଥିବା କୁହାଯାଉଥିଲା। ବିଶେଷକରି 'ଓଡ଼ିଶା ଆଥଲେଟିକ୍ସ ଏକାଡେମୀ' ଓ ବିଭିନ୍ନ 'ହାଇ-ପରଫର୍ମାନ୍ସ ସେଣ୍ଟର' (ଏଚ୍‌ପିସି) ରୁ ତାଲିମପ୍ରାପ୍ତ ଖେଳାଳିଙ୍କ ଉପରେ ସମସ୍ତଙ୍କର ନଜର ଥିଲା। କିନ୍ତୁ 'ଗ୍ରାଉଣ୍ଡ ଜିରୋ' ବା ବାସ୍ତବ କ୍ଷେତ୍ରରେ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଦୌଡ଼କୁଦରେ ଆମର ମାନ୍ୟତାପ୍ରାପ୍ତ କ୍ରୀଡ଼ାବିତ୍‌ମାନେ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ଉପଲବ୍ଧି(ଟାଇମିଂ) ଛୁଇଁବାରେ ମଧ୍ୟ ବିଫଳ ହୋଇଥିଲେ। 'ହିଟ୍ସ' ଓ ପ୍ରାରମ୍ଭିକ ରାଉଣ୍ଡରୁ ହିଁ ଓଡ଼ିଆ କ୍ରୀଡ଼ାବିତ୍‌ମାନେ ବିଦାୟ ନେଇଥିଲେ। ସେହିପରି ଯେଉଁ ହକି କ୍ରୀଡ଼ାକୁ ଓଡ଼ିଶା ସରକାର ଦୀର୍ଘବର୍ଷ ଧରି ପ୍ରାୟୋଜନ କରିଆସୁଛନ୍ତି, ସେଥିରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳିଙ୍କ ପ୍ରଦର୍ଶନ ମଧ୍ୟ ହାରାହାରି ସ୍ତରର ଥିଲା। ଗତକାଲି ପର୍ଯ୍ୟନ୍ତ ଯେଉଁରାଜ୍ୟର ଖେଳାଳିମାନେ ଦେଶକୁ ଗୌରବାନ୍ୱିତ କରୁଥିଲେ, ଆଜି ଗ୍ଲାସଗୋରେ ସେମାନଙ୍କର ନୈରାଶ୍ୟଜନକ ପ୍ରଦର୍ଶନ ସମସ୍ତଙ୍କୁ ବ୍ୟଥିତ କରିଛି।

ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର କୌଣସି ଅଭାବ ନାହିଁ। ଭୁବନେଶ୍ୱର ଓ ସୁନ୍ଦରଗଡ଼ରେ ଗଢ଼ିଉଠିଥିବା ଷ୍ଟାଡିୟମ୍‌ଗୁଡ଼ିକ ବିଶ୍ୱର ଯେକୌଣସି ବିକଶିତ ଦେଶ ସହ ସମକକ୍ଷ। କିନ୍ତୁ କେବଳ କଂକ୍ରିଟ୍‌ର ସୌଧ ଓ ଗ୍ଲାସ୍ ବିଲ୍ଡିଂ ଠିଆ କରିଦେଲେ ପଦକ ମିଳେନାହିଁ, ଏହା ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ପୁଣି ଥରେ ପ୍ରମାଣିତ କରିଦେଲା। ଆମର ସମସ୍ତ ଧ୍ୟାନ ଏବେ ଇଭେଣ୍ଟ ମ୍ୟାନେଜମେଣ୍ଟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ ଉପରେ ସୀମିତ ରହିଯାଇଛି। ଆମେ ବିଶ୍ୱକପ୍ ଓ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରି ପ୍ରଶଂସା ସାଉଣ୍ଟୁଛୁ ସତ, କିନ୍ତୁ ନିଜ ରାଜ୍ୟର ଗ୍ରାମାଞ୍ଚଳରୁ ପ୍ରତିଭା ସନ୍ଧାନ କରି ସେମାନଙ୍କୁ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀକ୍ଷମ କରିବାରେ ବଡ଼ ଧରଣର ଭୁଲ୍ ରହିଯାଉଛି। ତୃଣମୂଳ ସ୍ତରରେ ଯେଉଁ ଭଳି ପ୍ରଶିକ୍ଷଣ ଓ ପ୍ରତିଯୋଗିତା ଆବଶ୍ୟକ, ତାହା କେବଳ କାଗଜପତ୍ର ଓ ସହରୀ ପରିସୀମା ମଧ୍ୟରେ ସୀମିତ ହୋଇରହିଛି।

କଳିଙ୍ଗ ଷ୍ଟାଡିୟମରେ କର୍ପୋରେଟ୍ ସଂସ୍ଥାଗୁଡ଼ିକ ସହ ମିଶି ଦଶରୁ ଅଧିକ ହାଇ-ଏଚ୍‌ପିସି ସ୍ଥାପନ କରାଯାଇଛି। ସେଠାରେ ଅତ୍ୟାଧୁନିକ ବ୍ୟାୟାମଶାଳା, ସାଇଣ୍ଟିଫିକ୍ ଆନାଲିସିସ୍, ନିଉଟ୍ରିସନିଷ୍ଟ ଓ ବିଦେଶୀ କୋଚ୍ ରଖାଯାଇଛି। ଏହି କେନ୍ଦ୍ରଗୁଡ଼ିକ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ପ୍ରଶ୍ନ ଉଠୁଛି, ଏଠାରୁ କେତେଜଣ ଓଡ଼ିଆ କ୍ରୀଡ଼ାବିତ୍ ବାହାରି ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତୁଛନ୍ତି? ଅନେକ ସମୟରେ ଅଭିଯୋଗ ହୁଏ ଯେ, ଏହି ଏଲିଟ୍ ଏକାଡେମୀଗୁଡ଼ିକରେ ଅନ୍ୟ ରାଜ୍ୟର ଖେଳାଳିମାନଙ୍କୁ ଆଣି ସୁବିଧା ସୁଯୋଗ ଦିଆଯାଉଛି, ଅଥଚ ଓଡ଼ିଶାର ଗ୍ରାମାଞ୍ଚଳରୁ ଆସୁଥିବା ଈଶ୍ୱରଦତ୍ତ ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍‌ମାନେ ସେହି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଗ୍ଲାସଗୋରେ ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ଖେଳାଳିଙ୍କ ବ୍ୟର୍ଥତା ପରେ ଏବେ ଏହି ଏଚ୍‌ପିସିଗୁଡ଼ିକର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠିଛି। ଅନ୍ତର୍ଜାତୀୟ କ୍ରୀଡ଼ାରେ କେବଳ ଶାରୀରିକ ଦକ୍ଷତା ଯଥେଷ୍ଟ ନୁହେଁ, ମାନସିକ ଦୃଢ଼ତା ଏବଂ ବାସ୍ତବିକ ପ୍ରତିଯୋଗିତାର ଅନୁଭୂତି ଅତ୍ୟନ୍ତ ଜରୁରୀ। ଗ୍ଲାସଗୋରେ ଓଡ଼ିଆ କ୍ରୀଡ଼ାବିତ୍‌ମାନେ ଚାପ ବୋଝରେ ନିଜର ସ୍ୱାଭାବିକ ଖେଳ ପ୍ରଦର୍ଶନ କରିପାରି ନ ଥିବା ମତ ପ୍ରକାଶ ପାଇଛି। ଅବଶ୍ୟ ବିଫଳତା ପଛର ଏହି କାରଣ ତର୍କସାପେକ୍ଷ।

ଆମର କ୍ରୀଡ଼ାବିତ୍‌ମାନଙ୍କୁ ଦେଶ ମଧ୍ୟରେ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପ୍ରଦର୍ଶନ ଆଧାରରେ ବଛାଯାଉଛି ସତ, କିନ୍ତୁ ଅନ୍ତର୍ଜାତୀୟସ୍ତରର ପ୍ରତିଯୋଗୀଙ୍କ ସହ ଲଢ଼ିବା ପାଇଁ ଯେଉଁ 'ଏକ୍ସପୋଜର' ବା ଦକ୍ଷତା/କୌଶଳ ଆବଶ୍ୟକ ହେଉଛି ତାହା ମିଳୁନାହିଁ। ବିଦେଶୀ ଜଳବାୟୁ, ପ୍ରତିଯୋଗୀଙ୍କ ରଣନୀତି ଏବଂ ବଡ଼ ମଞ୍ଚର ଚାପକୁ ସାମ୍ନା କରିବାରେ ଆମ ଖେଳାଳିମାନେ ଦୁର୍ବଳ ପ୍ରମାଣିତ ହୋଇଛନ୍ତି। 'ସ୍ପୋର୍ଟ୍ସ ସାଇକୋଲୋଜି'(କ୍ରୀଡ଼ା ମନସ୍ତତ୍ତ୍ୱ) ଏବଂ 'ବାୟୋମେକାନିକ୍ସ'(ଶାରୀରିକ ଜୈବରସାୟନ) ର ସଠିକ୍ ବ୍ୟବହାର କାଗଜପତ୍ରରେ ସୀମିତ ନ ରହି ବାସ୍ତବ କ୍ଷେତରେ ପ୍ରୟୋଗ ହେବା ଆବଶ୍ୟକ। ଗ୍ଲାସଗୋ କମନୱେଲଥ ଗେମ୍ସ ୨୦୨୬ର ବିଫଳତାକୁ ଏକ ଚେତାବନୀ ଓ ସଙ୍କେତ ଭାବେ ନେବାକୁ ପଡ଼ିବ। ଯଦି ଆମେ ଏବେ ବି ଆତ୍ମସମୀକ୍ଷା ନ କରିବା, ତେବେ ଆଗାମୀ ଏସିଆନ୍ ଗେମ୍ସ ଓ ଅଲିମ୍ପିକ୍ସରେ ମଧ୍ୟ ସମାନ ପରିଣାମ ଭୋଗିବାକୁ ପଡ଼ିବ।

ଭୁଲରୁ ଶିଖିପାରିଲେ ସଫଳତା ନିଶ୍ଚୟ ମିଳିବ। ଏଥିପାଇଁ ରଣନୀତିରେ କେତେକ ସମୟୋପଯୋଗୀ ପରିବର୍ତ୍ତନ କରିବାକୁ ପଡ଼ିବ। ପ୍ରଥମତଃ, ତୃଣମୂଳସ୍ତର ଅର୍ଥାତ ଜିଲ୍ଲା ଓ ବ୍ଲକସ୍ତରରେ ପ୍ରତିଭା ସନ୍ଧାନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସକ୍ରିୟ କରିବା ଆବଶ୍ୟକ। ସ୍କୁଲ୍ ଓ କଲେଜସ୍ତରରୁ ହିଁ ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ କରି ସେମାନଙ୍କୁ ଦୀର୍ଘକାଳୀନ ପ୍ରଶିକ୍ଷଣ ଦିଆଗଲେ ଭବିଷ୍ୟତରେ ସେମାନେ ନିଜକୁ ଆନ୍ତର୍ଜାତିକ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିପାରିବେ। କେବଳ ବିଦେଶୀ କୋଚ୍‌ଙ୍କ ଉପରେ ନିର୍ଭର ନକରି ଓଡ଼ିଶାର ସ୍ଥାନୀୟ କୋଚ୍‌ମାନଙ୍କୁ ଅନ୍ତର୍ଜାତୀୟ ସ୍ତରର ତାଲିମ୍ ଦିଆଗଲେ ସେମାନେ ତୃଣମୂଳ ସ୍ତରରୁ ଖେଳାଳି ଗଢ଼ିପାରିବେ। ଏଚ୍‌ପିସି ଓ କ୍ରୀଡ଼ା ଏକାଡେମୀଗୁଡ଼ିକର ପ୍ରଦର୍ଶନର ବାର୍ଷିକ ସମୀକ୍ଷା କରାଯାଉ। କୋଟି କୋଟି ଟଙ୍କାର ସରକାରୀ ଓ କର୍ପୋରେଟ୍ ଫଣ୍ଡ କେଉଁଠି ଖର୍ଚ୍ଚ ହେଉଛି ଏବଂ ଫଳାଫଳ କ'ଣ, ତାହାର ହିସାବ ସାର୍ବଜନିନ କରାଯାଉ। ଦଳ ଚୟନ ଏବଂ ଏକାଡେମୀ ପ୍ରବେଶରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ଜରୁରୀ, ଯେପରି କୌଣସି ଯୋଗ୍ୟ ପ୍ରତିଭା ସୁଯୋଗରୁ ବଞ୍ଚିତ ନହୁଅନ୍ତି।

ଖେଳରେ ଜୟ-ପରାଜୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। କିନ୍ତୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଆତ୍ମସମର୍ପଣ କରିବା ଗ୍ରହଣଯୋଗ୍ୟ ନୁହେଁ। ଓଡ଼ିଶା ସରକାର କ୍ରୀଡ଼ା ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଯେଉଁ ନିଷ୍ଠା ଓ ଆନ୍ତରିକତା ଦେଖାଇଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। କିନ୍ତୁ ବର୍ତ୍ତମାନ ସମୟ ଆସିଛି 'ପରିମାଣ'ରୁ ବାହାରି 'ଗୁଣବତ୍ତା' ଉପରେ ଧ୍ୟାନ ଦେବାର। କ୍ରୀଡ଼ା ଭିତ୍ତିଭୂମି ଏବଂ ବଡ଼ ବଡ଼ ଇଭେଣ୍ଟର ବ୍ରାଣ୍ଡିଂ ମାଧ୍ୟମରେ ନୁହେଁ, ବରଂ ପଦକ ତାଲିକାରେ ନିଜର ସ୍ଥାନ ସୁନିଶ୍ଚିତ କରିବା ଦ୍ୱାରା ହିଁ ଓଡ଼ିଶା ପ୍ରକୃତରେ ବିଶ୍ୱର କ୍ରୀଡ଼ା ହବ୍ ଭାବେ ପରିଗଣିତ ହେବ। ଗ୍ଲାସଗୋ-କାହାଣୀରୁ ଶିକ୍ଷା ନେଇ ଆମକୁ ଆମର ରଣନୀତି ବଦଳାଇବାକୁ ପଡ଼ିବ। ନଚେତ୍ କ୍ରୀଡ଼ାର ଏହି ଚମକପ୍ରଦ ଦୁନିଆରେ ଓଡ଼ିଶା କେବଳ ଜଣେ ଆୟୋଜକ ହୋଇରହିଯିବ, ବିଜେତା ହୋଇପାରିବ ନାହିଁ।

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

## ଜନ୍ତର ମନ୍ତର: ବିଜ୍ଞାନ, ଇତିହାସ ଓ ଗଣତନ୍ତ୍ରର ପ୍ରତୀକ

ବିଦ୍ୟାଧର ମହାରଣା

ରାଜଧାନୀ ନୂଆଦିଲ୍ଲୀର କନଟ୍ ପ୍ଲେସ୍ ନିକଟରେ ଅବସ୍ଥିତ ଜନ୍ତର ମନ୍ତର କେବଳ ପ୍ରାଚୀନ ଭାରତର ଏକ ପ୍ରସିଦ୍ଧ ଐତିହାସିକ ଓ ଜ୍ୟୋତିର୍ବିଜ୍ଞାନ ପର୍ଯ୍ୟବେକ୍ଷଣ କେନ୍ଦ୍ର ନୁହେଁ, ବରଂ ଏହା ଭାରତର ବୈଜ୍ଞାନିକ ଚିନ୍ତାଧାରା ଓ ଗଣତାନ୍ତ୍ରିକ ପରମ୍ପରାର ଏକ ଜୀବନ୍ତ ପ୍ରତୀକ। ଜନ୍ତର ମନ୍ତରରେ ନିର୍ମିତ ବିଶାଳ ଯନ୍ତ୍ରଗୁଡ଼ିକ ଅତୀତରେ ସମୟ ନିର୍ଣ୍ଣୟ, ଗ୍ରହମାନଙ୍କର ସ୍ଥିତି ନିର୍ଦ୍ଧାରଣ ଏବଂ ଖଗୋଳୀୟ ପର୍ଯ୍ୟବେକ୍ଷଣରେ ଅତ୍ୟନ୍ତ ସଠିକ୍ ଭୂମିକା ନିର୍ବାହ କରୁଥିଲେ। ଆଧୁନିକ ପ୍ରଯୁକ୍ତିର ଯୁଗରେ ମଧ୍ୟ ଏହା ଆମ ପୂର୍ବପୁରୁଷମାନଙ୍କର ବୈଜ୍ଞାନିକ ଦକ୍ଷତା ଓ ସୃଜନଶୀଳତାର ଏକ ଅମୂଲ୍ୟ ନିଦର୍ଶନ। ପ୍ରତିବର୍ଷ ଦେଶ-ବିଦେଶରୁ ହଜାର ହଜାର ପର୍ଯ୍ୟଟକ ଏହାକୁ ଦେଖିବାକୁ ଆସନ୍ତି। ରାଜସ୍ଥାନ ଜୟପୁର ସହରରେ ମଧ୍ୟ ଆଉ ଏକ ଜନ୍ତର ମନ୍ତର ଅଛି, ଯାହା ଦିଲ୍ଲୀର ଜନ୍ତର ମନ୍ତର ଠାରୁ ବଡ଼। ଦିଲ୍ଲୀ ଜନ୍ତର ମନ୍ତରକୁ ୧୭୨୪ ମସିହାରେ ଜୟପୁରର ମହାରାଜା ସାୱାଇ ଜୟସିଂହ(ଦ୍ୱିତୀୟ) ନିର୍ମାଣ କରିଥିଲେ। ସୂର୍ଯ୍ୟ, ଚନ୍ଦ୍ର ଏବଂ ଗ୍ରହମାନଙ୍କ ଗତିବିଧିକୁ ଜାଣିବା, ସଠିକ୍ ସମୟ ମାପିବା ଏବଂ ଗ୍ରହଣ ଆକଳନ କରିବା ପାଇଁ ଏଠାରେ ବଡ଼ ବଡ଼ ୧୩ ଗୋଟି ଜ୍ୟୋତିଷ ମାପ ଯନ୍ତ୍ର (ଯଥା- ରାମ ଯନ୍ତ୍ର, ସମ୍ରାଟ ଯନ୍ତ୍ର, ମିଶ୍ର ଯନ୍ତ୍ର, ଜୟପ୍ରକାଶ ଯନ୍ତ୍ର, ରାଶି ବଳୟ ଯନ୍ତ୍ର ଆଦି) ରହିଛି।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି ଖଗୋଳୀୟ ପ୍ରେକ୍ଷାଳୟ ଗଣତାନ୍ତ୍ରିକ ଆନ୍ଦୋଳନ, ଶାନ୍ତିପୂର୍ଣ୍ଣ ଧାରଣା ଓ ଜନପ୍ରତିବାଦର ଏକ ପ୍ରମୁଖ ସ୍ଥାନ ଭାବେ ପରିଚିତ ହୋଇଛି। ଆଗରୁ ବୋଟ କ୍ଲବଠାରେ ଦେଶର ବଡ଼ବଡ଼ ପ୍ରତିବାଦ ସଭା ହେଉଥିଲା। ୧୯୮୮ କୃଷକ ଆନ୍ଦୋଳନ ପରେ ସରକାର ସୁରକ୍ଷା କାରଣରୁ ଏହା ଉପରେ କଟକଣା ଲଗାଇବାରୁ ଏହାର ସ୍ଥାନ ନେଲା ଜନ୍ତର ମନ୍ତର। ଆଜିର ଦିନରେ ଏହା ଭାରତର ସବୁଠାରୁ ପ୍ରସିଦ୍ଧ ଶାନ୍ତପୂର୍ଣ୍ଣ 'ପ୍ରତିବାଦ ସ୍ଥଳ' ଭାବେ ପରିଚିତ। ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଛାତ୍ର, କୃଷକ, ମହିଳା, ସାମାଜିକ ସଂଗଠନ ଓ ଅନ୍ୟାନ୍ୟ ନାଗରିକ ଗୋଷ୍ଠୀ ନିଜ ଦାବି ଓ ସମସ୍ୟାକୁ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ଏହି ସ୍ଥାନକୁ ବାଛିଛନ୍ତି। ଏହି କାରଣରୁ ଜନ୍ତର ମନ୍ତରକୁ ଭାରତୀୟ ଗଣତନ୍ତ୍ରର 'ଜନସ୍ୱରର ମଞ୍ଚ' ବୋଲି କୁହାଯାଏ।

ଜନ୍ତର ମନ୍ତର ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ ଜଡ଼ିତ ରହିଛି। ଦୁର୍ନୀତି ବିରୋଧୀ ଅଭିଯାନ, କୃଷକଙ୍କ ଦାବି, ସାମାଜିକ ନ୍ୟାୟ ଓ ବିଭିନ୍ନ ଜନସ୍ୱାର୍ଥ ସମ୍ପର୍କିତ ପ୍ରତିବାଦ ଏହି ସ୍ଥାନକୁ ଜାତୀୟ ଆଲୋଚନାର କେନ୍ଦ୍ରବିନ୍ଦୁ କରିଛି। ଦିଲ୍ଲୀର ଜନ୍ତର ମନ୍ତର ଏବଂ ରାମଲୀଳା ମଇଦାନରେ 'ଜନ ଲୋକପାଳ ବିଲ୍' ପାଇଁ ଆନ୍ନା ହଜାରେ ଆମରଣ ଅନଶନ କରିଥିଲେ। ଆନ୍ନାଙ୍କ ସହିତ ଅରବିନ୍ଦ କେଜରିୱାଲ, ପ୍ରଶାନ୍ତ ଭୂଷଣ ଓ କିରଣ ବେଦୀ ମଧ୍ୟ ଯୋଗ ଦେଇଥିଲେ। ଏହି ଅନଶନକୁ ଓଡ଼ିଶା ସମେତ ସମଗ୍ର ଦେଶରେ ବ୍ୟାପକ ଜନସମର୍ଥନ ମିଳିଥିଲା। ଆନ୍ନା ହଜାରେଙ୍କ ୧୨ ଦିନର ଅନଶନ ପରେ ସଂସଦରେ ଲୋକପାଳ ବିଲ୍ ଗୃହୀତ ହୋଇଥିଲା ଏବଂ ସେ ଅନଶନ ଭାଙ୍ଗିଥିଲେ।

୨୦୧୨ ମସିହା ଡିସେମ୍ବର ୧୬ ତାରିଖରେ ନୂଆଦିଲ୍ଲୀରେ ଘଟିଥିବା ଜଘନ୍ୟ ଗଣଦୁଷ୍କର୍ମ ଓ ହତ୍ୟାକାଣ୍ଡ ( ନିର୍ଭୟା) ବଡ଼ ରାଷ୍ଟ୍ରୀୟ ଆନ୍ଦୋଳନର ରୂପ ନେଇଥିଲା। ଏହି ଦୁଃଖଦ ଘଟଣା ପରେ ସମଗ୍ର ଦେଶରେ ତୀବ୍ର ପ୍ରତିବାଦ ଏବଂ ନାରୀ ସୁରକ୍ଷା ପାଇଁ କଡ଼ା କାନୁନ ଦାବି ହୋଇଥିଲା। ଦିଲ୍ଲୀର ଇଣ୍ଡିଆ ଗେଟ୍ ଏବଂ ସଂସଦ ଭବନ ଆଗରେ ହଜାର ହଜାର ଯୁବକଯୁବତୀ ଓ ସାଧାରଣ ଲୋକ ଏକାଠି ହୋଇ କୋହଭରା ପ୍ରତିବାଦ କରିଥିଲେ ଏହି ଜନଆନ୍ଦୋଳନର ଚାପରେ ସରକାର ଜଷ୍ଟିସ୍ ଜେ.ଏସ୍. ବର୍ମା କମିଟି ଗଠନ କରିଥିଲେ। ଫଳସ୍ୱରୂପ ଦେଶରେ ଦୁଷ୍କର୍ମ ବିରୋଧୀ ଆଇନକୁ ଅଧିକ କଡ଼ାକଡ଼ି କରାଯାଇଥିଲା ଏବଂ 'ନିର୍ଭୟା ପାଣ୍ଠି' ସୃଷ୍ଟି କରାଯାଇଥିଲା। ତାମିଲନାଡୁର କୃଷକମାନେ ୨୦୧୭ ମସିହାରେ କୃଷକମାନଙ୍କ ପାଇଁ ମରୁଡ଼ି ସହାୟତା, କୃଷିଋଣ ଛାଡ଼ ଏବଂ ଅନ୍ୟାନ୍ୟ ସାହାଯ୍ୟ ପାଇଁ ଧର୍ମଘଟ କରିଥିଲେ। ୨୦୧୯ ମସିହାରେ ନାଗରିକ ସଂଶୋଧନ ଆଇନ୍ ବିରୁଦ୍ଧରେ ଜନ୍ତରମନ୍ତର ଠାରେ ଧର୍ମଘଟ ହୋଇଥିଲା। ୨୦୨୩ ମସିହାରେ ପ୍ରଖ୍ୟାତ କୁସ୍ତିଯୋଦ୍ଧାମାନେ ଭାରତୀୟ କୁସ୍ତି ମହାସଂଘ ବିରୁଦ୍ଧରେ ଧର୍ମଘଟ କରିଥିଲେ।

ନିକଟରେ ଜନ୍ତର ମନ୍ତରକୁ 'କକ୍ରୋଚ ଜନତା ପାର୍ଟି' ପକ୍ଷରୁ ନିଟ୍ ପେପର ଲିକ୍ ବିରୋଧ ପ୍ରଦର୍ଶନ ପାଇଁ ବାଛିବାର କିଛି ପ୍ରମୁଖ କାରଣ ଥିଲା। ଜନ୍ତର ମନ୍ତର ସଂସଦ ଭବନ ଓ କେନ୍ଦ୍ରୀୟ ସରକାରୀ କାର୍ଯ୍ୟାଳୟ ନିକଟରେ ଥିବାରୁ ସେଠାରେ ପ୍ରତିବାଦ କଲେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହଜ ହୁଏ। ଦିଲ୍ଲୀରେ ଆୟୋଜିତ ପ୍ରତିବାଦକୁ ଜାତୀୟ ଗଣମାଧ୍ୟମ ବ୍ୟାପକ ଭାବେ ଗୁରୁତ୍ୱ ଦିଏ। ଫଳରେ ନିଟ୍ ପେପର ଲିକ୍ ମାମଲା ସାରା ଦେଶରେ ଆଲୋଚନାର ବିଷୟ ହୋଇପାରିଥିଲା। ସୋନମ ୱାଙ୍ଗଚୁକ୍ ମଧ୍ୟ ଜୁନ ମାସରେ ଏଠାରେ ଆମରଣ ଅନଶନ ଆରମ୍ଭ କରିଥିଲେ। ଜନ୍ତର ମନ୍ତର ପ୍ରମାଣ କରେ ଯେ ଗଣତନ୍ତ୍ରରେ ଶାନ୍ତିପୂର୍ଣ୍ଣ ମତପ୍ରକାଶ ଓ ସଂଳାପର ଗୁରୁତ୍ୱ କେତେ ଅଧିକ।

ଆଜିର ପିଢ଼ି ପାଇଁ ଜନ୍ତର ମନ୍ତର ଏକ ଦ୍ୱିମୁଖୀ ଶିକ୍ଷା ଦିଏ। ଏକପଟେ ବୈଜ୍ଞାନିକ ଚେତନାକୁ ସମ୍ମାନ କରିବାର ପ୍ରେରଣା, ଅନ୍ୟପଟେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବାର ସନ୍ଦେଶ। ଏହି ଐତିହାସିକ ସ୍ଥାନର ସଂରକ୍ଷଣ ଏବଂ ଏହାର ଐତିହ୍ୟ ସମ୍ପର୍କରେ ଯୁବପିଢ଼ିକୁ ସଚେତନ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଜନ୍ତର ମନ୍ତର ଆମକୁ ସ୍ମରଣ କରାଏ ଯେ ଜ୍ଞାନ, ବିଜ୍ଞାନ ଓ ଗଣତନ୍ତ୍ର - ଏହି ତିନୋଟି ହେଉଛି ଏକ ଶକ୍ତିଶାଳୀ ରାଷ୍ଟ୍ରର ମୂଳଭିତ୍ତି।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ପଞ୍ଚକୋଷ: ମଣିଷ ଗଠନର ଦର୍ଶନ

ନିର୍ମଳ କୁମାର ରଣା

ଶିକ୍ଷାର ଉଦ୍ଦେଶ୍ୟ କେବଳ ସୂଚନା ପ୍ରଦାନ କିମ୍ବା ଜୀବିକା ଅର୍ଜନର ଉପାୟ ସୃଷ୍ଟି କରିବା ନୁହେଁ; ବରଂ ଏପରି ଜଣେ ମଣିଷ ଗଢ଼ି ତୋଳିବା, ଯିଏ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ସନ୍ତୁଳିତ, ବୌଦ୍ଧିକ ଭାବେ ପ୍ରଖର, ନୈତିକ ଭାବେ ଦୃଢ଼ ଏବଂ ଆଧ୍ୟାତ୍ମିକ ଭାବେ ସଚେତନ ହୋଇଥିବ। ଏହି ସର୍ବାଙ୍ଗୀଣ ମାନବ ବିକାଶର ଧାରଣା ଭାରତୀୟ ଜ୍ଞାନ ପରମ୍ପରାରେ ହଜାର ହଜାର ବର୍ଷ ପୂର୍ବରୁ ତୈତ୍ତିରୀୟ ଉପନିଷଦରେ 'ପଞ୍ଚକୋଷ ତତ୍ତ୍ୱ' ରୂପେ ପ୍ରତିପାଦିତ। ଆଜିର 'ଜାତୀୟ ଶିକ୍ଷାନୀତି ୨୦୨୦' ମଧ୍ୟ ଏହି ସମନ୍ୱିତ ଶିକ୍ଷାଦର୍ଶନକୁ ନୂତନ ପ୍ରସଙ୍ଗରେ ପୁନଃସ୍ଥାପିତ କରିଛି।

ଉପନିଷଦ କହେ, ମଣିଷ କେବଳ ଶରୀର ନୁହେଁ; ତାହାର ଅସ୍ତିତ୍ୱ ପାଞ୍ଚଟି ଆବରଣ ବା କୋଷରେ ବିକଶିତ। ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ। ଏହି ପାଞ୍ଚଟିସ୍ତରର ସୁସମ ବିକାଶ ହିଁ ପ୍ରକୃତ ଶିକ୍ଷା ଓ ପ୍ରକୃତ ମାନବ ଗଠନର ମୂଳମନ୍ତ୍ର। ପ୍ରଥମ ସ୍ତର ଅନ୍ନମୟ କୋଷ। ଏହା ମଣିଷର ସ୍ଥୂଳ ଶରୀର। ଅନ୍ନରୁ ଶରୀରର ଜନ୍ମ, ବୃଦ୍ଧି ଓ ପୋଷଣ ହୁଏ। ସେଥିପାଇଁ ସୁସ୍ଥ ଶରୀର ବିନା କୌଣସି ଉଚ୍ଚତର ବିକାଶ ସମ୍ଭବ ନୁହେଁ। ପୌଷ୍ଟିକ ଖାଦ୍ୟ, ସ୍ୱଚ୍ଛତା, ନିୟମିତ ବ୍ୟାୟାମ, ଯୋଗାଭ୍ୟାସ ଓ ସୁସ୍ଥ ଜୀବନଶୈଳୀ ଏହି କୋଷକୁ ସୁଦୃଢ଼ କରେ। ଆଜି ବିଦ୍ୟାଳୟରେ କ୍ରୀଡ଼ା, ଯୋଗ ଓ ସ୍ୱାସ୍ଥ୍ୟ ଶିକ୍ଷାକୁ ଯେଉଁ ଗୁରୁତ୍ୱ ଦିଆଯାଉଛି, ତାହାର ମୂଳ ଏହି ଦର୍ଶନରେ ନିହିତ। ଦ୍ୱିତୀୟ ସ୍ତର ପ୍ରାଣମୟ କୋଷ। ଏହା ଜୀବନଶକ୍ତିର ଆଧାର। ଶ୍ୱାସ-ପ୍ରଶ୍ୱାସ, ରକ୍ତସଞ୍ଚାଳନ, ପାଚନ ଓ ସମସ୍ତ ଜୀବନକ୍ରିୟା ଏହି ପ୍ରାଣଶକ୍ତି ଦ୍ୱାରା ପରିଚାଳିତ ହୁଏ। ଯୋଗ, ପ୍ରାଣାୟାମ, ଶୁଦ୍ଧ ବାୟୁ, ଶୃଙ୍ଖଳିତ ଦୈନନ୍ଦିନ ଜୀବନ ଏହି କୋଷକୁ ସକ୍ରିୟ ରଖେ। ଦ୍ରୁତଗତିର ଆଧୁନିକ ଜୀବନରେ ଶାରୀରିକ କ୍ଳାନ୍ତି ସହ ମାନସିକ ଅବସାଦ ବଢ଼ୁଥିବା ବେଳେ ପ୍ରାଣମୟ କୋଷର ସନ୍ତୁଳନ ଅଧିକ ପ୍ରାସଙ୍ଗିକ।

ତୃତୀୟ ସ୍ତର ମନୋମୟ କୋଷ। ମଣିଷର ମନ, ଭାବନା, କଳ୍ପନା, ସମ୍ବେଦନଶୀଳତା ଓ ମୂଲ୍ୟବୋଧ ଏହି ସ୍ତର ସହ ଜଡ଼ିତ। ଆଜିର ସମାଜରେ ଚାପ, ପ୍ରତିଯୋଗିତା ଓ ଡିଜିଟାଲ ନିର୍ଭରତା ମଣିଷର ମାନସିକ ସନ୍ତୁଳନକୁ ପ୍ରଭାବିତ କରୁଛି। ଏପରି ସମୟରେ ସାହିତ୍ୟ, ସଙ୍ଗୀତ, କଳା, ଧ୍ୟାନ, ପ୍ରାର୍ଥନା, ପରିବାରିକ ସଂସ୍କାର ଓ ସକାରାତ୍ମକ ପରିବେଶ ମନୋମୟ କୋଷକୁ ସୁସ୍ଥ ରଖିବାର ଶ୍ରେଷ୍ଠ ଉପାୟ। ଚତୁର୍ଥ ସ୍ତର ବିଜ୍ଞାନମୟ କୋଷ। ଏହା ବୁଦ୍ଧି, ବିବେକ, ବିଚାରଶକ୍ତି ଓ ଜ୍ଞାନର କେନ୍ଦ୍ର। କେବଳ ତଥ୍ୟ ସଂଗ୍ରହ କରିବା ଶିକ୍ଷା ନୁହେଁ; ସଠିକ୍ ନିଷ୍ପତ୍ତି ନେବା, ସତ୍ୟ-ଅସତ୍ୟର ବିଚାର କରିବା ଓ ସମାଜ ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିବା ହେଉଛି ପ୍ରକୃତ ଜ୍ଞାନ। ତେଣୁ ଶିକ୍ଷାରେ ପ୍ରଶ୍ନ କରିବାର ସ୍ୱାଧୀନତା, ସୃଜନଶୀଳତା, ଗବେଷଣାମନସ୍କତା ଓ ସମସ୍ୟା ସମାଧାନର କୌଶଳକୁ ଗୁରୁତ୍ୱ ଦେବା ଆବଶ୍ୟକ। ସବୁଠାରୁ ଅନ୍ତର୍ନିହିତ ସ୍ତର ଆନନ୍ଦମୟ କୋଷ। ଏହା ମଣିଷର ଅନ୍ତର୍ଶାନ୍ତି, କରୁଣା, ସେବାଭାବ, ସତ୍ୟନିଷ୍ଠା ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ। ବାହ୍ୟ ସଫଳତା କ୍ଷଣସ୍ଥାୟୀ ଆନନ୍ଦ ଦେଇପାରେ; କିନ୍ତୁ ସ୍ଥାୟୀ ଶାନ୍ତି ଆସେ ଅନ୍ତରର ପରିଶୁଦ୍ଧତାରୁ। ତେଣୁ ଭାରତୀୟ ଦର୍ଶନ ସଦା କହିଆସିଛି, ଜ୍ଞାନର ଚରମ ଲକ୍ଷ୍ୟ କେବଳ ଜୀବିକା ନୁହେଁ, ଜୀବନର ପରିଷ୍କାର।

ପଞ୍ଚକୋଷ ତତ୍ତ୍ୱର ସବୁଠାରୁ ବଡ଼ ବିଶେଷତା ହେଉଛି ଏହା ମଣିଷକୁ ଖଣ୍ଡ ଖଣ୍ଡ ଭାବେ ନୁହେଁ, ଏକ ସମ୍ପୂର୍ଣ୍ଣ ସତ୍ତା ଭାବେ ଦେଖେ। ଏଠାରେ ଶରୀର, ପ୍ରାଣ, ମନ, ବୁଦ୍ଧି ଓ ଆତ୍ମଚେତନା ପରସ୍ପର ପୂରକ। ଏହି କାରଣରୁ ଆଜି ସାରା ବିଶ୍ୱରେ ସମଗ୍ର ଶିକ୍ଷା, ଯୋଗ, ଧ୍ୟାନ, ମୂଲ୍ୟବୋଧ ଶିକ୍ଷା ଓ ମାନସିକ ସ୍ୱାସ୍ଥ୍ୟ ଉପରେ ବଢ଼ୁଥିବା ଗୁରୁତ୍ୱ ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତାକୁ ପୁନଃ ପ୍ରତିଷ୍ଠିତ କରୁଛି। ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷାକୁ କେବଳ ପରୀକ୍ଷା କୈନ୍ଦ୍ରିକ ନ କରି, ସର୍ବାଙ୍ଗୀଣ ବ୍ୟକ୍ତିତ୍ୱ ବିକାଶର ମାଧ୍ୟମ ଭାବେ ଦେଖିଛି। ଏହି ଦୃଷ୍ଟିରୁ 'ପଞ୍ଚକୋଷ ତତ୍ତ୍ୱ' କେବଳ ଆଧ୍ୟାତ୍ମିକ ଆଲୋଚନାର ବିଷୟ ନୁହେଁ; ଆଧୁନିକ ଶିକ୍ଷା, ପରିବାର, ସମାଜ ଓ ରାଷ୍ଟ୍ର ଗଠନର ଏକ ସମୟୋପଯୋଗୀ ଦିଗଦର୍ଶନ।

ଆଜି ଆବଶ୍ୟକ ଉଚ୍ଚଶିକ୍ଷିତ, ସୁସଂସ୍କୃତ, ସମ୍ବେଦନଶୀଳ, ଚରିତ୍ରବାନ୍ ଓ ଦାୟିତ୍ୱବାନ୍ ନାଗରିକ। 'ପଞ୍ଚକୋଷ ତତ୍ତ୍ୱ' ଆମକୁ ସେହି ମାର୍ଗ ଦେଖାଏ, ଯେଉଁଠାରେ ଶିକ୍ଷାର ଲକ୍ଷ୍ୟ କେବଳ ସଫଳତା ନୁହେଁ, ବରଂ ମଣିଷତ୍ୱର ପୂର୍ଣ୍ଣ ବିକାଶ।

ପୁରୁଣାକଟକ(ବୌଦ୍ଧ),
ମୋ: ୯୯୩୭୬୬୯୫୫୧

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୂର୍ବତନ ମେଡିକାଲ ଅଫିସର ଚାକିରିରୁ ବହିଷ୍କୃତ

ଭୁବନେଶ୍ୱର, ୧୨।୮ (ସମିସ): ଦୁର୍ନୀତି ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଜାରି ରଖିଛନ୍ତି। ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆ ସି.ଏଚ୍.ସି ଡାକ୍ତରଖାନାର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ପତିତପାବନ ବାରିକ ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବାପରେ ତାଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ଡାକ୍ତର ବାରିକ ବର୍ତ୍ତମାନ ଗଜପତି ଜିଲ୍ଲା ଗୁରାଣ୍ଡି ସି.ଏଚ୍.ସିରେ କାର୍ଯ୍ୟରତ ଅଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଂସଦରେ ଅଚଳାବସ୍ଥା...

ଗୃହକାର୍ଯ୍ୟ ବନ୍ଦ କରିବାରେ ମାତିଛନ୍ତି। ଅନ୍ୟପକ୍ଷରେ, କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ ଗୃହମନ୍ତ୍ରୀଙ୍କଠାରୁ ବିରୋଧୀ ଦଳ କୌଣସି ଭାଷଣ ଶୁଣିବାକୁ ଚାହୁଁନାହାନ୍ତି। ଛାତ୍ରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲା, ସରକାର ସେହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ଦିଅନ୍ତୁ। ଯଦି ଏହି ନିର୍ଦ୍ଦେଶ ଗୃହମନ୍ତ୍ରୀ ଦେଇଛନ୍ତି, ତେବେ ସେ ତୁରନ୍ତ ଇସ୍ତଫା ଦେବା ଆବଶ୍ୟକ। ଦୀର୍ଘଦିନ ଧରି ଚାଲିଥିବା ଏହି ବିବାଦ ଯୋଗୁଁ ସଂସଦର ମୌସୁମୀ ଅଧିବେଶନର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସରକାର ଓ ବିରୋଧୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ଅଚଳାବସ୍ଥା ମଧ୍ୟରେ ସରକାର ବିନା ଆଲୋଚନାରେ କେତେକ ବିଲ୍ ପାସ୍ କରାଇ ନେଇଛନ୍ତି।

## ଜେପିସିକୁ ଗଲା...

ଅନ୍ୟପଟେ କଂଗ୍ରେସ ଓ ସମାଜବାଦୀ ପାର୍ଟି ଭଳି ବିରୋଧୀ ଦଳଗୁଡ଼ିକ ଏହି ବିଲ୍‌କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଏହି ସଂଶୋଧନ ଜରିଆରେ ସାମାଜିକ ସଂଗଠନ ଓ ସଂଖ୍ୟାଲଘୁ ଅନୁଷ୍ଠାନଗୁଡ଼ିକୁ ଟାର୍ଗେଟ୍ କରାଯାଉଥିବା ବିରୋଧୀ ଅଭିଯୋଗ କରିଛନ୍ତି। ତେବେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ ବିଲ୍‌ରେ ସଂଖ୍ୟାଲଘୁ ଅନୁଷ୍ଠାନ ବିରୋଧୀ କୌଣସି ବ୍ୟବସ୍ଥା ନାହିଁ। ବୈଦେଶିକ ଅନୁଦାନର ସଠିକ୍ ବିନିଯୋଗ ନିଶ୍ଚିତ କରିବା ପାଇଁ ଏହି ବିଲ୍ ଆଗତ କରାଯାଇଥିବା ସେ କହିଛନ୍ତି।

## ଜଷ୍ଟିସ ବର୍ମା...

ବହିଷ୍କାର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଜଷ୍ଟିସ ବର୍ମା ନିଜ ପଦବୀରୁ ଇସ୍ତଫା ଦେଇସାରିଛନ୍ତି। ସଂସଦୀୟ କମିଟି ନିଜ ରିପୋର୍ଟରେ ପୂର୍ବତନ ବିଚାରପତିଙ୍କ ଆଚରଣକୁ କଠୋର ଭାବେ ସମାଲୋଚନା କରିବା ସହ ଘଟଣାପରେ ଟଙ୍କା ଗାୟବ ହୋଇଯିବା ଏବଂ ପ୍ରମାଣ ନଷ୍ଟ ହେବା ନେଇ ତଦନ୍ତକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦିଲ୍ଲୀ ହାଇକୋର୍ଟର ବିଚାରପତି ଥିବା ବେଳେ ତାଙ୍କ ଘରୁ ଟଙ୍କା ମିଳିଥିଲା। ଏହାକୁ ନେଇ ବିବାଦ ସୃଷ୍ଟି ହେବାରୁ ଜଷ୍ଟିସ ବର୍ମାଙ୍କୁ ଅହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା। ତେବେ ସେଠାରେ ତାଙ୍କୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା।

## କ୍ଷମତା ଅଳିନ୍ଦରେ...

ସୁଧାଂଶୁ ଷଡ଼ଙ୍ଗୀଙ୍କ ନାମ ଚର୍ଚ୍ଚାର ପରିଧିରେ ଥିଲା। ଏହାପରେ ଅନ୍ୟ ଦୁଇ ବରିଷ୍ଠ ଅଧିକାରୀ ଆର୍.ପି.କୋଚେ ଓ ସୁଶାନ୍ତ ନାଥଙ୍କ ନାମ ମଧ୍ୟ ଏଥିରେ ସାମିଲ ହୋଇଥିଲା। ସୁଧାଂଶୁ ଷଡ଼ଙ୍ଗୀଙ୍କୁ ସରକାର ପସନ୍ଦ କରୁ ନ ଥିଲେ, ଆର୍.ପି.କୋଚେଙ୍କୁ ବିଜେପିର ରାଜ୍ୟ ସଂଗଠନ ପ୍ରସନ୍ଦ କରୁ ନ ଥିଲା ଓ ପୁଲିସ ଏସ୍‌ଆଇ ନିଯୁକ୍ତି ପ୍ରସଙ୍ଗରେ ସୁଶାନ୍ତ ନାଥ ବିବାଦୀୟ ହୋଇ ପଡ଼ିଥିଲେ। ଯେଉଁଥିପାଇଁ ୱାଇ.ବି.ଖୁରାନିଆଙ୍କ ଉତ୍ତରାଧିକାରୀ ନିଯୁକ୍ତି ଚୂଡ଼ାନ୍ତ ହୋଇ ପାରି ନ ଥିଲା।

ମାତ୍ର ଗତ ୭ ତାରିଖରେ ୟୁପିଏସ୍‌ସି ଏମ୍ପାନେଲମେଣ୍ଟ କମିଟି ବୈଠକରେ ଘଟିଥିବା ଘଟଣା ସବୁ ଅଙ୍କକୁ ଗୋଳମାଳ କରି ଦେଇଥିଲା। ସୁଶାନ୍ତ ନାଥଙ୍କୁ ଏହି ପ୍ରକ୍ରିୟାରୁ ବାଦ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ମୁଖ୍ୟ ସଚିବ ଓ ବର୍ତ୍ତମାନର ଡିଜିପି ୟୁପିଏସ୍‌ସିକୁ ଅନୁରୋଧ କରିଥିଲେ। ଫଳରେ ବିନା ନିଷ୍କର୍ଷରେ ବୈଠକ ସ୍ଥଗିତ ରହିଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି ହୋଇଛି ଏବଂ ଏହା କେବଳ ରାଜ୍ୟର ଡିଜି ପଦ ନୁହେଁ, କ୍ଷମତା ରାଜନୀତିରେ ଚାଲିଥିବା ଛାୟା ଯୁଦ୍ଧର ପ୍ରତିଫଳନ ବୋଲି କୁହାଯାଉଛି। ରାଜ୍ୟ ବିଜେପିରେ ଚାଲିଥିବା ଆଭ୍ୟନ୍ତରୀଣ କନ୍ଦଳ, ସରକାରରେ ବାବୁମାନଙ୍କ ପତିଆରା ଓ ପୁଲିସ ବିଭାଗରେ ବରିଷ୍ଠ ବର୍ଗ ଅଧିକାରୀଙ୍କ ମଧ୍ୟରେ ବିଭେଦକୁ ମଧ୍ୟ ଏହା ସ୍ପଷ୍ଟ କରିଛି ବୋଲି କୁହାଯାଉଛି। ଏହି କ୍ରମରେ ଆସନ୍ତାକାଲିର ୟୁପିଏସ୍‌ସି ବୈଠକ ବେଶ୍ ଗୁରୁତ୍ୱ ବହନ କରୁଛି। ଏମ୍ପାନେଲମେଣ୍ଟ କମିଟି କାହା ନାମ ଏଥିପାଇଁ ସୁପାରିସ କରିବ ଓ ସରକାର କାହାକୁ ଡିଜି କରିବେ ତାହା ଉପରେ ସମସ୍ତଙ୍କର ନଜର ରହିଛି। ମାତ୍ର ଏହା ମଧ୍ୟରେ ସୁପ୍ରିମକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ ଯଦି କିଛି ପ୍ରତିକୂଳନ ନିର୍ଦ୍ଦେଶ ଆସେ, ତେବେ ସମଗ୍ର ପ୍ରକ୍ରିୟାର ଗତିପଥ ବଦଳିପାରେ। ତେବେ ଇତିମଧ୍ୟରେ ଅନ୍ୟ ଦୁଇ ବରିଷ୍ଠ ଆଇପିଏସ୍ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠୱାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିବାରୁ ପରବର୍ତ୍ତୀ ଡିଜି ଭାବେ ଶ୍ରୀ ପଣ୍ଡାଙ୍କ ନାମ ସର୍ବାଧିକ ଚର୍ଚ୍ଚାରେ ରହିଛି।

## ଉତ୍ତର ଓଡ଼ିଶାରେ...

ଗୁରୁବାର ଉତ୍ତର ଓଡ଼ିଶାରେ ବର୍ଷାର ଅଧିକ ପ୍ରଭାବ ରହିବା ସହ କେନ୍ଦୁଝରରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ କେନ୍ଦୁଝର ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହା ବ୍ୟତୀତ ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ସେହିପରି କେନ୍ଦ୍ରାପଡ଼ା, ପୁରୀ, ଜଗତସିଂହପୁର, ଭଦ୍ରକ, ଖୋରଧା, ନୟାଗଡ଼, ବୌଦ୍ଧ, ସୁବର୍ଣ୍ଣପୁର, ବରଗଡ଼, ବଲାଙ୍ଗିର ଆଦି ୧୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ କାଁ ଭାଁ ବର୍ଷା ନେଇ ଆକଳନ କରାଯାଇଛି। ଲଘୁଚାପଟି ଓଡ଼ିଶା ଆଡ଼କୁ ବିଶେଷ ନ ଆସିବା ହେତୁ ୧୩ ପରେ ବର୍ଷାର ପ୍ରଭାବ କମିଯିବ। ଯଦିଓ ୧୪ ଓ ୧୫ରେ ବର୍ଷା କିଛି ପରିମାଣରେ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି, ମାତ୍ର ଏହାର ପ୍ରଭାବ ଯଥେଷ୍ଟ କମ୍ ରହିବା ନେଇ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍‌ରେ ଦର୍ଶାଯାଇଛି।

ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳରେ ମେଘୁଆପାଗ ବର୍ଷା ସହ ସମୁଦ୍ର ମଧ୍ୟରେ ୪୦-୫୦ କିମି ବେଗରେ ପବନ ବହିବ। ଏହା ବୃଦ୍ଧି ପାଇ ସର୍ବାଧିକ ୬୦ କିମି ବେଗରେ ମଧ୍ୟ ବହିପାରେ। ପବନର ବେଗ ଅଧିକ ରହିବା ହେତୁ ସମୁଦ୍ର ଅଶାନ୍ତ ରହିବ। ଏଥିପାଇଁ ୧୨ରୁ ୧୪ ତାରିଖ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଏହାସହ ସମସ୍ତ ବନ୍ଦର ଗୁଡ଼ିକୁ ପାଇଁ ମଧ୍ୟ ୩ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ଗୋଟିଏ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ବେଳେ ଦେବଗଡ଼ ଜିଲ୍ଲାର ବାରକୋଟରେ ୭୫.୨ ମିମି ସର୍ବାଧିକ ବର୍ଷା ରେକର୍ଡ ହୋଇଛି।

## ୧୦ ପ୍ରସ୍ତାବକୁ...

ମାଧ୍ୟମରେ ଅତିରିକ୍ତ ୨ ଲକ୍ଷ ୬୨ ହଜାର ୨୭୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବ। ପ୍ରକଳ୍ପରେ ଭୂତଳ ପାଇପ୍‌ଲାଇନ୍ ମାଧ୍ୟମରେ ଚାପଯୁକ୍ତ ଜଳ ବଣ୍ଟନ ବ୍ୟବସ୍ଥା ରହିବ। ଏହାଦ୍ୱାରା ଜଳ ପରିବହନ ସମୟରେ ହେଉଥିବା କ୍ଷୟକ୍ଷତି କମିବା ସହ ଜଳର ଦକ୍ଷ ବ୍ୟବହାର ସମ୍ଭବ ହେବ। ସେହିପରି ଜଳାଶୟ ଏବଂ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପର ଉନ୍ନତିକରଣ-ପର୍ଯ୍ୟାୟ ୩କୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହି ଯୋଜନା ୨୦୨୬-୨୭ରୁ ୨୦୨୯-.୩୦ ପର୍ଯ୍ୟନ୍ତ ଅର୍ଥାତ୍ ୪ ବର୍ଷ କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏଥିପାଇଁ ୩୮ ୯ କୋଟିର ବ୍ୟୟ ଅଟକଳ କରାଯାଇଛି। ଏହା ମାଧ୍ୟମରେ ପ୍ରାୟ ୧୫୭୦୦ ହେକ୍ଟର ହଜିଯାଇଥିବା ଜଳସେଚନ କ୍ଷେତ୍ର(ଆୟକଟ)ର ପୁନରୁଦ୍ଧାର କରାଯିବ। ସେହିପରି ଯୋଜନା ଅଧୀନରେ ରାଜ୍ୟର ୬୮୦ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସଂସ୍କାର ଓ ପୁନରୁଦ୍ଧାର କରାଯିବ ବୋଲି ଶ୍ରୀମତି ଗର୍ଗ ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁଯାୟୀ ଓଡ଼ିଶା ବେସାମରିକ ସେବା(ପୁନର୍ବାସ ସହାୟତା) ନିୟମାବଳୀ, ୨୦୨୬ ପ୍ରଣୟନକୁ ଅନୁମୋଦନ ଦେଇଛନ୍ତି ରାଜ୍ୟ କ୍ୟାବିନେଟ। ଏହି ନିଷ୍ପତ୍ତି ଅନୁଯାୟୀ ଅନୁକମ୍ପାମୂଳକ ନିଯୁକ୍ତିରେ ପୂର୍ବରୁ ପ୍ରଚଳିତ ୧୦୦ ପଏଣ୍ଟ ମୂଲ୍ୟାୟନ ପଦ୍ଧତି ଯୋଗ୍ୟତା ସର୍ତ୍ତବ ପ୍ରତ୍ୟାହାର କରିନିଆଯାଇଛି। ଏହାସହ ପୁନର୍ବାସ ସହାୟତା ଯୋଜନା ଅଧୀନରେ ମୂଳସ୍ତରର ଗ୍ରୁପ-ଡି ପଦବୀର ୫୦ ପ୍ରତିଶତ ସୀମାକୁ ମଧ୍ୟ ପ୍ରତ୍ୟାହାର କରାଯାଇଛି। ଏହାସହ ୨୦୨୦ ମସିହା ନିୟମାବଳୀ ଅନୁଯାୟୀ ୧୦୦ ପଏଣ୍ଟ ମୂଲ୍ୟାୟନ ଆଧାରରେ ପ୍ରତ୍ୟାଖ୍ୟାତ ହୋଇଥିବା ଆବେଦନଗୁଡ଼ିକର ପୁନଃବିଚାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟର ସମସ୍ତ ପ୍ରମୁଖ କାର୍ଯ୍ୟାଳୟରୁ ପେପର ଲେସ୍ କରିବା ପାଇଁ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା ଓସ୍ୱାସ୍ ୨.୦କୁ ସଫଳତା ମିଳିବା ପରେ ଓସ୍ୱାସ୍ ୩.୦କୁ ଆଜି ରାଜ୍ୟ କ୍ୟାବିନେଟରେ ମୋହର ବାଜିଛି। ୨୦୨୫-୨୬ରେ ଓସ୍ୱାସ୍ ୨.୦ କାର୍ଯ୍ୟକାରୀ ହୋଇଥିବା ବେଳେ ଏଥିରେ ବ୍ଲକସ୍ତରୀୟ କାର୍ଯ୍ୟାଳୟକୁ ସାମିଲ କରାଯାଇପାରିଛି। ଓସ୍ୱାସ୍ ୩.୦ ପ୍ରକଳ୍ପ ପାଇଁ ନୂଆ ସିଷ୍ଟମ ଡେଭଲପର ମନୋନୟନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହିକ୍ରମରେ ଟିସିଏସର ୧୨୨ କୋଟି ୬୦ ଲକ୍ଷ ୨୫୪୩୬ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଥିବା ବେଳେ ଏହା ୫ ବର୍ଷ ପାଇଁ ଆବଶ୍ୟକୀୟ ସମସ୍ତ ସହାୟତା ଯୋଗାଇ ଦେବ। ସେହିପରି ଓଡ଼ିଶାରେ ନବୀକରଣଯୋଗ୍ୟ ଶକ୍ତିର ବିକାଶକୁ ତ୍ୱରାନ୍ୱିତ କରିବା, ନିବେଶକଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଏବଂ ରାଜ୍ୟବାସୀଙ୍କ ପାଇଁ ସୁଲଭ ମୂଲ୍ୟରେ ସବୁଜ ବିଦ୍ୟୁତ୍ ଉପଲବ୍ଧ କରାଇବା ଲକ୍ଷ୍ୟରେ ଓଡ଼ିଶା ନବୀକରଣଯୋଗ୍ୟ ଶକ୍ତି ନୀତି, ୨୦୨୨ର କେତେକ ବ୍ୟବସ୍ଥାରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ପ୍ରମୁଖ ସଂଶୋଧନ ମଧ୍ୟରେ ପୁରାତନ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଗ୍ରୀଡକୋକୁ ନୋଡାଲ ସଂସ୍ଥା ଭାବରେ ନିଯୁକ୍ତି ମିଳିଥିବା ବେଳେ ଅକ୍ଷୟ ଶକ୍ତିର ଉତ୍ପାଦନ , ଆହରଣକୁ ପ୍ରୋତ୍ସାହନ ପାଇଁ ଏକାଧିକ ପଦକ୍ଷେପ ନିଆଯାଇଛି। ଶକ୍ତି ବିଭାଗର ଅନ୍ୟ ଏକ ପ୍ରସ୍ତାବକ୍ରମେ ରାଜ୍ୟରେ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ(ପିଏସପି)ର ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ 'ଓଡ଼ିଶା ପିଏସପି ନୀତି,୨୦୨୫ ଏବଂ ଏହାର ପରିଚାଳନା ନିର୍ଦ୍ଦେଶାବଳୀରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହା ଆସନ୍ତା ୨୦୩୦ ମସିହା ମାର୍ଚ୍ଚ ୩୧ ତାରିଖ ଯାଏଁ ବଳବତ୍ତର ରହିବ। ନବୀକରଣଯୋଗ୍ୟ ଶକ୍ତିର ବଢ଼ୁଥିବା ବ୍ୟବହାର ମଧ୍ୟରେ ଦୀର୍ଘ ସମୟ ପାଇଁ ଶକ୍ତି ସଂରକ୍ଷଣ କରିବାରେ ପମ୍ପଡ୍ ଷ୍ଟୋରେଜ୍ ହାଇଡ୍ରୋ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଅଫ୍-ପିକ୍ ସମୟରେ ଅତିରିକ୍ତ ବିଦ୍ୟୁତ୍ ସଂରକ୍ଷଣ କରି ପିକ୍ ଡିମାଣ୍ଡ ସମୟରେ କିମ୍ବା ନବୀକରଣଯୋଗ୍ୟ ଶକ୍ତିର ଉପଲବ୍ଧତା କମ୍ ଥିବା ବେଳେ ଏହାକୁ ବ୍ୟବହାର କରାଯାଇପାରିବ। ୨୦୩୦ ସୁଦ୍ଧା ରାଜ୍ୟରେ ନବୀକରଣଯୋଗ୍ୟ ଶକ୍ତି ଉତ୍ସରୁ ପ୍ରାୟ ୧୧ ହଜାର ମେଗାୱାଟ୍ କ୍ଷମତା ଯୋଗ କରିବାକୁ ଓଡ଼ିଶାର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ପୂରଣରେ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପଗୁଡ଼ିକ ଗୁରୁତ୍ୱ ବହନ କରିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ 'ଓଡ଼ିଶା ସେମିକଣ୍ଡକ୍ଟର ମାନୁଫାକ୍‌ଚରିଂ ଆଣ୍ଡ ଫ୍ୟାବ୍‌ଲେସ୍ ପଲିସି'ର ତୃତୀୟ ସଂଶୋଧନକୁ ମୋହର ମାରିଛି କ୍ୟାବିନେଟ୍। ନୂଆ ବ୍ୟବସ୍ଥାରେ ସେମିକଣ୍ଡକ୍ଟର ଉପକରଣ, ସେମିକଣ୍ଡକ୍ଟର-ଗ୍ରେଡ୍ କେମିକାଲ୍, ସ୍ପେସିଆଲିଟି ଗ୍ୟାସ୍, ଆଡଭାନ୍ସଡ୍ ମ୍ୟାଟେରିଆଲ୍ ଓ ସପ୍ଲାଇ ଚେନ୍‌ର ବିଭିନ୍ନ ଅଂଶକୁ ପ୍ରୋତ୍ସାହନ ମିଳିବ। ଭାରତ ସେମିକଣ୍ଡକ୍ଟର ମିଶନ୍ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ପାଇଁ ରାଜ୍ୟ ସରକାର ଯୋଗ୍ୟ ପୁଞ୍ଜି ଖର୍ଚ୍ଚର ୨୫ ପ୍ରତିଶତ ଅତିରିକ୍ତ ଆର୍ଥିକ ସହାୟତା ଦେବ। ଏହା ସହ ମେଗା ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜ୍‌ର ବ୍ୟବସ୍ଥା ରହିଛି। ସରକାରଙ୍କ ଏହି ପଦକ୍ଷେପ ସେମିକଣ୍ଡକ୍ଟର ଶିଳ୍ପ ସହ ଆନୁଷଙ୍ଗିକ କ୍ଷେତ୍ରରେ ନିଯୁକ୍ତି, ଦକ୍ଷତା ବିକାଶ ଓ ଏମଏସଏମଇ ବିକାଶକୁ ବୃଦ୍ଧି କରିବା ନେଇ ଆଶା କରାଯାଉଛି।

ଅସହାୟ ଶିଶୁମାନଙ୍କ ପାଇଁ ରାଜ୍ୟ ସ୍ତରୀୟ ଯୋଜନା 'ଯଶୋଦା' ଏବଂ ଉପ-ଯୋଜନା 'ଆଶୀର୍ବାଦ'କୁ ଆଗାମୀ ୫ ବର୍ଷ ପାଇଁ ଜାରି ରଖିବାକୁ ନିଷ୍ପତ୍ତି ନେଇଛି କ୍ୟାବିନେଟ। ଏଥିପାଇଁ ୨୯୭.୯୯ କୋଟିର ବ୍ୟୟବରାଦ କରାଯାଇଛି। ଅସହାୟ ଶିଶୁମାନଙ୍କ ସୁଦୃଢ଼ ଆର୍ଥିକ, ଶିକ୍ଷାଗତ ଏବଂ ସାମାଜିକ ସୁରକ୍ଷା ପ୍ରଦାନ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେହିପରି ଭାବେ ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାକୁ ମଧ୍ୟ ଆଉ ୫ ବର୍ଷ ପର୍ଯ୍ୟନ୍ତ ଜାରି ରଖିବା ସମ୍ପର୍କିତ ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ବାଜିଛି। ଏଥିପାଇଁ ୫୮୬ କୋଟି ୫୦ ଲକ୍ଷ ୭୫୪୮୦ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଏହାଦ୍ୱାରା ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୧୪.୬୭ ଲକ୍ଷ ପ୍ରାକ୍ ବିଦ୍ୟାଳୟ ପିଲା ଉପକୃତ ହେବେ।

## ବଦଳିଲା ଏଗ୍ରିଷ୍ଟାକ୍...

ପଞ୍ଜୀକରଣରେ ସମସ୍ୟା ଯୋଗୁଁ ଧାନ କିଣା ପାଇଁ 'ପିପିଏଏସ୍' ବ୍ୟବସ୍ଥାରେ ପଞ୍ଜୀକରଣରେ ବାଧା ସୃଷ୍ଟି ହେଉଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବରକୁ କ୍ୟାବିନେଟ୍ ଗୁରୁତ୍ୱର ସହ ନେଇଥିବା ସରକାର କହିଛନ୍ତି। ଏହି ପ୍ରସଙ୍ଗରେ କ୍ୟାବିନେଟ୍‌ରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଲୋଚନା ପରେ ସ୍ପଷ୍ଟ କରାଯାଇଛି ଯେ, ଏଗ୍ରିଷ୍ଟାକ୍‌ରେ କୃଷକ ପଞ୍ଜୀକରଣ ଏବଂ ଧାନ କିଣା ପାଇଁ 'ପିପିଏଏସ୍' ପଞ୍ଜୀକରଣ ପରସ୍ପର ସହ ସଂଯୁକ୍ତ ନୁହେଁ। ତେଣୁ ଏଗ୍ରିଷ୍ଟାକ୍ କୃଷକ ରେଜିଷ୍ଟ୍ରିରେ ପଞ୍ଜୀକରଣ ହୋଇନଥିବା କିମ୍ବା ଏଥିରେ କୌଣସି ସମସ୍ୟା ଥିବା କାରଣରୁ କୃଷକମାନେ ଧାନ ବିକ୍ରି ନେଇ ଚିନ୍ତିତ ହେବାର ଆବଶ୍ୟକତା ନାହିଁ।

ସୂଚନା ଥାଉ କି ଚଳିତ ବର୍ଷ ଚାଷୀଙ୍କୁ ପଞ୍ଜୀକରଣ କରିବା ପାଇଁ ସମୟରେ ଏଗ୍ରିଷ୍ଟାକ୍ ଆଇଡି ମଗାଯାଉଥିଲା। ଏହି ଆଇଡି କେବଳ ନିଜ ନାମରେ ଥିବା ଜମି ମାଲିକମାନେ ହିଁ ସୃଷ୍ଟି କରିବାରେ ସଫଳ ହେଉଥିଲେ। ମାତ୍ର ଯେଉଁମାନଙ୍କର ବାପା କିମ୍ବା ଜେଜେବାପାଙ୍କ ନାମରେ ଜମି ଅଛି, ସେମାନେ ଏହି ଆଇଡି ପ୍ରସ୍ତୁତ କରିବାରେ ବିଫଳ ହେଉଛନ୍ତି। ଏଥିପାଇଁ ସେମାନେ ପଞ୍ଜୀକରଣରୁ ବାଦ୍ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଥିଲା। ଏହି କାରଣ ପାଇଁ ଚାଷୀ ନାନା ସମସ୍ୟାର ସମ୍ମୁଖିନ ହେଉଥିଲେ। ଓଡ଼ିଶାର ପ୍ରାୟ ୭୦ ଭାଗ ଚାଷୀଙ୍କ ନାମରେ ନିଜସ୍ୱ ଜମି ପଟ୍ଟା ନାହିଁ। ଜମି ସେମାନଙ୍କ ବାପା କିମ୍ବା ଜେଜେବାପାଙ୍କ ନାମରେ ରହିଛି। ଏହି କାରଣରୁ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଯୋଗାଡ଼ କରିବା ପାଇଁ ଚାଷୀଙ୍କୁ ଆର୍‌ଆଇ ଅଫିସକୁ ଦୌଡ଼ିବାକୁ ପଡୁଥିଲା। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରି ଖରିଫ ପଞ୍ଜୀକରଣ କରିବା ମଧ୍ୟ ଚାଷୀଙ୍କ ପାଇଁ କାଠିକର ପାଠ ହୋଇଥାନ୍ତା। ଏହାକୁ ନେଇ ସାରା ରାଜ୍ୟରେ ଚାଷୀଙ୍କ ମଧ୍ୟ ଅସନ୍ତୋଷ ବଢ଼ିବା ସହ ଉଭୟ ବିଜେଡି ଓ କଂଗ୍ରେସ ମଧ୍ୟ ସରକାରଙ୍କୁ ଏହି ପ୍ରସଙ୍ଗରେ ଘେରିଥିଲେ। ଏବେ ଏହି ନିଷ୍ପତ୍ତି ପରିବର୍ତ୍ତନ ସହ ଚାଷୀଙ୍କୁ ସରକାର ଆଶ୍ୱସ୍ତ କରିଛନ୍ତି।

## କର୍ପୋରେଟ ସଂସ୍ଥାର...

ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷା, ବିକଳ୍ପ ଜୀବିକା ଏବଂ ଯଥୋଚିତ କ୍ଷତିପୂରଣ ନିଶ୍ଚିତ କରିବା ଆବଶ୍ୟକ। ହେଲେ ସରକାର କେବଳ ନୀତିଗତ ବ୍ୟବସ୍ଥା କଥା କହୁଛନ୍ତି; କିନ୍ତୁ ବାସ୍ତବତଃ ଏହାର କୌଣସି କାର୍ଯ୍ୟାନ୍ୱୟନ ହେଉ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରିକି କର୍ପୋରେଟ ସଂସ୍ଥାର ଆବଶ୍ୟକତା ପାଇଁ ଏହି ଜମି ଉଚ୍ଛେଦ କରାଯାଉଛି ଏବଂ ପରବର୍ତ୍ତୀ ସମୟରେ ଏହାକୁ ଦୀର୍ଘକାଳୀନ ଲିଜ୍ ମାଧ୍ୟମରେ ପ୍ରଦାନ କରାଯାଇପାରେ ବୋଲି ଅନେକ ଆଶଙ୍କା ପ୍ରକାଶ କରିଛନ୍ତି।

## ଶ୍ରୀମନ୍ଦିରରେ ଚିତା ଲାଗି ନୀତି
# ଶ୍ରୀମୁଖରେ ଝଲସିଲା ରତ୍ନ ଚିତା

ପୁରୀ,୧୨।୮ (ସମିସ): ପବିତ୍ର ଚିତାଲାଗି ଅମାବାସ୍ୟା ତିଥିରେ ବୁଧବାର ଶ୍ରୀମନ୍ଦିରରେ ଚିତା ଲାଗି ନୀତି ସମ୍ପନ୍ନ ହୋଇଛି। ତିନିଠାକୁରଙ୍କୁ ଦଇତାପତି ସେବକମାନେ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଛନ୍ତି। ମହାପ୍ରଭୁଙ୍କ ଶ୍ରୀମୁଖରେ ଝଲସିଉଠୁଛି ରତ୍ନଚିତା। ଶ୍ରୀମନ୍ଦିରରେ ଅପରାହ୍ଣ ୨ଟା ୫୦ରେ ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ପୁଷ୍ପାଳକ ସେବକ ତିନିବାଡ଼ରେ ମଇଲମ କରିଥିଲେ। ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୁଦେବୀଙ୍କୁ ହାତରେ ନିଆଯାଇ ଖଟଶେଜ ଘରେ ବିଜେ କରାଯାଇଥିଲା। ଏହାପରେ ୩ଟା ୧୦ରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଅପରାହ୍ଣ ୩ଟା ୧୫ରେ ଦଇତାପତି ସେବକମାନେ ଚିତା ଲାଗି ପାଇଁ ଗର୍ଭଗୃହକୁ ପ୍ରବେଶ କରିଥିଲେ। ରତ୍ନସିଂହାସନକୁ ଯାଇ ପ୍ରଥମେ ବଡ଼ଠାକୁର ଶ୍ରୀବଳଭଦ୍ର ପରେ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଥିଲେ। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଓଷ ଓ ପାଟରା ସେବକଙ୍କଠାରୁ ଆସିଥିବା ପାଟଡୋର ଦ୍ୱାରା ତିନିଠାକୁରଙ୍କ ଶ୍ରୀମୁଖରେ ଏହି ଚିତା ଲାଗି କରାଇଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ହୀରା ଖଚିତ ସୁବର୍ଣ୍ଣ ଚିତା ଲାଗି କରାଯାଇଥିବା ବେଳେ ବଡ଼ଠାକୁର ଶ୍ରୀବଳଭଦ୍ର ନୀଳା ଖଚିତ ସୁବର୍ଣ୍ଣ ଚିତା ଏବଂ ଦେବୀ ସୁଭଦ୍ରା ମାଣିକ୍ୟ ଖଚିତ ସୁବର୍ଣ୍ଣ ଚିତା ଲାଗି ହୋଇଥିଲେ। ସନ୍ଧ୍ୟା ୬ଟା ୨୫ରେ ଚିତା ଲାଗି ସମ୍ପନ୍ନ ପରେ ପୂଜାପଣ୍ଡା ସାମନ୍ତ ତିନିବାଡ଼ରେ ମହାସ୍ନାନ କରିଥିଲେ। ପରେ ଖଟଶେଜ ଘରେ ଥିବା ଶ୍ରୀଦେବୀ, ଭୂଦେବୀଙ୍କୁ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ମାଳଫୁଲ ଲାଗି ବେଶ ବଢ଼ିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ବଢ଼ି ପାଣି ପଡ଼ିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତିମହାପାତ୍ର ତିନିବାଡ଼ରେ ବନ୍ଦାପନା କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଚିତା ଲାଗି ତଥା ଚିତଉ ଅମାବାସ୍ୟାରେ ଠାକୁରଙ୍କୁ ସକାଳ ଧୂପରେ ଚିତଉ ପିଠା ଲାଗି କରାଯାଇଥିଲା।

ସୂଚନାଯୋଗ୍ୟ, ସ୍ନାନ ପୂର୍ଣ୍ଣିମା ଦିନ ଅଣସର ଘରେ ଠାକୁରମାନଙ୍କ ଶ୍ରୀମସ୍ତକରୁ ଚିତାମାନ ଓଲାଗି କରାଯାଇ ରଖାଯାଇଥାଏ। ଶ୍ରୀଗୁଣ୍ଡିଚା ଯାତ୍ରାରେ ତିନିଠାକୁର ରଥରେ ସୋଲ ନିର୍ମିତ ଚିତା ଧାରଣ କରିଥାନ୍ତି। ଚିତାଲାଗି ଅମାବାସ୍ୟାରେ ସୋଲ ଚିତା ଓଲାଗି ହୋଇ ରତ୍ନଖଚିତ ସୁବର୍ଣ୍ଣ ଚିତା ଠାକୁରମାନେ ଲାଗି ହୋଇଥାନ୍ତି।

### ■ ଆଜି ମହାପ୍ରଭୁଙ୍କ ବନକଲାଗି
# ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୧୨।୮ (ସମିସ): ଶ୍ରାବଣ ଶୁକ୍ଳ ପ୍ରତିପଦ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ୪ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।


**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

ନଂ.: W/623/5/1/NIT, ତାରିଖ- ୧୧.୦୮.୨୦୨୬

**ଇ-ଟେଣ୍ଡରିଂ ବିଜ୍ଞପ୍ତି**

ମଣ୍ଡଳ କାର୍ଯ୍ୟାଳୟ, ରତଲାମ କାର୍ଯ୍ୟାଳୟ (କାର୍ଯ୍ୟ ଶାଖା), ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଖୋଲା ଟେଣ୍ଡର" ଇ-ଟେଣ୍ଡର ମାଧ୍ୟମରେ ୱେବସାଇଟ୍ www.ireps.gov.in ରେ ଆମନ୍ତ୍ରଣ କରାଯାଉଛି। କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-44, କାର୍ଯ୍ୟର ନାମ: Godhra - Nagda Section - Br. No. 169, 195, 302, 306 (UP/DN) ଠାରେ ଷ୍ଟିଲ୍ ଗର୍ଡରଗୁଡ଼ିକୁ PSC ସ୍ଲାବ୍‌ରେ ପରିବର୍ତ୍ତନ କରିବା ସମ୍ବନ୍ଧରେ ବିଦ୍ୟମାନ ଷ୍ଟିଲ୍ ଗର୍ଡର୍ ବ୍ରିଜ୍‌ଗୁଡ଼ିକର ପିଅର୍/ଆବଟମେଣ୍ଟରେ ଜ୍ୟାକେଟିଂ ଏବଂ ସୁଦୃଢ଼ୀକରଣ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ଟ. ୫,୦୫,୦୭,୨୪୦.୩୨/-, ବୟନା ରାଶି: ଟ. ୧୦,୧୦,୨୦୦/-, କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୦.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୨.୦୯.୨୦୨୬। କ୍ରମିକ ନଂ.: ୨, ଇ-ଟେଣ୍ଡର ନଂ.: RTM-2026-27-85, କାର୍ଯ୍ୟର ନାମ: ରତଲାମ - ନାଗଦା ଷ୍ଟେସନର PF ନଂ. ୨, ୩, ୪ ଏବଂ ୫ ଏବଂ ଦାହୋଦର PF ନଂ. ୧ ଠାରେ Ballast-less Track ବ୍ୟବସ୍ଥା କରିବା। ଆନୁମାନିକ ମୂଲ୍ୟ: ଟ. ୩୦,୫୦,୫୪,୮୯୯.୦୦/-, ବୟନା ରାଶି: ଟ. ୬୧,୦୦,୧୦୦/-, କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୧.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୪.୦୯.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ଏବଂ ନିୟମ ଓ ସର୍ତ୍ତାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ।

AK/5/1/201

Like us on: facebook.com/WesternRly



13001/1510/2627

**OFFICE OF THE NOTIFIED AREA COUNCIL, REDHAKHOL. (ODISHA), DIST- SAMBALPUR**

E-mail:- eonacrdl@gmail.com

No. 2701 /NAC Dated. 11.08.2026

**NOTICE INVITING SHORT QUOTATIONS**

Sealed quotations are hereby invited from interested parties/suppliers having valid GSTIN for the renovation of the Council Hall for conversion into a Video Conferencing Room, including panelling with ply and Sunmica including electrical items, at Redhakhol NAC. The sealed quotations should reach the undersigned on or before **11:30 A.M. on 17.08.2026**. The quotations shall be opened on the same day at **12:00 Noon** in the presence of the quotationers or their authorized representatives/agents. The successful quotationer shall be required to complete the work within **04 (four) days** from the date of issue of the work order, failing which the work order shall stand cancelled. The cost of transportation of all materials shall be borne by the supplier.

The undersigned reserves the right to accept or reject any or all quotations, either in full or in part, without assigning any reason thereof.

Executive Officer,
NAC, Redhakhol.

OIPR-13001/13175/1/26-27/0013



**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1097, dated 07.08.2026, I, RAJKISHOR SOURA, Son of - Ganga Soura, permanent resident of Village - Tumberla, PO - Tumberla, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from RAJAKISWARI SOURA to RAJKISHOR SOURA. Henceforth, I shall be known as **RAJKISHOR SOURA** for all purposes.

Sd/- Rajkishor Soura

**AFFIDAVIT**

By virtue of an affidavit no. 19 before Addl. Executive Magistrate, Phiringia, Kandhamal, dtd.12.08.2026, I, Pitabas Kanhar, At-Similisha, Po-Phiringia, Dist-Kandhamal-762011do hereby declare that I have changed the name of my minor son from Antish Kanhar to Hardip Kanhar. Henceforth, he shall be known as **Hardip Kanhar** for all purposes.

Sd/-PITABAS KANHAR

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1098, dated 10.08.2026, I, MANAMADA DORA, Son of - P Ramurty Dora, Resident of Village - Dungriguda, PO - Bikrampur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from MANMADA DORA to MANAMADA DORA. Henceforth, I shall be known as **MANAMADA DORA** for all purposes.

Sd/- Manamada Dora

**AFFIDAVIT**

I, Stithi Prajna, D/o - Prashanta Kumar Sahoo, resident of Flat No- 502, Banalata Appartment, Saheed Nagar, Bhubaneswar, Dist-Khorda, Pin- 751007, Odisha declare by this affidavit No- 3500, dated-11.08.2026 that now onwards I shall be known as **STITHI PRAJNA SAHOO** for all future purposes.

**AFFIDAVIT**

By virtue of an affidavit before Executive Magistrate, Bhadrak vide affidavit No-8482 on dtd 20.07.26. I, Ajaya Kumar Mohanty, S/o.- Late Laxmidhar Mohanty, R/o Vill- Bandiarisahi, P.o-Biradia, Dist- Bhadrak, Odisha -756129, declare that my name has been wrongly mentioned as "ajay Kumar Mohanty "in the class 10 educational records of my daughter, Sushmita Mohanty. My correct name is **"Ajaya Kumar Mohanty "**, which may kindly be read and amended accordingly.

Sd/- Ajaya Kumar Mohanty



ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
सेन्ट्रल बैंक ऑफ़ इंडिया
Central Bank of India
CENTRAL TO YOU SINCE 1911

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
(ଭାରତ ସରକାରଙ୍କ ଏକ ଉପକ୍ରମ)
ଭୁବନେଶ୍ୱର ଶାଖା, ୧୦୮, ସୂର୍ଯ୍ୟ ନଗର, ୟୁନିଟ୍-୭
ଭୁବନେଶ୍ୱର-୭୫୧୦୦୩, ମୋବାଇଲ: ୭୩୮ ୧୦୧୦୨୩୪
ଇମେଲ୍: bmbhub1234@centralbank.bank.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି** (ସ୍ଥାବର ସମ୍ପତ୍ତି ନିମନ୍ତେ)

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ରଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ରଣଦାତାଙ୍କ ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ରଣଦାତାଙ୍କ ଦ୍ୱାରା **ଗଠନାତ୍ମକ/ସାଙ୍କେତିକ ଦଖଲ** ନିଆଯାଇଅଛି, ଯାହାକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ନିମ୍ନଦର୍ଶିତ ରଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଠାରୁ ବ୍ୟାଙ୍କ / ସୁରକ୍ଷିତ ରଣଦାତାଙ୍କ ବକେୟା ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ନିର୍ଦ୍ଦିଷ୍ଟ ତାରିଖ ଏବଂ ସମୟରେ ସମ୍ପତ୍ତିକୁ ବିକ୍ରୟ କରାଯିବ। ସମ୍ପୃକ୍ତ ସମ୍ପତ୍ତିଗୁଡ଼ିକ ନିମନ୍ତେ ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ନିମ୍ନରେ ଦର୍ଶାଯାଇଛି।

| ଭୁବନେଶ୍ୱର ଶାଖା / ରଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାର ଏବଂ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ରାଶି/ ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| **ରଣଗ୍ରହୀତା: ୧) ମେସର୍ସ ଓଡିଆଇ ଟେକ୍ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍,** ସା: ପ୍ଲଟ୍ ନଂ.: ୧୬, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୬, **୨) ଶ୍ରୀ ରଞ୍ଜନ କୁମାର ନନ୍ଦ (ପରିଚାଳନା ନିର୍ଦ୍ଦେଶକ),** ପିତା: ସ୍ୱ ଯୁଗଳ କିଶୋର ନନ୍ଦ, **୩) ଶ୍ରୀମତୀ ରଞ୍ଜନା ଷଡଙ୍ଗୀ (ନିର୍ଦ୍ଦେଶକ),** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ନନ୍ଦ, **୪) ଶ୍ରୀମତୀ ରେଣୁବାଳା ନନ୍ଦ (ନିର୍ଦ୍ଦେଶକ),** ସ୍ୱାମୀ: ସ୍ୱ ଯୁଗଳ କିଶୋର ନନ୍ଦ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୩୧୧/୨୧୬୧, ନୀଳାଦ୍ରି ବିହାର, ମେନ୍ ରୋଡ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୨୧ | **ଜାମିନଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ ରଞ୍ଜନ କୁମାର ନନ୍ଦ (ପରିଚାଳନା ନିର୍ଦ୍ଦେଶକ),** ପିତା: ସ୍ୱ ଯୁଗଳ କିଶୋର ନନ୍ଦ, **୨) ଶ୍ରୀମତୀ ରଞ୍ଜନା ଷଡଙ୍ଗୀ (ନିର୍ଦ୍ଦେଶକ),** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ନନ୍ଦ, **୩) ଶ୍ରୀମତୀ ରେଣୁବାଳା ନନ୍ଦ (ନିର୍ଦ୍ଦେଶକ),** ସ୍ୱାମୀ: ସ୍ୱ ଯୁଗଳ କିଶୋର ନନ୍ଦ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୩୧୧/୨୧୬୧, ନୀଳାଦ୍ରି ବିହାର, ମେନ୍ ରୋଡ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୨୧, **୪) ଶ୍ରୀ ଅରବିନ୍ଦ କୁମାର ଛୋଟରାୟ,** ପିତା: ସୁରେନ୍ଦ୍ରନାଥ ଛୋଟରାୟ, ସା: ତରାପି, ପୋ: ସୋରଣ, ଥାନା: ଟାଙ୍ଗୀ, ଜିଲ୍ଲା: ଖୋର୍ଦ୍ଧା, **୫) ଶ୍ରୀ ପ୍ରଦୀପ୍ତ କୁମାର** | (୧) ମେସର୍ସ ଓଡିଆଇ ଟେକ୍ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡୁମୁଡୁମା, ତହସିଲ/ଏସ୍‌ଆର୍‌ଓ: ଭୁବନେଶ୍ୱର, ଥାନା: ଖଣ୍ଡଗିରି, ଥାନା ନଂ. ୪, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୪୩୨/୧୮୭୮, ପ୍ଲଟ୍ ନଂ.: ୫୬୪/୩୭୭୪, କ୍ଷେତ୍ର: ଏକର୦.୦୭୫ ଡିସିମିଲି, ଖାତା ନଂ.: ୪୩୨/୧୮୮୫, ପ୍ଲଟ୍ ନଂ.: ୫୬୫/୩୭୭୭, କ୍ଷେତ୍ର: ଏକର୦.୧୨୫ ଡିସିମିଲି, ଖାତା ନଂ.: ୪୩୨/୧୮୮୬, ପ୍ଲଟ୍ ନଂ.: ୫୬୪, କ୍ଷେତ୍ର: ଏକର୦.୧୨୫ ଡିସିମିଲି, ଖାତା ନଂ.: ୨୩୯୫, ପ୍ଲଟ୍ ନଂ.: ୫୫୯/୫୯୪୭, କ୍ଷେତ୍ର: ଏକର୦.୦୨୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୫୬୮, ୫୬୫ ଏବଂ ୫୬୬, ପଶ୍ଚିମ: ପ୍ଲଟ୍ ନଂ. ୫୬୪, ୫୬୫(ଅଂଶ), ଉତ୍ତର: ପ୍ଲଟ୍ ନଂ. ୫୭୦, ଦକ୍ଷିଣ: ରାସ୍ତା | ଟ.୭,୯୬,୩୭,୨୮୫/- ଯୁକ୍ତ ସୁଧ ଏବଂ ସେବାବଦ ଖର୍ଚ୍ଚ / ୨୭.୦୪.୨୦୨୬ / ୨୮.୦୭.୨୦୨୬ | ଟ.୧୯,୩୨,୮୭,୦୦୦/-<br>ଟ.୧,୯୩,୨୮,୭୦୦/-<br>ଟ.୫୦,୦୦୦/- |
| ମହାନ୍ତି, ପିତା: ସ୍ୱ ଲକ୍ଷ୍ମୀଧର ମହାନ୍ତି, ସା: ପ୍ଲଟ୍ ନଂ.: ୨୬୧(ଅଂଶ), ନୀଳାଦ୍ରି ନଗର, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, **୬) ଶ୍ରୀ ଅଶୋକ କୁମାର ମହାନ୍ତି,** ପିତା: ସର୍ବେଶ୍ୱର ମହାନ୍ତି, ସା: ପ୍ଲଟ୍ ନଂ.: ୧୮୨, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | | (୨) ମେସର୍ସ ଓଡିଆଇ ଟେକ୍ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିର୍ମଳା, ତହସିଲ: ପିପିଲି, ଥାନା: ପିପିଲି, ଥାନା ନଂ. ୧୫୬, ଜିଲ୍ଲା: ପୁରୀ, ଖାତା ନଂ.: ୩୨୨/୨୦୩, ପ୍ଲଟ୍ ନଂ.: ୨୮୬, କ୍ଷେତ୍ର: ଏକର୧.୦୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଖୁଦ ସେଠୀ ଏବଂ ଅନ୍ୟମାନେ, ପଶ୍ଚିମ: ରାସ୍ତା, ଉତ୍ତର: ଚକ ନାଳି, ଦକ୍ଷିଣ: ସୂର୍ଯ୍ୟମଣୀ ସାହୁ | | ଟ.୨,୧୯,୪୧,୦୦୦/-<br>ଟ.୨୧,୯୪,୧୦୦/-<br>ଟ.୫୦,୦୦୦/- |
| | | (୩) ମେସର୍ସ ଓଡିଆଇ ଟେକ୍ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସହଜପୁର, ତହସିଲ: ପିପିଲି, ଜିଲ୍ଲା: ପୁରୀ, ଖାତା ନଂ.: ୩୬୮/୧୪୭, ପ୍ଲଟ୍ ନଂ.: ୩୬୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ପ୍ଲଟ୍ ନଂ.: ୪୨୮, କ୍ଷେତ୍ର: ଏକର୦.୧୩୦ ଡିସିମିଲି, ପ୍ଲଟ୍ ନଂ.: ୩୬୩, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ଖାତା ନଂ.: ୩୬୮/୧୪୮, ପ୍ଲଟ୍ ନଂ.: ୩୫୮/୯୮୧, କ୍ଷେତ୍ର: ଏକର୦.୧୬୦ ଡିସିମିଲି, ପ୍ଲଟ୍ ନଂ.: ୩୬୧, କ୍ଷେତ୍ର: ଏକର୦.୧୪୦ ଡିସିମିଲି, ପ୍ଲଟ୍ ନଂ.: ୩୬୪, କ୍ଷେତ୍ର: ଏକର୦.୧୫୦ ଡିସିମିଲି, ପ୍ଲଟ୍ ନଂ.: ୩୫୯/୯୮୯, କ୍ଷେତ୍ର: ଏକର୧.୦୦ ଡିସିମିଲି, ଖାତା ନଂ.: ୩୬୮/୧୪୯, ପ୍ଲଟ୍ ନଂ.: ୩୫୭, କ୍ଷେତ୍ର: ଏକର୨.୧୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ମୌଜା ଜନାର୍ଦ୍ଦନପୁର ସରହଦ, ପଶ୍ଚିମ: ଚକ ରାସ୍ତା, ଉତ୍ତର: ପ୍ଲଟ୍ ନଂ. ୩୫୫, ଦକ୍ଷିଣ: କ୍ରେତା | | ଟ.୨,୬୦,୪୬,୦୦୦/-<br>ଟ.୨୬,୦୪,୬୦୦/-<br>ଟ.୫୦,୦୦୦/- |

**୧. ଇ-ନିଲାମ ତାରିଖ ଏବଂ ସମୟ: ୧୮.୦୯.୨୦୨୬ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ, ପ୍ରତ୍ୟେକ ୧୦ ମିନିଟ୍‌ର ସ୍ୱତଃ ବର୍ଦ୍ଧିତ ସମୟ ସହିତ**
**୨. ଅମାନତ ଜମା ରାଶି ଅନ୍‌ଲାଇନ୍‌ରେ ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ୧୮.୦୯.୨୦୨୬ ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା**
**୩. ସମ୍ପତ୍ତି ତନଖି ତାରିଖ ଏବଂ ସମୟ: ୧୩.୦୮.୨୦୨୬ରୁ ୧୭.୦୯.୨୦୨୬, ଭୁବନେଶ୍ୱର ଶାଖା ମୁଖ୍ୟଙ୍କ ପରାମର୍ଶରେ ଯେକୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ**
୪. ଇ-ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବା ପାଇଁ, ଇଚ୍ଛୁକ ନିଲାମଧାରୀମାନେ ସେବା ପ୍ରଦାନକାରୀଙ୍କୁ ସେମାନଙ୍କର ବିବରଣୀ **https://baanknet.com/eauction-psb/bidder-registration** ରେ ସଠିକ ଭାବେ ପଞ୍ଜିକୃତ କଲାପରେ, ୟୁଜର ଆଇଡ଼ି ଏବଂ ପାସୱାର୍ଡ ପାଇପାରିବେ। ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି **https://baanknet.com** ରେ ପ୍ରଦତ୍ତ ଲିଙ୍କକୁ ଅନୁସରଣ କରନ୍ତୁ ଏବଂ ସୁରକ୍ଷିତ ରଣଦାତାଙ୍କ ୱେବସାଇଟ୍ ଯଥା **www.centralbankofindia.bank.in** ଦେଖନ୍ତୁ। ଆଗ୍ରହୀ ନିଲାମଧାରୀମାନେ ଯେଉଁମାନେ ଲଗଇନ୍ ଆଇଡ଼ି ଏବଂ ପାସୱାର୍ଡ ସୃଷ୍ଟି କରିବାରେ, ଡାଟା ଅପଲୋଡ୍ କରିବାରେ ସହାୟତା ଆବଶ୍ୟକ କରନ୍ତି, ଦୟାକରି URL: **https://baanknet.com**ରେ **USER MANUAL** ଦେଖନ୍ତୁ। ଯେକୌଣସି ସହାୟତା ନିମନ୍ତେ ଦୟାକରି **ମୋବାଇ ନଂ.: ୮୨୯୧୨୨୦୨୨୦**ରେ କଲ କରନ୍ତୁ କିମ୍ବା ମେଲ୍ ଆଇଡ଼ି: **support.baanknet@psballiance.com** କୁ ମେଲ କରନ୍ତୁ।
୫. ସମ୍ପତ୍ତି ସମ୍ବନ୍ଧୀୟ କୌଣସି ପ୍ରଶ୍ନ ଥିଲେ, ନିଲାମଧାରୀମାନେ: **ଶ୍ରୀ ରୋହିତ କୁମାର ଝା, ଶାଖା ମୁଖ୍ୟ, ଭୁବନେଶ୍ୱର ଶାଖା, ମୋବାଇଲ ନଂ.: ୭୩୮୧୦୧୦୨୩୪, ଇମେଲ୍ ଆଇଡ଼ି: bmbhub1234@centralbank.bank.in** ରେ କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ।
୬. କ୍ରେତା ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ସମସ୍ତ ବୈଧାନିକ / ଅଣ-ବୈଧାନିକ ଦେୟ, ଟିକସ, ଟିଡିଏସ୍, ରେଟ୍ସ, ଫି ଇତ୍ୟାଦି ଯଦି କାହାକୁ ଦେବାକୁ ଥାଏ ତାହା ବହନ କରିବେ।
୭. ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ନିଲାମ ସାଇଟ୍‌ରେ ଉପଲବ୍ଧ।

**ସରଫେଶୀ ଆକ୍ଟ ୨୦୦୨ର ରୁଲ୍ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୨.୦୮.୨୦୨୬** — **କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ୩୦ ପଞ୍ଚାୟତର ୧୦୨ ଗାଁ ପ୍ରଭାବିତ

# ଯାଇନି ଦୁର୍ଦ୍ଦଶା; ପୁଣି ଆସୁଛି ବଡ଼ ବର୍ଷା





ତିହିଡ଼ି,୧୨।୮ (ସମିସ)

ବନ୍ୟା ଯୋଗୁଁ ତିହିଡ଼ି ବ୍ଲକ୍‌ର ୩୦ ପଞ୍ଚାୟତର ୧୦୨ ଗାଁର ଲକ୍ଷାଧିକ ଲୋକ ପାଣିଘେରରେ ରହିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତା ଉପରେ ବନ୍ୟା ପାଣି ସ୍ରୋତ ପ୍ରବାହିତ ହେଉଥିଲା। ଯେଉଁଥିପାଇଁ ସେହିସବୁ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲା। ପାଣି ଧୀରେଧୀରେ କମୁଥିବାବେଳେ ଆହୁରି ଅନେକ ଲୋକ ଜଳବନ୍ଦି ଅବସ୍ଥାରେ ମଧ୍ୟ ଅଛନ୍ତି। ଅନେକଙ୍କ ବାସଗୃହ ଭାଙ୍ଗିଥିବାବେଳେ ତାହାକୁ ସଜାଡ଼ିବାରେ ଲାଗିଛନ୍ତି। ଚାଷ କଥା ନ କହିବା ଭଲ। ଜମିରେ ପାଣି ଜମାହୋଇ ତଳି ଓ ରୁଆ ଧାନ ଏବଂ ପନିପରିବା ସବୁ ନଷ୍ଟ ହୋଇଯାଇଛି। ତେବେ ଏହି ବିପଦ ଅଞ୍ଚଳରୁ ଟଳି ନ ଥିବାବେଳେ ପୁଣି ଆଉ ଏକ ଲଘୁଚାପ ସୃଷ୍ଟି ହେଲାଣି। ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଥିବା ଜଣାପଡ଼ିଛି। ପୁଣି ଲୋକେ ହଇରାଣ ହରକତ ହେବା ସୁନିଶ୍ଚିତ।

ସାଳନ୍ଦୀ ଓ କପିଳା ନଦୀରେ ବନ୍ୟା ଆସିବା ଯୋଗୁଁ ବାରୋ, ବିଲଣା, ବୋଡ଼କ ଓ ତଳଗୋପବିନ୍ଧା ପଞ୍ଚାୟତ ସମ୍ପୂର୍ଣ୍ଣ ରୂପେ ଜଳବନ୍ଦି ହୋଇ ରହିଥିଲା। ମୁକୁନ୍ଦପୁର, କୋହ୍ଲ, ସିନ୍ଦୋଳ, ସୟା, ମହରମପୁର, ପାଳିଆ ପଞ୍ଚାୟତର କିଛି ଗାଁ ପାଣି ଘେରରେ ଥିଲା। ତେବେ ବନ୍ୟାପାଣି କୁଣ୍ଡି ନଈରେ ପ୍ରବେଶ କରିବାରୁ ଦୋଳସାହି ପଞ୍ଚାୟତର ଗାଜିପୁର, ରାଢ଼ଙ୍ଗ ଇତ୍ୟାଦି ଗ୍ରାମ ଜଳମଗ୍ନ ହୋଇଥିଲା। ତେବେ ବୈତରଣୀ ନଦୀର ବନ୍ୟା ପାଣି ମାଡ଼ିବା ଫଳରେ କାଁପଡ଼ା, ଶ୍ୟାମସୁନ୍ଦରପୁର, ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ପରିସ୍ଥିତି ଜଟିଳ ହୋଇଛି। କାଁପଡ଼ା, ଶ୍ୟାମସୁନ୍ଦରପୁର ଓ ଗୋବିନ୍ଦପୁର ପଞ୍ଚାୟତର ୮ଟି ଲେଖାଏଁ ଗାଁ, ବାରସର ପଞ୍ଚାୟତର ୧୨ଟି ଗାଁ ସମ୍ପୂର୍ଣ୍ଣ ରୂପେ ଜଳମଗ୍ନ ହୋଇ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ମଙ୍ଗରାଜପୁର-ଶ୍ୟାମସୁନ୍ଦରପୁର ଭାୟା ଈଶ୍ୱରପୁର, ସିନ୍ଦୋଳ-ନୂଆସାହି, କୋହ୍ଲ-ତିଆଡ଼ିସାହି ଭାୟା ଦପା, ଅର୍ଜୁନବିନ୍ଧା-ମଧୁପୁର ଭାୟା ତିଆଡ଼ିସାହି, କାଁପଡ଼ା-ଚକରାସାହି ରାସ୍ତା ବନ୍ୟାପାଣିରେ ବୁଡ଼ିଯାଇଥିଲା।

- ଅଧିକ ଦୁଃଖ ବଢ଼େଇଲା ୨ୟ ବନ୍ୟା; ୬ ପଞ୍ଚାୟତ ଅଧିକ ପ୍ରଭାବିତ
- ଧାନ ଚାଷୀ ଅଧିକ କ୍ଷତିଗ୍ରସ୍ତ; ସରକାରଙ୍କ ସହାୟତା ଅପେକ୍ଷାରେ ଚାଷୀ

ଏହିସବୁ ପଞ୍ଚାୟତରେ ଉଦ୍ଧାର କାର୍ଯ୍ୟ ପାଇଁ ୧୧ଟି ଡଙ୍ଗା ନିୟୋଜିତ ହୋଇଥିଲା। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ବିଭିନ୍ନ ସ୍କୁଲ ଏବଂ ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବା ୧୦ ହଜାର ବିପନ୍ନଙ୍କୁ ଗୋଟିଏ ଓଳି ପାଇଁ ରନ୍ଧା ଖାଦ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିଲା। ଏହାଛଡ଼ା ବନ୍ୟାରେ ସବୁଠୁ ଅଧିକ ପ୍ରଭାବିତ ବାରୋ, ବିଲଣା, ବୋଡ଼କ, ତଳଗୋପବିନ୍ଧା, ବାରସର, ଗୋବିନ୍ଦପୁର, ଶ୍ୟାମସୁନ୍ଦରପୁର ଓ କାଁପଡ଼ା ପଞ୍ଚାୟତରେ ରିଲିଫ୍ ଆକାରରେ ଶୁଖିଲା ଖାଦ୍ୟ ଚୁଡ଼ା ଓ ଗୁଡ଼, ପିଇବା ପାଣି ବଣ୍ଟନ ହୋଇଥିଲା।

ତେବେ ବନ୍ୟାରେ ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଧାନ ଚାଷ ହୋଇଥିବା ଜମିରେ ୫ ଫୁଟ୍ ଉପରେ ବନ୍ୟା ପାଣି ପ୍ରବାହିତ ହେଉଥିଲା। ବ୍ଲକ୍‌ର ୨୦ ହଜାରରୁ ଅଧିକ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ ସମ୍ପୂର୍ଣ୍ଣ ରୂପେ ଉଜୁଡ଼ିଯିବାରୁ ଚାଷୀମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବା ନିଶ୍ଚିତ ହୋଇଛି। ଏହି ପରିପ୍ରେକ୍ଷୀରେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଇଁ ସରକାରୀ ସହାୟତା ପ୍ରଦାନ କରିବାକୁ ଚାଷୀଙ୍କ ମହଲରେ ଦାବି ହୋଇଛି। ସେହିପରି ଗୋଇଗୋରୁ, ଛେଳିମେଣ୍ଢା, ବାଛୁରି ପାଣିରେ ଭାସି ପ୍ରାଣ ହରାଇଛନ୍ତି। ମାଛ, କୁକୁଡ଼ା, ଛତୁ ପରିବା ଚାଷୀଙ୍କ ଅଣ୍ଟା ଭାଙ୍ଗିଯାଇଛି। ସେହିପରି ମାଟି ଘର ବିଭିନ୍ନ ପଞ୍ଚାୟତରେ ଭୁଶୁଡ଼ି ପଡ଼ିଛି। କିଏ ପଲିଥିନ୍ ତଳେ ରାତି କାଟୁଛି ତ କିଏ ବନ୍ଧୁବାନ୍ଧବ ଘରେ ଦିନ କାଟୁଛି। କିଛି ଅଞ୍ଚଳରେ ରାସ୍ତା ଭାଙ୍ଗିଯାଇଛି। ସରକାରଙ୍କ ସହାୟତାକୁ ଚାତକ ପରି ଚାହିଁ ବସିଛନ୍ତି ଅଞ୍ଚଳବାସୀ। ଏବେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଥିବାବେଳେ ପ୍ରବଳ ବର୍ଷା ହେବା ସମ୍ଭାବନା ଦେଖାଯାଉଛି। ପୂର୍ବ ଭଳି ଯଦି ବର୍ଷା ଲାଗିରହେ ଲୋକମାନେ ଆହୁରି ତଳିତଳାନ୍ତ ହୋଇଯିବେ।

## ରାଜପଥରେ ପଇଁତରା ମାରୁଛନ୍ତି ସନ୍ଦିଗ୍ଧ

ବାରିକପୁର,୧୨।୮ (ସମିସ): ଗତ କିଛିଦିନ ହେବ ଭଣ୍ଡାରିପୋଖରୀ ଥାନା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଅଞ୍ଚଳଗୁଡ଼ିକରେ ଚୋରି, ଡକାୟତି ବୃଦ୍ଧି ପାଇବାରେ ଲାଗିଛି। ଧାମନଗର ଛକ ନିକଟସ୍ଥ ଜନୈକ ବ୍ୟକ୍ତିଙ୍କ ଘରୁ ସଶସ୍ତ୍ର ଡକାୟତି, ପୁରିପଡ଼ାଠାରୁ ଟାୱାର ବ୍ୟାଟେରି ଚୋରି, ମିଟୁଆଣୀ ଗାଁରୁ ସ୍କୁଟି ସହିତ ଅନ୍ୟାନ୍ୟ ଜିନିଷ ଚୋରି ଘଟଣା ଘଟିଛି। ସବୁ ଚୋରି ଘଟଣା ସମ୍ପର୍କରେ ପୁଲିସ ତଦନ୍ତ ଜାରି ରହିଥିବାବେଳେ ଡକାୟତଙ୍କ ବାବଦରେ ଏଯାଏଁ କିଛି ସୁରାକ୍ ମିଳିନାହିଁ। ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳର କିଛି ଦୁର୍ବୃତ୍ତଙ୍କ ସହିତ ପଡ଼ୋଶୀ ଯାଜପୁର ଜିଲ୍ଲାର ଚୋରଙ୍କର ସମ୍ପର୍କ ରହିଛି। ସେମାନଙ୍କ ସହଯୋଗରେ ଜିଲ୍ଲା ବାହାରର ଚୋରମାନେ ବିଭିନ୍ନ ସ୍ଥାନରୁ ଚୋରି କରୁଥିବା କୁହାଯାଉଛି। ଆଖୁଆପଦାଠାରୁ ଭଦ୍ରକ ଯାଏଁ କଳା ପଲ୍‌ସର ଓ ଆପାଚି ଗାଡ଼ିରେ ଚୋରମାନେ ସଦାସର୍ବଦା ରାଜପଥରେ ପଇଁତରା ମାରୁଛନ୍ତି। ସୁବିଧାସୁଯୋଗ ଦେଖି ରାଜପଥ ପାର୍ଶ୍ୱ ଗ୍ରାମରୁ ଚୋରି କରି ଖସି ପଳାଇ ଯାଉଛନ୍ତି। ଗାଁ ଗହଳିର ଛୋଟମୋଟ ଚୋରଙ୍କୁ ଛାଡ଼ିଦେଲେ ଜିଲ୍ଲା ବାହାରର ପେସାଦାର ଡକାୟତଙ୍କର ବିଭିନ୍ନ ଚୋରିରେ ସମ୍ପୃକ୍ତ ରହୁଥିବା ସ୍ଥାନୀୟ ଲୋକମାନେ ଅନୁମାନ କରିଛନ୍ତି। ଚୋରି ପରେ ପୁଲିସ ତଦନ୍ତ ସେମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଏହାଛଡ଼ା ଅବାଧ ନିଶା କାରବାର ମଧ୍ୟ ଚୋରିର ଅନ୍ୟତମ ପ୍ରମୁଖ କାରଣ ପାଲଟିଛି। ତେଣୁ ପୁଲିସ ପାଟ୍ରୋଲିଂ ସହିତ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଯାଞ୍ଚ କରିବା ଜରୁରୀ ବୋଲି ମତପ୍ରକାଶ ପାଇଛି।



## ଖଣି ଅଧିକାରୀଙ୍କୁ ଦେଖି ବାଲି ଢାଳି ଦୌଡ଼ିଲେ

### ୨୨ ହଜାର ଟଙ୍କାରେ ନିଲାମ ହେଲା ଢାଳିଥିବା ବାଲି

ଭଣ୍ଡାରିପୋଖରୀ,୧୨।୮ (ସମିସ): ଭଦ୍ରକ ଖଣି ବିଭାଗ ଅଧିକାରୀ ବୁଧବାର ଭଣ୍ଡାରିପୋଖରୀକୁ ଆସିଥିବାବେଳେ ତାଙ୍କ ଗାଡ଼ିକୁ ଦେଖି ବିଭିନ୍ନ ସ୍ଥାନରେ ଚୋରା ବାଲି ନେଇ ଯାଉଥିବା ଟ୍ରାକ୍ଟର ଓ ଅନ୍ୟ ଗାଡ଼ିଗୁଡ଼ିକ ରାସ୍ତାକଡ଼ରେ ବାଲି ଢାଳି ଚମ୍ପଟ ମାରି ପଳାଇଥିବା ଦେଖିବାକୁ ମିଳିଛି। ବୁଧବାର ଖଣି ଅଧିକାରୀ ସୌମ୍ୟ ରଞ୍ଜନ ମହାନ୍ତି ନିଜ ଗାଡ଼ିରେ ଛାତବରରେ ପହଞ୍ଚି ମଞ୍ଜୁରୀ ଆଡ଼କୁ ଗଲାବେଳେ ବାଲି ବୋଝେଇ ଟ୍ରାକ୍ଟରଗୁଡ଼ିକ ଖବର ପାଇ ଗାଡ଼ିରୁ ବାଲି ଢାଳି ଦେଇଥିଲେ। କିଂକର୍ତ୍ତବ୍ୟମୁଢ଼ ହୋଇ ଅଧିକାରୀ ଗୋଟିଏ ଗାଡ଼ିକୁ ଧରିବାକୁ ସକ୍ଷମ ହୋଇଥିଲେ। ପରେ ପାଖାପାଖି ୬/୭ଟି ଟ୍ରାକ୍ଟର ଢାଳିଥିବା ବାଲିକୁ ନିଲାମ କରାଯାଇ ୨୨ହଜାର ଟଙ୍କା ସରକାରୀ ତହବିଲ୍‌କୁ ଅଣାଯାଇଥିଲା।

## ସ୍ୱର୍ଗରଥ ଦୁର୍ଘଟଣାଗ୍ରସ୍ତ; ୬ ଆହତ




ଭଣ୍ଡାରିପୋଖରୀ/ବାରିକପୁର,୧୨।୮ (ସମିସ): ଶବଦାହ କରିବା ନିମନ୍ତେ ପୁରୀ ଯାଉଥିବା ଏକ ସ୍ୱର୍ଗରଥ ଗାଡ଼ି ଗତ ମଙ୍ଗଳବାର ରାତି ପ୍ରାୟ ୧୦ଟା ବେଳେ ୧୬ ନମ୍ବର ଜାତୀୟ ରାଜପଥର ଭଣ୍ଡାରିପୋଖରୀ ପାଳଦା ବାଙ୍କ ଚକବନ୍ଧୀ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପ୍ରାୟ ୬ଜଣ ଆହତ ହୋଇଥିବା ଜଣାପଡ଼ିଛି।


ସୂଚନା ମୁତାବକ, ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳର କିଛି ବ୍ୟକ୍ତି ଆତ୍ମୀୟଙ୍କ ଶବଦାହ ପାଇଁ ପୁରୀ ସ୍ୱର୍ଗଦ୍ୱାର ଯାଉଥିଲେ। ଜାତୀୟ ରାଜପଥରେ ଦ୍ରୁତ ଗତିରେ ଯାଉଥିବା ସ୍ୱର୍ଗରଥ ଗାଡ଼ିଟି ହଠାତ୍ ରାସ୍ତା ପାର୍ଶ୍ୱ ନୟନଯୋରୀକୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଆହତଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଭଦ୍ରକ ଜିଲ୍ଲା ମେଡିକାଲକୁ ପଠାଯାଇଛି। ଅବସ୍ଥା ଗୁରୁତର ଥିବାରୁ ୨ଜଣଙ୍କୁ ଅଟକ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଆହତମାନେ ହେଲେ ଲକ୍ଷ୍ମୀଧର ବେହେରା, ସବିତା ସାହୁ, ଭିକାରୀ ସାହୁ, କବିତା ସାହୁ, କରୁଣାକର ସାହୁ ଓ ରାମନାରାୟଣ କମାର। ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ସୁଦ୍ଧା ଡ୍ରାଇଭର ଜଣକ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ସୂଚନା ମିଳିଛି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ,୧୨।୮ (ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଆନନ୍ଦବଜାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୁବ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୈକୁଣ୍ଠନାଥ ବିଶ୍ୱାଳ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଅରକ୍ଷୀ ବିଭାଗ, ଭଦ୍ରକର ଉପ ଅଧୀକ୍ଷକ, ଅନିରୁଦ୍ଧ ମୁଦୁଲି, ଶିଶୁ କଲ୍ୟାଣ କମିଟି, ଭଦ୍ରକ ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ଜିଲ୍ଲା ଶିଶୁ ଓ ଯତ୍ନ ବିଭାଗ, ଭଦ୍ରକର ଲିଗାଲ୍ ପ୍ରୋବେଶନ ଅଧିକାରୀ ସୁବ୍ରତ କୁମାର ଦାସ ସ୍କୁଲ ଲିଗାଲ୍ ଲିଟେରାସି କ୍ଲବ୍‌ର ଶିକ୍ଷକ ସତ୍ୟ ସୁନ୍ଦର ସ୍ୱାଇଁ ତଥା ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। ସର୍ବପ୍ରଥମେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏହି ଅନ୍ତର୍ଜାତୀୟ ଯୁବ ଦିବସ ସକାଶେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଦିବସର ଉଦ୍ଦେଶ୍ୟ ହେଉଛି ଯେ ସମସ୍ତ ଯୁବକଙ୍କୁ ସମାଜର ଉନ୍ନତିରେ ସାମିଲ୍ କରାଇ ସାମାଜିକ, ରାଜନୀତିକ, ଅର୍ଥନୀତିକ କ୍ଷେତ୍ରରେ ଯୁବପିଢ଼ିଙ୍କୁ ସୁଯୋଗ ଦେବା ତଥା ଯୁବ ନାଗରିକଙ୍କୁ ଅଗ୍ରାଧିକାର ଦେବା। ଏହି ଅନ୍ତର୍ଜାତୀୟ ଯୁବ ଦିବସର ଉଦ୍ଦେଶ୍ୟ ହେଉଛି ଜାଗୃତି ଯୋଜନା-୨୦୨୫ ଅନ୍ତର୍ଗତ "ସଶକ୍ତ ଯୁବ ସଶକ୍ତ ଭାରତ' ଥିମ୍ ଅନ୍ତର୍ଗତ ଶିଶୁ କଲ୍ୟାଣ ସଚେତନତା ଅଭିଯାନ-ଆଇନଗତ ସାକ୍ଷରତା, କିଶୋର ନ୍ୟାୟ ଏବଂ ଯୁବପିଢ଼ିଙ୍କ ପାଇଁ ନ୍ୟାୟ ପାଇବା କମିଟିକୁ ପ୍ରୋତ୍ସାହିତ କରିବା। ସର୍ବୋପରି ଅତିଥିଗଣ ସମସ୍ତ ଛାତ୍ରଛାତ୍ରୀଙ୍କୁ ବାର୍ତ୍ତା ଦେଇଥିଲେ ଯେ ସେମାନେ ହେଉଛନ୍ତି ଆଗାମୀ ଯୁବ ସମାଜର ପିଢ଼ି। ତେଣୁ ପଥଭ୍ରଷ୍ଟ ନ ହୋଇ ଖରାପ କାର୍ଯ୍ୟଠାରୁ ଦୂରେଇ ରହିବା ସହିତ ନିଶା ସେବନ ଦ୍ୱାରା କବଳିତ ଯୁବକମାନେ ଯେଉଁପରି ଭାବେ ନିଜର ତଥା ସମାଜର ଅହିତ ସାଧନ କରୁଛନ୍ତି ସେସବୁକୁ ଖରାପ ଅଭ୍ୟାସକୁ ବର୍ଜନ କରି ଏକ ଉତମ ସମାଜ ଗଠନରେ ମୁଖ୍ୟ ଭୂମିକା ତୁଲାଇବା ପାଇଁ ସଂକଳ୍ପ ନେବା। ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ




ଆରଡ଼ି,୧୨।୮ (ସମିସ): ଚଳିତ ବର୍ଷ ବୈତରଣୀ ଓ ସାଳନ୍ଦୀ ନଦୀରେ ଆସିଥିବା ବନ୍ୟା ଫଳରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅଧୀନସ୍ଥ ଆରଡ଼ି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଜଳବନ୍ଦିରେ ଥିବା ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିସ୍ଥଳେ ବନ୍ୟାବିପନ୍ନଙ୍କୁ ସରକାର ରିଲିଫ୍ ଦେବା ସଙ୍ଗେ ସଙ୍ଗେ ବହୁ ବେସରକାରୀ ସଂସ୍ଥା, ବଦାନ୍ୟ ବ୍ୟକ୍ତିବିଶେଷ ମଧ୍ୟ ବନ୍ୟା ପ୍ରପୀଡ଼ିତଙ୍କୁ ଯଥାସମ୍ଭବ ସହଯୋଗ କରିଥିଲେ। ସେହିପରି ସଂଖ୍ୟାଲଘୁ ସମ୍ପ୍ରଦାୟର ଏମାରତ ସରିଆ ଓଡ଼ିଶା ବେଙ୍ଗଲ ବିହାର ଝାଡ଼ଖଣ୍ଡ ନାମକ ଏକ ଟ୍ରଷ୍ଟ ପକ୍ଷରୁ ନାନ୍ଦପୁର ପଞ୍ଚାୟତରେ ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଅମୀରେ ଶରୀୟ ମୌଲାନା ଫଇସଲଓ୍ୱାଲୀ ରହମନୀଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟର କର୍ମକର୍ତ୍ତାମାନେ ପ୍ରଥମେ ନାନ୍ଦପୁର ପଞ୍ଚାୟତର ପାଲଟପୁର, ବାଙ୍କମୁହାଣ ଓ ପହଣା ଗ୍ରାମକୁ ଯାଇ ଏକ ସର୍ଭେ ମାଧ୍ୟମରେ କିଛି ବ୍ୟକ୍ତିବିଶେଷଙ୍କର ଏକ ତାଲିକା କରି ଫେରିଯାଇଥିଲେ। ପୁନଶ୍ଚ ମଙ୍ଗଳବାର ସେମାନେ ଏକ ଟିମ୍ ସହ ଆସି ଉକ୍ତ ବିପନ୍ନଙ୍କୁ ଭେଟି ଶୁଖିଲା ଖାଦ୍ୟ ପୁଡ଼ିଆ ବଣ୍ଟନ କରିଛନ୍ତି। ଟ୍ରଷ୍ଟର ସଭ୍ୟମାନେ ଯଥା- ସୁଲ୍‌ତାନ ସଇଫୁଲ୍ଲା ଖାଁ, ଆନ୍ତଃରାଜ୍ୟ ମୁସ୍‌ଲିମ ସାହିତ୍ୟର ସଭ୍ୟ ଓ ସଭାପତି ଅଲ୍ଲି ପବ୍ଲିକ ସ୍କୁଲ, ସାମ୍ବାଦିକ ମୁଫ୍‌ତୀ ଅବଦୁଲ୍ଲାହା ଅନସ କାସମୀ ଏମାରତେ ଶରୀୟା ପାଟନା, ମୁଫ୍‌ତୀ ଅକ୍‌ବାଲ ଅଖ୍‌ତର କ୍ୱାସ୍‌ମୀ କ୍ୱାଜୀ ଏମାରତେ, ଶରୀୟ ମୋଲାନା ନେହାଲ ରହମାନୀ ଶିକ୍ଷକ ଯାମିୟା, ରହମନୀୟା ପଟନା ହାଫିଜ୍ ସାହାବୁଦ୍ଦିନ ରହମାନୀ ଏମାରତେ ଶରୀୟା ପଟନା, ମୋଲାନା ଅବ୍ରାରୁଲହକ ଏମାରତେ ଶରୀୟ ପଟନା ପ୍ରମୁଖ ଉପସ୍ଥିତ ଥିଲେ।

## ସୁବିଧାରେ ଚାଷୀ ପଞ୍ଜୀକରଣ ପାଇଁ ବିଧାୟକଙ୍କ ଦାବି



ବାରିକପୁର,୧୨।୮ (ସମିସ): ବିଧାନସଭା ସ୍ୱତନ୍ତ୍ର ପ୍ରକୋଷ୍ଠରେ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିରୋଧୀ ଦଳର ବରିଷ୍ଠ ସଦସ୍ୟ ତଥା ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇଥିଲେ। ଚଳିତ ବନ୍ୟାରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିବାବେଳେ ସରକାରଙ୍କ ନୂତନ ଖରିଫ୍ ଧାନ ପଞ୍ଜୀକରଣ ଆଇନ ସେମାନଙ୍କ ପାଇଁ ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି ବୋଲି ବିଧାୟକ କହିଛନ୍ତି। ତେଣୁ ଚାଷୀ ପଞ୍ଜୀକରଣ ଆଇନର ପୁନର୍ବିଚାର ସହିତ ବ୍ୟବସ୍ଥାକୁ ସରଳୀକରଣ ପାଇଁ ବିଧାୟକ ଦୃଢ଼ ଦାବି କରିଛନ୍ତି। ଏହାଛଡ଼ା ସାର କଳାବଜାରୀ ରୋକିବାକୁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବା ସହିତ ସବୁ ସମିତିକୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇଦେବାକୁ ମଧ୍ୟ ସୁପାରିସ୍ କରିଛନ୍ତି। ସରକାରୀ ମୂଲ୍ୟରେ ଚାଷୀ ଭାଇମାନେ କିଭଳି ସାର ଓ କୀଟନାଶକ ପାଇବେ ସେନେଇ ବ୍ୟବସ୍ଥା କରିବାକୁ ଶ୍ରୀ ମଲ୍ଲିକ ବୈଠକରେ କହିଛନ୍ତି। ଆୟୋଜିତ ବୈଠକରେ ବିଭାଗୀୟ ସଚିବ ଓ ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗଦେଇଥିଲେ।

## ବନ୍ୟାପୀଡ଼ିତଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସେବା ଶିବିର

ବେତାଳିଗାଁ,୧୨।୮ (ସମିସ): ବନ୍ୟା ପରେ ଦୁର୍ଦ୍ଦଶା ମଧ୍ୟରେ ଥିବା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ, ବେତାଳିଗାଁ ଆନୁକୂଲ୍ୟରେ ପାଳସାହିସ୍ଥିତ ପରମେଶ୍ୱର ଶିଶୁ ବିଦ୍ୟାପୀଠ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସଞ୍ଜୟ ଦାସ, ଭେଷଜ ବିଶେଷଜ୍ଞ ଡା. କାହ୍ନୁଚରଣ ପତି ଏବଂ ଶିଶୁରୋଗ ବିଶେଷଜ୍ଞ ଡା. ଅଶୋକ ମିଶ୍ର ଯୋଗଦେଇ ରୋଗୀମାନଙ୍କର ଚିକିତ୍ସା କରିଥିଲେ। ଫାର୍ମାସିଷ୍ଟ ମନୋରଞ୍ଜନ ଦାସ ରୋଗୀମାନଙ୍କୁ ଔଷଧ ବିତରଣ କରିଥିଲେ। ଶିବିରରେ ୩୦୦ରୁ ଅଧିକ ବନ୍ୟାପୀଡ଼ିତ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଆବଶ୍ୟକ ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକ ଓ ଅନିଲ ଦାଶ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ବେହେରା, ରବୀନ୍ଦ୍ର ବେହୁରିଆ ଏବଂ ବ୍ରଜେନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଂଗଠନ ସଭାପତି ନିମାଇଁ ଚରଣ ବାରିକ, ଉପସଭାପତି ରତ୍ନାକର ବେହୁରିଆ ଓ ବିଦ୍ୟାଧର ବାରିକ, ସାଧାରଣ ସମ୍ପାଦକ କ୍ଷୀରୋଦ କୁମାର ବଳ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଦୀନବନ୍ଧୁ ସାହୁ, କୋଷାଧ୍ୟକ୍ଷ ଅନିଲ କୁମାର ବଳ, ଉପଦେଷ୍ଟା କାଶୀନାଥ ମହାନ୍ତି, ଭାଗିରଥି ବାରିକ ଓ ଧୀରେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଶିବିରଟି ସଫଳତାର ସହ ସମ୍ପନ୍ନ ହୋଇଥିଲା। ବନ୍ୟା ସମୟରେ ଅସହାୟ ଲୋକଙ୍କ ପାଖରେ ମାଗଣା ଚିକିତ୍ସା ଓ ଔଷଧ ପହଞ୍ଚାଇଥିବା ଏହି ସେବାମୂଳକ ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିବା ସହ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚକୁ ସାଧୁବାଦ ଜଣାଇଛନ୍ତି।



### ଧାମନଗରରେ ଭୋଟର୍ ତାଲିକାରୁ ନାଁ କାଟିବାକୁ ସରକାରୀ ଚକ୍ରାନ୍ତ

# 'ଫର୍ମ-୭' ଆୟୁଧ କରି ସଂଖ୍ୟାଲଘୁଙ୍କୁ ଟାର୍ଗେଟ୍ ଅଭିଯୋଗ

ଦୋବଲ,୧୨।୮ (ସମିସ)

ଧାମନଗର ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ନାଁରେ ବ୍ୟାପକ ଅନିୟମିତତା ଓ ଜାଲିଆତିର ଅଭିଯୋଗ ସାମ୍ନାକୁ ଆସିଛି। ଆଗାମୀ ୨୦୨୭ ପଞ୍ଚାୟତ ଓ ପୌର ନିର୍ବାଚନରେ ନିରଙ୍କୁଶ ବିଜୟ ହାସଲ କରିବା ପାଇଁ ଶାସକ ଦଳ ସରକାରୀ କଳ ଓ ନିର୍ବାଚନୀ ପ୍ରଶାସନକୁ ଅସାଧୁ ଭାବେ ବ୍ୟବହାର କରି ଗୋଟିଏ ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ସମ୍ପ୍ରଦାୟର ହଜାର ହଜାର ଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବାକୁ ଚକ୍ରାନ୍ତ ଚଳାଇଥିବା ଗୁରୁତର ଅଭିଯୋଗ ହୋଇଛି।

ନିର୍ବାଚନମଣ୍ଡଳୀର ୩୨୭ଟି ବୁଥ୍ ଅଧୀନରେ ୩୩ ହଜାର ୭୦୬ ଜଣ ଭୋଟରଙ୍କ ନାମକୁ ନେଇ ଆପତ୍ତି ଉଠାଯିବା ପରେ ପ୍ରଶାସନ ପକ୍ଷରୁ ନୋଟିସ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ଭୋଟର ପଞ୍ଜୀକରଣ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନର କାର୍ଯ୍ୟଶୈଳୀ ସମ୍ପୂର୍ଣ୍ଣ ସନ୍ଦେହଘେରକୁ ଆସିଛି। ପ୍ରଥମ ପର୍ଯ୍ୟାୟରେ ୪୭୬୩ ଜଣଙ୍କୁ ନୋଟିସ୍ ଦିଆଯାଇଥିବା ବେଳେ ଏବେ ଅନ୍ୟମାନଙ୍କ ପାଖକୁ ନୋଟିସ୍ ପଠାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ପାଖାପାଖି ୮,୧୦୬ ଜଣ ଭୋଟରଙ୍କ ନିକଟରେ ଶୁଣାଣି ତାରିଖ ଅତିବାହିତ ହେବା ପରେ ଯାଇ ନୋଟିସ୍ ପହଞ୍ଚିଛି। ନିଜର ପ୍ରମାଣ ଦାଖଲ କରିବା ପାଇଁ ସୁଯୋଗ ନ ଦେଇ ଜାଣିଶୁଣି ଏଭଳି ତଞ୍ଚକତା କରାଯାଇଥିବା ପ୍ରତ୍ୟକ୍ଷଦର୍ଶୀ ଓ ପୀଡ଼ିତ ଭୋଟରମାନେ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ, କ୍ଷେତ୍ରସ୍ତରରେ ବିଏଲ୍‌ଓମାନେ ଶାସକ ଦଳର ରାଜନୈତିକ ଚାପରେ ଆସି ଶୁଣାଣିବେଳେ ଆଧାର କାର୍ଡ, ପାନ୍ କାର୍ଡ, ଜମି ପଟ୍ଟା କିମ୍ବା ପୁରୁଣା ଭୋଟର ଆଇଡି ବଦଳରେ ପାସ୍‌ପୋର୍ଟ ଦାଖଲ କରିବାକୁ ବାଧ୍ୟ କରୁଥିବା ଅଭିଯୋଗ ହୋଇଛି। ନିଜ ପକ୍ଷ ରଖିବା ପାଇଁ ନିର୍ଦ୍ଧାରିତ ଫର୍ମରେ ପାସ୍‌ପୋର୍ଟର କୌଣସି ଆବଶ୍ୟକତା ନ ଥିବା ସତ୍ତ୍ୱେ, ଗାଁ ଗହଳିର ସାଧାରଣ ଲୋକଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ କରିବା ପାଇଁ ଏହା ଏକ ପ୍ରଶାସନିକ ଷଡ଼ଯନ୍ତ୍ର ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଧାମନଗର ଏନ୍‌ଏସ୍‌ସି ସମେତ ମୁସ୍ତଫାପୁର, ବୟାଙ୍ଗଡିହି, ସୋହଡ଼ା, ରାଧାବଲ୍ଲଭପୁର, କୋଠାର, ଚୁଡ଼ାକୁଟି ଓ ଭଗବାନପୁର ଭଳି ସଂଖ୍ୟାଲଘୁ ବହୁଳ ଅଞ୍ଚଳରେ ନିର୍ଣ୍ଣାୟକ ସାଜିଥିବା ଭୋଟରଙ୍କୁ ଟାର୍ଗେଟ୍ କରାଯାଇଛି। ଧାମନଗର ଏନ୍‌ଏସିରେ ଶାସକ ଦଳ ନିଜର ଦୁର୍ବଳ ସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ହୀନ ଚାଲ୍ ଆପଣାଇଥିବା କୁହାଯାଉଛି।

**ନୋଟିସ୍ ପ୍ରହସନ; ଶୁଣାଣି ତାରିଖ ସରିବା ପରେ ପହଞ୍ଚୁଛି ଚିଠି**

**ରାଜ୍ୟ ସରକାର ଷଡ଼ଯନ୍ତ୍ର କରିଛନ୍ତି: ବିଜେଡି**



ଏହି ଷଡ଼ଯନ୍ତ୍ର ବିରୋଧରେ ଧାମନଗର ବ୍ଲକ୍ ବିଜେଡି ପକ୍ଷରୁ ଦୋବଲ ହାଟ ପିଣ୍ଡିରେ ଏକ ସାମ୍ବାଦିକ ସମ୍ମିଳନୀ ଆହୁତ ହୋଇଯାଇଛି। ବ୍ଲକ୍ ବିଜେଡି ସଭାପତି ପ୍ରତାପ ସାମଲ, ମାଇନର କମିଟି ନେତା ସେକ୍ ନୁରାନି, ଧାମନଗର ବ୍ଲକ୍ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ସରପଞ୍ଚ ଜିସିନାରା ବିବି, ଯୁବନେତା ସେକ୍ ମୁସ୍ତାକ୍ ରାଜ୍ୟ ସରକାର ଓ ବିଜେପି ନେତାଙ୍କୁ ସିଧାସଳଖ ଦାୟୀ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଏସ୍‌ଆଇଆର୍ ତାରିଖ ଘୁଞ୍ଚିବା ପରେ 'ଫର୍ମ-୭'କୁ ଅସ୍ତ୍ର କରି ଅନ୍‌ଲାଇନ୍ ମାଧ୍ୟମରେ ମୁସ୍ତଫାପୁର ପଞ୍ଚାୟତର ୧୯୩, ୧୯୪, ୧୯୫ ଓ ୧୯୬ ନମ୍ବର ବୁଥ୍ ସମେତ ଅନେକ ଅଞ୍ଚଳରୁ ଯୋଗ୍ୟ ଭୋଟରଙ୍କ ନାମ କଟାଯାଉଛି। କେବଳ ଅନ୍‌ଲାଇନ୍ ତଥ୍ୟ ଆଧାରରେ ସିଦ୍ଧାନ୍ତ ନ ନେଇ ପ୍ରଶାସନ ସମସ୍ତ ଆବେଦନର ନିରପେକ୍ଷ କ୍ଷେତ୍ରସ୍ତରୀୟ ତଦନ୍ତ କରୁ। ଯଦି ଯୋଗ୍ୟ ମତଦାତାଙ୍କ ଅଧିକାର ସୁରକ୍ଷିତ ନ ରହେ, ତେବେ ଆଗାମୀ ଦିନରେ ଦଳ ପକ୍ଷରୁ ବ୍ୟାପକ ଆଇନଗତ ଓ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେପଟେ ଏ ସମ୍ପର୍କରେ ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଧାମନଗର ବିଡିଓ ବନବିହାରୀ ଦିନ୍ଦା ମୁହଁ ଖୋଲିବାକୁ ମନା କରିଛନ୍ତି।

## ଅଟୋକୁ ଧକ୍କା ଦେଇ ସ୍କୁଟି ଚାଳକଙ୍କ ମୃତ୍ୟୁ

ବନ୍ତ/ଆଗରପଡ଼ା,୧୨।୮ (ସମିସ): ଆଗରପଡ଼ା ଥାନା ଅନ୍ତର୍ଗତ କୁଆଁରନ୍ଦା ଗ୍ରାମର ସୁନୀଲ ଦାସଙ୍କ ପୁଅ ସମୀର(୩୦) ଓଲା ସ୍କୁଟି ନେଇ ଘରୁ ଭଦ୍ରକ ଆଡ଼କୁ ଯାଉଥିଲେ। ଶେଉଳଗଡ଼ିଆ-କାଦବରାଙ୍ଗ ରାସ୍ତାରେ ସମ୍ମୁଖ ଭାଗରୁ ଦ୍ରୁତ ବେଗରେ ଏକ ଗାଡ଼ି ମାଡ଼ି ଆସିବାରୁ ଭାରସାମ୍ୟ ହରାଇ ସମୀର ଆଗରେ ଯାଉଥିବା ଏକ ଡାଲା ଅଟୋକୁ ପଛରୁ ପିଟିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହୁଛନ୍ତି। ଫଳରେ କିଛି ଦୂରକୁ ଛିଟିକି ପଡ଼ି ଲହୁଲୁହାଣ ସେ ହୋଇଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କ୍ରମଶଃ ତାଙ୍କର ଅବସ୍ଥା ଉଦ୍‌ବେଗଜନକ ହେବାରୁ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାଲା ଅଟୋ ଓ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ପୁଲିସ ତଦନ୍ତ ଜାରି ରଖିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଡ଼ିଆ ସରପଞ୍ଚ ମୀନାକୁମାରୀ ଜେନା, ପ୍ରାକ୍ତନ ସରପଞ୍ଚ ବିଜୟ ଜେନା ପ୍ରମୁଖ ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ପୂର୍ବ ଶତ୍ରୁତାରୁ ଆକ୍ରମଣ କରି ଯୁବକ ଗିରଫ

ଦୋଳସାହି,୧୨।୮ (ସମିସ): ତିହିଡ଼ି ଥାନା ଅଧୀନରେ ଜଣେ ଯୁବକ ପୂର୍ବ ଶତ୍ରୁତାରୁ ଆକ୍ରମଣ କରି ଗିରଫ ହୋଇଥିବା ଜଣାଯାଇଛି। ତିହିଡ଼ି ଥାନା ଅଧୀନ ବଉଳପାଳ ଗାଁର ଲକ୍ଷ୍ମୀଧର ବେହେରାଙ୍କ ପୁତ୍ର ତ୍ରିଲୋଚନ ବେହେରାଙ୍କ ସହ ସେହି ଗାଁର ଗୋଲକ ଦାସଙ୍କ ସହ ପୂର୍ବ ଶତ୍ରୁତା ଥିବାବେଳେ ଏହି ଶତ୍ରୁତାରୁ ମଙ୍ଗଳବାର ସନ୍ଧ୍ୟାରେ ଗୋଲକ ଦାସଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ବୁଧବାର ତ୍ରିଲୋଚନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ତିହିଡ଼ି ପୁଲିସ। ସୂଚନାଯୋଗ୍ୟ, ମଙ୍ଗଳବାର ସନ୍ଧ୍ୟାରେ ଗୋଲକ ଦାସ ଘରେ ନ ଥିବାବେଳେ ତାଙ୍କ ପତ୍ନୀ ପିଲାଙ୍କୁ ନେଇ ପାଠ ପଢ଼ାଉଥିବା ବେଳେ ତାଙ୍କ ଘରେ ପଶି ତାଙ୍କ ପତ୍ନୀଙ୍କୁ ଗାଳିଗୁଲଜ କରିବା ସହ ପିଲାଙ୍କୁ ଭୟଭୀତ କରିଥିଲେ। ଏହି ସମୟରେ ଗାଁ ଲୋକେ ଆସିବାରୁ ଖସି ପଳାଇ ଯାଇଥିଲେ। କିଛି ସମୟ ପରେ ଗୋଲକ ଦାସ ଘରକୁ ଫେରିବା ପରେ ଛକି ରହିଥିବା ତ୍ରିଲୋଚନ ଏକ ଲୁହା ଛଡ଼ରେ ପିଟିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଘଟଣା ପରେ ଗୋଲକଙ୍କ ପତ୍ନୀ ପ୍ରଭାତୀ ଦାସ ମଙ୍ଗଳବାର ରାତିରେ ତିହିଡ଼ି ଥାନାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ତିହିଡ଼ି ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ରାତିରେ ତିହିଡ଼ି ଥାନାରେ ତ୍ରିଲୋଚନଙ୍କୁ ଅଟକ ରଖିବା ସହ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଜଳାଭିଷେକ କରିବାକୁ ଯାଇ ଯୁବକ ନିଖୋଜ



ବନ୍ତ/ଆଗରପଡ଼ା,୧୨।୮ (ସମିସ): ବନ୍ତ ବ୍ଲକ୍ ଆଡ଼ିଆ ଗ୍ରାମର ସୁମନ୍ତ ରାଉତ(୩୪) ବୋଲ୍‌ବମ୍ ଭାର ନେଇ ଜଳାଭିଷେକ କରିବାକୁ ଯାଇ ଗତ ୩ ଦିନ ହେଲା ନିଖୋଜ ଥିବା ଜଣାପଡ଼ିଛି। ପରିବାର ପକ୍ଷରୁ ଏନେଇ ଆଗରପଡ଼ା ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ସୁମନ୍ତ ଗତ ରବିବାର ଭୋର୍ ୪ଟାରେ ଭଦ୍ରକ ଜିଲ୍ଲା ଆରଡ଼ିସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠକୁ ଜଳାଭିଷେକ ନିମନ୍ତେ ଯାଇ ଆଉ ଘରକୁ ଫେରିନାହାନ୍ତି। ପରିବାର ବର୍ଗ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ବୁଧବାର ସୁଦ୍ଧା କିଛି ସନ୍ଧାନ ମିଳିପାରି ନାହିଁ। ଯଦି କୌଣସି ବ୍ୟକ୍ତି ସୁମନ୍ତଙ୍କ ସୂଚନା ପାଆନ୍ତି, ତେବେ ମୋବାଇଲ୍ ନଂ ୮୭୬୩୩ ୮୨୨୯୨ରେ ଯୋଗାଯୋଗ କରିବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

## କାର୍ଯ୍ୟରତ ଶିକ୍ଷକଙ୍କ ହୃଦ୍‌ଘାତରେ ମୃତ୍ୟୁ



ବନ୍ତ/ଆଗରପଡ଼ା,୧୨।୮ (ସମିସ): ବନ୍ତ ବ୍ଲକ୍ ମହାନ୍ତିପଡ଼ା ପଞ୍ଚାୟତ କୈଳାସ ସାହୁଙ୍କ ଜ୍ୟେଷ୍ଠ ପୁତ୍ର ମୁକେଶ(୪୮)ଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଗତ ସୋମବାର ପଡ଼ୋଶୀ ଖଇରା ବ୍ଲକ୍ ବେଗୁନିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷାଦାନ ସାରି ଘରକୁ ଫେରିଥିଲେ। ସନ୍ଧ୍ୟା ସମୟରେ ଶରୀରରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଗୁରୁତର ଥିବାରୁ ପରେ ତାଙ୍କୁ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ସେ ଜଣେ ସ୍ପଷ୍ଟବାଦୀ, ନିର୍ଭୀକ ଓ ପରୋପକାରୀ ଯୁବ ଶିକ୍ଷକ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ଶିକ୍ଷାଦାନ କ୍ଷେତ୍ରରେ ବିଭିନ୍ନ ବିଦ୍ୟାଳୟରେ ତାଙ୍କର ସୁନାମ ଥିଲା। ଆଗରପଡ଼ା ଅଞ୍ଚଳର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସେ ସଦାସର୍ବଦା ଜଡ଼ିତ ରହୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କର ଏକମାତ୍ର ଝିଅ ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି। ମୁକେଶଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗନ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଉପସ୍ଥିତ ରହି ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁ ପରେ ପରିବାର ପକ୍ଷରୁ ତାଙ୍କର ଦୁଇ ଆଖିକୁ ଭୁବନେଶ୍ୱରସ୍ଥିତ ଦୃଷ୍ଟିଦାନ ଆଇ ବ୍ୟାଙ୍କକୁ ଚକ୍ଷୁ ଦାନ କରାଯାଇଥିବା ଜଣାପଡ଼ିଛି।

## ବ୍ରାହ୍ମଣଗାଁ ହାଇସ୍କୁଲରେ ସାଇବର ସଚେତନତା




ବାସୁଦେବପୁର,୧୨।୮ (ସମିସ): ବାସୁଦେବପୁର ବ୍ଲକ୍‌ର ବ୍ରାହ୍ମଣଗାଁ ହାଇସ୍କୁଲ ପରିସରରେ ବାସୁଦେବପୁର ଥାନା ଓ ଭଦ୍ରକ ସାଇବର ଥାନାର ପକ୍ଷରୁ ସାଇବର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜରେ ଦିନକୁ ଦିନ ସାଇବର ଠକେଇ ବୃଦ୍ଧି ପାଉଛି। ସମାଜର ପ୍ରତିଷ୍ଠିତ ଲୋକ ସାଇବର ଠକେଇର ଶିକାର ହେଉଛନ୍ତି। ସାଇବର ଠକ ଲୋକମାନଙ୍କୁ ଭିନ୍ନ ଭିନ୍ନ ତରିକା ଆପଣେଇ ଅତି ସହଜରେ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ କରିବାରେ ସଫଳ ହେଉଛନ୍ତି। ଏହି ଶିବିରରେ ଭଦ୍ରକ ସାଇବର ଥାନାର ଇନ୍ସପେକ୍ଟର ଦୟାନିଧି ଦାସ ଯୋଗଦେଇ ସାଇବର ଅପରାଧ ରୋକାଯାଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ବାସୁଦେବପୁର ଥାନାର ଇନ୍ସପେକ୍ଟର ନିରୋଜ କୁମାର ସାମଲ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ସାହୁ, ପ୍ରଧାନଶିକ୍ଷକ ରତ୍ନାକର ମହାଳିକ, ଅରୁଣ କୁମାର ଶତପଥି, ସଦାନନ୍ଦ ପାଣିଗ୍ରାହୀ ଯୋଗଦେଇଥିଲେ। ତାପସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଧୁକ ଦେଖାଇ ଡକାୟତି; ଝାଡ଼ଖଣ୍ଡରୁ ୭ ଡକାୟତ ଗିରଫ

ଭଦ୍ରକ,୧୨।୮ (ସମିସ)

ଭଦ୍ରକ ଗ୍ରାମାଞ୍ଚଳ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ବିଭିନ୍ନ ଡକାୟତି ମାମଲାରେ ଜଡ଼ିତ ଥିବା ୭ଜଣ ଡକାୟତଙ୍କୁ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଝାଡ଼ଖଣ୍ଡରୁ ଗିରଫ କରିବାରେ ସକ୍ଷମ ହୋଇଥିବାବେଳେ ସେମାନଙ୍କଠାରୁ ଲୁଟ୍ ହୋଇଥିବା ୨ ଲକ୍ଷ ୧୭ହଜାର ନଗଦ ଟଙ୍କା, ୭୩ ଗ୍ରାମ୍ ସୁନା, ୬୦୦ ଗ୍ରାମ୍ ରୁପା, ଅଫୁଟା ଗୁଳି, ୭.୬୨ ଏମ୍‌ଏମ୍ ପିସ୍ତଲ, ଗୋଟିଏ କାର୍, ୨ ବାଇକ୍ ଓ ୭ଟି ମୋବାଇଲ୍ ଫୋନକୁ ଜବତ କରିଛି।

ପୁଲିସ ସୂଚନାନୁଯାୟୀ, ଗତ ୩ ତାରିଖ ରାତି ପ୍ରାୟ ୯ଟା ବେଳେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାଣୀତାଲ ଜଗଦଲପୁର ଗାଁର ନିରଞ୍ଜନ ଶତପଥୀଙ୍କ ଘରୁ ୨ ଜଣ ଅଜଣା ବ୍ୟକ୍ତି ମାଛ କିଣିବା ବାହାନାରେ ଆସିଥିଲେ। ଘର ଭିତରକୁ ପ୍ରବେଶ କରିବା ପରେ ଆଉ ୪ ଜଣ ସହଯୋଗୀ ବିଭିନ୍ନ ମାରଣାସ୍ତ୍ର ଦେଖାଇ ତାଙ୍କ ପରିବାରବର୍ଗଙ୍କୁ ଭୟଭୀତ କରିଥିଲେ। ପରେ ସେମାନେ ଘର ଭିତରକୁ ପ୍ରବେଶ କରି ଘର ସଦସ୍ୟମାନଙ୍କୁ ବନ୍ଧୁକ ଦେଖାଇ ଗୋଟିଏ ଘରେ ସମସ୍ତଙ୍କୁ ଅଟକ ରଖିଥିଲେ। ପରେ ୨ଟି ଲୁହା ଆଲମିରା ଭାଙ୍ଗି ନଗଦ ୯୦ହଜାର ଟଙ୍କା, ୧୪ଭରି ସୁନା ଅଳଙ୍କାର ଓ ୨୫୦ ଗ୍ରାମ୍ ରୁପା ଅଳଙ୍କାର ସହ ୨ଟି ମୋବାଇଲ୍ ଫୋନ୍ ଲୁଟ୍ କରିଥିଲେ।

**୨.୧୭ ଲକ୍ଷ ଟଙ୍କା, ସୁନା-ରୁପା ଅଳଙ୍କାର, କାର୍, ୨ ବାଇକ୍ ଜବତ**

ତେବେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ଏକତ୍ରିତ ହେବାରୁ ଡକାୟତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଥିଲେ। ତେବେ ସେମାନେ ୨ଟି ବାଇକ୍‌କୁ ଛାଡ଼ି ଯାଇଥିଲେ। ଅଭିଯୋଗ ପାଇବା ପରେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କୁ ଝାଡ଼ଖଣ୍ଡରୁ ପୁଲିସ ଠାବ କରି ଗିରଫ କରିଥିଲା। ଗିରଫ



ଅଭିଯୁକ୍ତମାନେ ହେଲେ ଭରତ ସାଓ, ମହମ୍ମଦ କାରିମ୍ ଅନ୍‌ସାରୀ, ଓମ୍‌ପ୍ରକାଶ ଦାସ, ଲାଲାବାହାଦୂର ସାଓ, ଦେବୀଲାଲ ଦାସ ଓ କାଲାଚାନ୍ଦ ସାଓ। ଏହି ୭ ଅଭିଯୁକ୍ତଙ୍କ ମଧ୍ୟରୁ ୬ ଜଣଙ୍କୁ ଝାଡ଼ଖଣ୍ଡରୁ ଓ ଜଣେ ଓଡ଼ିଶାରୁ ଗିରଫ କରାଯାଇଛି। ଏମାନଙ୍କ ନାମରେ ଭଦ୍ରକ ସମେତ ରାଜ୍ୟର ବିଭିନ୍ନ ଥାନାରୁ ବହୁ ଡକାୟତି ଏବଂ ଚୋରି ମାମଲା ରହିଥିବା ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ମନୋଜ କୁମାର ରାଉତ ସୂଚନା ଦେଇଛନ୍ତି।

## ପିଟିଏ କମିଟି ଗଠନକୁ ନେଇ ପିସି ହାଇସ୍କୁଲରେ ଉତ୍ତେଜନା



ବେତାଳିଗାଁ,୧୨।୮ (ସମିସ): ଧାମନଗର ବ୍ଲକ୍ ରଇପୁର ପଞ୍ଚାୟତ ଅଧୀନ କଣ୍ଟିକା କିଷାନ ନଗରସ୍ଥିତ ପ୍ରହ୍ଲାଦ ଚନ୍ଦ୍ର ହାଇସ୍କୁଲରେ ପିଟିଏ କମିଟି ଗଠନକୁ ନେଇ ବୁଧବାର ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଶେଷରେ ପୁଲିସକୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ପିଟିଏ କମିଟି ଗଠନ ପାଇଁ ପ୍ରଧାନଶିକ୍ଷୟିତ୍ରୀ ଅନୁସୟା ଦାସ ଚିଠି ମାଧ୍ୟମରେ ଅଭିଭାବକମାନଙ୍କୁ ଅପରାହ୍ଣ ୨ଟାରେ ବିଦ୍ୟାଳୟକୁ ଡାକିଥିଲେ। ନିର୍ଦ୍ଧାରିତ ସମୟରେ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚିଥିଲେ। ପ୍ରାୟ ୨ଟା ୫୫ ମିନିଟ୍ ସମୟରେ ବିଦ୍ୟାଳୟର ଫାଟକ ବନ୍ଦ କରାଯାଇଥିଲା। ଏହାକୁ ନେଇ ଅଭିଭାବକମାନେ ଆପତ୍ତି ଉଠାଇବା ସହ ପାଟିତୁଣ୍ଡ କରିଥିଲେ। ପରେ ଫାଟକ ଖୋଲାଯାଇଥିଲା। ଅଭିଭାବକମାନେ ପିଟିଏ କମିଟି ଗଠନ ନେଇ ଆଗକୁ ବଢ଼ିବାକୁ ଦାବି କରିଥିବାବେଳେ, ପ୍ରାୟ ୩ଟା ୧୦ରେ ଏହା ଆଉ କରାଯାଇପାରିବ ନାହିଁ ବୋଲି ପ୍ରଧାନଶିକ୍ଷୟିତ୍ରୀ କହିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଫଳରେ ଉଭୟ ପକ୍ଷ ମଧ୍ୟରେ ଉତ୍ତେଜନା ବଢ଼ିଥିଲା। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ପଚରାଯିବାରେ ସେ କହିଥିଲେ ଯେ, ଥରେ ମନା କରିଦେବା ପରେ ପୁଣି ପିଟିଏ କମିଟି ଗଠନ କରିବା ଠିକ୍ ହେବ ନାହିଁ। ସେ କେତେବେଳେ ମନା କରିଥିଲେ ବୋଲି ପଚରାଯିବାରେ ୩ଟା ୧୦ରେ ବୋଲି ଉତ୍ତର ଦେଇଥିଲେ। ତେବେ ବିଦ୍ୟାଳୟର କାର୍ଯ୍ୟ ସମୟ ୪ଟା ପର୍ଯ୍ୟନ୍ତ ଥିବା ସତ୍ତ୍ୱେ ୩ଟା ୧୦ରେ କାହିଁକି କମିଟି ଗଠନ ବନ୍ଦ କରାଗଲା ବୋଲି ପ୍ରଶ୍ନ ଉଠିଥିଲେ ମଧ୍ୟ ଏନେଇ ପ୍ରଧାନଶିକ୍ଷୟିତ୍ରୀ କୌଣସି ସ୍ପଷ୍ଟ ଉତ୍ତର ଦେଇ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଅଭିଭାବକମାନେ ଅଭିଯୋଗ କରିଥିଲେ ଯେ, ପିଟିଏ କମିଟି ଗଠନ ପାଇଁ ସେମାନେ ଆଜକୁ ତୃତୀୟ ଥର ବିଦ୍ୟାଳୟକୁ ଆସିଛନ୍ତି। ଉପସ୍ଥିତ ଅଭିଭାବକମାନେ ରେଜିଷ୍ଟରରେ ନିଜ ଉପସ୍ଥିତି ସ୍ୱାକ୍ଷର କରିବାକୁ ଚାହିଁଥିଲେ। କିନ୍ତୁ ସ୍ୱାକ୍ଷର କରିବାକୁ ଦିଆଯିବ ନାହିଁ ବୋଲି ପ୍ରଧାନଶିକ୍ଷୟିତ୍ରୀଙ୍କ ପକ୍ଷରୁ କୁହାଯିବାରୁ ପରିସ୍ଥିତି ପୁଣି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଏହି ସମୟରେ ପ୍ରଧାନଶିକ୍ଷୟିତ୍ରୀ ମୋବାଇଲ୍ ଯୋଗେ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଅଭିଭାବକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବୁଝାସୁଝା କରିଥିଲା।

## ହଳ କରିବାକୁ ନେଇ ବ୍ଲେଡ୍‌ରେ ଆକ୍ରମଣ; ୫ ଆହତ



ବନ୍ତ/ଆଗରପଡ଼ା,୧୨।୮ (ସମିସ): ଆଗରପଡ଼ା ଥାନା ଅନ୍ତର୍ଗତ ଆପ୍ତିରାଷଡ଼ଙ୍ଗୀ ଗ୍ରାମରେ ଗୋଚର ଜମିରେ ହଳ କରିବାକୁ ବିରୋଧ କରିବାରୁ ବ୍ଲେଡ୍‌ରେ ଆକ୍ରମଣ ଯୋଗୁଁ ୫ ଜଣ ଗୁରୁତର ଭାବେ ଆହତ ହୋଇ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଆପ୍ତିରାଷଡ଼ଙ୍ଗୀ ଗ୍ରାମର ବିବେକାନନ୍ଦ ଧଳଙ୍କ ସ୍ତ୍ରୀ ତିଲୋତ୍ତମା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେହି ଗ୍ରାମର ଜନୈକ ବ୍ୟକ୍ତି ଟ୍ରାକ୍ଟର ଯୋଗେ ଏକ ସରକାରୀ ଗୋଚର ଜମିକୁ ଜବରଦଖଲ କରି ହଳ କରୁଥିଲେ। ତିଲୋତ୍ତମାଙ୍କ ପରିବାର ଏହି ଜମି ଦେଇ ନିଜ ଜମିକୁ ଯାତାୟାତ କରିଥା'ନ୍ତି। ତେଣୁ ସେ ଏହାକୁ ବିରୋଧ କରିବାରୁ ହଳ କରୁଥିବା ବ୍ୟକ୍ତି ଓ ତାଙ୍କର କିଛି ସହଯୋଗୀ ତିଲୋତ୍ତମାଙ୍କ ସମେତ ସେଠାରେ ଉପସ୍ଥିତ ଥିବା ଅନ୍ୟ ୪ ଜଣଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି। ଗୁରୁତରଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତବିକ୍ଷତ ସୃଷ୍ଟି ହୋଇଥିବାର ଜଣାପଡ଼ିଛି। ଏ ସମ୍ପର୍କରେ ପୁଲିସ ତଦନ୍ତ ଜାରି ରଖିଥିବାବେଳେ ତିଲୋତ୍ତମାଙ୍କ ସମତେ ଅନ୍ୟମାନେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

**ଏସ୍‌ଆଇଆର୍ କାର୍ଯ୍ୟରେ ବିଏଲ୍‌ଓଙ୍କ ପତ୍ନୀଙ୍କୁ ଗାଳିଗୁଲଜ ଅଭିଯୋଗ**

## ମାମଲା ରୁଜୁ ପାଇଁ ଥାନାକୁ ତହସିଲଦାରଙ୍କ ନିର୍ଦ୍ଦେଶ

ଧାମନଗର,୧୨।୮ (ସମିସ): ଧାମନଗର ତହସିଲ୍ ଅଧୀନରେ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ବିଏଲ୍‌ଓଙ୍କ ପତ୍ନୀଙ୍କୁ ଗାଳିଗୁଲଜ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଧାମନଗର ତହସିଲ୍‌ଦାରଙ୍କ ନିକଟରେ ଅଭିଯୋଗ ପରେ ତାହାକୁ ଏତଲା ଭାବେ ଗ୍ରହଣ କରି ଆଇନାନୁଯାୟୀ ପଦକ୍ଷେପ ନେବାକୁ ଧୂଷୁରୀ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ଧୂଷୁରୀ ଥାନା ଅନ୍ତର୍ଗତ ଠାକୁରପାଟଣା ଗ୍ରାମର ଗଦାଧର ମଲ୍ଲିକ ଏସ୍‌ଆଇଆର୍ କାର୍ଯ୍ୟରେ ବିଏଲ୍‌ଓ ଭାବେ ନିୟୋଜିତ ଅଛନ୍ତି। ଏସ୍‌ଆଇଆର୍ କାର୍ଯ୍ୟ ପାଇଁ ସେହି ଗ୍ରାମର ରାମକାନ୍ତ ଜେନାଙ୍କ ପୁଅ ଭବାନୀ ଜେନା ଓ ତାଙ୍କ ମାଆ ପ୍ରମିଳା ଜେନାଙ୍କ ଆଧାର ସମେତ ଅନ୍ୟାନ୍ୟ କାଗଜପତ୍ର ମଗାଯାଇଥିଲା। ତେବେ ସେମାନେ ଏହି କାଗଜପତ୍ର ଦେଇ ନ ଥିବା ଅଭିଯୋଗ ରହିଛି। ପରେ ଗଦାଧର ଘରେ ନ ଥିବା ସମୟରେ ରାମକାନ୍ତଙ୍କ ପରିବାର ଲୋକେ ଘରେ ପହଞ୍ଚି ତାଙ୍କ ପତ୍ନୀ ବିଦୁଲତା ସାହୁଙ୍କୁ ଗାଳିଗୁଲଜ କରିବା ସହ କାହିଁକି ଡକ୍ୟୁମେଣ୍ଟ ମଗାଯାଉଛି ବୋଲି ପ୍ରଶ୍ନ କରିଥିବା ବିଦୁଲତା ଅଭିଯୋଗ କରିଛନ୍ତି। ଏନେଇ ବିଦୁଲତା ଧାମନଗର ତହସିଲ୍‌ଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ପତ୍ନୀଙ୍କ ଅଭିଯୋଗକୁ ଏତଲା ଭାବେ ଗ୍ରହଣ କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଧୂଷୁରୀ ଥାନା ଆଇଆଇସିଙ୍କୁ ଗତ ୧୧ ତାରିଖରେ ଧାମନଗର ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ ପତ୍ର ଜାରି କରିଛନ୍ତି। ଏଥିସହିତ ଘଟଣା ସମ୍ପର୍କରେ ଧାମନଗର ଏସ୍‌ଡିପିଓ ଓ ଭଦ୍ରକ ସବ୍‌କଲେକ୍ଟରଙ୍କୁ ମଧ୍ୟ ଅବଗତ କରାଯାଇଛି ବୋଲି ତହସିଲ୍‌ଦାର ସୂଚନା ଦେଇଛନ୍ତି। ତେବେ ତହସିଲ୍‌ଦାରଙ୍କ ନିର୍ଦ୍ଦେଶ ପରେ ଘଟଣା ଏବେ ନୂଆ ମୋଡ଼ ନେଇଛି। ଅଭିଯୋଗ ଆଧାରରେ ଧୂଷୁରୀ ପୁଲିସ ତଦନ୍ତରେ କି ପଦକ୍ଷେପ ନେଉଛି ତାହା ଏବେ ଗୁରୁତ୍ୱପୂର୍ଣ୍ଣ ତଥା ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି।

## 'ସେବାଫର୍' ପକ୍ଷରୁ ବନ୍ୟାବିପନ୍ନଙ୍କୁ ରିଲିଫ୍ ବଣ୍ଟନ



ଭୁବନେଶ୍ୱର,୧୨।୮ (ସମିସ): ଭଦ୍ରକ ଜିଲ୍ଲାର ତିହିଡ଼ି ବ୍ଲକ୍‌ର ନୂଆସାହି ଗ୍ରାମରେ ସିନିୟର ବ୍ୟାଙ୍କର ଫୋରମ୍ ଭୁବନେଶ୍ୱର ପକ୍ଷରୁ ବନ୍ୟାବିପନ୍ନ ପରିବାରମାନଙ୍କୁ ୩୨୫ଟି ରିଲିଫ୍ ପ୍ୟାକେଟ୍ ବଣ୍ଟନ କରାଯାଇଛି। ନୂଆସାହି ଗ୍ରାମରେ ଅନୁଷ୍ଠିତ ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମରେ ଗ୍ରାମ ମୁଖିଆ, ତିହିଡ଼ି ବ୍ଲକ୍ ପାଇଁ ନୋଡାଲ୍ ଏନ୍‌ଜିଓ ଭାବେ କାର୍ଯ୍ୟରତ ତ୍ରିବେଣୀ ଟ୍ରଷ୍ଟର ସଦସ୍ୟ ରଞ୍ଜୁଲତା, ସମାଜସେବୀ ଗଗନ ପୋଥାଳ ଓ ଆଦିତ୍ୟ ରଥଙ୍କ ସମେତ ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ସେବାଫର୍‌ର ସଦସ୍ୟମାନେ ଉପସ୍ଥିତ ରହି ବିପନ୍ନ ପରିବାରଙ୍କୁ ରିଲିଫ୍ ବଣ୍ଟନ କରିଥିଲେ। ସେବାଫର୍ ପକ୍ଷରୁ ଏହି ଶିବିରରେ ଶଶୀଭୂଷଣ ଦାଶ, ଧନେଶ୍ୱର ସାହୁ, ଅନାଦି ସାହୁ ପ୍ରମୁଖ ଯୋଗଦେଇ ରିଲିଫ୍ ବଣ୍ଟନ ଶିବିରକୁ ପରିଚାଳନା କରିଥିଲେ। ସେବାଫର୍‌ର ସଭାପତି ଅମୃତନାଥ ମହାନ୍ତି ଓ ସମ୍ପାଦକ ଈଶ୍ୱର ଚନ୍ଦ୍ର ରଥଙ୍କ ମାର୍ଗଦର୍ଶନ ଏବଂ ଗ୍ରୁପ୍ ଲିଡର୍ ସୁନନ୍ଦ କୁମାର ମିଶ୍ର, ସଦସ୍ୟା ଗୀତାଞ୍ଜଳି ମିଶ୍ରଙ୍କ ନେତୃତ୍ୱ ଓ ସହଯୋଗରେ ଏହି ରିଲିଫ୍ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ଧାମନଗର ମୁକୁନ୍ଦଦେବ ଓ ସହରୀ ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ଧାମନଗର,୧୨।୮ (ସମିସ): ଧାମନଗର ମୁକୁନ୍ଦଦେବ ଓ ସହରୀ ମଣ୍ଡଳ ପକ୍ଷରୁ ବିଶାଳ ତ୍ରିରଙ୍ଗା ଯାତ୍ରା ଧାମନଗର କଲ୍ୟାଣ ମଣ୍ଡପଠାରୁ ଆନନ୍ଦପୁର ଉତ୍ତରବାହିନୀ ଘାଟ ଭାୟା ଖଡ଼ିପଦା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅପରାହ୍ଣ ୪ଟାରେ ମୁକୁନ୍ଦଦେବ ମଣ୍ଡଳ ବିଜେପି ସଭାପତି ଅରବିନ୍ଦ ପତିଙ୍କ ନେତୃତ୍ୱରେ ସହସ୍ରାଧିକ ବିଜେପି କର୍ମୀ ଓ ସମର୍ଥକଙ୍କ ସହଯୋଗରେ ଏକ ବିଶାଳ ତ୍ରିରଙ୍ଗା ଧାମନଗର ଏନ୍‌ଏସି କଲ୍ୟାଣ ମଣ୍ଡପଠାରୁ ଆରମ୍ଭ ହୋଇ ବ୍ଲକ୍, ସାନ ଓ ବଡ଼ ବଜାର ଏବଂ ମେଡିକାଲ ବଜାର ପରିକ୍ରମା କରିବା ସହ ଦେଶାତ୍ମକ ସ୍ଲୋଗାନ ଦେଇ ଆନନ୍ଦପୁର ଉତ୍ତରବାହିନୀ ଘାଟ ପର୍ଯ୍ୟନ୍ତ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ୍ ଏବଂ ନଗର ପ୍ରତିନିଧି ଅଶୋକ ପୁହାଣ, କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦଙ୍କ ବ୍ଲକ୍ ଓ ନଗର ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ସରୋଜ ମହାପାତ୍ର, ବିଜେପି ନେତା ବିଜୟ କୁମାର ରାମ, ଶ୍ରୀକାନ୍ତ କୁମାର ନାୟକ, ଦେବାଂଶୁ ରାଉତ, ଦୀପ୍ତିରଞ୍ଜନ ଜେନା, ଚତୁର୍ଭୂଜ ନାୟକ, ବୈକୁଣ୍ଠ ନାଥ ସାହୁ, ରାଜେନ୍ଦ୍ର ସାହୁ, ପ୍ରୀତମ୍ ଦାସ, କିଶୋର ଚନ୍ଦ୍ର ଦାସ, ରାଜୀବ ନାୟକ, ପ୍ରଶାନ୍ତ ପରିଡ଼ା, ପ୍ରଶାନ୍ତ ସାହୁ, ପ୍ରମୋଦ ସୂତାର, ସନ୍ତୋଷ ଦାସ ଅଧିକାରୀ, ଉତମ ମହାନ୍ତି, ସ୍ୱାଧୀନ ସମ୍ବିତ୍ ଦାସ, ରାଜୀବ ଦାସ, ଦିଲ୍ଲୀପ ସାମଲ, କୃଷ୍ଣ ଚନ୍ଦ୍ର ଜେନା, ଚିତ୍ତରଞ୍ଜନ ଜେନା, ରାଜୀବ ମାଝୀ, ଗୋଲାମ ଜିଲାନି ହବିବି, ଏମ୍‌ଡି ସାଦିକ୍, ସେକ୍ ତାଜୁଦ୍ଦିନ୍, ଏମ୍‌ଡି ସୈଫୁଲ୍ଲାଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଓ ନେତୃମଣ୍ଡଳୀ ଏଥିରେ ସାମିଲ୍ ହୋଇଥିଲେ।



## ଅସୁରାଳିରୁ ସହିଦ୍ ପୀଠ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା



ସହିଦନଗର,୧୨।୮ (ସମିସ): ହର୍ ଘର୍ ତିରଙ୍ଗା ଅଭିଯାନ ଅବସରରେ ଧାମନଗର ବ୍ଲକ୍ ଅଧୀନ ସହିଦ ମଣ୍ଡଳ ବିଜେପି ପକ୍ଷରୁ ବୁଧବାର ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅପରାହ୍ଣ ୪ଟାରେ ଅସୁରାଳି ବଜାରଠାରୁ ଏହି ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇ ସହିଦ ପୀଠ ପର୍ଯ୍ୟନ୍ତ ଯାଇଥିଲା। ଏହି ଯାତ୍ରାରେ ବିଜେପିର ବରିଷ୍ଠ ନେତା, ପଦାଧିକାରୀ, କର୍ମକର୍ତ୍ତା ଓ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଯୋଗଦେଇ ହାତରେ ତ୍ରିରଙ୍ଗା ଧରି ଦେଶଭକ୍ତିର ନାରା ଦେଇ ଯାତ୍ରା କରିଥିଲେ। ତ୍ରିରଙ୍ଗାରେ ସଜେଇ ହୋଇଥିବା ଅସୁରାଳି ବଜାରରେ ଏହି ଯାତ୍ରାକୁ ନେଇ ଉତ୍ସାହ ଓ ଦେଶପ୍ରେମର ପରିବେଶ ସୃଷ୍ଟି ହୋଇଥିଲା। ସହିଦ୍ ପୀଠରେ ପହଞ୍ଚିବା ପରେ ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଦେଶର ଏକତା, ଅଖଣ୍ଡତା ଓ ଜାତୀୟତାର ଭାବନାକୁ ମଜଭୁତ କରିବା ସହ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ଲୋକଙ୍କୁ ଆହ୍ୱାନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ବିଜେପି ନେତା ଓ କର୍ମୀମାନେ ଦେଶର ସ୍ୱାଧୀନତା ପାଇଁ ସହିଦମାନଙ୍କ ତ୍ୟାଗକୁ ସ୍ମରଣ କରି ଜାତୀୟ ପତାକାର ସମ୍ମାନ ରକ୍ଷା କରିବା ସହ ଦେଶ ପ୍ରତି ନିଜର କର୍ତ୍ତବ୍ୟ ପାଳନ କରିବାକୁ ସଂକଳ୍ପ ନେଇଥିଲେ।

## କୃଷକ ସଂଘ ପକ୍ଷରୁ ତହସିଲ୍‌ଦାରଙ୍କୁ ଦାବିପତ୍ର

ବାରିକପୁର,୧୨।୮ (ସମିସ): ରାସାୟନିକ ସାର ଓ କୀଟନାଶକ କଳାବଜାରୀ ସହିତ ଚାଷୀ ପଞ୍ଜୀକରଣ ସମସ୍ୟା ନେଇ ଗତ ମଙ୍ଗଳବାର କୃଷକ ସଂଘ ସଦସ୍ୟମାନେ ଭଣ୍ଡାରିପୋଖରୀ ତହସିଲ୍‌ଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସାର ଓ କୀଟନାଶକ ଔଷଧର ମୂଲ୍ୟ ଭିନ୍ନଭିନ୍ନ ପ୍ରକାର ରହୁଛି। ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନଗୁଡ଼ିକରେ ବିକ୍ରି ବାବଦରେ କିଛି ସୂଚନାଫଳକ ଲେଖାଯାଉନାହିଁ। ବ୍ୟବସାୟୀମାନେ ମନଇଚ୍ଛା ଦର ନେଉଛନ୍ତି। ସାର ଓ ବିଷ କ୍ରୟ ବେଳେ ଚାଷୀମାନେ ଠକାମିର ଶିକାର ହେଉଛନ୍ତି। ଏହାଛଡ଼ା ଖରିଫ୍ ଧାନ ପଞ୍ଜୀକରଣରେ ମାଲିକାନା ସ୍ୱତ୍ୱ ନେଇ ସମସ୍ୟା ସୃଷ୍ଟି ହେଉଛି। ରାଜ୍ୟରେ ଅଧିକନ୍ତୁ ଚାଷୀମାନେ ଯନ୍ତ୍ରଣା ଭୋଗୁଛନ୍ତି। ତେଣୁ ଏହା ଉପରେ ସରକାର ତୁରନ୍ତ ଦୃଷ୍ଟି ଦେବାକୁ କୃଷକ ସଂଘ ସଦସ୍ୟମାନେ ଦୃଢ଼ ଦାବି କରିଛନ୍ତି। ଏନେଇ ଚାଷୀ ରବୀନ୍ଦ୍ର ପଣ୍ଡା, ନିରାକାର ରାଉତ, ପ୍ରଫୁଲ୍ଲ ଜେନା, ଦେବେନ୍ଦ୍ର ବାରିକ, ହୃଷୀକେଶ ଜେନା, ସନ୍ତୋଷ ଭାରତୀ, ବିବେକାନନ୍ଦ ଜେନା, ପ୍ରଦୀପ ସେନାପତି ପ୍ରମୁଖ ତହସିଲ୍‌ଦାର ରୋଜାଲିନ୍ ବେହେରାଙ୍କ ସମେତ ବିଭିନ୍ନ ଆଲୋଚନା କରି ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି।



**ଶ୍ରୀଜଗନ୍ନାଥ ହାଇସ୍କୁଲରେ ଖାଲି ପଦବୀ ପୂରଣ ପାଇଁ ଦାବି**

# ଶିକ୍ଷକ ଓ ଭିତ୍ତିଭୂମି ଅଭାବରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ

ଅସୁରାଳି,୧୨।୮ (ସମିସ)

ଧାମନଗର ବ୍ଲକ୍ ପାଳସାହି ପଞ୍ଚାୟତ ସାହୁ ସାହିସ୍ଥିତ ଶ୍ରୀଜଗନ୍ନାଥ ହାଇସ୍କୁଲ, ସୋହୁଡ଼ା ଏବେ ବିଭିନ୍ନ ଅଭାବ ଅସୁବିଧା ଓ ଚରମ ଅବହେଳାର ଶିକାର ହୋଇଛି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ, କର୍ମଚାରୀ ଏବଂ ମୌଳିକ ଭିତ୍ତିଭୂମିର ଅଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହେଉଥିବା ନେଇ ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।



ସୂଚନାନୁଯାୟୀ, ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିରହିଛି। ଏହା ବ୍ୟତୀତ ଗୁରୁତ୍ୱପୂର୍ଣ୍ଣ ଶିକ୍ଷକ ପଦବୀଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ ଫାଙ୍କା ରହିଛି। ବିଶେଷ କରି ଟିଜିଟି ସାଇନ୍ସ ପିସିଏମ୍ ସାଇନ୍ସ ସିବିଜେଡ୍ ଏବଂ ସଂସ୍କୃତ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ବିଜ୍ଞାନ ଓ ସଂସ୍କୃତ ପାଠପଢ଼ା ସମ୍ପୂର୍ଣ୍ଣ ବ୍ୟାହତ ହେଉଛି। କେବଳ ଶିକ୍ଷକ ନୁହନ୍ତି, ବିଦ୍ୟାଳୟର ଆନୁଷଙ୍ଗିକ ଓ ପ୍ରଶାସନିକ କାର୍ଯ୍ୟ ତୁଲାଇବା ପାଇଁ ଆବଶ୍ୟକ ୩ ପିଅନ୍ ପଦବୀ ମଧ୍ୟ ଖାଲି ପଡ଼ିଥିବା ଜଣାପଡ଼ିଛି। ଶିକ୍ଷକ ଓ କର୍ମଚାରୀ ଅଭାବ ସାଙ୍ଗକୁ ବିଦ୍ୟାଳୟର ଭିତ୍ତିଭୂମି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଦ୍ୟାଳୟରେ ଚାରିପାଖେ କୌଣସି ପ୍ରାଚୀର ନ ଥିବାରୁ ସ୍କୁଲର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସବୁଠାରୁ ଦୁଃଖଦାୟକ ବିଷୟ ହେଉଛି, କୋମଳମତି ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟରେ ପିଇବା ପାଣି ଓ ଶୌଚାଳୟ ଭଳି ଅତି ମୌଳିକ ସୁବିଧାସୁଯୋଗ ମଧ୍ୟ ନାହିଁ। ଏହିପରି ଅସମ୍ଭାଳ ପରିସ୍ଥିତି ଯୋଗୁଁ ସ୍ଥାନୀୟ ଜନସାଧାରଣ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି। ବିଦ୍ୟାଳୟରେ ତୁରନ୍ତ ଖାଲି ପଡ଼ିଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ କରିବା ସହ ସୀମା ପ୍ରାଚୀର, ପିଇବା ପାଣି ଓ ଶୌଚାଳୟ ଭଳି ଆବଶ୍ୟକୀୟ ଭିତ୍ତିଭୂମିର ଯୋଗାଣ ପାଇଁ ସରକାର ଓ ଗଣଶିକ୍ଷା ବିଭାଗ ନିକଟରେ ଦୃଢ଼ ଦାବି କରାଯାଇଛି।

# ଆଦିମ ଜନଜାତି ବହୁଳ ୪ ବ୍ଲକ୍‌ର ବିକାଶ ଅବହେଳିତ

- ହରାଇଛନ୍ତି ମୌଳିକ ଅଧିକାର ଓ ରୋଜଗାର
- ଯୋଜନା ସତ୍ତ୍ୱେ ହଟିନି ଜୁଆଙ୍ଗଙ୍କ ଦାଦନ ଦୁଃଖ
- ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଆଦିବାସୀ ଖୋଜୁଛନ୍ତି ରାହା

କେନ୍ଦୁଝର, ୧୨।୮ (ସମିସ)

କେନ୍ଦୁଝର ଏକ ଜନଜାତି ବହୁଳ ଜିଲ୍ଲା ଅଟେ। ଜିଲ୍ଲାରେ ୧୨ ପ୍ରକାରରୁ ଅଧିକ ଜନଜାତି ବସବାସ କରନ୍ତି। ଏମାନଙ୍କ ମଧ୍ୟରେ ଆଦିମ ଜନଜାତି ଅନ୍ୟତମ ଅଟନ୍ତି। ତେବେ, କେନ୍ଦୁଝର ଜିଲ୍ଲା ଏବେବି ବିଭିନ୍ନ କ୍ଷେତ୍ରରେ ପଛୁଆ ଜିଲ୍ଲା ରହିଥିବା ବେଳେ ଏଠାରେ ଆଦିମ ଜନଜାତି ଜୁଆଙ୍ଗ ଲୋକେ ଏବେ ଡିଜିଟାଲ ଯୁଗରେ ସେହି ଆଦିମ ଦୁନିଆରେ ରହି ଯାଇଥିବା ଅଭିଯୋଗ ହେଉଛି। ଜୁଆଙ୍ଗମାନଙ୍କର ଜୀବନ ଧାରଣ କ୍ଷମତା ସୁଦୃଢ ହୋଇପାରିନାହିଁ।

୧୯୭୮ରେ ତତକାଳୀନ ସରକାର ଜିଲ୍ଲାର ଜୁଆଙ୍ଗମାନଙ୍କର ଉନ୍ନୟନ ଉଦ୍ଦେଶ୍ୟରେ "ଜୁଆଙ୍ଗ ଉନ୍ନୟନ ସଂସ୍ଥା' ସ୍ଥାପନ କରିଥିଲେ। ବାଂଶପାଳ ବ୍ଲକର ୬ ପଞ୍ଚାୟତର ୫୪ଟି ଗ୍ରାମକୁ ସାମିଲ କରାଯାଇଥିଲା। ପରେ ୨୦୨୦ରେ ଏସଏସଡି ବିଭାଗ ବିଜ୍ଞପ୍ତି ସଂଖ୍ୟା ୭୭୪୩ ଅନୁସାରେ ଜୁଆଙ୍ଗ ବହୁଳ ହରିଚନ୍ଦନପୁର ବ୍ଲକର ୧୬ ପଞ୍ଚାୟତର ୫୫ ଗାଁ, ତେଲକୋଇ ବ୍ଲକର ୧୬ ପଞ୍ଚାୟତର ୩୬ ଗାଁ ଏବଂ ଘଟଗାଁ ବ୍ଲକର ୫ ଜୁଆଙ୍ଗ ବହୁଳ ପଞ୍ଚାୟତର ୧୧ଟି ଗାଁକୁ ସାମିଲ କରାଯାଇଥିଲା। ଏବେ ଜେଡିଏ ଅଧୀନରେ ଉପରୋକ୍ତ ୪ ବ୍ଲକ ଅଧୀନରେ ଥିବା ମୋଟ ୪୩ଟି ଗ୍ରାମପଞ୍ଚାୟତର ୧୫୬ଟି ଗାଁକୁ ସାମିଲ କରାଯାଇଛି। ୧୪ଟି ଅଣଆଦିମ ଜନଜାତି (ନନ-ପିଭିଟିଜି) ଲୋକ ଜେଡିଏ ଅଧୀନରେ ସାମିଲ ଅଛନ୍ତି।

ଜୁଆଙ୍ଗମାନଙ୍କର ମୁଖ୍ୟ ଜୀବିକା କୃଷି ଏବଂ ଦିନମଜୁରିଆ ହୋଇଥିବାବେଳେ ଧାନ, ମକ୍କା, ସୋରିଷ ଏବଂ ଆଳୁ ଚାଷକୁ ସେମାନେ ଅଧିକ ପରିମାଣରେ କରିଥାନ୍ତି। ଜନଜାତି ଜୁଆଙ୍ଗମାନେ ସଂସ୍କୃତି ପ୍ରିୟ ଏବଂ ଧାନ ନୂଆଖାଇ, ମାଘପୁଡି, ଆମ୍ବ ନୂଆଖାଇ, ଆଷଢ଼ୀ ପର୍ବ ସେମାନଙ୍କର ମୁଖ୍ୟ ପର୍ବ ଭାବେ ଜଣା। ଚାଙ୍ଗୁ ନୃତ୍ୟ ସେମାନଙ୍କ ପାରମ୍ପରିକ ଅଭ୍ୟାସ ଅଟେ। ସହରୀ ଚାଲିଚଳନଠାରୁ ଦୂରରେ ବଣ ଜଙ୍ଗଲ ଏବଂ ଦୁର୍ଗମ ଅଞ୍ଚଳର ପ୍ରାକୃତିକ ପରିବେଶ ମଧ୍ୟରେ ବସବାସ କରିବାକୁ ଭଲ ପାଉଥିବା ମଣିଷ ହେଲେ ଜୁଆଙ୍ଗ ଲୋକ। ବର୍ତ୍ତମାନ ଜିଲ୍ଲାରେ ପାଖାପାଖି ୫୦ ହଜାର ଜୁଆଙ୍ଗ ଲୋକ ବସବାସ କରୁଥିଲେ ମଧ୍ୟ ଜେଡିଏ ଅଧୀନରେ କାର୍ଯ୍ୟକାରୀ ଯୋଜନାରେ ବାଂଶପାଳ ବ୍ଲକର ୨୭୦୯ ପରିବାରର ୧୨୬୫୩ ଜଣ, ହରିଚନ୍ଦନପୁର ବ୍ଲକର ୨୪୫୯ ପରିବାର ୧୨୭୮୩ ଜଣ, ତେଲକୋଇ ବ୍ଲକର ୧୪୭୮ ପରିବାରର ୮୨୧୮ ଜଣ, ଘଟଗାଁ ବ୍ଲକର ୫୦୦ ଜନଜାତି ପରିବାରର ୨୨୧୫ ଜଣ ଲୋକଙ୍କୁ ମିଶାଇ ମୋଟ ୭୦୪୬ ଗୋଟି ଆଦିମ ଜନଜାତି ଜୁଆଙ୍ଗ ପରିବାର ୩୫୭୬୯ ଜଣ ଲୋକ ଜୁଆଙ୍ଗ ଉନ୍ନୟନ ସଂସ୍ଥା ଅଧୀନରେ ଥିବା କୁହାଯାଉଛି। ଜେଡିଏ ଅଧୀନରେ ୨୦୨୨ରୁ ଓଡିଶା ଆଦିମ ଜନଜାତି ପୋଷଣ ଉନ୍ନତିକରଣ କାର୍ଯ୍ୟକ୍ରମ, ମାତୃ ଏନଂ ଶିଶୁ ପୋଷଣ କେନ୍ଦ୍ର, ପଡା ପୁଷ୍ଟିକର କାର୍ଯ୍ୟକ୍ରମ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଗରମ ରନ୍ଧାଖାଦ୍ୟ କାର୍ଯ୍ୟକ୍ରମ ପ୍ରଭୃତି ଯୋଜନାକୁ ମିଶାଇ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ବିଭିନ୍ନ କଲ୍ୟାଣ କାରୀ ବିକାଶ ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିଲେ ମଧ୍ୟ ଜୁଆଙ୍ଗ ଆଦିମ ଜନଜାତିମାନଙ୍କର ଅବସ୍ଥାରେ ଆଖିଦୃଶିଆ ଉନ୍ନତି ହୋଇନାହିଁ। ଏବେ ମଧ୍ୟ ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ, ଶିଶୁଙ୍କ ମଧ୍ୟରେ ପୁଷ୍ଟିହୀନତା ସହିତ କର୍ମସଂସ୍ଥାନ କ୍ଷେତ୍ରରେ ସେମାନେ ଯୁଝି ହେଉଛନ୍ତି। ରାଜ୍ୟରେ ଥିବା ସରକାର କିମ୍ବା ଜିଲ୍ଲା ପ୍ରଶାସନ ଜୁଆଙ୍ଗ ଉନ୍ନୟନ ସଂସ୍ଥା ମାଧ୍ୟମରେ ସେମାନଙ୍କର ବିକାଶକୁ ଛୁଇଁ ପାରି ନଥିବା ଏବେବି ଜଳଜଳ ହୋଇ ଦୃଶ୍ୟମାନ ହେଉଛି। ସରକାର ଯୋଜନା ପରେ ଯୋଜନା କରିଛନ୍ତି କିନ୍ତୁ ସେମାନଙ୍କର ଆର୍ଥିକ ବ୍ୟବସ୍ଥାରେ ସୁଧାର ହୋଇପାରିନି। ବାଧ୍ୟ ହୋଇ ଜୁଆଙ୍ଗ ଯୁବକ ଯୁବତୀ ମାନେ ଦଲାଲମାନଙ୍କ ଜରିଆରେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି ପରିବାର ପ୍ରତିପୋଷଣ ପାଇଁ।

ଏଇ ନିକଟରେ ତାମିଲନାଡୁଠାରେ ଦାଦନକୁ ଯାଇଥିବା ଜୁଆଙ୍ଗମାନେ କିପରି ମୃତ୍ୟୁ ମୁଖରେ ପଡି ପରିବାରକୁ ଦୁଃଖ ଆଣିଦେଇଥିଲେ। ଘଟଣାକୁ ନେଇ ସାରା ଓଡିଶା ସ୍ତବ୍ଧ ହୋଇଯାଇଥିଲା। ଏହି ଘଟଣା ଜିଲ୍ଲାର ଜୁଆଙ୍ଗମାନଙ୍କର ଅବସ୍ଥାକୁ ଦର୍ଶାଉଥିବାବେଳେ ଏବେକାର ସରକାରଙ୍କ ପାଖରେ ଜିଲ୍ଲାରେ ବସବାସ କରୁଥିବା ଜୁଆଙ୍ଗମାନଙ୍କୁ ସ୍ଥାୟୀ କର୍ମସଂସ୍ଥାନ ଯୋଗାଇବା ଦିଗରେ ସେଭଳି କିଛି ଠୋସ ଯୋଜନା ନାହିଁ ବୋଲି ଜୁଆଙ୍ଗମାନେ ଅଭିଯୋଗ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଜୁଆଙ୍ଗ ଉନ୍ନୟନ ଯୋଜନା ଏବଂ ଜେଡିଏ କିପରି ଦିଗହରା ହୋଇପଡିଛି ତା'ର ନମୁନା ଜୁଆଙ୍ଗ ବହୁଳ ଯେ କୌଣସି ଗ୍ରାମକୁ ଗଲେ ଦୃଶ୍ୟମାନ ହେବ।

## ଉଦଳାରେ ତ୍ରିରଙ୍ଗା ଶୋଭାଯାତ୍ରା




ଉଦଳା,୧୨।୮ (ସମିସ): ମୟୂରଭଞ୍ଜ ଉଦଳାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପିର ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ଲୋକଙ୍କ ସହ ବହୁ ସଂଖ୍ୟାରେ ଯୁବକ-ଯୁବତୀ ଯୋଗ ଦେଇଥିଲେ। ହାତରେ ଜାତୀୟ ପତାକା ଧରି ରାଡ଼ କଲେଜ ଛକ ଠାରୁ ଆରମ୍ଭ ହୋଇ ରାଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ତ୍ରିରଙ୍ଗା ଯାତ୍ରା ଯାଇଥିଲା। ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ତଥା ମୟୂରଭଞ୍ଜ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାସ୍କର ମଢେଇ ଏବଂ ଉଦଳା ସଦର ମଣ୍ଡଳର ସଭାପତି ଭାଗୀରଥି ସେଠୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଦର ମଣ୍ଡଳର ପ୍ରଭାରୀ ପ୍ରଭାତ ପରିଡ଼ା, ବରିଷ୍ଠ ନେତା ସନ୍ତୋଷ ବାଛିନି, ଯୁବମୋର୍ଚ୍ଚା ସଭାପତି ଜନ୍ମେଞ୍ଜୟ ସାହୁ, ମୟୂରଭଞ୍ଜ ଜିଲ୍ଲା ସାଂସଦ ପ୍ରତିନିଧି ଜିତେନ୍ ଦତ୍ତ, ନୁଦୁଡିହକ୍ଷ ମଣ୍ଡଳ ପ୍ରଭାରୀ ବିଜୟ ସେନାପତି, ଯୁବ ନେତା ରାକେଶ ପୁହାଣ, ଦୀପକ ମିଶ୍ର, ଦୁଲାଲ ସୋରେନ, ଗୁଣମଣି ଖଣ୍ଡେଇ, ପୀତବାସ ସେଠୀ, ହିମାଂଶୁ ବେହେରା, ମଙ୍ଗଳ ସିଂ ପ୍ରମୁଖ ଯୋଗ ଦେଇଥିଲେ।

## ଯୋଡ଼ାରେ ତ୍ରିରଙ୍ଗା ଯାତ୍ରା

ଯୋଡ଼ା, ୧୨/୮ (ସମିସ): ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ଯୋଡ଼ା ସହରରେ ବିଜେପି ପକ୍ଷରୁ ଏକ ଭବ୍ୟ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଛି। ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ନେଇ ଦଳୀୟ ନେତା, କର୍ମୀ ଓ ସମର୍ଥକମାନେ ଏହି ଯାତ୍ରାରେ ସାମିଲ ହୋଇଥିଲେ। ହାତରେ ଜାତୀୟ ପତାକା ଧରି ଶତାଧିକ କର୍ମୀ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। ଏହି ସମୟରେ 'ଭାରତ ମାତା କି ଜୟ', 'ବନ୍ଦେ ମାତରମ୍' ଧ୍ୱନିରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ଓ ସହିଦମାନଙ୍କୁ ଯାତ୍ରା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ସ୍ଥାନୀୟ ବିଜେପି ନେତା, ପଦାଧିକାରୀ, ଯୁବ କର୍ମୀଙ୍କ ସମେତ ବହୁ ସଂଖ୍ୟକ ଦଳୀୟ ସମର୍ଥକ ଯୋଗଦେଇଥିଲେ। ଯାତ୍ରାକୁ ନେଇ ସହରରେ ଉତ୍ସାହର ପରିବେଶ ସୃଷ୍ଟି ହୋଇଥିଲା।

## ପିଏମ୍‌ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ 'ସାଇବର ସୁରକ୍ଷା ଅଭିଯାନ'



ବେତନଟୀ,୧୨।୮ (ସମିସ): ବୁଧବାର ପିଏମ୍‌ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସାଇବର୍ ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେତନଟି ଥାନା ଅଧିକାରୀ ଶ୍ରୀକ୍ରିଷ୍ଣା ପିଙ୍ଗୁଆ ଏବଂ ସହକର୍ମୀ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏବଂ ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଶ୍ରୀ ପିଙ୍ଗୁଆ ଛାତ୍ରଛାତ୍ରୀଙ୍କ ପାଇଁ ସାଇବର ସୁରକ୍ଷାର ନିର୍ଦ୍ଦେଶାବଳୀ ଗୁଡ଼ିକ ଯଥା- ସାଇବର ସୁରକ୍ଷିତ ରହିବେ କିପରି, ସୋସିଆଲ୍ ମିଡିଆ ବ୍ୟବହାର କରିବା ସମୟରେ ସତର୍କତା, ଅନଲାଇନ୍ ଆର୍ଥିକ କାରବାର ସମୟରେ ସତର୍କତା, ଚାକିରି ଠକେଇ, ଇ କେୱାଇସି ନାମରେ ଠକେଇ, ଲୋନ୍ ଆପ୍ ନାମରେ ଠକେଇ ଇତ୍ୟାଦି ସମ୍ବନ୍ଧରେ ସଚେତନତାର ବାର୍ତ୍ତା ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀ ମୋବାଇଲର ସଦୁପଯୋଗ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ସାଇବର ସୁରକ୍ଷା ଅଭିଯାନରେ ଶିକ୍ଷୟିତ୍ରୀ ଇତିଶ୍ରୀ ମନ୍ତ୍ରୀ, ଶିକ୍ଷକ ପ୍ରକାଶ କୁମାର ଗିରି, ହେମନ୍ତ କୁମାର ଦାସ, ଅମରଜ୍ୟୋତି ସ୍ୱାଇଁ, ରାଜକମଲ ସାଥୁଆ, ଅଜୟ କୁମାର ବାରିକ୍, ସୌରଭ କୁମାର୍ ନନ୍ଦ, ସୁନୀଲ୍ କୁମାର ସାହୁ, ଶିକ୍ଷୟିତ୍ରୀ ମନସ୍ୱିନୀ ପଟ୍ଟନାୟକ, କାପୁରା ସୋରେନ, ଯାଜ୍ଞସେନୀ ବେହେରା, ମୌସୁମୀ ମଣ୍ଡଳ, ଗାୟତ୍ରୀ ରାଉତ ଓ ଖଗେନ୍ ଚନ୍ଦ୍ର ମହାନ୍ତ, ହୃଷୀକେଶ ମହାପାତ୍ର, ହିତେଶ ଗନ୍ତାୟତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସାଇବର ଠକଙ୍କ ଜାଲରେ ଖୁଣ୍ଟା କଲେଜ ଅଧକ୍ଷ

ବାରିପଦା, ୧୨।୮ (ସମିସ): ସରକାରୀ କାର୍ଯ୍ୟକ୍ରମର ନାଁରେ ଠକମାନେ କିପରି ସହଜରେ ଲୋକଙ୍କୁ ପ୍ରତାରଣା କରୁଛନ୍ତି, ତାହାର ଏକ ଉଦାହରଣ ମିଳିଛି ଖୁଣ୍ଟାରୁ। ଖୁଣ୍ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଯୁକ୍ତ ଦୁଇ କଲେଜ)ର ଅଧକ୍ଷ ନନ୍ଦ କିଶୋର ପଟ୍ଟନାୟକ ଏକ ସାଇବର ଠକେଇର ଶିକାର ହୋଇ ୨୦ ହଜାର ଟଙ୍କା ହରାଇଛନ୍ତି। ଜଣେ ଅଜଣା ବ୍ୟକ୍ତି ନିଜକୁ ବିଡିଓ ବୋଲି ପରିଚୟ ଦେଇ ଫୋନ କଲ କଲେ। ସେ କହିଲେ ଯେ ବିଦ୍ୟାଳୟରେ ସୋଲାର ପ୍ୟାନେଲ୍ ଲାଗିବ ଏବଂ ସେଥିପାଇଁ ୪୦ ହଜାର ଟଙ୍କା ପଠାଯିବ। ଏହି କଥାରେ ବିଶ୍ୱାସ କରି ଅଧକ୍ଷ ନିଜ ବ୍ୟାଙ୍କ ଖାତାର ବିବରଣୀ ଦେଇଦେଲେ। ପରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ୟୋନୋ ଆପ୍ ମାଧ୍ୟମରେ ତଥ୍ୟ ଦେବା ବେଳେ ତାଙ୍କ ଖାତାରୁ ୨୦ ହଜାର ଟଙ୍କା କଟିଯାଇଥିଲା। ସେହି ସମୟରେ ବିଦ୍ୟାଳୟର ଆଉ ଜଣେ ଅଧାପକ ମଧ୍ୟ ସମାନ ଭାବେ ଆଉ ୨୦ ହଜାର ଟଙ୍କା ପାଇଁ ତଥ୍ୟ ଦେବାକୁ ଯାଉଥିଲେ। କିନ୍ତୁ ଅଧକ୍ଷଙ୍କ ଖାତାରୁ ଟଙ୍କା କଟିଯାଇଥିବା ଜାଣିବା ପରେ ସେ ଠକେଇରୁ ବଞ୍ଚିଯାଇଥିଲେ। ଏହି ଘଟଣାର ଅଭିଯୋଗ ଖୁଣ୍ଟା ଥାନାରେ ଦାଖଲ ହୋଇଛି। ପୁଲିସ ଠକ ବ୍ୟବହାର କରିଥିବା ମୋବାଇଲ୍ ନମ୍ବର ଓ ବ୍ୟାଙ୍କ ଖାତା ଭିତ୍ତିରେ ତଦନ୍ତ ଆରମ୍ଭ କରିଛନ୍ତି।

## ବାଲିପଷିରେ ବିଶ୍ୱ ହସ୍ତୀ ଦିବସ

ଠାକୁରମୁଣ୍ଡା,୧୨।୮ (ସମିସ): ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ବାଲିପଷି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି। ବନପାଳ ପ୍ରଦୀପ କିଶୋର ହାଇବୁରୁଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ହାତୀ ପରିବେଶର ବନ୍ଧୁ ବୋଲି ଆଖ୍ୟା ଦେଇଥିଲେ।




ହାତୀକୁ ଲୋକେ ଲକ୍ଷ୍ମୀଙ୍କ ସହ ତୁଳନା କରୁଥିଲେ। ହାତୀର ଆବାସ ନଷ୍ଟ ହେବା କାରଣରୁ ହାତୀ ଏବେ ଜନବସତି ମୁହାଁ ଫଳରେ ହାତୀ ମଣିଷ ଲଢେଇ ଲାଗି ରହୁଛି କ୍ଷ ଏଣୁ ଆମେ ଜଙ୍ଗଲ ସୃଷ୍ଟି, ପରିବେଶ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ କରିପାରିଲେ ଲଢେଇ ବନ୍ଦ ହେବା ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସମ୍ଭବ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ଯୋଗଦେଇ ହାତୀ ଏକ ସାମାନ୍ୟ ପଶୁ ନୁହେଁ ବରଂ ଜଙ୍ଗଲର ଇଞ୍ଜିନିଅର ବୋଲି କହିଥିଲେ। ହାତୀ ଯେଉଁଠି ଚାଲେ ସେଠାରେ ଅନ୍ୟ ଜୀବଙ୍କ ପାଇଁ ରାସ୍ତା ଫିଟି ଯାଏ।ଯେଉଁ ଫଳ ଖାଏ ତାର ମଞ୍ଜି ମଳ ଦ୍ୱାରା ବିକ୍ଷିପ୍ତ କରି ନୂଆ ଜଙ୍ଗଲ ସୃଷ୍ଟିରେ ସହାୟକ ହୁଏ।ଯେଉଁଠି ପାଣି ପିଏ ସେଠାରେ ଅନ୍ୟ ଜୀବଙ୍କ ପାଇଁ ଜଳ ଉତ୍ସ ତିଆରି ହୋଇଯାଏ।ତେଣୁ ହାତୀ ପରିବେଶ ଓ ଅନ୍ୟମାନଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଛି। ହାତୀ ଭଳି ସର୍ବ ବୃହତ ଜୀବ ଆମର ସଚେତନତା ଓ ସୁରକ୍ଷା ଅଭାବ ହେଲେ ବିଲୁପ୍ତ ହୋଇଯିବ।ହାତୀକୁ ବନ୍ଧୁ ଭାବି ଆଚରଣ କଲେ ବିବାଦ କମିବ ବୋଲି ମତ ରଖିଥିଲେ।ବନପାଳ ବିଦ୍ୟାଧର ମହାନ୍ତ, ଶିକ୍ଷକ ବସନ୍ତ କୁମାର ସେଣ୍ଠ ବକ୍ତବ୍ୟ ରଖିଥିଲେ।ଶେଷରେ ଓଏଫଏସଡିପି ପ୍ରକଳ୍ପ ସଂଯୋଜକ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ବନରକ୍ଷୀ ବିକାଶ କୁମାର ମହାନ୍ତ, ବନପାଳ ବିଶ୍ୱଜିତ ମହାନ୍ତ, ଶିବ ଦଣ୍ଡପାଟ, ଲୁଲୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ରବୀନ୍ଦ୍ର ଜେନାଙ୍କ ବେତନଟୀ ଗସ୍ତ

## ହିଙ୍ଗୁଳା ପୀଠର ବିକାଶ ନେଇ ଆଲୋଚନା



ବେତନଟୀ,୧୨।୮ (ସମିସ): ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ସାଂସଦ ରବୀନ୍ଦ୍ର କୁମାର ଜେନା ବୁଧବାର ବଡ଼ସାହି ନିର୍ବାଚନ ମଣ୍ଡଳୀ ଗସ୍ତ କରିଛନ୍ତି। ବିଜେପିରେ ଯୋଗଦାନ ପରେ ପ୍ରଥମ ଥର ପାଇଁ ଏହି ଅଞ୍ଚଳକୁ ଆସିଥିବାରୁ ବେତନଟୀ ପୁରୁଣା ଦମକଳ କେନ୍ଦ୍ର ଛକ ନିକଟରେ ଦଳୀୟ କର୍ମୀ ଓ ନେତାଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେପି ନେତା ସୁନୀଲ କୁମାର ଖଣ୍ଡେଲୱାଲ, ପ୍ରଦୀପ ମହାନ୍ତ, ଯାମିନୀକାନ୍ତ ନାଏକ ଓ ରାଜେଶ ନାୟକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଅଳ୍ପ ସମୟର ରହଣି ମଧ୍ୟରେ ଶ୍ରୀ ଜେନା ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଆଞ୍ଚଳିକ ଉନ୍ନୟନ ଯୋଜନା ସମ୍ପର୍କରେ ଉପସ୍ଥିତ ନେତୃବୃନ୍ଦଙ୍କ ସହ ସମୀକ୍ଷା ଓ ଆଲୋଚନା କରିଥିଲେ। ଏହାପରେ ସେ ବଡ଼ସାହିସ୍ଥିତ ପ୍ରସିଦ୍ଧ ମା' ହିଙ୍ଗୁଳାଙ୍କ ପୀଠରେ ପହଞ୍ଚି ମା'ଙ୍କ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ପୀଠର ଆନୁଷଙ୍ଗିକ ଭିତ୍ତିଭୂମିର ସୁଦୃଢ଼ୀକରଣ ଓ ଆଞ୍ଚଳିକ ବିକାଶ ନେଇ ସେ ହିଙ୍ଗୁଳା ଟ୍ରଷ୍ଟ ମୁଖ୍ୟ ସୁନୀଲ କୁମାର ଦାଶଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ବଡ଼ସାହି ବ୍ଲକ ଅଧକ୍ଷା ମୀନତି ସିଂ, ବେତନଟୀ ବ୍ଲକ ଅଧକ୍ଷା କୌଶଲ୍ୟା ମାଝୀ, ବଡ଼ସାହିର ଅନନ୍ତ ପଶା ଓ ପ୍ରକାଶ ଦାସ ପ୍ରମୁଖ ସ୍ଥାନୀୟ ପ୍ରତିନିଧି ଯୋଗ ଦେଇଥିଲେ।

## ପ୍ରତିବାଦରେ ଚାଷୀଙ୍କ ରାସ୍ତାରୋକ

- କେନାଲରେ ଘାଇ ଯୋଗୁଁ ଚାଷଜମି ଜଳଚର





ଆନନ୍ଦପୁର, ୧୨।୮ (ସମିସ): ବୈତରଣୀ ବନ୍ୟା ସମୟରେ ବଡରମ୍ପାସ ଡିଷ୍ଟ୍ରିବ୍ୟୁଟାରୀ କେନାଲରେ ଘାଇ କରାଯାଇଥିବା ଯୋଗୁଁ ବର୍ଷାଜଳ ନିଷ୍କାସନ ହୋଇପାରୁ ନଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଭଳି ଅଭିଯୋଗ ଆଣି ଆଖ ପାଖ ଅଞ୍ଚଳର ଏକାଧିକ ଗ୍ରାମର ଚାଷୀମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଶାସଙ୍ଗ, ସୁଲଣ, ଆବୁଲପୁରା, ବିରିଡି, ସରଳ, କୋଳିପଦି ଆଦି ଗ୍ରାମର ବର୍ଷାଜଳ ବଡରମ୍ପାସ ଡିଷ୍ଟ୍ରିବ୍ୟୁଟାରୀ କେନାଲରେ ଆସୁଛି। ଆବଶ୍ୟକ ଭାବେ ଜଳ ନିଷ୍କାସନ ହେଉନଥିବାରୁ ବର୍ଷାଜଳ କେନାଲ ଘାଇ ଦ୍ୱାରା ଟୁକୁଣା, ଈଶଳା, ଖସିପୁର, ଓସ୍ତପାଳ, ଧାନଘର, ସଡ଼ଙ୍ଗା, ଇଞ୍ଜୋଳ ଆଦି ଗ୍ରାମକୁ ଯାଇ ଚାଷ ଜମିସବୁ ବୁଡ଼ି ଯାଉଛି। ଫଳରେ ଚାଷ ଜମିରେ ପାଣି ଜମି ରହିବା ସହ ଚାଷ କାର୍ଯ୍ୟ ଆଗେଇ ନେବା କଷ୍ଟକର ହୋଇପଡ଼ିଛି। ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଯାହାକୁ ନେଇ ଚାଷୀମାନେ ଅଣା-ସମଣା ରାସ୍ତାର ଈଶଳା ନିକଟରେ ରାସ୍ତାରୋକ କରିଛନ୍ତି।

## କରଞ୍ଜିଆରେ ଦ୍ୱିତୀୟ ଟ୍ରାଫିକ୍ ପୁଲିସ ୟୁନିଟ୍ କାର୍ଯ୍ୟକ୍ଷମ

କରଞ୍ଜିଆ,୧୨।୮ (ସମିସ): କରଞ୍ଜିଆରେ ଦ୍ୱିତୀୟ ଟ୍ରାଫିକ୍ ପୁଲିସ ୟୁନିଟ୍ ମଙ୍ଗଳବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ଏହା ପୂର୍ବରୁ ପୁଲିସ କର୍ମଚାରୀଙ୍କୁ ଦୁଇଦିନିଆ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥିଲା। କରଞ୍ଜିଆ ଥାନା ପରିସରରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମ କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ରାଇରଙ୍ଗପୁର ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରାଫିକ୍ ୟୁନିଟ୍‌ର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପାଞ୍ଚପୀଢ଼ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାୟକ, କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ ନାୟକ, ତହସିଲଦାର ରୁପାଲୀ ହାଁସଦାଙ୍କ ସମେତ ଠାକୁରମୁଣ୍ଡା, ଯଶିପୁର, ମହୁଲଡିହା, ରରୁଆଁ ଓ ଘାଗରବେଢ଼ା ଥାନାର ଅଧିକାରୀ ଏବଂ ଅନ୍ୟାନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।ଏହାପରେ ପ୍ରଶିକ୍ଷଣପ୍ରାପ୍ତ ପୋଲିସ କର୍ମଚାରୀ ଓ ସହରବାସୀଙ୍କୁ ନେଇ ଥାନା ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଟ୍ରାଫିକ୍ ନିୟମ ମାନିବା, ରାସ୍ତାରେ ଶୃଙ୍ଖଳା ବଜାୟ ରଖିବା ଏବଂ ସହରର ଟ୍ରାଫିକ୍ ସମସ୍ୟା ଦୂର କରିବା ନେଇ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା।ପ୍ରାରମ୍ଭିକ ପର୍ଯ୍ୟାୟରେ ନେତାଜୀ ଛକରେ ସିଫ୍ଟ ଅନୁଯାୟୀ ଦୁଇଜଣ ହୋମଗାର୍ଡ ଓ ଜଣେ କନଷ୍ଟେବଲଙ୍କୁ ନିୟୋଜିତ କରାଯାଇଛି। ପରବର୍ତ୍ତୀ ସମୟରେ ସହରର ଅନ୍ୟାନ୍ୟ ପ୍ରମୁଖ ଛକ ଓ ସ୍ଥାନକୁ ଟ୍ରାଫିକ୍ ବ୍ୟବସ୍ଥା ବିସ୍ତାର କରାଯିବ ବୋଲି ଏସ୍‌ପି ସୁରେଶ ଚନ୍ଦ୍ର ପାତ୍ର କହିଛନ୍ତି। ଏପଟେ ନେତାଜୀ ଛକରେ ଟ୍ରାଫିକ୍ ନିୟନ୍ତ୍ରଣକୁ ସୁଗମ କରିବା ପାଇଁ ରାସ୍ତାକଡ଼ରେ ଥିବା ବଡ଼ ବଡ଼ ଗଛ କାଟିବା କାର୍ଯ୍ୟ ମଧ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ ଆରମ୍ଭ ହୋଇଛି। ନୂତନ ଟ୍ରାଫିକ୍ ୟୁନିଟ୍ ଦ୍ୱାରା ସହରର ଟ୍ରାଫିକ୍ ସମସ୍ୟା ହ୍ରାସ ପାଇବା ସହ ଯାତାୟାତ ବ୍ୟବସ୍ଥା ଅଧିକ ଶୃଙ୍ଖଳିତ ହେବ ବୋଲି ସହରବାସୀ ଆଶା ପ୍ରକାଶ କରିଛନ୍ତି।


## ବେଆଇନ ଖାଦାନରେ ଛାତ୍ରମୃତ୍ୟୁ ଘଟଣା

# ଓଏଚ୍‌ଆର୍‌ସିରେ ମାମଲା ରୁଜୁ

- ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି
- ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଆନନ୍ଦପୁର, ୧୨।୮ (ସମିସ)

କେନ୍ଦୁଝର ଜିଲ୍ଲା ଘଷିପୁରା ତହସିଲ ଓସ୍ତପୁରା/ଭୋଳନୂଆଗାଁ ବେଆଇନ ପଥର ଖାଦାନରେ ବୁଡ଼ି ଛାତ୍ର ପ୍ରାଣ ହରାଇବା ଘଟଣା ଏବେ ମାନବାଧିକାର କମିସନଙ୍କ ନିକଟରେ ପହଞ୍ଚିଛି। ଜୁନ୍ ୧୪ ତାରିଖରେ ଖାଳି ଆମେଣ୍ଟା ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ପୁଅ ନିହାର ରଞ୍ଜନ ବେହେରା (୧୭) ଏହି ବେଆଇନ ଖାଦାନରେ ଅସାବଧାନତା କାରଣରୁ ପଡ଼ିଯାଇଥିଲେ। ସେଠାରେ ପାଣିରେ ବୁଡି ମୃତ୍ୟୁବରଣ କରିଥିଲେ। ପରିବାରବର୍ଗ, ଗ୍ରାମବାସୀଙ୍କ ସମେତ ଅଗ୍ନିଶମ ବାହିନୀ ୨ ଦିନ ଖୋଜାଖୋଜି କରିବା ପରେ ଗଭୀର ପାଣିରୁ ମୃତଦେହ ଉଦ୍ଧାର ହୋଇଥିଲା। ନିହାର ପରିବାରର ଏକମାତ୍ର ସନ୍ତାନ ଥିଲେ। ଏହି ଘଟଣାରେ ଯୁବ ବିଜେପି ନେତା ଯଜ୍ଞପ୍ରସାଦ ସାହୁ ପରିବାର ବର୍ଗଙ୍କ ସହ ଆଲୋଚନା କରିବା ସହ ପରିବାରକୁ ନ୍ୟାୟ ଦାବିରେ ରାଜ୍ୟ ମାନବାଧିକାର କମିସନ (ଓ ଏ ଚ୍ ଆ ର ସି) ନିକଟରେ ଅଭିଯୋଗ କରିଛନ୍ତି। ଶ୍ରୀ ସାହୁଙ୍କ ଅଭିଯୋଗର ଗୁରୁତ୍ୱକୁ ଅନୁଭବ କରି କମିସନ ୩୨୩୨/୨୦୨୬ରେ ଏକ ମାମଲା ରୁଜୁ କରିଛନ୍ତି। ଶ୍ରୀ ସାହୁ ନିଜ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ଏହି ଖାଦାନର ଗଭୀରତା ପ୍ରାୟ ୩ ଶହ ଫୁଟରୁ ଅଧିକ; ଯାହାକି ସମ୍ପୂର୍ଣ୍ଣ ବେଆଇନ। ସେହିପରି ଖଣି ବନ୍ଦ ଯୋଜନା ଅନୁସାରେ ଏହି ପଥର ଖାଦାନଗୁଡିକୁ ପୋତା ଯାଇନାହିଁ। ଯେଉଁଥିପାଇଁ ଏଭଳି ଅଭାବନୀୟ ଓ ଦୁଃଖଦ ଘଟଣା ଘଟିଲା। ଅପରପକ୍ଷରେ ଏହା ସ୍ଥାନୀୟ ଜନସାଧାରଣଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ମୃତ ଛାତ୍ରଙ୍କର ପରିବାରବର୍ଗଙ୍କୁ କ୍ଷତିପୂରଣ ବାବଦକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଶ୍ରୀ ସାହୁ ଦାବି କରିଛନ୍ତି। ଲିଜଧାରୀ ଓ ଅବହେଳା କରିଥିବା ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ପାଇଁ କମିସନଙ୍କ ନିକଟରେ ସେ ପ୍ରାର୍ଥନା କରିଛନ୍ତି। ଏହି ଘଟଣାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଖଣି ସଚିବ, କେନ୍ଦୁଝର ଜିଲ୍ଲାପାଳ, ଏସପି, ଖଣି ଉପନିର୍ଦ୍ଦେଶକ କେନ୍ଦୁଝରଙ୍କ ସମେତ ୧୦ ଜଣକୁ ଯଜ୍ଞପ୍ରସାଦ ସାହୁ ପକ୍ଷଭୁକ୍ତ କରିଛନ୍ତି।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସଞ୍ଜୁଲତା ପରିଡା
ପୂର୍ବତନ ବ୍ଲକ ଅଧକ୍ଷା
ଜାରକା (ଜାମୁବଣିଆ) ଯାଜପୁର
ଆବିର୍ଭାବ - ୧୨. ୦୨.୧୯୬୨
ତିରୋଧାନ - ୦୩.୦୮.୨୦୨୬

ତୁମ ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଭଲପାଇବା, ତ୍ୟାଗ ଓ ପରୋପକାର ସାରା ଜୀବନ ଅଭୁଲା ସ୍ମୃତି ହୋଇରହିବ। ପ୍ରତି ମୁହୂର୍ତ୍ତରେ ତୁମ ଅନୁପସ୍ଥିତକୁ ଆମେ ଅନୁଭବ କରୁଛୁ। ତୁମ ଅମର ଆତ୍ମାର ସଦଗତି ଲଭୁ, ଏହାହିଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକାକୁଳ : ସ୍ୱାମୀ- ରମେଶ ଚନ୍ଦ୍ର ପରିଡା (ତୁଷାର), ଦିଅର- ପଦ୍ମାରବିନ୍ଦ, ଅମରେନ୍ଦ୍ର, ଅମୀୟ, ଝିଅ - ରୀମା, ରୋମି, ଜ୍ୱାଇଁ - ରାକେଶ, ସନ୍ନି, ପୁତୁରା ସମ୍ବିତ, ଲଳିତ ଝିଆରୀ- ଐଶ୍ୱର୍ଯ୍ୟା, ବର୍ଷା ଓ ପରିଡା ପରିବାର ଓ ବନ୍ଧୁ ଆତ୍ମୀୟ ସ୍ୱଜନ



## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ। ଅଟକି ଥିବା ଧନ ମିଳିପାରେ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ରାଜନେତାଙ୍କ ପାଇଁ ଦିନଟି ବହୁତ ଭଲ।

**ବୃଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଜମି କିଣିବା ଯୋଗ ରହିଛି।

**ମିଥୁନ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୁରୁଣା ନିବେଶରୁ ଲାଭ ମିଳିପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଦାନ ଧର୍ମ କରିବେ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**କର୍କଟ:** ପରିବାର ଲୋକଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ।

**ସିଂହ:** ପୁରୁଣା ନିବେଶରୁ ଲାଭ ମିଳିପାରେ। ପୈତୃକ ସମ୍ପତ୍ତିକୁ ନେଇ ଭାଇଭାଇଙ୍କ ମଧ୍ୟରେ ବିବାଦ ଦେଖାଦେବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କନ୍ୟା:** ଦୀର୍ଘ ଦିନର ଆଶା ପୂରଣ ହେବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ବନ୍ଧୁ ମିଳନ ଯୋଗ ରହିଛି।

**ତୁଳା:** ବ୍ୟବସାୟରେ ଲାଭ ମିଳିପାରେ। ମନ ଚଞ୍ଚଳ ରହିବ। ବୈବାହିକ ଜୀବନ ସୁଖମୟ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ମାନ ସମ୍ମାନ ବୃଦ୍ଧି ପାଇବ। ଚକ୍ଷୁ ସମସ୍ୟା ହୋଇପାରେ।

**ଧନୁ:** କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଉଧାର ଦେଇଥିବା ଟଙ୍କା ଫେରିପାଇବେ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।


**ମକର:** ସମୟର ସଠିକ ଉପଯୋଗ କରିବେ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ଆଶା କରିଥିବା ଦିଗରୁ ଧନ ମିଳିପାରେ।

**କୁମ୍ଭ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ବନ୍ଧୁ ମିଳନ ଯୋଗ ଅଛି। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମୀନ:** ମାନ ସମ୍ମାନ ବୃଦ୍ଧି ପାଇବ। ଅଚାନକ ବିଦେଶ ଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

## ଆଜିର ଇତିହାସ

- ୧୬୪୫- ସ୍ୱିଡେନ ଓ ଡେନ୍‌ମାର୍କ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।
- ୧୭୯୫- ମହାରାଣୀ ଅହଲ୍ୟାବାଇ ହୋଲକରଙ୍କ ପରଲୋକ।
- ୧୯୩୬- ଭାରତୀୟ ମହିଳା କ୍ରାନ୍ତିକାରୀ ଭିକାଜି କାମାଙ୍କ ପରଲୋକ।
- ୧୯୫୬- ଲୋକସଭାରେ ରାଷ୍ଟ୍ରୀୟ ରାଜମାର୍ଗ ବିଧେୟକ ପାରିତ ହେଲା।



# ବିଶ୍ୱ ଅଙ୍ଗଦାନ ଦିବସ

ଅଙ୍ଗଦାନ ହେଉଛି ଏକ ମହାନ ଦାନ, ଯେଉଁଥିରେ ଜଣେ ମୃତ କିମ୍ବା ଜୀବିତ ବ୍ୟକ୍ତିଙ୍କ ସୁସ୍ଥ ଅଙ୍ଗ ଅନ୍ୟ ଜଣେ ଅସୁସ୍ଥ ବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପଣ କରାଯାଇଥାଏ। ଏହାଦ୍ୱାରା ଜଟିଳ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଏକ ନୂତନ ଜୀବନ ପାଇପାରୁଛନ୍ତି। ଗୋଟିଏ ମୃତ ଶରୀରରୁ ହୃଦୟ, ଯକୃତ, କିଡ୍‌ନୀ, ଓ ଫୁସ୍‌ଫୁସ୍ ଭଳି ଅନେକ ଅଙ୍ଗଦାନ କରି ଏକାଧିକ ଜୀବନ ରକ୍ଷା କରାଯାଇପାରିବ। ଅଙ୍ଗଦାନ ସମ୍ପର୍କରେ ସଚେତନା ସୃଷ୍ଟି କରିବା ଏବଂ ଅଙ୍ଗଦାନ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରି ଅନ୍ୟର ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖକୁ 'ବିଶ୍ୱ ଅଙ୍ଗଦାନ ଦିବସ' ଭାବେ ପାଳନ କରାଯାଉଛି। ରକ୍ତ ଦାନ ପରେ ଅଙ୍ଗ ଦାନ ସବୁଠାରୁ ବଡ଼ ଦାନ ଭାବରେ ବିବେଚନା କରାଯାଏ। ମୃତ୍ୟୁ ପରେ ମଧ୍ୟ ଅନ୍ୟ ଶରୀରରେ ଜୀବିତ ରହିବାର ଏହା ଏକ ଶ୍ରେଷ୍ଠ ମାଧ୍ୟମ। ଆମ ଦେଶରେ ଯକୃତ୍, ବୃକ୍କ, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି। ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ୍ୟ ଦାନ କରାଯାଏ। ଅଙ୍ଗଦାନ ଦୁଇ ପ୍ରକାର, ଯଥା ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ। ଅଙ୍ଗଦାନ ଅଧୀନରେ ବୃକ୍କ, ଯକୃତ୍, ହୃଦୟ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ। ଟିସୁ ଦାନରେ ରହିଛି ଚକ୍ଷୁ, ଅସ୍ଥିମଜ୍ଜା ଏବଂ ତ୍ୱଚା। ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ। କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ୍ୟ ଦାନ କରାଯାଇପାରେ। ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକ୍କ। କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକ୍କ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ। ଭାରତରେ ହେଉଥିବା ଅଧିକାଂଶ ବୃକ୍କ ପ୍ରତ୍ୟାରୋପଣ ଜୀବିତଦାତାଙ୍କଠାରୁ ହିଁ ମିଳେ। ଫୁସ୍‌ଫୁସ୍ ଏବଂ ଯକୃତ୍ ମଧ୍ୟ ଜୀବିତ ବ୍ୟକ୍ତି ଦାନ କରିପାରେ। ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ। ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ। କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲେ ତାଙ୍କ ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ। ଯଦିଓ ୧୮ ରୁ ୬୫ ବର୍ଷ ବୟସ୍କ ସ୍ୱଇଚ୍ଛାରେ ଅଙ୍ଗଦାନ କରିପାରିବେ, ତଥାପି ଅଙ୍ଗଦାନ କରୁଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ସୁସ୍ଥ ଥିବା ଆବଶ୍ୟକ। ସେହିପରି କ୍ୟାନସର, ଏଚ୍‌ଆଇଭି ଏବଂ ହୃଦ୍‌ରୋଗରେ ପୀଡ଼ିତ ଲୋକ ଅଙ୍ଗଦାନ କରିପାରିବେ ନାହିଁ। ଓଡ଼ିଶା ସରକାର ଅଙ୍ଗଦାନକୁ ପ୍ରୋତ୍ସାହିତ କରିବା ପାଇଁ ଅଙ୍ଗଦାତାଙ୍କ ପରିବାରକୁ 'ସୂରଜ ସମ୍ମାନ'ରେ ସମ୍ମାନିତ କରୁଛନ୍ତି। ଏହା ବ୍ୟତୀତ, ଓଡ଼ିଶା ସରକାର ଏବେ ଅଙ୍ଗଦାତାଙ୍କ ଅନ୍ତିମ ସଂସ୍କାରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସମ୍ପନ୍ନ କରୁଛନ୍ତି।

# ଦୀର୍ଘାୟୁର ରାଜ୍ କହିଲେ ୧୧୧ ବର୍ଷୀୟା ବୃଦ୍ଧା



ବୟସ ବଢ଼ିବା ସହିତ ଅଧିକାଂଶ ଲୋକଙ୍କର ଚଳପ୍ରଚଳ କରିବାରେ ସମସ୍ୟା ହୁଏ। ଏମିତି ବି ସମୟ ଆସେ, ସେମାନେ ଖାଇବା ପିଇବା ପାଇଁ ମଧ୍ୟ ଅନ୍ୟମାନଙ୍କ ଉପରେ ନିର୍ଭର କରନ୍ତି। ହେଲେ କିଛି ଲୋକ ଏମିତି ବି ଥାଆନ୍ତି ଯେଉଁମାନେ ବୟସର ଏଭଳି ଏକ ସ୍ତରରେ ପହଞ୍ଚି ମଧ୍ୟ ନିଜର ସମସ୍ତ ଛୋଟବଡ଼ କାମ ନିଜେ କରିଥାଆନ୍ତି। ଏହି କ୍ରମରେ ଚୀନ୍‌ର ଜଣେ ୧୧୧ ବର୍ଷୀୟା ବୃଦ୍ଧାଙ୍କ କାହାଣୀ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ପୂର୍ବ ଚୀନ୍‌ର ଜିଆଙ୍ଗସୁ ପ୍ରାନ୍ତରେ ରୁଗାଓ ନାମକ ଏକ ଅଞ୍ଚଳ ଅଛି, ଏହା ଦୀର୍ଘାୟୁ ଲୋକଙ୍କ ସହର ଭାବେ ଜଣାଯାଏ। ଏହି ଅଞ୍ଚଳରେ ୧୧୧ ବର୍ଷୀୟା ୱାଙ୍ଗ ଗାଇୟିଙ୍ଗ୍ ରୁହନ୍ତି। ୱାଙ୍ଗ ଜିମ୍ ଯାଆନ୍ତି ନାହିଁ କି କୌଣସି ସୁପର ଏନର୍ଜି ଡ୍ରିଙ୍କ୍ ମଧ୍ୟ ନିଅନ୍ତି ନାହିଁ। ଏସବୁ ପରେ ବି ସେ ତାଙ୍କର ଦୈନନ୍ଦିନ କାର୍ଯ୍ୟଗୁଡ଼ିକ ନିଜେ କରନ୍ତି। ୱାଙ୍ଗ ଘରର ଛୋଟମୋଟ କାମକୁ ହିଁ ନିଜର ପ୍ରକୃତ ୱର୍କଆଉଟ୍ ବୋଲି ମାନନ୍ତି। ତାଙ୍କ ମତରେ, ଝାଡ଼ୁ-ପୋଛା କରିବା, ଟେବୁଲ୍ ସଫା କରିବା ଏବଂ କପଡ଼ା ଭାଙ୍ଗିବା ଦ୍ୱାରା ତାଙ୍କର ବ୍ୟାୟାମ ହୋଇ ଯାଉଛି। ଯେତେବେଳେ ବି ପରିବାର ଲୋକେ ତାଙ୍କୁ ଆରାମ କରିବାକୁ ପରାମର୍ଶ ଦିଅନ୍ତି, ସେ କୁହନ୍ତି, କାମ କରିବା ଦ୍ୱାରା ତାଙ୍କ ଶରୀରରେ ରକ୍ତ ସଞ୍ଚାଳନ ଭଲ ଭାବରେ ହୋଇଥାଏ ଏବଂ ଶାରୀରିକ ସ୍ତରରେ ବେଶ୍ ସକ୍ରିୟ ରୁହନ୍ତି। ଅପରପକ୍ଷରେ ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସେସ୍‌ର ବୈଜ୍ଞାନିକମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ରୁଗାଓ ଅଞ୍ଚଳର ମାଟିରେ କିଛି ବିଶେଷ ପ୍ରକାରର ଖଣିଜ ପଦାର୍ଥ ମିଳିଥାଏ। ଏହି କାରଣରୁ ସେଠାରେ ଉତ୍ପନ୍ନ ହେଉଥିବା ଫସଲରେ ମଣିଷ ଶରୀର ପାଇଁ ଆବଶ୍ୟକ ଜରୁରୀ ପୋଷକତତ୍ତ୍ୱ ପ୍ରଚୁର ପରିମାଣରେ ଥାଏ। କେବଳ ଏହି ଅଞ୍ଚଳରେ ୧୦୦ ବର୍ଷରୁ ଅଧିକ ବୟସର ୬୭୨ ଜଣ ଲୋକ ବାସ କରନ୍ତି। ୱାଙ୍ଗ ସାଧାରଣ ଖାଦ୍ୟପେୟ ପସନ୍ଦ କରନ୍ତି। ସେ ମାଛ ଖାଇବାକୁ ବହୁତ ଭଲ ପାଆନ୍ତି। ସେ କେବେ ହେଲେ ବି ଓଭରଇଟିଂ କରନ୍ତି ନାହିଁ ଏବଂ ସବୁବେଳେ ସନ୍ତୁଳିତ ଖାଦ୍ୟ ହିଁ ଖାଇଥାଆନ୍ତି। ତେବେ ତାଙ୍କର ଦୀର୍ଘାୟୁ ହେବାର ଅନ୍ୟ ଏକ ରହସ୍ୟ ହେଉଛି ମାନସିକ ଶାନ୍ତି। ସେ କେବେହେଲେ କୌଣସି କଥାକୁ ରାଗ ରଖି ଶୁଅନ୍ତି ନାହିଁ। ତାଙ୍କ କହିବା ଅନୁଯାୟୀ, ଭଲ ନିଦରେ ଶୋଇବା ପରେ ଅଧା ସମସ୍ୟାର ସମାଧାନ ହୋଇଯାଏ। ତାଙ୍କର ଶୋଇବା ସମୟ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନିର୍ଦ୍ଧାରିତ ଅଟେ। ସେ ସନ୍ଧ୍ୟା ୭ ଟାରେ ଶୋଇଯାଆନ୍ତି ଏବଂ ସକାଳ ୭ ଟାରେ ଉଠନ୍ତି। ଏହା ବ୍ୟତୀତ ସେ ଦିନରେ ମଧ୍ୟ ଥରେ-ଦୁଇ ଥର ଅଳ୍ପ ସମୟ ପାଇଁ ଶୋଇଥାନ୍ତି।

# ଅର୍ଜୁନଙ୍କ ନୂଆ ପ୍ରେମିକା

ବଲିଉଡ୍ ଅଭିନେତା ଅର୍ଜୁନ କପୁର, ଦୁବାଇର ମଡେଲ ତଥା ରିଆଲିଟି ଶୋ' ତାରକା ପାମେଲା ସେରେନାଙ୍କୁ ଡେଟ୍ କରୁଥିବା ଖବର ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ମଲାଇକା ଅରୋରାଙ୍କ ସହ ବ୍ରେକଅପ୍ ପରେ ଅର୍ଜୁନ ଏବେ ପାମେଲାଙ୍କ ପ୍ରେମରେ ପଡ଼ିଥିବା କୁହାଯାଉଛି। ନିକଟରେ ରିଆଲିଟି ଶୋ' 'ଲକ୍ ଅପ୍: ସଚ୍ ୟା ସଜା'ର ଏକ ଏପିସୋଡ୍‌ରେ ଅର୍ଜୁନ ଅତିଥି ଭାବେ ଯୋଗ ଦେଇଥିଲେ। ଏପିସୋଡ୍‌ରେ ସେ ପାମେଲାଙ୍କୁ ମଜାଳିଆ ଅନ୍ଦାଜରେ କହିଥିଲେ, "ମୁଁ ଏବେ ବି ଯୁବକ ଅଛି ଏବଂ ବିବାହ ପାଇଁ ପ୍ରସ୍ତୁତ"। ଏହାଶୁଣି ପାମେଲା ଲାଜେଇ ଯାଇଥିଲେ। ଏହି ଭିଡିଓଟି ଭାଇରାଲ ହେବା ପରେ ଦୁହିଁଙ୍କ ଡେଟିଂ ଗୁଜବ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହାପରେ ଦୁହିଁଙ୍କୁ 'ଲକ୍ ଅପ୍'ର ସକ୍ସେସ୍ ପାର୍ଟିରେ ମଧ୍ୟ ଏକାଠି ଦେଖିବାକୁ ମିଳିଥିଲା, ଯାହା ଚର୍ଚ୍ଚାକୁ ଆହୁରି ବଢ଼ାଇ ଦେଇଥିଲା। ସେହିପରି ଶୋ' ପରେ ଏକ ସାକ୍ଷାତକାରରେ ଯେତେବେଳେ ପାମେଲାଙ୍କୁ ଅର୍ଜୁନଙ୍କ ସହ ସମ୍ପର୍କ ବିଷୟରେ ପଚରାଗଲା, ସେ ହସି କହିଥିଲେ, ଗତକାଲି ରାତିରେ ସେ ମୋ ସହ ହିଁ ଥିଲେ। ଦୁହେଁ ପରସ୍ପରକୁ ଡେଟ୍ କରୁଛନ୍ତି କି ବୋଲି ପଚରାଯିବାରୁ ପାମେଲା ସ୍ପଷ୍ଟ ଭାବେ ହଁ କି ନା କିଛି କହି ନଥିଲେ। ଏହାପୂର୍ବରୁ ଗତ ଜୁଲାଇ ମାସରେ ଲଣ୍ଡନର ଲର୍ଡସ୍ କ୍ରିକେଟ ଗ୍ରାଉଣ୍ଡରେ ଅର୍ଜୁନ କପୁରଙ୍କୁ ଅଭିନେତ୍ରୀ ତଥା କଣ୍ଟେଣ୍ଟ କ୍ରିଏଟର ସାହିବା ବାଲିଙ୍କ ସହ ଦେଖିବାକୁ ମିଳିଥିଲା। ଉଭୟ ସମାନ ରଙ୍ଗର ପୋଷାକ ପିନ୍ଧିଥିବାରୁ ସୋସିଆଲ ମିଡିଆରେ ସେମାନଙ୍କ ଡେଟିଂକୁ ନେଇ ଗୁଜବ ସୃଷ୍ଟି ହୋଇଥିଲା।



# ସୁଶ୍ରୀ

## ହଜିଯାଉଥିବା ସ୍ୱାଦ

# ଚିକେନ୍ ପୋସ୍ତ

### ଆବଶ୍ୟକ ସାମଗ୍ରୀ

ଚିକେନ୍ – ୫୦୦ ଗ୍ରାମ, ଆଳୁ – ଦୁଇଟି, କଟା ପିଆଜ – ଏକ କପ୍, କଟା ଟମାଟୋ - ଏକଟି, ଅଦା – ଖଣ୍ଡେ, ରସୁଣ – ଏକ କୋଳା, ଧନିଆ ପତ୍ର ଅଳ୍ପ, କାଜୁ – ଚାରି ପାଞ୍ଚଟି, ପୋସ୍ତ- ଦୁଇଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଧନିଆ ଗୁଣ୍ଡ- ଏକ ଚାମଚ, ହଳଦୀଗୁଣ୍ଡ– ଏକ ଚାମଚ, ଗରମ ମସଲା – ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ୍‌କୁ ଧୋଇ ସେଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ତେଲ ଦେଇ ଗୋଳାଇ ରଖନ୍ତୁ। ଏହାପରେ ଆଳୁକୁ ଦୁଇଫାଳରେ କାଟି ଧୋଇ ଦିଅନ୍ତୁ। କଡ଼େଇରେ ତେଲ, ତେଜପତ୍ର ସହ ଗୋଳା ଚିକେନ୍‌କୁ ଦେଇ ଭାଜନ୍ତୁ। ଏକ ଗ୍ରାଇଣ୍ଡିଂ ଜାରରେ ଅଦା,ରସୁଣ, ଧନିଆ ପତ୍ର, କାଜୁ ଏବଂ ପୋସ୍ତ ଦେଇ ଗ୍ରାଇଣ୍ଡିଂ କରନ୍ତୁ। ଏହାପରେ ଡାଙ୍କୁଣି ଖୋଲି ଚିକେନ୍‌ରେ ଭଜା ଆଳୁ,କଟା ଟମାଟୋ, ହଳଦୀଗୁଣ୍ଡ ଦେଇ ଏପାଖସେପାଖ କରନ୍ତୁ। ପରେ ଗ୍ରାଇଣ୍ଡିଂ କରି ରଖିଥିବା ପେଷ୍ଟ ଦେଇ ଲଙ୍କାଗୁଣ୍ଡ, ଗରମ ମସଲା ଓ ଧନିଆଗୁଣ୍ଡ ଦେଇ କଷନ୍ତୁ। ଭଲରେ କଷି ହୋଇଆସିଲେ ସାମାନ୍ୟ ପାଣି ଦେଇ ୧୦ ମିନିଟ୍ ଫୁଟାଇ ଗ୍ୟାସ୍ ବନ୍ଦ କରନ୍ତୁ। ଶେଷରେ ଧନିଆପତ୍ର ଦେଇ ପରଷନ୍ତୁ ସ୍ୱାଦିଷ୍ଟ 'ଚିକେନ ପୋସ୍ତ ତରକାରି'।



# ବେଲୁନ୍ ଟ୍ରାଉଜର୍



ସମୟାନୁସାରେ ମହିଳାମାନେ ସୁନ୍ଦର ସହ ଆରାମଦାୟକ ପୋଷାକକୁ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ବେଲୁନ୍ ଟ୍ରାଉଜର୍ ଲୋକପ୍ରିୟ ରହିଛି। ଢିଲା ଏବଂ ଆରାମଦାୟକ ଫ୍ୟାବ୍ରିକ୍ ଏହାକୁ ଭିନ୍ନ ଓ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏହା ଉଭୟ ଖରା, ବର୍ଷା ଏବଂ ଅଫିସ୍ ପିନ୍ଧା ପାଇଁ ଭଲ ହୋଇଥାଏ।

### ଆକର୍ଷଣୀୟ ଅଫିସ୍ ଲୁକ୍

ଏହି ଟ୍ରାଉଜର୍‌କୁ ସବୁ ପ୍ରକାର ଟପ୍ସ, ଆସେସରିଜ୍ ସହ ପିନ୍ଧି ନିଜକୁ ଏକ ଭିନ୍ନ ଲୁକ୍ ଦେଇପାରିବେ। ସେହିପରି ଅଫିସ୍ ପାଇଁ ମଧ୍ୟ ଏହା ଖୁବ୍ ଭଲ। ସାଙ୍ଗସାଥୀଙ୍କ ସହ ଆଉଟିଙ୍ଗ୍‌ରେ ଯାଉଥିଲେ କ୍ରପ୍ ଟପ୍ସ ଏବଂ ଟି-ସାର୍ଟ ସହ ପିନ୍ଧିପାରିବେ। କାଜୁଆଲ୍ ମିଟିଙ୍ଗ୍‌ସ ପାଇଁ ଲେନିନ୍ ସାର୍ଟକୁ ଭଲ ମାନିଥାଏ। କେବଳ ସେତିକି ନୁହେଁ, ସନ୍ଧ୍ୟାପାର୍ଟିରେ ଟପ୍ ଏବଂ ଷ୍ଟେଟ୍‌ମେଣ୍ଟ ଜୁଏଲାରୀ ସହ ମଧ୍ୟ ଏହାକୁ ପେୟାର୍ କରିପାରିବେ।

### ସମସ୍ତ ଶାରୀରିକ ଗଠନକୁ ମାନିବ

ଏହା ମୋଟା ପତଳା ସମସ୍ତ ଶାରୀରିକ ଗଠନକୁ ଭଲ ମାନିଥାଏ। ଏଥିପାଇଁ ଠିକ୍ ଲମ୍ବା ଏବଂ ଡିଜାଇନ୍ ବାଛିବା ଜରୁରି। ପେଟବଡ଼ ଥିଲେ ହାଇୱେଷ୍ଟ ଡିଜାଇନ୍ ପିନ୍ଧିପାରିବେ। ଡେଙ୍ଗା ଥିଲେ ଓଭରସାଇଜ୍ ବେଲୁନ୍ ଟ୍ରାଉଜର ଭଲ ମାନିଥାଏ।

# ମ୍ୟୁଟେଡ୍ ବ୍ଲଶ୍



ସାଧାରଣତଃ ମେକ୍‌ଅପ୍ କହିଲେ ଗାଲରେ ଚମକଯୁକ୍ତ ଗାଢ଼ ବ୍ଲଶ୍‌କୁ ବୁଝାଏ। ଗାଢ଼ ପିଙ୍କ୍ ଏବଂ କୋରାଲ୍ ବ୍ଲଶ୍‌କୁ ଅଧିକ ଆକର୍ଷଣୀୟ ଜଣାଯାଏ। ହେଲେ ଏବେ ଫେଶନରେ ନୂଆ ମ୍ୟୁଟେଡ୍ ବ୍ଲଶ୍ ଟ୍ରେଣ୍ଡ ଦେଖିବାକୁ ମିଳିଛି। ଏହା ତ୍ୱଚାରେ ପ୍ରାକୃତିକ ଏବଂ ନାଚୁରାଲ୍ ଚମକ ଆଣିଥାଏ।

### ମ୍ୟୁଟେଡ୍ ବ୍ଲଶ୍ କ'ଣ

ଏହା ହାଲୁକା, ସ୍ମୁଥ୍ ବ୍ଲଶ୍ ସେଡ୍ ଭାବେ ଜଣାଯାଏ। ଏହା ତ୍ୱଚାରେ ସହଜରେ ମିଶିବା ସହ ଆବଶ୍ୟକତାଠୁ ଅଧିକ ଚମକ କରେ ନାହିଁ। ଏହା ଏକ ପ୍ରାକୃତିକ ଚମକ ଦେଇଥାଏ। ନୋ ମେକ୍‌ଅପ୍ ଲୁକ୍ ପସନ୍ଦଥିବା ମହିଳାଙ୍କ ପାଇଁ ଏହା ଭଲହୋଇଥାଏ। ମେକ୍‌ଅପ୍ ଆର୍ଟିଷ୍ଟଙ୍କ କହିବାନୁଯାୟୀ ଅଧିକାଂଶ ଲୋକ ହାଲୁକା ମେକ୍‌ଅପ୍ ପସନ୍ଦ କରୁଛନ୍ତି।

### ପାରମ୍ପରିକ, ମ୍ୟୁଟେଡ୍ ବ୍ଲଶ୍

ପାରମ୍ପରିକ ବ୍ଲଶ୍ ତ୍ୱଚାକୁ ବୋଲଡ୍ ଏବଂ ଉଜ୍ଜ୍ୱଳ କରିଥିବାବେଳେ ମ୍ୟୁଟେଡ୍ ବ୍ଲଶ୍ ହାଲୁକା ଏବଂ ସଫ୍ଟଗ୍ଲୋ ଦେଇଥାଏ। ଏହା ତ୍ୱଚାରେ ପ୍ରାକୃତିକ ଚମକ ଆଣିଥାଏ।

# ସ୍ୱାଧୀନତା ସଂଗ୍ରାମରେ ବୀର ରମଣୀ

ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ମହିଳା ସଂଗ୍ରାମୀମାନଙ୍କ ଅବଦାନ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ବ୍ରିଟିଶ ଶାସନ କବଳରୁ ଦେଶକୁ ମୁକ୍ତ କରିବା ପାଇଁ ପୁରୁଷମାନଙ୍କ ସହ କାନ୍ଧରେ କାନ୍ଧ ମିଶାଇ ହଜାର ହଜାର ସାହସୀ ମହିଳା ଘରର ଚାରିକାନ୍ଥରୁ ବାହାରି ସଂଗ୍ରାମ ଭୂମିକୁ ଓହ୍ଲାଇଥିଲେ। ମହିଳାମାନଙ୍କ ଭାଗିଦାରୀ ବିନା ଭାରତର ସ୍ୱାଧୀନତା ଅସମ୍ଭବ ଥିଲା। ସେମାନେ କେବଳ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ିନଥିଲେ, ବରଂ ସମାଜରେ ଥିବା କୁସଂସ୍କାର, ବାଲ୍ୟ ବିବାହ ଏବଂ ଜାତିପ୍ରଥା ବିରୁଦ୍ଧରେ ମଧ୍ୟ ସଂଗ୍ରାମ କରି ମହିଳା ସଶକ୍ତୀକରଣର ମୂଳଦୁଆ ପକାଇଥିଲେ। ସେହିପରି କିଛି ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କୁ ନେଇ ଏହି ଉପସ୍ଥାପନା।



### ରାଣୀ ଲକ୍ଷ୍ମୀବାଈ

ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈ ଥିଲେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଜଣେ ମହାନ ବୀରାଙ୍ଗନା। ୧୮୫୭ ମସିହାର ପ୍ରଥମ ଭାରତୀୟ ସ୍ୱାଧୀନତା ସଂଗ୍ରାମ ବା ସିପାହୀ ବିଦ୍ରୋହରେ ସେ ନେତୃତ୍ୱ ନେଇ ନିଜ ପିଠିରେ ପୁତ୍ରକୁ ବାନ୍ଧି, ହାତରେ ଖଣ୍ଡା ଧରି ବ୍ରିଟିଶ ସେନା ବିରୋଧରେ ସମ୍ମୁଖ ଯୁଦ୍ଧ ଲଢ଼ିଥିଲେ। ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ଶତ୍ରୁ ସହ ମୁକାବିଲା କରି ୧୮୫୮ରେ ଗ୍ୱାଲିଅର୍‌ଠାରେ ମାତ୍ର ୨୯ ବର୍ଷ ବୟସରେ ବୀରଗତି ପ୍ରାପ୍ତ ହୋଇଥିଲେ। ତାଙ୍କର ଏହି ଅତୁଳନୀୟ ବଳିଦାନ ଓ ସ୍ୱାଭିମାନ ଆଜି ବି ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଜୀବନ୍ତ ଅଛି।

### କସ୍ତୁରବା ଗାନ୍ଧୀ

କସ୍ତୁରବା ଗାନ୍ଧୀ ଜଣେ ପ୍ରେରଣାଦାୟୀ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ହେବା ସହ ସେ ମହାତ୍ମା ଗାନ୍ଧୀଙ୍କ ଧର୍ମପତ୍ନୀ ଥିଲେ। ସମଗ୍ର ଦେଶ ତାଙ୍କୁ ଆଦରରେ "ବା" (ମାଆ) ବୋଲି ଡାକୁଥିଲା। ଗାନ୍ଧୀଜୀଙ୍କ ପ୍ରତ୍ୟେକ ଆନ୍ଦୋଳନରେ ସେ ପାଦରେ ପାଦ ମିଶାଇ ଚାଲିଥିଲେ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଗାନ୍ଧୀଜୀଙ୍କ ଅନୁପସ୍ଥିତିରେ ସେ ସତ୍ୟାଗ୍ରହ ଆନ୍ଦୋଳନକୁ ପରିଚାଳନା କରୁଥିଲେ। ସେ ବିଶେଷ କରି ମହିଳା ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଉପରେ ଅଧିକ କାର୍ଯ୍ୟ କରୁଥିଲେ। ସାବରମତୀ ଏବଂ ସେବାଗ୍ରାମ ଆଶ୍ରମର ସମସ୍ତ ବ୍ୟବସ୍ଥା ସେ ନିଜେ ବୁଝୁଥିଲେ।





### ସରୋଜିନୀ ନାଇଡୁ

ଭାରତର ସ୍ୱାଧୀନତା ସଂଗ୍ରାମରେ ସରୋଜିନୀ ନାଇଡୁଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ନିଜର ଓଜସ୍ୱିନୀ ଭାଷଣ, ସାହସିକ ନେତୃତ୍ୱ ଏବଂ ଦେଶପ୍ରେମ ଦ୍ୱାରା ଦେଶର ହଜାର ହଜାର ମହିଳା ଓ ଯୁବପିଢ଼ିଙ୍କୁ ଆନ୍ଦୋଳନକୁ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ସମଗ୍ର ଦେଶ ଭ୍ରମଣ କରି ମହିଳାମାନଙ୍କୁ ପରଦା ପ୍ରଥା ଓ ଘରର ଚାରିକାନ୍ଥରୁ ବାହାରି ଦେଶ ପାଇଁ ଲଢ଼ିବାକୁ ପ୍ରେରଣା ଦେଇଥିଲେ। ତାଙ୍କ ଯୋଗୁଁ ହିଁ ସ୍ୱାଧୀନତା ସଂଗ୍ରାମରେ ମହିଳାମାନଙ୍କର ବଡ଼ ଭାଗିଦାରୀ ଦେଖିବାକୁ ମିଳିଥିଲା। ସେ ମହାତ୍ମା ଗାନ୍ଧୀଙ୍କ ସହ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଏବଂ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିଲେ।

୧୦ ବର୍ଷର ଡେଟିଂ, ୫ ପିଲାର ପିତା

# ଶେଷରେ ବିବାହ କଲେ ରୋନାଲ୍ଡୋ



ଲିସବନ୍, ୧୨।୮ (ଏଜେନ୍ସି): ବିଶ୍ୱର ମହାନ ଫୁଟବଲ୍ ଖେଳାଳି ତଥା ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଶେଷରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଦୀର୍ଘ ବର୍ଷର ବାନ୍ଧବୀ ଜର୍ଜିନା ରୋଡ୍ରିଗେଜଙ୍କୁ ରୋନାଲ୍ଡୋ ଆନୁଷ୍ଠାନିକ ଭାବରେ ବିବାହ କରିଛନ୍ତି। ଅଗଷ୍ଟ ୧୧ ତାରିଖରେ ରାଜଧାନୀ ଲିସବନ୍ ନିକଟସ୍ଥ ଏକ ଉପକୂଳବର୍ତ୍ତୀ ସହର କାସାଇସ୍‌ରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ରୋନାଲ୍ଡଙ୍କ ପାଞ୍ଚ ପିଲା ମଧ୍ୟ ଯୋଗ ଦେଇଥିଲେ। ୩୯ ବର୍ଷୀୟ ରୋନାଲ୍ଡ ଓ ଜର୍ଜିନା ସେମାନଙ୍କର ବିବାହ ଉତ୍ସବକୁ ଗୋପନ ରଖିବାକୁ ନିଷ୍ପତ୍ତି ନେଇଥିଲେ। ପରେ ସାମାଜିକ ଗଣମାଧ୍ୟମରେ ଉଭୟ ବିବାହ ମୁଦି ପିନ୍ଧିଥିବା ଏକ ଫଟୋ ସେୟାର କରି ପ୍ରଶଂସକଙ୍କୁ ଏହି ଖୁସି ଖବର ଜଣାଇଛନ୍ତି। ପ୍ରକାଶଯୋଗ୍ୟ ୨୦୧୬ରେ ରୋନାଲ୍ଡୋ ପ୍ରଥମଥର ଲାଗି ୩୨ ବର୍ଷୀୟା ଆର୍ଜେଣ୍ଟିନା-ସ୍ପାନିସ୍ ମଡେଲ ଜର୍ଜିନାଙ୍କୁ ଭେଟିଥିଲେ। ୨୦୧୭ରେ ଜୁରିଚ୍‌ରେ ଫିଫା ଫୁଟବଲ୍ ପୁରସ୍କାରରେ ଏକାଠି ପ୍ରଥମ ଉଭୟ ରେଡ୍-କାରପେଟ୍ ଦେଖା ଦେଇଥିଲେ। ପରେ ସାର୍ବଜନୀନ ଭାବରେ ସେମାନଙ୍କର ସମ୍ପର୍କକୁ ନିଶ୍ଚିତ କରିଥିଲେ। ସେବେଠାରୁ ସେମାନେ ଏକାଠି ରହିଆସୁଥିଲେ। ଏହି ଦମ୍ପତି ଠିକ୍ ବର୍ଷକ ତଳେ ୨୦୨୫ ଅଗଷ୍ଟ ୧୧ ତାରିଖରେ ସେମାନଙ୍କ ନିର୍ବନ୍ଧ ଘୋଷଣା କରିଥିଲେ। ଉଭୟଙ୍କ ଔରସରୁ ୮ ବର୍ଷର ଆଲାନ ଓ ୪ ବର୍ଷର ବେଲା ନାମକ ଝିଅ ରହିଛି। ୧୬ ବର୍ଷର ପୁଅ କ୍ରିଷ୍ଟିଆନୋ ଜୁନିଅର ହେଉଛନ୍ତି ରୋନାଲ୍ଡୋଙ୍କ ପୂର୍ବ ସମ୍ପର୍କରୁ ଆସିଥିବା ପୁଅ। ଯମଜ ଇଭା ମାରିଆ ଏବଂ ମାଟେଓଙ୍କୁ ରୋନାଲ୍ଡୋ ପାଳନ କରୁଛନ୍ତି।

## ଭାରତ-ଆଫଗାନିସ୍ତାନ ଟି-୨୦ ସିରିଜ୍ ଦିଲ୍ଲୀରେ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଆଫଗାନିସ୍ତାନ କ୍ରିକେଟ ବୋର୍ଡ କରିଥିବା ଘୋଷଣା ଅନୁଯାୟୀ ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ନୂଆଦିଲ୍ଲୀରେ ସେପ୍ଟେମ୍ବର ମାସ ଖେଳାଯିବ। ୩ଟି ଯାକ ମ୍ୟାଚ୍ ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏହି ୩ଟି ମ୍ୟାଚ୍ ଯଥାକ୍ରମେ ସେପ୍ଟେମ୍ବର ୧୩, ୧୫ ଓ ୧୭ରେ ଖେଳାଯିବ। ଏସିଆନ ଗେମ୍ସ ପୂର୍ବରୁ ଏହି ସିରିଜ୍ ଆୟୋଜିତ ହେଉଥିବାରୁ ଭାରତ ଲାଗି ଏହା ବେଶ ସହାୟକ ହେବ ବୋଲି କୁହାଯାଉଛି।

## ୨୦୨୬ରେ ଟି-୨୦ରେ ନୂଆ ବିଶ୍ୱ ରେକର୍ଡ କରିବ ଭାରତ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଭାରତ ଚଳିତ ବର୍ଷ ନୂଆ ବିଶ୍ୱ ରେକର୍ଡ କରିବାକୁ ଯାଉଛି। ୨୦୨୬ରେ ଭାରତ ମୋଟ ୪୩ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ଫଳରେ ୨୦୨୨ରେ ଖେଳିଥିବା ୪୦ଟି ମ୍ୟାଚ୍‌ର ନିଜ ରେକର୍ଡକୁ ଭାରତ ଭାଙ୍ଗିବ। ଚଳିତ ବର୍ଷ ଏପର୍ଯ୍ୟନ୍ତ ଭାରତ ୨୪ ଟି-୨୦ ଖେଳିସାରିଛି। ଆଉ ୧୯ଟି ମ୍ୟାଚ୍ ଖେଳିବାକୁ ରହିଛି। ଆଫଗାନିସ୍ତାନ ବିପକ୍ଷରେ ୩ଟି ମ୍ୟାଚ୍‌ରୁ ଏହି ପର୍ଯ୍ୟାୟ ଆରମ୍ଭ ହେବ। ଏହାପରେ ଏସିଆନ୍ ଗେମ୍ସ, ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ୫ଟି ଲେଖାଏ ଏବଂ ଡିସେମ୍ବରରେ ଶ୍ରୀଲଙ୍କା ବିପକ୍ଷରେ ୩ଟି ମ୍ୟାଚ୍ ଖେଳିବ ଭାରତ। ୨୦୨୨ରେ ଭାରତ ୪୦ଟି ଟି-୨୦ ଖେଳି ୨୮ଟି ଜିତିଥିଲା।

ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ରେ କିଏ ସମ୍ଭାଳିବ କିପିଙ୍ଗ୍ ଭାର

# ଜୁରେଲ ନା ସର୍ଫରାଜ; ଦ୍ୱନ୍ଦ୍ୱରେ ଭାରତ

ଗଲ,୧୨।୮ (ଏଜେନ୍ସି)





ଭ୍ରମଣକାରୀ ଭାରତ ଓ ଘରୋଇ ଶ୍ରୀଲଙ୍କା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଗଲ୍‌ରେ ଅଗଷ୍ଟ ୧୫ରୁ ଆରମ୍ଭ ହେବ। ଏହା ମଧ୍ୟରେ ଉଭୟ ଦଳ ଭଲଭାବେ ଏହି ସିରିଜ୍ ଲାଗି ପ୍ରସ୍ତୁତ କରିନେଇଛନ୍ତି। ଟେଷ୍ଟ ସିରିଜ୍ ଆରମ୍ଭ ହେବାକୁ ଆଉ ୩ ଦିନ ବାକିଥିଲାବେଳେ ପ୍ରଥମ ଟେଷ୍ଟର ଚୂଡ଼ାନ୍ତ ଏକାଦଶ ଚୟନ ନେଇ ଦ୍ୱନ୍ଦ୍ୱରେ ରହିଛି ଭାରତ। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଲଢ଼େଇ କରିବାକୁ ଯାଉଥିବା ଭାରତ ପ୍ରଥମ ଟେଷ୍ଟରେ କାହାକୁ ଖେଳାଇବ ଓ କାହାକୁ ବାଦ୍ ଦେବ ତାହାକୁ ନେଇ ସାମାନ୍ୟରେ ପଡ଼ିଛି। ବ୍ୟାଟିଂରେ ସମସ୍ତ ପୋଜିସନ ଲାଗି ଖେଳାଳି ଚୟନ ହୋଇଥିଲେ ମଧ୍ୟ ନଂ-୬ ଲାଗି ଦ୍ୱନ୍ଦ୍ୱ ଉପୁଜିଛି। ଏହି ସ୍ଥାନରେ ଦଳରେ ନିୟମିତ ଖେଳୁଥିବା ୱିକେଟରକ୍ଷକ ବ୍ୟାଟର ଧ୍ରୁବ ଜୁରେଲ କିମ୍ବା ଶେଷ ମୁହୂର୍ତ୍ତରେ ଦଳରେ ସ୍ଥାନ ପାଇଥିବା ସର୍ଫରାଜ ଅହମ୍ମଦ୍‌ଙ୍କୁ ଖେଳାଇବ ତାହାକୁ ନେଇ ଏହି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସେହିପରି ଶ୍ରୀଲଙ୍କାର ପିଚ୍ ସ୍ପିନରଙ୍କୁ ସୁହାଇଥାଏ। ଏଭଳି ସମୟରେ ଦଳରେ ୩ଜଣ ପେସ୍‌ର ନେବା ଲାଗି ଦାବି ହେଉଛି। କିନ୍ତୁ ଦଳ ୩ ପେସ୍‌ର ନା ୩ ସ୍ପିନର ଖେଳାଇବ ତାହାକୁ ନେଇ ମଧ୍ୟ ସଂଶୟ ସୃଷ୍ଟି ହୋଇଛି।

ସମସ୍ତେ ଜାଣନ୍ତି ଶ୍ରୀଲଙ୍କାର ପିଚ୍ ସ୍ପିନରଙ୍କୁ ଅଧିକ ସୁହାଇଥାଏ। ଏଣୁ ଏଠାରେ ଯେଉଁ ବ୍ୟାଟର ସ୍ପିନ ବିପକ୍ଷରେ ଭଲ ଖେଳିବେ ତାଙ୍କୁ ପ୍ରାଧାନ୍ୟ ଦିଆଯିବ। ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପାଡିକଲ, ଶୁବମନ ଗିଲ୍ ଓ ଋଷଭ ପନ୍ତ ପ୍ରଥମ ୫ଟି ସ୍ଥାନରେ ବ୍ୟାଟିଂ କରିବେ। ନଂ-୬ରେ ଟେଷ୍ଟ ଖେଳିବାରେ ଅଭିଜ୍ଞତା ଥିବା ଜୁରେଲଙ୍କୁ ସୁଯୋଗ ମିଳିବା କଥା। ସେ ୧୦ଟି ଟେଷ୍ଟ ଖେଳି ୩୪.୧୪ ହାରରେ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ସହ ୪୭୮ ରନ୍ କରିଛନ୍ତି। ଏଠାରେ ରେକର୍ଡ କଥାକୁ ଗୁରୁତ୍ୱ ଦିଆଯାଉ ନାହିଁ। ସ୍ପିନରଙ୍କ ବିପକ୍ଷ ସେ କିପରି ଖେଳିଛନ୍ତି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ଖେଳିଥିବା ୨ଟି ଟେଷ୍ଟ ସିରିଜ୍‌ରେ ୪ଥର ଜଣେ ସ୍ପିନର ସାଇମନ ହାର୍ମରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏଥିରେ ସେ ଯଥାକ୍ରମେ ୧୪, ୧୩, ୦ ଓ ୨ ରନ୍ କରିଥିଲେ। ତାଙ୍କ ଏଭଳି ଫର୍ମ ଶ୍ରୀଲଙ୍କାରେ ମଧ୍ୟ ଜାରି ରହିଛି। ଏଠାରେ ଅନୁଷ୍ଠିତ ଅଭ୍ୟାସ ମ୍ୟାଚ୍‌ରେ ସେ ୧ ଓ ୧୭ ରନ୍ କରି ପୁଣିଥରେ ଅଫ୍ ସ୍ପିନର ରମେଶ ମେଣ୍ଡିସଙ୍କ ଦ୍ୱାରା ଆଉଟ ହୋଇଛନ୍ତି। ଏଥିରୁ ଶ୍ରୀଲଙ୍କାର ସ୍ପିନରଙ୍କୁ ସହାୟତା ଦେଉଥିବା ପିଚ୍‌ରେ ସେ କେତେ ଫଳପ୍ରଦ ହେବେ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ସର୍ଫରାଜ ସ୍ପିନରଙ୍କ ବିପକ୍ଷରେ ଜଣେ କୁଶଳୀ ବ୍ୟାଟର। ଘରୋଇ କ୍ରିକେଟ ହେଉ କିମ୍ବା ସେ ଖେଳିଥିବା ଟେଷ୍ଟରେ ସ୍ପିନରଙ୍କୁ ସେ ଉଚିତ ମୁକାବିଲା କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ୬୨ଟି ମ୍ୟାଚ୍ ଖେଳି ୬୪.୭୩ ହାରରେ ୧୭ ଶତକ ସହ ୫,୧୧୪ ରନ୍ କରିଛନ୍ତି। ଏଣୁ ସେ ସ୍ପିନରଙ୍କ ବିପକ୍ଷରେ ପ୍ରଭାବଶାଳୀ ହେବେ ବୋଲି ମଧ୍ୟ ଅନେକେ ଯୁକ୍ତି କରିଛନ୍ତି। ଏହା ହିଁ ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟକୁ ଅଡୁଆରେ ପକାଇଛି।

ଦ୍ୱିତୀୟ ଦ୍ୱନ୍ଦ୍ୱଟି ହେଲା ୩ ପେସର ନା ୩ ସ୍ପିନର। ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ପେସ ବାହିନୀର ନେତୃତ୍ୱ ନେବେ। ତୃତୀୟ ପେସର କଥା ଚିନ୍ତା କରାଗଲେ ଗୁରନୁର ବ୍ରାର ପ୍ରସ୍ତୁତ ଅଛନ୍ତି। ଦଳରେ ୪ଜଣ ସ୍ପିନର ଯଥା ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମାନବ ସୁତାର ଓ ସାରାଂଶ ଜୈନ ଅଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣ କିମ୍ବା ୨ଜଣ ଖେଳିବେ। ଜାଡେଜା ଓ କୁଲଦୀପଙ୍କ ଖେଳିବା ନିଶ୍ଚିତ। ତୃତୀୟ ସ୍ପିନରଭାବେ କାହାକୁ ନିଆଯିବ ତାହା ମଧ୍ୟ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ାଇଛି। ଡେବ୍ୟୁ ଅପେକ୍ଷାରେ ଥିବା ସାରାଂଶ ଜୈନଙ୍କୁ ବାଦ୍ ଦେଲେ ଅନ୍ୟ ୩ଜଣ ବାମହାତୀ। ଏଣୁ ଜଣେ ଅଫ୍ ସ୍ପିନରଙ୍କୁ ନେବାକୁ ଯୋଜନା ହେଲେ ସୁତାରଙ୍କୁ ଚୂଡ଼ାନ୍ତ ଏକାଦେଶରେ ସ୍ଥାନ ମିଳିବ କଷ୍ଟକର। ଏଭଳି ସ୍ଥିତିରେ ଦଳ ମ୍ୟାଚ୍ ଦିନ ଚୂଡ଼ାନ୍ତ ଏକାଦଶ ଚୟନ କରିବ ବୋଲି ଟିମ୍ ମ୍ୟାନେଜମେଂଟ ସୂତ୍ରରୁ ଜଣାଯାଇଛି।

### ଘରୋଇ ଦଳର ନେତୃତ୍ୱ ନେବେ ଧନଞ୍ଜୟ

ଭାରତ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଅଲ୍‌ରାଉଣ୍ଡର ଧନଞ୍ଜୟ ଡି ସିଲ୍‌ଭାଙ୍କୁ ଘରୋଇ ଶ୍ରୀଲଙ୍କା ଦଳର ଅଧିନାୟକ ମନୋନୀତ କରାଯାଇଛି। ଦଳରେ ଟପ୍ ଅର୍ଡର ବ୍ୟାଟର କାମିନ୍ଦୁ ମେଣ୍ଡିସ୍ ସାମିଲ ହୋଇଥିଲେ ମଧ୍ୟ କୁଶାଲ ମେଣ୍ଡିସ୍‌ଙ୍କୁ ଆଘାତ ଯୋଗୁଁ ଦଳରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ବରିଷ୍ଠ ୱିକେଟରକ୍ଷକ ନିରୋସନ ଡିକ୍‌ୱେଲାଙ୍କୁ ସାମିଲ କରାଯାଇଛି। ଓପନର ପାଥୁମ ନିଶାଙ୍କାଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିନାହିଁ। ନିଶାନ ମଦୁସ୍କା, ଲାହିରୁ ଉଦାରା, ନିଶାନ ମଦୁସ୍କା, ଦିନେଶ ଚାଣ୍ଡିମଲ, ଡେବ୍ୟୁ ଆଶାରେ ଥିବା ପାସିନ୍ଦୁ ସୁରିଆବାନ୍ଦରା, ଓ ସୋନାଲ ଦିନୁଶା ବ୍ୟାଟିଂ ଭାର ସମ୍ଭାଳିବେ। ୧୬ ଜଣିଆ ଦଳରେ ୪ଜଣ ସ୍ପେଶାଲିଷ୍ଟ ପେସର ଓ ୪ଜଣ ସ୍ପିନର ରହିଛନ୍ତି।

**ଘୋଷିତ ଶ୍ରୀଲଙ୍କା ଟେଷ୍ଟ ଦଳ** : ଧନଞ୍ଜୟ ଡି ସିଲ୍‌ଭା (ଅଧିନାୟକ), ଲାହିରୁ ଉଦାରା, ନିଶାନ ମଦୁସ୍କା, କାମିନ୍ଦୁ ମେଣ୍ଡିସ୍ (ଉପଅଧିନାୟକ), ଦିନେଶ ଚାଣ୍ଡିମଲ, ପାସିନ୍ଦୁ ସୁରିଆବାନ୍ଦରା, ସୋନାଲ ଦିନୁଶା, ନିରୋସନ ଡିକ୍‌ୱେଲା (ୱିକେଟ ରକ୍ଷକ), ରମେଶ ମେଣ୍ଡିସ୍, ପ୍ରବାତ ଜୟସୁରିଆ, କେଶରା ନୁୱାନ୍ଥା, ମିଲନ ରତନାୟକେ, ଅସିଥା ଫର୍ଣ୍ଣାଣ୍ଡୋ, ଲାହିରୁ କୁମାରା, ବିଶ୍ୱ ଫର୍ଣ୍ଣାଣ୍ଡୋ ଓ ଦିଲସାନ ମଦୁଶଙ୍କା।

## କ୍ଷମତା ବିବାଦ ଓ ପ୍ରଶାସନିକ ତ୍ରୁଟି : ଟିଟିଏଫ୍ଆଇ ନିଲମ୍ବିତ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ବୁଧବାର 'ଟେବୁଲ୍ ଟେନିସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ' (ଟିଟିଏଫ୍ଆଇ)କୁ ନିଲମ୍ବିତ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ବାଚନ କରିବାରେ ବିଫଳ ହେବା ଏବଂ ପ୍ରଶାସନିକ ତ୍ରୁଟି ଯୋଗୁଁ ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମହାସଂଘର ପରିଚାଳନା ପାଇଁ ଏକ ଆଡ୍-ହକ୍ କମିଟି ଗଠନ କରିବାକୁ ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ (ଆଇଓଏ)କୁ କ୍ରୀଡ଼ା ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ମହାସଂଘକୁ ଦିଆଯାଇଥିବା 'କାରଣ ଦର୍ଶାଅ' ନୋଟିସ୍‌ର ଉତ୍ତର ସନ୍ତୋଷଜନକ ନଥିଲା। ବର୍ତ୍ତମାନ ହରିୟାଣା ବିଧାୟକ ଦୁଷ୍ୟନ୍ତ ଚୌତାଲାଙ୍କ ପତ୍ନୀ ମେଘନା ଅହଲାୱାତ୍ ଟିଟିଏଫ୍ଆଇର ସଭାପତି ରହିଛନ୍ତି। ବିଗତ କିଛି ମାସ ହେବ ମହାସଂଘ ଭିତରେ କ୍ଷମତା ପ୍ରତିଦ୍ୱନ୍ଦ୍ୱିତା ଏବଂ ପ୍ରଶାସନିକ ବିବାଦ ଚାଲିଆସୁଥିଲା। ଏହାଛଡ଼ା, ନିକଟରେ ଏସୀୟ କ୍ରୀଡ଼ା ଦଳରୁ ତାରକା ଖେଳାଳି ମାନିକା ବାତ୍ରାଙ୍କୁ ବାଦ୍ ଦିଆଯାଇଥିଲା। ଚୟନ ପ୍ରକ୍ରିୟାରେ ଅସ୍ୱଚ୍ଛତା ନେଇ ବାତ୍ରା ସାର୍ବଜନୀନ ଭାବେ ଅଭିଯୋଗ ଆଣିବା ପରେ ମନ୍ତ୍ରଣାଳୟ ଏହାକୁ ଗମ୍ଭୀରତାର ସହ ନେଇଥିଲା। ଜାତୀୟ ଚାମ୍ପିୟନ୍‌ସିପ୍ ଆୟୋଜନରେ ବିଳମ୍ବ ହେବା ସହ ଖେଳାଳିଙ୍କ କଲ୍ୟାଣ ପ୍ରତି ମହାସଂଘ ଅବହେଳା କରିଥିବା ମଧ୍ୟ ମନ୍ତ୍ରଣାଳୟ ଦର୍ଶାଇଛି। ସୂଚନାଯୋଗ୍ୟ, ଫେବୃଆରୀ ୨୦୨୨ରେ ମଧ୍ୟ ଦିଲ୍ଲୀ ହାଇକୋର୍ଟ ଟିଟିଏଫ୍ଆଇକୁ ନିଲମ୍ବିତ କରିଥିଲେ। ଅନ୍ତର୍ଜାତୀୟ ଟେବୁଲ୍ ଟେନିସ୍ ଫେଡେରେସନ୍ (ଆଇଟିଟିଏଫ୍) ସହ ଆଲୋଚନା କରି ଆଇଓଏ ଏକ ଅସ୍ଥାୟୀ ନିୟନ୍ତ୍ରକ କମିଟି ଗଠନ କରିବ। ଯାହାଫଳରେ ଗଣତାନ୍ତ୍ରିକ ପ୍ରକ୍ରିୟା ପୁନଃପ୍ରତିଷ୍ଠିତ ହେବା ପର୍ଯ୍ୟନ୍ତ କ୍ରୀଡ଼ା ପରିଚାଳନା ବାଧାପ୍ରାପ୍ତ ହେବନାହିଁ।

ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍

## ଦୁଇ ବର୍ଷ ପରେ ଟପ୍-୧୦କୁ ଫେରିଲେ ବାବର୍



ଦୁବାଇ, ୧୨।୮ (ଏଜେନ୍ସି): ପାକିସ୍ତାନ ଭେଟେରାନ କ୍ରିକେଟର୍ ବାବର ଆଜାମ ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ଟପ୍-୧୦କୁ ଫେରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ବ୍ୟାଟିଂ ତାଲିକାରେ ବାବର ୫ଟି ପାହାଚ ଉପରକୁ ଉଠି ୧୦ମ ସ୍ଥାନ ହାସଲ କରିଛନ୍ତି। ନିକଟରେ ସମାପ୍ତ ହୋଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ବାବର ୪ଟି ଇନିଂସରେ ଦୁଇଟି (୫୮ ଓ ୮୮ ରନ) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଯେଉଁଥି ପାଇଁ ତାଙ୍କ ମାନ୍ୟତାରେ ଏହି ଉନ୍ନତି ଘଟିଛି। ବାବର ଶେଷଥର ଲାଗି ୨୦୨୪ ସେପ୍ଟେମ୍ବରରେ ବ୍ୟାଟିଂ ତାଲିକାର ଟପ୍-୧୦ରେ ରହିଥିଲେ। ନିକଟରେ ୱେଷ୍ଟଇଣ୍ଡିଜ ସିରିଜ ଲାଗି ସାନ୍ ମାସୁଦଙ୍କ ସ୍ଥାନରେ ବାବରଙ୍କୁ ମଧ୍ୟ ଦଳର ନେତୃତ୍ୱ ଭାର ଦିଆଯାଇଥିଲା। ଅପରପକ୍ଷରେ ଟେଷ୍ଟ ବ୍ୟାଟିଂ ତାଲିକାରେ ଶ୍ରୀଲଙ୍କାର ଦୀନେଶ ଚାଣ୍ଡିମଲ୍, ନ୍ୟୁଜିଲାଣ୍ଡର ଡାରୀଲ ମିଚେଲ, ଅଷ୍ଟ୍ରେଲିଆର ଆଲେକ୍ସ କେରୀ, ଭାରତର ଋଷଭ ପନ୍ତ ଓ ଇଂଲଣ୍ଡର ବେନ୍ ଡକେଟ୍ ଗୋଟିଏ ଲେଖାଏ ସ୍ଥାନ ହରାଇଛନ୍ତି। ଏହି ପାଞ୍ଚଜଣ ଖେଳାଳି ଯଥାକ୍ରମେ ୧୧ରୁ ୧୫ତମ ସ୍ଥାନ ମଧ୍ୟରେ ରହିଛନ୍ତି। ସେହିଭଳି ଟପ୍-୧୦ରେ ଦୁଇଜଣ ଭାରତୀୟ ଖେଳାଳି ଶୁବମନ ଗିଲ୍ (୭ମ) ଓ ଯଶସ୍ୱୀ ଜୟସ୍ୱାଲ (୯ମ) ସ୍ଥାନରେ ସ୍ଥିର ରହିଛନ୍ତି।

## ଲାଉସାନ୍ ଡାଇମଣ୍ଡ ଲିଗ୍‌ରୁ ଓହରିଲେ ଅର୍ଶଦ ନଦୀମ


ଇସଲାମାବାଦ,୧୨।୮ (ଏଜେନ୍ସି): ପାକିସ୍ତାନର ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ଜାଭେଲିନ୍ ତାରକା ଅର୍ଶଦ ନଦୀମ ଚଳିତ ମାସର ଲାଉସାନ୍ ଡାଇମଣ୍ଡ ଲିଗ୍‌ରୁ ଓହରି ଯାଇଛନ୍ତି। ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ ପାଇଁ ପ୍ରସ୍ତୁତି ଉପରେ ଧ୍ୟାନ ଦେବାକୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ନିକଟରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନଦୀମ ଆଶାନୁରୂପ ପ୍ରଦର୍ଶନ କରି ନପାରି ୯ମ ସ୍ଥାନରେ ରହିଥିଲେ। ଅସାଧାରଣ ଥଣ୍ଡା ପାଗ ଯୋଗୁଁ ତାଙ୍କ ପ୍ରଦର୍ଶନ ପ୍ରଭାବିତ ହୋଇଥିବା ସେ କହିଥିଲେ। ପ୍ୟାରିସ୍ ୨୦୨୪ ଅଲିମ୍ପିକ୍ସରେ ୯୨.୯୭ ମିଟର ଥ୍ରୋ ସହ ଅଲିମ୍ପିକ୍ ରେକର୍ଡ କରି ସ୍ୱର୍ଣ୍ଣପଦକ ଜିତିଥିବା ନଦୀମ ଇତିହାସ ସୃଷ୍ଟି କରିଥିଲେ ଓ ଏବେ ଏସିଆନ୍ ଗେମ୍ସ ଉପରେ ନଜର ରଖିଛନ୍ତି।

## ଅଷ୍ଟ୍ରେଲିଆ ଟେଷ୍ଟ ଦଳରେ ୪ କିଂବଦନ୍ତୀ ବୋଲର



ସିଡ୍‌ନୀ,୧୨।୮ (ଏଜେନ୍ସି): ଆସନ୍ତାକାଲିଠାରୁ ଅଷ୍ଟ୍ରେଲିଆର ଡାରୱିନ୍‌ଠାରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ଲାଗି ଅଷ୍ଟ୍ରେଲିଆ ଟେଷ୍ଟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୪ଜଣ ଶ୍ରେଷ୍ଠ ବୋଲର ଯଥା ଅଧିନାୟକ ପ୍ୟାଟ କମିନ୍ସ, ମିଚେଲ ଷ୍ଟାର୍କ, ଜୋଶ ହାଜ୍‌ଲେଉଡ୍ ଓ ଏକମାତ୍ର ସ୍ପିନର ନାଥନ ଲାୟନଙ୍କୁ ସାମିଲ କରାଯାଇଛି। ଦୀର୍ଘ ଏକବର୍ଷ ହେବ ଏହି ୪ ବୋଲର ଏକତ୍ର ଖେଳି ନାହାନ୍ତି। ଅଷ୍ଟ୍ରେଲିଆ ଚଳିତ ସିଜନରେ ୨୦ଟି ଏବଂ ସଫଳତା ପାଇଲେ ୨୧ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଅନ୍ୟ ପକ୍ଷରେ ବାଂଲାଦେଶର ୩ଜଣ ଅଭିଜ୍ଞ ଫାଷ୍ଟ ବୋଲର ନାହିଦ୍ ରାଣା, ମୁସ୍ତାଫିଜର ରହମନ ଓ ଶୋରିଫୁଲ ଇସ୍‌ଲାମ ଓ ବ୍ୟାଟର ମୁସ୍‌ଫିକର ରହିମ ଆଘାତ ଯୋଗୁଁ ଏହି ମ୍ୟାଚରେ ଖେଳୁନାହାନ୍ତି। ଦୀର୍ଘ ୨୦ ବର୍ଷ ପରେ ଅଷ୍ଟ୍ରେଲିଆରେ ଟେଷ୍ଟ ମ୍ୟାଚ୍ ଖେଳିବାକୁ ବାଂଲାଦେଶ ଯାଇଛି।

## ଟରୋଣ୍ଟୋ ମାଷ୍ଟର୍ସ: ସେମିରେ ରିବାକିନା, ଗଫ୍



ଟରୋଣ୍ଟୋ, ୧୨।୮ (ଏଜେନ୍ସି): କାଜାଖସ୍ତାନ ଟେନିସ ତାରକା ଏଲିନା ରିବାକିନା ଏଠାରେ ଚାଲିଥିବା ଟରୋଣ୍ଟୋ ମାଷ୍ଟର୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ରିବାକିନା ୪-୬, ୭-୬ (୭/୫), ୬-୪ ସେଟରେ ଜାପାନର ନାଓମି ଓସାକାଙ୍କୁ ପରାସ୍ତ କରିଥିଲେ। ଦ୍ୱିତୀୟ ସିଡ୍ ରିବାକିନା ସେମିଫାଇନାଲରେ ଆମେରିକାର କୋକୋ ଗଫ୍‌ଙ୍କୁ ଭେଟିବେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଚତୁର୍ଥ ସିଡ୍ ଗଫ୍ ୱାକଓଭର ପାଇ ସେମିଫାଇନାଲକୁ ଉଠିଛନ୍ତି। ଗଫ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁଇଜରଲାଣ୍ଡର ବେଲିଣ୍ଡା ବେନସିକ୍ ଆହତଜନିତ ସମସ୍ୟା ଲାଗି କ୍ୱାର୍ଟର ଫାଇନାଲ ଲଢ଼େଇରୁ ଓହରିଯାଇଥିଲେ।

## ରକି ଫ୍ଲିଣ୍ଟଫଙ୍କ ଶତକ



ଲଣ୍ଡନ, ୧୨।୮ (ଏଜେନ୍ସି): କିମ୍ବଦନ୍ତୀ ଇଂଲଣ୍ଡ ଅଲ୍‌ରାଉଣ୍ଡର ଆଣ୍ଡ୍ରିଉ ଫ୍ଲିଣ୍ଟଫଙ୍କ ପୁଅ ରକି ଫ୍ଲିଣ୍ଟଫ ପ୍ରଫେସନାଲ କ୍ରିକେଟରେ ପ୍ରଥମ ଶତକ ମାରିଛନ୍ତି। ଇଂଲଣ୍ଡର ଘରୋଇ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ 'ୱାନ-ଡେ କପ୍'ରେ ୧୮ ବର୍ଷୀୟ ରକି ବିଧ୍ୱଂସୀ ଶତକୀୟ ଇନିଂସ ଖେଳିଛନ୍ତି। କାଉଣ୍ଟି କ୍ଲବ ଲଙ୍କାଶାୟର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ରକି ସମରସେଟ୍ ବିପକ୍ଷରେ ମାତ୍ର ୭୬ଟି ବଲରେ ୧୨୩ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୭ଟି ଛକା ଓ ୧୦ଟି ଚୌକା ମାରିଥିଲେ। ଫଳରେ ତାଙ୍କ ଦଳ ଲଙ୍କାଶାୟର ୫୦ ଓଭରରେ ୬ ୱିକେଟ ହରାଇ ୪୪୩ ରନର ବିଶାଳ ସ୍କୋର କରିଥିଲା। ଜବାବରେ ସମରସେଟ୍ ଦଳ ୩୯.୨ ଓଭରରେ ମାତ୍ର ୨୬୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଙ୍ଗ୍ ଟିଟି ଉଦ୍‌ଯାପିତ

## ଜିଜ୍ଞାସୁ ସାଇ କିରଣ, ଉର୍ଜାଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୧୨।୮ (ସମିସ)




କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ହଲ୍‌ରେ ଚାଲିଥିବା ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପୁରୀର ଜିଜ୍ଞାସୁ ସାଇ କିରଣ ପ୍ରଧାନ ଓ କଟକର ଉର୍ଜା ବର୍ମା ଦ୍ୱିମୁକୁଟ ହାସଲ କରିଛନ୍ତି। ଜିଜ୍ଞାସୁ ସାଇ କିରଣ ୧୭ ଓ ୧୫ ବର୍ଷରୁ କମ୍ ବାଳକ ବିଭାଗରେ ଚାମ୍ପିଅନ ଓ ୧୯ ବର୍ଷରୁ କମ୍ ବିଭାଗରେ ରନର୍ସ ଅପ୍ ହୋଇଥିଲେ। କଟକର ଉର୍ଜା ୧୯ ଓ ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଟାଇଟଲ ଜିତିଥିଲେ। କଟକର ଜିଜ୍ଞାସୁ ସାହୁ ବାଳକ ୧୯ ବର୍ଷରୁ କମ୍ ବିଭାଗରେ ଓ ପୁରୁଷ ବିଭାଗରେ ଆର୍‌ବିଆଇର ଆସିଫ୍ ହକ୍‌କୁ ହରାଇ ଏଜିର ମୈନାକ ଦାସ ଚାମ୍ପିଅନ ହୋଇଥିଲେ।

ମହିଳା ବିଭାଗରେ ରେଲୱେ ଅଡିଟ୍‌ର ନେହା କୁମାରୀ ଚାମ୍ପିଅନ ଓ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇ ରନର୍ସଅପ୍ ହୋଇଛନ୍ତି। ୧୫ ବର୍ଷରୁ କମ୍ ବାଳିକାରେ ଖୋର୍ଦ୍ଧାର ଶ୍ୱେତା ବର୍ମା ଟାଇଟଲ ଜିତିଥିଲାବେଳେ ୧୭ ଓ ୧୯ ବର୍ଷରୁ କମ୍ ବିଭାଗରେ ରନର୍ସ ଅପ୍ ହୋଇଥିଲେ। ୧୩ ବର୍ଷରୁ କମ୍ ବାଳକ ବିଭାଗରେ ଅଭନୀଶ ସୁବ୍ରମଣ୍ୟମ ଓ ରୁଦ୍ର ରଣବୀର, ବାଳିକାରେ ଆରାଧ୍ୟା ସାହୁ ଓ ଅନ୍ୱେଷା ଅନିରୁଦ୍ଧ, ୧୧ ବର୍ଷରୁ କମ୍ ବାଳକରେ କଟକର ସୟଦ ଅର୍ଶାଜ୍ ଅଲି ଓ ଖୋର୍ଦ୍ଧାର ଶୁଭାଂଶୁ ମୋହନ ସାହୁ, ବାଳିକା ବିଭାଗରେ କଟକର ସିଦ୍ଧିକା ଭଗତ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ହୋଇଛନ୍ତି। ପ୍ରତିଯୋଗିତା ଶେଷରେ ଓଡ଼ିଶା କ୍ରିକେଟ ସଂଘ ସମ୍ପାଦକ ସଞ୍ଜୟ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଓ ଅନ୍ୟମାନେ ଅତିଥିଭାବେ ଉପସ୍ଥିତ ଥିଲେ।

ଏଫ୍ଆଇଏଚ୍ ହକି ବିଶ୍ୱକପ୍: ଆଉ ୨ ଦିନ

## ପାକିସ୍ତାନକୁ ୪ଟି, ନେଦରଲ୍ୟାଣ୍ଡସକୁ ୯ ଟାଇଟଲ୍

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଅନ୍ତର୍ଜାତୀୟ ହକି ଫେଡେରସନ ଦ୍ୱାରା ଆୟୋଜିତ ହୋଇ ଆସୁଥିବା ହକି ବିଶ୍ୱକପ୍‌ର ୧୫ଟି ସଂସ୍କରଣ ଶେଷ ହୋଇଛି। ଏହି ୧୫ଟି ମଧ୍ୟରୁ ପାକିସ୍ତାନ ପୁରୁଷ ଦଳ ସର୍ବାଧିକ ୪ଥର ଚାମ୍ପିଅନ ହୋଇଛି। ଏହି ଦଳ ୧୯୭୧, ୧୯୭୮, ୧୯୮୨ ଓ ୧୯୯୪ରେ ଟାଇଟଲ କବ୍‌ଜା କରିଛି। ପୁରୁଷ ବିଭାଗରେ ନେଦରଲ୍ୟାଣ୍ଡସ, ଜର୍ମାନୀ ଓ ଅଷ୍ଟ୍ରେଲିଆ ୩ଥର ଲେଖାଏଁ ଚାମ୍ପିଅନ ହୋଇଛନ୍ତି। ଭାରତ ଓ ବେଲଜିୟମ ଥରେ ଲେଖାଏଁ ହକି ବିଶ୍ୱକପ୍ ଟାଇଟଲ ଜିତିଛନ୍ତି। ଭାରତ ୧୯୭୫ରେ ପ୍ରଥମ ଓ ଶେଷଥର ଲାଗି ଟାଇଟଲ ଜିତିଥିଲା। ମହିଳା ବିଭାଗରେ ନେଦରଲ୍ୟାଣ୍ଡସ ସର୍ବାଧିକ ତଥା ରେକର୍ଡ ୯ଥର ଚାମ୍ପିଅନ ହୋଇଛି। ଆର୍ଜେଣ୍ଟିନା, ଜର୍ମାନୀ ଓ ଅଷ୍ଟ୍ରେଲିଆ ୨ଥର ଲେଖାଏଁ ଟାଇଟଲ ଜିତିଛନ୍ତି। ଅଗଷ୍ଟ ୧୫ ତାରିଖରୁ ନେଦରଲ୍ୟାଣ୍ଡସର ଆମଷ୍ଟଲଭିନ୍ ଓ ବେଲଜିୟମ୍ ୱାଭରେ ସହରରେ ସେପ୍ଟେମ୍ବର ୩୦ ତାରିଖ ଯାଏ ଉଭୟ ପୁରୁଷ ଓ ମହିଳା ହକି ବିଶ୍ୱକପ୍ ଖେଳାଯିବ। ପୁରୁଷ ବିଭାଗରେ ଜର୍ମାନୀ ଓ ମହିଳାରେ ନେଦରଲ୍ୟାଣ୍ଡସ ଡିଫେଣ୍ଡିଂ ଚାମ୍ପିଅନ ରହିଛି।


୧୯୭୫ ବିଜେତା ଭାରତୀୟ ଦଳ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS